ଧରିତ୍ରୀ 51 Years
# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୩/୨୦୨୫ (୧୪ ପୃଷ୍ଠା) Bhubaneswar, Thursday, April 3/2025 Page 14 ₹ 7.00

୫୧ଶ ଭାଗ ୧୨୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 128 ମୂଲ୍ୟ₹୭/-

DSPL-11



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ




ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ରାଜ୍ୟବ୍ୟାପୀ ଓଡ଼ିଆ ପକ୍ଷ ପାଳନ ୨୦୨୫

## ପାରମ୍ପରିକ ପୋଷାକ ପରିଧାନ ଅଭିଯାନ

ଆମ ଉତ୍କଳୀୟ ପରମ୍ପରାର ପ୍ରତୀକ, ଆମ ସମୃଦ୍ଧ ହସ୍ତତନ୍ତ ବସ୍ତ୍ର ପରିଧାନ କରି ସ୍ୱାଭିମାନୀ ଓଡ଼ିଆ ଅସ୍ମିତାର ଅଂଶ ହୁଅନ୍ତୁ

୩ ଅପ୍ରେଲ ୨୦୨୫



## ଆମ ପୋଷାକ ଆମ ପରିଚୟ

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର

OIPR-31047/13/0002/2425

# ଜଙ୍ଗଲ ଜମି ସଫାକୁ ବିରୋଧ

## ବିକ୍ଷୋଭକାରୀଙ୍କୁ ପୋଲିସର ଲାଠିଚାର୍ଜ

ହାଇଦ୍ରାବାଦ, ୨।୪

ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ପାଇଁ ତେଲଙ୍ଗାନା ସରକାରଙ୍କ ପକ୍ଷରୁ ୟୁନିଭର୍ସିଟି ଅଫ୍ ହାଇଦ୍ରାବାଦ (ୟୁଓଏଚ୍) ନିକଟସ୍ଥ କାଞ୍ଚା ଗଚିବୋ୍ଲି ଅଞ୍ଚଳରେ ଥିବା ୪୦୦ ଏକର ଜଙ୍ଗଲ ଜମି ସଫା କରାଯିବା ଘଟଣାକୁ ନେଇ ବିବାଦ ଦେଖାଦେଇଛି। କାଞ୍ଚା ଗଚିବୋ୍ଲିରେ ତେଲଙ୍ଗାନା ଶିଳ୍ପ ଭିତ୍ତିଭୂମି ନିଗମ (ଟିଜିଆଇଆଇସି) ମାଧ୍ୟମରେ ଏକ ଆଇଟି ପାର୍କ ନିର୍ମାଣ କରାଯିବା ସହ ସହରାଞ୍ଚଳ ଭିତ୍ତିଭୂମିକୁ ସୁଦୃଢ଼ କରାଯିବ ବୋଲି ରାଜ୍ୟ ସରକାର କହିଛନ୍ତି। ତେବେ ବିକାଶମୂଳକ ପ୍ରକଳ୍ପ ନାଁରେ ସବୁଜ ଆବରଣ ନଷ୍ଟ କରାଯିବା ଘଟଣାକୁ ବିରୋଧ କରି ୟୁଓଏଚ୍ର ଛାତ୍ରଛାତ୍ରୀମାନେ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କ୍ଲାସ ବୟକଟ କରିବା ସହ ଧାରଣାରେ ବସି ରହିଛନ୍ତି। ଧାରଣାର ନେତୃତ୍ୱ ନେଉଥିବା ୟୁଓଏଚ୍ ଛାତ୍ର ସଂସଦର ଉପ ସଭାପତି ଆକାଶ କୁମାର କହିଛନ୍ତି, କାଞ୍ଚା ଗଚିବୋ୍ଲି ହେଉଛି ଶତାଧିକ ଉଦ୍ଭିଦ ଏବଂ ପ୍ରାଣୀ ପ୍ରଜାତିର ବାସସ୍ଥଳ। ଯେପର୍ଯ୍ୟନ୍ତ କାଞ୍ଚା ଗଚିବୋ୍ଲି ଜଙ୍ଗଲ ଜମି ସଫା କାର୍ଯ୍ୟକୁ ବନ୍ଦ କରା ନ ଯିବ, ସେଯାଏଁ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ଜାରି ରହିବ ବୋଲି ଆକାଶ କହିଛନ୍ତି। ଗତ ୩୦ରେ କାଞ୍ଚା ଗଚିବୋ୍ଲିରେ ଥିବା ଜଙ୍ଗଲ ଜମିରେ ପୋଲିସ ମୁତୟନ ହେବା ସହ ଏବଂ ମାଟି ହଟାଇବାର ବିଭିନ୍ନ ଉପକରଣକୁ ଦେଖି କେତେକ ଛାତ୍ରଛାତ୍ରୀ ଏବଂ ପରିବେଶ କାର୍ଯ୍ୟକର୍ତ୍ତା ବିରୋଧ କରିଥିଲେ। ସେମାନେ ଏହି ବିକାଶମୂଳକ ପ୍ରୋଜେକ୍ଟକୁ ବନ୍ଦ କରିବା ପାଇଁ ପ୍ରୟାସ କରିଥିଲେ। ଫଳରେ ସେଠାରେ ଅଧିକାରୀଙ୍କ ସହ ଛାତ୍ରଛାତ୍ରୀ ଏବଂ ପରିବେଶ କର୍ମୀଙ୍କ ମଧ୍ୟରେ ହାତାହାତି ସ୍ଥିତି ସୃଷ୍ଟି ହୋଇଥିଲା। ଘଟଣାକୁ ନେଇ ପୋଲିସ ୨ ଜଣଙ୍କୁ ଗିରଫ କରିଥିବା ସହ ୫୦ ଜଣ ଛାତ୍ରଛାତ୍ରୀଙ୍କୁ ଅଟକ ରଖି କିଛି ସମୟ ପରେ ଛାଡ଼ି ଦେଇଥିଲା। ବିଭିନ୍ନ ଛାତ୍ର ସଙ୍ଗଠନ ଓ ପରିବେଶ କର୍ମୀଙ୍କ ଅନୁଯାୟୀ, କାଞ୍ଚା ଗଚିବୋ୍ଲିରେ ପରିବେଶଗତ ସନ୍ତୁଳନ ନଷ୍ଟ ହେବ ବୋଲି ସେ କହିଛନ୍ତି। ତେବେ କାଞ୍ଚା ଗଚିବୋ୍ଲିରେ ଜଙ୍ଗଲ ଜମିର ମାଲିକାନା ରାଜ୍ୟ ସରକାରଙ୍କ ପାଖରେ ରହିଛି। ତେଣୁ ବିକାଶମୂଳକ ପ୍ରକଳ୍ପ ମାଧ୍ୟମରେ ଏହି ଅଞ୍ଚଳକୁ ବିଶ୍ୱସ୍ତରୀୟ ଭିତ୍ତିଭୂମିରେ ପରିପୂର୍ଣ୍ଣ କରାଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ୟୁଓଏଚ୍ ନିକଟରେ ଆଇଟି ପାର୍କ ନିର୍ମାଣ କରାଯିବା ସହ ଉକ୍ତ ଅଞ୍ଚଳରେ ସହରାଞ୍ଚଳ ସଂଯୋଗୀକରଣକୁ ମଜବୁତ କରାଯିବ ବୋଲି ତେଲଙ୍ଗାନା ସରକାର କହିଛନ୍ତି। ବୁଧବାର ଏହି ପ୍ରୋଜେକ୍ଟ ବିରୋଧରେ ୟୁଓଏଚ୍ର ଛାତ୍ରଛାତ୍ରୀମାନେ ଏକ ରାଲି ବାହାର କରିଥିଲେ। ଏହି ଅବସରରେ ଏକଜୁଟତା ଦେଖାଇବା ପାଇଁ ୟୁଓଏଚ୍ର ଶିକ୍ଷକ ସଂଘ ମଧ୍ୟ ଛାତ୍ରଛାତ୍ରୀଙ୍କ ସହ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟର ଆମ୍ଫେଥିଏଟରରୁ ଅଡିଟୋରିଅମରୁ ପୂର୍ବ କ୍ୟାମ୍ପସ୍ ପର୍ଯ୍ୟନ୍ତ ପ୍ରଦର୍ଶନକାରୀଙ୍କ ଏକ ରାଲି ବାହାରିଥିଲା। ତେବେ ଏହାପୂର୍ବରୁ ପୂର୍ବ କ୍ୟାମ୍ପସରେ ବ୍ୟାରିକେଡ୍ ଲଗାଯିବା ସହ ବହୁ ସଂଖ୍ୟାରେ ପୋଲିସ ମୁତୟନ ହୋଇଥିଲା। ପୋଲିସ ପ୍ରଦର୍ଶନକାରୀଙ୍କୁ ଅଟକାଇ ଲାଠିଚାର୍ଜ କରିଥିଲା।




କାଞ୍ଚା ଗଚିବୋ୍ଲିସ୍ଥିତ ଜଙ୍ଗଲ ଜମି ସଫା କରାଯିବା ଘଟଣାକୁ ୟୁଓଏଚ୍ର ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ଲାକାର୍ଡ ଧରି ବିରୋଧ କରୁଛନ୍ତି।



ବିବାଦୀୟ ୪୦୦ ଏକରର ଜଙ୍ଗଲ ଜମି।

ଜଙ୍ଗଲ ଜମିକୁ ସଫା କରିବା, ପରିବେଶ ଉପରେ ଗମ୍ଭୀର ପ୍ରଭାବ ପକାଇବ। ସ୍ଥାନୀୟ ଜଳବାୟୁ ଗବେଷକ ଅରୁଣ ଭାଷିରେଡ୍ଡୀ କହିଛନ୍ତି, କାଞ୍ଚା ଗଚିବୋ୍ଲିରେ ସବୁଜ ଆବରଣକୁ ନଷ୍ଟ କରାଯିବା ଦ୍ୱାରା ସ୍ଥାନୀୟ ତାପମାତ୍ରା ୧ରୁ ୪ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ୟୁଓଏଚ୍ ଓ ଏହାର ଆଖପାଖ ଅଞ୍ଚଳରେ

### ୪୦୦ ଏକର ଜଙ୍ଗଲ ଜମି ସଫା ଉପରେ ରୋକ

### ତେଲଙ୍ଗାନା ସରକାରଙ୍କୁ ହାଇକୋର୍ଟଙ୍କ ଝଟକା

ତେଲଙ୍ଗାନାର ରଙ୍ଗାରେଡ୍ଡୀ ଜିଲା କାଞ୍ଚା ଗଚିବୋ୍ଲିରେ ଜଙ୍ଗଲ ଜମି ସଫା କରାଯିବା ପ୍ରକ୍ରିୟା ଉପରେ ରୋକ ଲଗାଇବାକୁ ବୁଧବାର ତେଲଙ୍ଗାନା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଙ୍ଗଲ ଜମି ସଫା କରାଯିବା ବିରୋଧରେ ୟୁନିଭର୍ସିଟି ଅଫ୍ ହାଇଦ୍ରାବାଦର ଛାତ୍ରଛାତ୍ରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ପିଟିସନର ଶୁଣାଣି କରି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ସୁଜୟ ପାଲ ଏବଂ ଜଷ୍ଟିସ୍ ରେଣୁକା ୟାରାଙ୍କୁ ନେଇ ଗଠିତ ଡିଭିଜନ ଖଣ୍ଡପୀଠ ଜଙ୍ଗଲ ଜମି ସଫା କାର୍ଯ୍ୟକଳାପକୁ ଅସ୍ଥାୟୀ ଭାବରେ ବନ୍ଦ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ, କାଞ୍ଚା ଗଚିବୋ୍ଲିର ୪୦୦ ଏକର ଜଙ୍ଗଲରେ ଗଛ କଟାଯିବାକୁ ନେଇ ବୁଧବାର କେନ୍ଦ୍ର ସରକାର ତେଲଙ୍ଗାନା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରିବେଶଗତ ଆଇନ ଏବଂ କୋର୍ଟଙ୍କ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ପାଳନ କରାଯାଉ ବୋଲି ଆସିଷ୍ଟାଣ୍ଟ ଇନ୍ସପେକ୍ଟର ଜେନେରାଲ ଅଫ୍ ଫରେଷ୍ଟ ଏସ୍. ସୁନ୍ଦରଙ୍କ ପକ୍ଷରୁ ତେଲଙ୍ଗାନା ସରକାରଙ୍କୁ ଏକ ଚିଠି ଜାରି କରାଯାଇ ନିର୍ଦ୍ଦେଶ ଦିଆଯାଇଛି।

## ମାଇନ୍ ବିସ୍ଫୋରଣ ପରେ ପାକିସ୍ତାନୀ ସେନାର ଅସ୍ତ୍ରବିରତି ଉଲ୍ଲଂଘନ

ଜମ୍ମୁ, ୨।୪ (ପିଟିଆଇ)

ଜମ୍ମୁ-କଶ୍ମୀରର ପୁଞ୍ଚ ଜିଲା ନିୟନ୍ତ୍ରଣରେଖା (ଏଲ୍ଓସି) ସଂଲଗ୍ନ ଅଞ୍ଚଳରେ ଏକ ମାଇନ୍ ବିସ୍ଫୋରଣ ପରେ ପାକିସ୍ତାନୀ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରିଛି। ଭାରତୀୟ ସେନା ପ୍ରଭାବଶାଳୀ ଢଙ୍ଗରେ ଏହାର ଜବାବ ଦେଇଥିବା ବୁଧବାର ଜଣେ ପ୍ରତିରକ୍ଷା ଅଧିକାରୀ ସୂଚନା ଦେଇଛନ୍ତି। ସୂତ୍ରରୁ ଜଣାପଡ଼ିଛି ଯେ, ସୋମବାର କ୍ରିଷ୍ଣାଘାଟି ସେକ୍ଟରରେ ପାକିସ୍ତାନୀ ସେନା ପାଟ୍ରୋଲିଂ କରୁଥିବାବେଳେ ଏକ ମାଇନ୍ ବିସ୍ଫୋରଣ ହୋଇଥିଲା। ଏହା ପରେ ମଙ୍ଗଳବାର ଅପରାହ୍ନ ୧ଟା ୧୦ରେ ପାକିସ୍ତାନୀ ସୈନ୍ୟ ଏଲ୍ଓସି ଅତିକ୍ରମ କରି ଯବାନମାନଙ୍କୁ ଟାର୍ଗେଟ କରି ଆଖିବୁଜା ଗୁଳିଚାଳନା କରିଥିଲେ। ତେବେ ଏହି ଅସ୍ତ୍ରବିରତି ଉଲ୍ଲଂଘନ ଯୋଗୁ ଭାରତୀୟ ସୁରକ୍ଷା ବଳର କେହି ମୃତାହତ ହୋଇ ନାହାନ୍ତି। ଅନ୍ୟପକ୍ଷେ ମାଇନ୍ ବିସ୍ଫୋରଣ ଏବଂ ଯବାନଙ୍କ ଗୁଳିମାଡ଼ରେ ୫ ପାକିସ୍ତାନୀ ସୈନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ୨୦୨୧ ଫେବୃଆରୀ ୨୫ରେ ଭାରତ ଓ ପାକିସ୍ତାନ ଦୁଇଦେଶର ସୀମାରେ ଅସ୍ତ୍ରବିରତି ପାଇଁ ପୁନଃ ଚୁକ୍ତିବଦ୍ଧ ହୋଇଥିଲେ। ଏହା ସତ୍ତ୍ୱେ ଗତ ଫେବୃଆରୀରେ ପୁଞ୍ଚ-ରାଜୌରି ସେକ୍ଟରରେ ପାକିସ୍ତାନ ଅନେକ ଥର ଅସ୍ତ୍ରବିରତି ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଥିଲା। ଫେବୃଆରୀ ୧୧ରେ ପାକିସ୍ତାନୀ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ୨ ଭାରତୀୟ ଯବାନ ଶହୀଦ ହୋଇଥିଲେ।

**ପୁରୁଷ ବନ୍ଧୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ...**

## ଯୁବତୀଙ୍କୁ ପୀଡ଼ିତା ମନେକରିବା ଭୁଲ୍

ନୂଆଦିଲ୍ଲୀ, ୨।୪



ଶାରୀରିକ ସମ୍ପର୍କ ସ୍ଥାପନ ପରେ ଯୋଡ଼ିଙ୍କ ମଧ୍ୟରେ ବ୍ରେକ୍ଅପ୍ ହୋଇଗଲେ ମହିଳାମାନେ ବଳାତ୍କାର ଅଭିଯୋଗ ଆଣୁଥିବା ଧାରାକୁ ଦେଖି ବୁଧବାର ସୁପ୍ରିମକୋର୍ଟ ଚିନ୍ତାବ୍ୟକ୍ତ କରିଛନ୍ତି। ନିଜ ବିରୋଧରେ ବଳାତ୍କାର ମାମଲା ଖାରଜ ସକାଶେ ଜଣେ ପୁରୁଷଙ୍କ ପକ୍ଷରୁ ଦାଖଲ ଆବେଦନର ଶୁଣାଣି କରି ଜଷ୍ଟିସ୍ ଏମ୍.ଏମ୍. ସୁନ୍ଦରେଶ ଏବଂ ରାଜେଶ ବିନ୍ଦାଲଙ୍କ ଖଣ୍ଡପୀଠ କହିଛନ୍ତି, ରୋମାନ୍ସ ବିଫଳ ହୋଇଗଲେ କିମ୍ବା ଯୋଡ଼ି ଭାଙ୍ଗିଗଲେ ମହିଳାମାନେ ବଳାତ୍କାର ଅଭିଯୋଗ ଆଣିବା ଦୁର୍ଭାଗ୍ୟଜନକ। ବିଶେଷକରି ସମାଜରେ ପରିବର୍ତ୍ତନଶୀଳ ନୈତିକ ମୂଲ୍ୟବୋଧ ଦୃଷ୍ଟିକୋଣରୁ ବ୍ରେକ୍ଅପ୍ ପରେ ବିବାହର ମିଥ୍ୟା ପ୍ରତିଶ୍ରୁତି ଦ୍ୱାହି ଦେଇ ଏଭଳି ଅଭିଯୋଗ ଆଣିବା ଅନୁଚିତ। ଆଲୋଚ୍ୟ ମାମଲାରେ ମହିଳା ଜଣକ ନିଜ ପିଟିଶନରେ ତାଙ୍କ ପୂର୍ବତନ ପୁରୁଷ ବନ୍ଧୁଙ୍କ ବିରୋଧରେ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିବା ଅଭିଯୋଗ ଆଣିଥିଲେ। ଏହାକୁ ତାଙ୍କ ପୁରୁଷ ବନ୍ଧୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଶୀର୍ଷ ଅଦାଲତ ଏହା ଉପରେ ଆପତ୍ତି କହିଛନ୍ତି, ଅଧିକାଂଶ ସମୟରେ ଏକ ରୁଢ଼ିବାଦୀ ମାନସିକତାର ପରିଣାମରୁ ଏଭଳି ଅଭିଯୋଗ ଆସିଥାଏ। ଆମ ବ୍ୟବସ୍ଥାରେ ଅଭାବ ଥିବାରୁ ମହିଳାମାନେ ପୁରୁଷଙ୍କୁ ଦୋଷ ଦେଇଥାନ୍ତି। ସମ୍ଭବ ମହିଳା ତାଙ୍କ ଶ୍ୱଶୁର ଘର ଲୋକଙ୍କ ବିରୋଧରେ ୫ଟି ମାମଲା ଦାଏର କରିଛନ୍ତି। ମହିଳା ଜଣକ ଯଦି ଏତେ ନିରୀହ ତେବେ ସେ ସୁପ୍ରିମକୋର୍ଟକୁ ଆସି ନ ଥାଆନ୍ତେ। ସେ ଜଣେ ସାବାଳିକା। ତେଣୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଯୋଗୁ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ ବୋଲି କହିବା ଅନୁଚିତ। ଏଠି ମହିଳାଙ୍କ ଯୁକ୍ତିକୁ ସତ ବୋଲି ଧରିନେଲେ କଲେଜରେ ଝିଅ ଓ ପୁଅଙ୍କ ମଧ୍ୟରେ ଯେକୌଣସି ସମ୍ପର୍କ ଦଣ୍ଡନୀୟ ହୋଇପାରିବ। ଧରାଯାଉ, ଉଭୟେ ପରସ୍ପରକୁ ଭଲ ପାଉଥିଲେ। ସମ୍ଭବତଃ ଝିଅ ବିରୋଧ କଲେ ଏବଂ ପୁଅ କହିଲେ, ମୁଁ ଆସନ୍ତା ସପ୍ତାହରେ ତୁମକୁ ବିବାହ କରିବି। କିନ୍ତୁ ପରେ କୌଣସି କାରଣବଶତଃ ବିବାହ ସମ୍ପନ୍ନ ହୋଇ ନ ପାରିଲେ ତାହା ମଧ୍ୟ ଅପରାଧର ପରିବାଚ୍ୟ ହେବ। ତେଣୁ ଏଭଳି ମାମଲାରେ ଝିଅଙ୍କୁ ପୀଡ଼ିତା ଭାବେ ଦେଖାଯାଇ ପାରିବ ନାହିଁ ବୋଲି ଖଣ୍ଡପୀଠ କହିବା ସହ ଅଭିଯୁକ୍ତ ପୁରୁଷ ବନ୍ଧୁଙ୍କ ଆବେଦନର ଶୁଣାଣି କରିବାକୁ ରାଜି ହୋଇଛନ୍ତି।

## ପୁନମ ଗୁପ୍ତା ଆର୍ବିଆଇର ନୂତନ ଡେପୁଟି ଗଭର୍ଣ୍ଣର

ନୂଆଦିଲ୍ଲୀ, ୨।୪



କେନ୍ଦ୍ର ସରକାର ବୁଧବାର ପୁନମ ଗୁପ୍ତାଙ୍କୁ ୩ ବର୍ଷ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍ବିଆଇ)ର ଡେପୁଟି ଗଭର୍ଣ୍ଣର ଭାବେ ନିଯୁକ୍ତି ଦେଇଛନ୍ତି। ପୁନମ ବର୍ତ୍ତମାନ ଇକୋନୋମିକ ପଲିସି ଥିଙ୍କ୍ ଟାଙ୍କ୍ 'ନ୍ୟାଶନାଲ କାଉନସିଲ ଅଫ୍ ଆପ୍ଲାଏଡ୍ ଇକୋନୋମିକ୍ସ ରିସର୍ଚ୍ଚ (ଏନ୍ସିଏଇଆର୍)'ର ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ଏସହ ପୁନମ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ସଦସ୍ୟ ଅଛନ୍ତି ଓ ସେ ୧୬ଶ ଅର୍ଥ ଆୟୋଗ ପାଇଁ ପରାମର୍ଶ ପରିଷଦର ସଂଯୋଜକ ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି। ସେ ୨୦୨୧ରେ ଏନ୍ସିଏଇଆର୍ରେ ଯୋଗ ଦେଇଥିଲେ। ପୁନମ ଏହାପୂର୍ବରୁ ୨ ଦଶନ୍ଧି ଧରି ଆଇଏମ୍ଏଫ୍ ଏବଂ ୱାର୍ଲ୍ଡ ବ୍ୟାଙ୍କ ପାଇଁ ୱାଶିଂଟନରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଥିଲେ।

## ଜର୍ମାନ ପର୍ଯ୍ୟଟକଙ୍କୁ କାର୍ରେ ବଳାତ୍କାର

ହାଇଦ୍ରାବାଦ, ୨।୪

ହାଇଦ୍ରାବାଦରେ ଜଣେ ମହିଳା ଟୁରିଷ୍ଟ (୨୨)ଙ୍କୁ କାର୍ରେ ବଳାତ୍କାର କରାଯାଇଥିବାର ଘଟଣା ସାମନାକୁ ଆସିଛି। ଜଣେ କ୍ୟାବ୍ ଡ୍ରାଇଭର (୨୪) ଉକ୍ତ ଜର୍ମାନ ଯୁବତୀଙ୍କୁ ବଳାତ୍କାର କରିଥିଲେ। ମଙ୍ଗଳବାର ପୋଲିସ ଅଭିଯୁକ୍ତ ଡ୍ରାଇଭରଙ୍କୁ ଗିରଫ କରିଛି। ଗତ ମାସ ୪ ତାରିଖରେ ପୀଡ଼ିତା ଜଣକ ନିଜ ପୁରୁଷ ବନ୍ଧୁଙ୍କ ସହ ହାଇଦ୍ରାବାଦକୁ ଭ୍ରମଣ ପାଇଁ ଆସିଥିଲେ। ସୋମବାର ଇଦ୍ ଉପଲକ୍ଷେ ପୀଡ଼ିତା ଓ ତାଙ୍କ ପୁରୁଷ ବନ୍ଧୁଙ୍କୁ ସହର ଭ୍ରମଣ କରାଇବାର ସୁଯୋଗ ନେଇ କ୍ୟାବ୍ ଡ୍ରାଇଭର ଜଣକ ପୀଡ଼ିତା ଜର୍ମାନ ଯୁବତୀଙ୍କୁ ବଳାତ୍କାର କରିଥିଲେ।

ଫୁରସତ୍

## କନ୍ହେୟା ଲାଲ୍ ହତ୍ୟାକାଣ୍ଡକୁ ନେଇ 'ଜ୍ଞାନବାପି ଫାଇଲ୍ସ'



ମୁମ୍ବାଇ

୨୦୨୨ ଜୁନ ୨୮ରେ ଦରଜି କହ୍ନେୟା ଲାଲ୍ଙ୍କ ନିର୍ମମ ହତ୍ୟାକୁ ନେଇ ସୁଦୃଢ଼ଶିଭ 'ଜ୍ଞାନବାପି ଫାଇଲ୍ସ: ଏ ଟେଲର ମର୍ଡର ଷ୍ଟୋରି' ଫିଲ୍ମ ପ୍ରେକ୍ଷାଳୟରେ ରିଲିଜ୍ ହେବାକୁ ଯାଉଛି। ଏହି ଫିଲ୍ମରେ ବଲିଉଡ୍ ଅଭିନେତା ବିଜୟ ରାଜ୍ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ବୁଧବାର ଫିଲ୍ମର ପ୍ରଥମ ଅଫିସିଆଲ ପୋଷ୍ଟର ରିଲିଜ୍ ହେବା ସହ ଫିଲ୍ମରେ ବିଜୟଙ୍କ ଲୁକ୍ ଉପରୁ ପରଦା ହଟିଛି। ସେହିପରି ଏହି ଫିଲ୍ମର ରିଲିଜ୍ ତାରିଖକୁ ମଧ୍ୟ ଘୋଷଣା କରାଯାଇଛି। ଆସନ୍ତା ଜୁନ୍ ୨୭ରେ 'ଜ୍ଞାନବାପି ଫାଇଲ୍ସ: ଏ ଟେଲର ମର୍ଡର ଷ୍ଟୋରି' ଫିଲ୍ମ ମୁକ୍ତିଲାଭ କରିବ। ଏନେଇ ଫିଲ୍ମନିର୍ମାତା କମ୍ପାନୀ ରିଲାଏବୁଲ ଏଣ୍ଟରଟେନମେଣ୍ଟ ପକ୍ଷରୁ ଇନ୍ଷ୍ଟାଗ୍ରାମରେ ଏକ ପୋଷ୍ଟ କରାଯାଇ ଏହି ସୂଚନା ଦିଆଯାଇଛି। ସେହିପରି ଉକ୍ତ ପୋଷ୍ଟରେ ଫିଲ୍ମର ପ୍ରଥମ ପୋଷ୍ଟରକୁ ମଧ୍ୟ ଶେୟାର କରାଯାଇଛି। କ୍ୟାପ୍ସନରେ ଲେଖାଯାଇଛି, ଏପରି ଏକ କାହାଣୀର ସାକ୍ଷୀ ହୁଅନ୍ତୁ, ଯାହାର ସତ୍ୟତା ପ୍ରଥମଥର ପାଇଁ ସାମ୍ନାକୁ ଆସିବ। କହ୍ନେୟା ଲାଲ୍ ହତ୍ୟାକାଣ୍ଡର ସମ୍ବେଦନଶୀଳ ପ୍ରକୃତିକୁ ଦୃଷ୍ଟିରେ ରଖି ବର୍ତ୍ତମାନ ସୁଦ୍ଧା ନିର୍ମାତାଙ୍କ ପକ୍ଷରୁ ଫିଲ୍ମର କାହାଣୀ ସମ୍ବନ୍ଧରେ ସବିଶେଷ ତଥ୍ୟ ପ୍ରକାଶ କରାଯାଇନାହିଁ। ତେବେ ଏହି ଫିଲ୍ମରେ କହ୍ନେୟା ଲାଲ ହତ୍ୟାକାଣ୍ଡ ଏବଂ ଏହା ସହ ଜଡ଼ିତ ଥିବା ପରବର୍ତ୍ତୀ ଘଟଣାଗୁଡ଼ିକୁ ବିସ୍ତୃତଭାବେ ଦେଖାଯିବ ବୋଲି ସିନେ ସମୀକ୍ଷକମାନେ ଆଶା କରିଛନ୍ତି। ପ୍ରକାଶ ଯେ, ୨୦୨୨ ଜୁନ୍ ୨୮ରେ ରାଜସ୍ଥାନର ଉଦୟପୁରରେ ୨ ଜଣ ଆକ୍ରମଣକାରୀ କହ୍ନେୟା ଲାଲଙ୍କ ମୁଣ୍ଡ କାଟି ନିର୍ମମ ଭାବେ ହତ୍ୟା କରିଥିଲେ। ଭାଜପାର ପୂର୍ବତନ ମୁଖପାତ୍ର ନୁପୁର ଶର୍ମାଙ୍କ ପେଗମ୍ବର ମହମ୍ମଦଙ୍କୁ ନେଇ ବିବାଦୀୟ ମନ୍ତବ୍ୟକୁ କହ୍ନେୟା ତାଙ୍କ ସୋସିଆଲ ମିଡିଆରେ ସମର୍ଥନ କରିଥିଲେ। ତେଣୁ ତାଙ୍କ ମୁଣ୍ଡକାଟ କରାଯାଇ ପେଗମ୍ବର ମହମ୍ମଦଙ୍କୁ କରାଯାଇଥିବା ଅପମାନର ପ୍ରତିଶୋଧ ନିଆଯାଇଛି ବୋଲି ଉଭୟ ଆକ୍ରମଣକାରୀ ସୋସିଆଲ ମିଡିଆରେ ଏକ ଭିଡିଓ ଜାରି କରି କହିଥିଲେ।

## ୧୦ ସେ.ମି.ର ସବୁଠୁ ଲମ୍ବା ଜିଭ

ନ୍ୟୁୟର୍କ



ସମ୍ପ୍ରତି ବିଭିନ୍ନ ଶ୍ରେଣୀରେ ରେକର୍ଡ ସୃଷ୍ଟି କରି ଚର୍ଚ୍ଚାକୁ ଆସୁଥିବା ଲୋକଙ୍କର କୌଣସି ଅଭାବ ନାହିଁ। ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ରହୁଥିବା ଜଣେ ମହିଳା ଚାନେଲ ଟାପର ମଧ୍ୟ ଠିକ୍ ଏହିପରି ଏକ ରେକର୍ଡ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି। ୯.୭୫ ସେଣ୍ଟିମିଟର (୩.୮୪ ଇଞ୍ଚ) ଲମ୍ବା ଜିଭ ସହ ଟାପର ନିଜ ନାମକୁ ଗିନିଜ ୱାର୍ଲ୍ଡ ରେକର୍ଡ (ଜିଡବ୍ଲ୍ୟୁଆର)ରେ ପଞ୍ଜୀକୃତ କରିଛନ୍ତି। ସବୁଠାରୁ ଲମ୍ବା ଜିଭ ଥିବା ମହିଳା ଭାବେ ଟାପର ଏହି ରେକର୍ଡ କରିଛନ୍ତି। ଫଳରେ ତାଙ୍କୁ ନେଇ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚା ଲାଗି ରହିଛି। ସୋସିଆଲ ମିଡିଆରେ ଟାପରଙ୍କ ଏତେ ଲମ୍ବା ଜିଭକୁ ଦେଖି ଅନେକ ୟୁଜର୍ସ ଆଶ୍ଚର୍ଯ୍ୟ ପ୍ରକଟ କରିଥିବା ବେଳେ ଆଉ କେତେଜଣ ୟୁଜର୍ସ ଟାପରଙ୍କ ପୋଷ୍ଟରେ ମଜାଦାର ମିମ୍ସ ଓ କମେଣ୍ଟ ମଧ୍ୟ କରିଛନ୍ତି। ତେବେ ଜିଭକୁ ନେଇ ପୂର୍ବରୁ ମଧ୍ୟ ଜିଡବ୍ଲ୍ୟୁଆରରେ ଅନେକ ରେକର୍ଡ ସ୍ଥାନ ପାଇଛି। ୧୦.୧ ସେ.ମି. ଜିଭ ସହ ଷ୍ଟୋଏବର୍ଲ ନାମକ ଜଣେ ବ୍ୟକ୍ତି ସବୁଠାରୁ ଲମ୍ବା ଜିଭ ରଖିଥିବା ପୁରୁଷ ଭାବେ ପୂର୍ବରୁ ରେକର୍ଡ ସୃଷ୍ଟି କରି ଜିଡବ୍ଲ୍ୟୁଆରରେ ସ୍ଥାନ ପାଇଥିଲେ। ବୈଜ୍ଞାନିକଙ୍କ ଅନୁଯାୟୀ, ବିଭିନ୍ନ ଜେନେଟିକ୍ ଏବଂ ଜୈବିକ କାରଣ ଯୋଗୁ ଲୋକମାନଙ୍କ ଜିଭର ଲମ୍ବ ଭିନ୍ନ ଭିନ୍ନ ହୋଇଥାଏ। ଏହି କାରଣରୁ କିଛି ଲୋକଙ୍କ ଶରୀରର କେତେକ ଅଙ୍ଗ ସ୍ୱାଭାବିକଠାରୁ ବଡ଼ ହୋଇଯାଇଥାଏ। ଠିକ୍ ଏହିପରି ଭାବେ ଟାପରଙ୍କ ଜିଭ ବହୁତ ଲମ୍ବା ହୋଇଯାଇଛି ବୋଲି ବୈଜ୍ଞାନିକମାନେ କହିଛନ୍ତି।

DSPL-12




ଆମ ପୋଷାକ
ଆମ ପରିଚୟ

ବାର୍ତ୍ତା

ଆମ ବସ୍ତ୍ର ହେଉଛି ଆମ ସ୍ୱାଭିମାନ ଓ ଆମ ପରିଚୟ । ଓଡ଼ିଶା ହସ୍ତତନ୍ତର ସମଗ୍ର ବିଶ୍ୱରେ ପ୍ରସିଦ୍ଧି ରହିଛି । ଆମ ସମ୍ବଲପୁରୀ, ସୋନପୁରୀ, ବୋମକାଇ, ମାଣିଆବନ୍ଧ, କୋଟପାଡ ହସ୍ତତନ୍ତ ପୋଷାକ ଏବଂ ଶାଢ଼ୀ ସହିତ ଖୋର୍ଦ୍ଧା ଲୁଙ୍ଗି ଓ ଗାମୁଛା ଇତ୍ୟାଦି ରାଜ୍ୟ ତଥା ରାଜ୍ୟ ବାହାରେ ଆଦୃତି ଲାଭ କରିଛି ।

ପ୍ରତ୍ୟେକ ହସ୍ତତନ୍ତ ବସ୍ତ୍ର ସହିତ ଏହାର ଐତିହ୍ୟ ଓ ଅଞ୍ଚଳର କାହାଣୀ ଜଡ଼ିତ ହୋଇ ରହିଛି । ହସ୍ତତନ୍ତ ମାଧ୍ୟମରେ ଆମ ବୁଣାକାର ମାନଙ୍କ ସୃଜନାତ୍ମକ କୌଶଳ ପିଢ଼ି ପରେ ପିଢ଼ି ପ୍ରସାରିତ ହୋଇ ଆସୁଛି । ହସ୍ତତନ୍ତ ବସ୍ତ୍ର ପରିଧାନ ଦ୍ୱାରା ଆମ ଅର୍ଥନୀତି ମଧ୍ୟ ସମୃଦ୍ଧ ହୋଇଥାଏ ।

ଓଡ଼ିଆ ପକ୍ଷ ପାଳନ ଅବସରରେ ଆସନ୍ତୁ, ଆମେ ହସ୍ତତନ୍ତ ପୋଷାକ ପିନ୍ଧିବାକୁ ଅଭ୍ୟାସରେ ପରିଣତ କରିବା । କେବଳ ଆଜି ନୁହେଁ, ସବୁ ଦିନ ପିନ୍ଧିବା ଏବଂ ଆମ ବୁଣାକାର ଓ ଗ୍ରାମ୍ୟ ଅର୍ଥନୀତିକୁ ସଶକ୍ତ କରିବା ସହ ସମୃଦ୍ଧ ଓଡ଼ିଶା ଗଠନରେ ଅଂଶୀଦାର ହେବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-31047/13/0001/2425

ଧରିତ୍ରୀ 51 Years

# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୩/୨୦୨୫ | Bhubaneswar, Thursday, April 3/2025 | ପୃଷ୍ଠା-୧

# ୮୬୪.୪୫ କୋଟିର ଖଣିଜ ରାଜସ୍ୱ ବାଟମାରଣା

**ସିଏଜି ରିପୋର୍ଟ**

**ବେଆଇନ ଉତ୍ତୋଳନ: ଖଣି ଲିଜ୍‌ଧାରୀଙ୍କଠାରୁ ୩,୯୬୬ କୋଟି ଟଙ୍କା ଆଦାୟ ହୋଇପାରିନି**

**ରାଜ୍ୟରେ ଗତ ୨୨ ବର୍ଷରେ ଖଣି ଅଞ୍ଚଳରେ ଲିଜ୍‌ଧାରୀମାନେ ମନଇଚ୍ଛା ଖଣିଜ ପଦାର୍ଥ ଉତ୍ତୋଳନ କରିଛନ୍ତି। ଭାରତର ମହାଲେଖା ନିୟନ୍ତ୍ରକ (ସିଏଜି) ତାଙ୍କ ରିପୋର୍ଟରେ ରାଜ୍ୟର ଖଣିଜ ଦୁର୍ନୀତି ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଛନ୍ତି। ବେଆଇନ ଉତ୍ତୋଳନ ପାଇଁ ସୁପ୍ରିମ୍‌କୋର୍ଟ ଧାର୍ଯ୍ୟ କରିଥିବା ଜରିମାନା ରାଶି ମଧ୍ୟରୁ ୩,୯୬୬.୩୪ କୋଟି ଟଙ୍କା (ସୁଧ ସହ) ଲିଜ୍‌ଧାରୀମାନଙ୍କଠାରୁ ଆଦାୟ କରିବାରେ ରାଜ୍ୟ ସରକାର ଉଦ୍ୟମ କରିନାହାନ୍ତି। ସେହିପରି ପ୍ରାଧିକୃତ ସଂସ୍ଥା ଦ୍ୱାରା ଲଘୁ ଖଣିଜ କ୍ରୟ ଟ୍ରାନ୍‌ଜିଟ ପାସ୍ ନ ଦେବା ଯୋଗୁ ୨୦୧୫ରୁ ୨୦୨୨ ମଧ୍ୟରେ ୮୬୪.୪୫ କୋଟି ଟଙ୍କାର ଖଣିଜ ରାଜସ୍ୱ ବାଟମାରଣା ହୋଇଛି ବୋଲି ବୁଧବାର ବିଧାନସଭାରେ ଉପସ୍ଥାପିତ ସିଏଜି ରିପୋର୍ଟରେ ଦର୍ଶାଯାଇଛି।**

ଭୁବନେଶ୍ୱର,୨।୪
(ରବିନାରାୟଣ ଜେନା)

ନିୟମ ଉଲ୍ଲଂଘନ କରି ଖଣିଜ ପଦାର୍ଥ ଉତ୍ତୋଳନ କରିଥିଲେ ୧୦୦% ଜରିମାନା ହେବ ବୋଲି ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ରହିଥିଲା। ଏହି କ୍ରମରେ ୧୩୧ ଜଣ ଖଣି ଲିଜ୍‌ଧାରୀଙ୍କଠାରୁ ୧୯,୧୭୪.୩୮ କୋଟି ଆଦାୟ କରାଯିବାକୁ ରାଜ୍ୟ ସରକାରଙ୍କୁ ୨୦୧୭ ଅଗଷ୍ଟରେ ନିର୍ଦ୍ଦେଶ ହୋଇଥିଲା। ହେଲେ ଗତ ୬ ବର୍ଷ ମଧ୍ୟରେ ଜରିମାନା ବାବଦ ୧୯,୧୭୮.୩୮ କୋଟି ଟଙ୍କା ମଧ୍ୟ ୩,୯୬୬.୩୪ କୋଟି ଟଙ୍କା ଆଦାୟ ହୋଇପାରିନାହିଁ। ଏପରି କି ଜରିମାନା ଅନାଦେୟ କ୍ଷେତ୍ରରେ ସମ୍ପତ୍ତି ବାଜ୍ୟାପ୍ତି ନିର୍ଦ୍ଦେଶ ଥିଲେ ମଧ୍ୟ ତାହା ଅନୁପାଳନ କରାଯାଇନାହିଁ ବୋଲି ରିପୋର୍ଟରେ ଦର୍ଶାଯାଇଛି।


ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଜ୍ୟ ମହାଲେଖାକାର (ଏଜି) ଅତୁଲ୍ୟ ପ୍ରକାଶ କହିଛନ୍ତି, ୨୦୧୭ ଅଗଷ୍ଟ ୩୧ରେ ସୁପ୍ରିମକୋର୍ଟ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ, ଖଣିଜ ଲୁହାପଥର ଓ ମାଙ୍ଗାନିଜ, ପରିବେଶ ଅନୁମତି(ଇସି) କିମ୍ବା ବିନା ଜଙ୍ଗଲ ଅନୁମତି(ଏଫ୍‌ସି) କିମ୍ବା ଉଭୟ ଅନୁମତି ବିନା ଉତ୍ତୋଳନ କରାଯାଇଥିଲେ, ଏମ୍‌ଏମ୍‌ଡିଆର୍ ନିୟମ ୧୯୫୭ ଏବଂ ଧାରା ୨୧ ଅନୁଯାୟୀ ଖଣିଜ ମୂଲ୍ୟର ଶତକଡ଼ା ୧୦୦ଭାଗ ଲିଜ୍‌ଧାରୀଙ୍କଠାରୁ କ୍ଷତିପୂରଣ ବାବଦକୁ ଆଦାୟ କରାଯାଇପାରିବ। ଏହାକୁ ନେଇ ସମସ୍ତ ଖଣି ଲିଜ୍‌ଧାରୀଙ୍କଠାରୁ ୨୦୧୭ ଡିସେମ୍ବର ୩୧ ମଧ୍ୟରେ କ୍ଷତିପୂରଣ ରାଶି ଆଦାୟ କରାଯିବାକୁ କୁହାଯାଇଥିଲା। ଏସଂକ୍ରାନ୍ତରେ ଏକ କେନ୍ଦ୍ରୀୟ ସଶକ୍ତୀକରଣ କମିଟି ୨୦୧୮ ଜାନୁଆରୀ ୧୭ରେ ହୋଇଥିଲା। କମିଟି ରିପୋର୍ଟରେ ଦର୍ଶାଇଥିଲା ଯେ, ୧୯ହଜାର ୧୭୪.୩୮କୋଟି ଟଙ୍କା ଦାବି ମଧ୍ୟରୁ ୮ହଜାର ୨୮୯.୮୭କୋଟି ଟଙ୍କା ଆଦାୟ ହୋଇଛି ଏବଂ ୧୦ହଜାର ୮୮୪.୫୧କୋଟି ଟଙ୍କା ଆଦାୟ ହୋଇପାରି ନାହିଁ। ସୁପ୍ରିମକୋର୍ଟ ଏନେଇ ବାଧ୍ୟତାମୂଳକ ପଦକ୍ଷେପ ନେବାକୁ ଇସ୍ପାତ ଓ ଖଣି ନିର୍ଦ୍ଦେଶକ ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜଙ୍କୁ କହିଥିଲେ। ସମ୍ପୃକ୍ତ ଲିଜ୍‌ଧାରୀଙ୍କ ନାମରେ ସାର୍ଟିଫିକେଟ କେସ୍ ପ୍ରକ୍ରିୟା ଆରମ୍ଭ କରିବାକୁ କହିଥିଲେ। ମାମଲା ପରେ ୭୩୭୧.୧୨ କୋଟି ଟଙ୍କା ସୁଧ ସହିତ ଆଦାୟ ହୋଇଛି। ତଥାପି ୬ବର୍ଷ ବିତିଯାଇଥିଲେ ବି ବିଭାଗ ଖଣି ଖିଲାପକାରୀ ତଥା ଖଣି ଲିଜଧାରୀଙ୍କଠାରୁ ୩୯୬୬.୩୪କୋଟି ଟଙ୍କା ଆଦାୟ କରିବାପାଇଁ କୌଣସି ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରି ନ ଥିଲେ ବୋଲି ଅତୁଲ୍ୟ କହିଛନ୍ତି।

ସେହିପରି ସମୀକ୍ଷା ବେଳେ ଲଘୁ ଖଣିଜ ପଦାର୍ଥ ନିଲାମରେ ବ୍ୟାପକ ଅନିୟମିତତା ପରିଲକ୍ଷିତ ହୋଇଛି। ଏନେଇ ଅତୁଲ୍ୟ କହିଛନ୍ତି, ରାଜ୍ୟର ଅଣଟିକସ ରାଜସ୍ୱର ମୁଖ୍ୟ ଉତ୍ସ ହେଲା ଲଘୁ ☞ପୃଷ୍ଠା-୨

# ଓଡ଼ିଶା ଆଧାର କାର୍ଡରେ ତେଲୁଗୁ ଭାଷା

**କୋରାପୁଟ ଜିଲାର କୋଟିଆ ଅଞ୍ଚଳରେ ନିଜର ଆଧିପତ୍ୟ ବିସ୍ତାର କରିବାକୁ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ଲଗାତର ଉଦ୍ୟମ କରିଆସୁଛି। ପଟାଙ୍ଗୀ ବ୍ଲକର କୋଟିଆ ପଞ୍ଚାୟତବାସୀଙ୍କୁ ବିଭିନ୍ନ ଉପାୟରେ ପ୍ରଲୋଭିତ କରି ସେମାନଙ୍କୁ କରାୟତ୍ତ ପାଇଁ ଆନ୍ଧ୍ର ଅଧିକାରୀମାନେ ଚେଷ୍ଟା ଚଳାଇଛନ୍ତି। ସେଥିପାଇଁ ସେମାନେ ବିଭିନ୍ନ ସରକାରୀ ଯୋଜନାରେ କୋଟିଆବାସୀଙ୍କୁ ଲାଭାନ୍ୱିତ କରିବାକୁ ଯାଇ ଓଡ଼ିଆ ବଦଳରେ ତେଲୁଗୁ ଭାଷା ବ୍ୟବହାର ପାଇଁ ଚାପ ପକାଉଛନ୍ତି। ଏପରି କି ଆଧାର କାର୍ଡର ତଥ୍ୟ ତେଲୁଗୁରେ ଉଲ୍ଲେଖ କରିବାକୁ ସେମାନେ ଲୋକଙ୍କୁ ପ୍ରବର୍ତ୍ତାଉଛନ୍ତି। ଏଭଳିସ୍ଥଳେ ଓଡ଼ିଶା ଅଧିକାରୀଙ୍କ ଅବହେଳା ଓ ତ୍ରୁଟି ଆନ୍ଧ୍ର ଅଧିକାରୀଙ୍କ ଉଦ୍ଦେଶ୍ୟକୁ ଅନେକାଂଶରେ ସଫଳ କରୁଛି। କାରଣ କୋଟିଆର ଅନେକ ଲୋକଙ୍କ ଆଧାର କାର୍ଡରେ ସେମାନଙ୍କ ବ୍ୟକ୍ତିଗତ ତଥ୍ୟ ଓଡ଼ିଆ ପରିବର୍ତ୍ତେ ତେଲୁଗୁ ଭାଷାରେ ଉଲ୍ଲେଖ ହୋଇଥିବାବେଳେ ନାମ, ବୟସ, ଠିକଣା ଆଦି କେତେକ ତ୍ରୁଟି ପରିଲକ୍ଷିତ ହୋଇଛି। ଫଳସ୍ୱରୂପ କୋଟିଆ ଅଧିବାସୀ ଓଡ଼ିଶା ସରକାରଙ୍କ ଜନକଲ୍ୟାଣକାରୀ ସୁବିଧାରୁ ବଞ୍ଚିତ ହୋଇ ଆନ୍ଧ୍ର ଆଡ଼କୁ ଢଳିବା ଭଳି ସ୍ଥିତି ଉପୁଜିଛି।**

**କାର୍ଡରେ ତଥ୍ୟଗତ ତ୍ରୁଟି, ଲାଭ ଉଠାଉଛି ଆନ୍ଧ୍ର**









ଆଧାର କାର୍ଡରେ କୋରାପୁଟ ଜିଲା କୋଟିଆର ଖରା ଝିପାଇଙ୍କ ତଥ୍ୟ ତେଲୁଗୁ ଭାଷାରେ ଉଲ୍ଲେଖ ରହିଛି।

ପଟ୍ଟାଙ୍ଗି,୨।୪
(ଶରତ କୁମାର ଧଳ)

ସୀମାନ୍ତ ଗ୍ରାମଗୁଡ଼ିକରେ ଓଡ଼ିଆ ଭାଷା ସୁରକ୍ଷିତ ରହିବା ନେଇ ସରକାରୀ ସ୍ତରରେ ବିଶେଷ ଧ୍ୟାନ ଦିଆଯିବା ଆବଶ୍ୟକ ଥିବାବେଳେ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ମଙ୍ଗଳବାର କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧୀନ ସୀମାନ୍ତ କୋଟିଆ ଅଞ୍ଚଳରେ ଜିଲା ଓ ବ୍ଲକ୍ ପ୍ରଶାସନ ପକ୍ଷରୁ ଓଡ଼ିଶା ଦିବସ ପାଳନବେଳେ ଏପରି ଏକ ଘଟଣା ସାମ୍ନାକୁ ଆସିଛି। କାର୍ଯ୍ୟକ୍ରମରେ ଉପସ୍ଥିତ ଜଣେ ବୃଦ୍ଧା ଆର୍ଜୁବାଲସା ଗ୍ରାମର ଖରା ଝିପାଇଙ୍କ ପାଖରେ ଥିବା ଓଡ଼ିଶାର ଆଧାର କାର୍ଡରେ ଅନେକ ତଥ୍ୟ ତେଲୁଗୁ ଭାଷାରେ ରହିଛି। ଆଧାର କାର୍ଡ ଯଦି ଓଡ଼ିଶାର ତା'ହେଲେ ଏଥିରେ ତେଲୁଗୁ ଭାଷା ରହିବା ନେଇ ପ୍ରଶ୍ନ ଉଠିଛି। ଖରାଙ୍କ ଆଧାର କାର୍ଡରେ ଉଲ୍ଲେଖ ଥିବା ଜନ୍ମ ତାରିଖ ସମ୍ପୂର୍ଣ୍ଣ ଭୁଲ୍ ରହିଛି। ତାଙ୍କ ବୟସ ପ୍ରାୟ ୭୦ ବର୍ଷ ହୋଇଥିବା ବେଳେ କାର୍ଡରେ ୪୫ ବର୍ଷ ଉଲ୍ଲେଖ ରହିଛି। ଏହିପରି ଭୁଲ୍ ତଥ୍ୟ ପାଇଁ ବର୍ତ୍ତମାନ ସୁଦ୍ଧା ଅନେକ ସୀମାନ୍ତବାସୀ ଓଡ଼ିଶା ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ରହୁଥିବାବେଳେ ପଡ଼ୋଶୀ ଆନ୍ଧ୍ର ଏହାର ସୁଯୋଗ ନେବାରେ ସଫଳ ହେଉଛି। ଏହିପରି ବ୍ୟତିକ୍ରମ ଯୋଗୁ ସୀମାନ୍ତ ଗ୍ରାମଗୁଡ଼ିକରେ ଓଡ଼ିଆ ଭାଷାର ସୁରକ୍ଷା ନେଇ ବାଧା ରହିଥିବା ଉକ୍ତ ବୃଦ୍ଧାଙ୍କ ଆଧାର କାର୍ଡରୁ ସ୍ପଷ୍ଟ ହେଉଛି। କାର୍ଯ୍ୟକ୍ରମକୁ କାହିଁକି ଆଧାର କାର୍ଡ ନେଇଆସିଛ ବୋଲି ଖରାଙ୍କୁ ପ୍ରଶ୍ନ କରିବାରୁ, ସେ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ରହିଥିବା କହିଛନ୍ତି। ତେଣୁ ତାଙ୍କୁ ଆଧାର କାର୍ଡ ନେଇ ଆସିବାକୁ କୁହାଯାଇଥିବାରୁ ସେ ଆସିଥିବା କହିଛନ୍ତି।

ଏ ସମ୍ପର୍କରେ ପଟ୍ଟାଙ୍ଗି ବ୍ଲକ୍ ଅଧୀନରେ ଥିବା ସାମାଜିକ ସୁରକ୍ଷା ଭିନ୍ନକ୍ଷମ ବିଭାଗର ବିଏସ୍ଏସ୍‌ଓ ସୁଧୀର ସାହୁଙ୍କୁ ପଚାରିବାରୁ ବୃଦ୍ଧାଙ୍କ ଆଧାର କାର୍ଡ ଅନ୍‌ଲାଇନ୍‌ରେ ଦେଖାଉନାହିଁ। କିନ୍ତୁ ଉକ୍ତ ପଞ୍ଚାୟତର ଅନେକ ସୀମାନ୍ତ ଗ୍ରାମବାସୀ ଦୁଇ ରାଜ୍ୟରୁ ଲାଭ ଉଠାଇବା ପାଇଁ ଆଧାର କାର୍ଡରେ ଏଡିଟିଂ କରି ନିଜ ପାଇଁ ବିପଦ ଆଣିବା ସହ ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି। ଏ ନେଇ ସ୍ଥାନୀୟ ବିଡିଓ ରାମକୃଷ୍ଣା ନାୟକଙ୍କୁ ପଚାରିବାରୁ ଏହିପରି ବ୍ୟତିକ୍ରମ ତାଙ୍କ ☞ପୃଷ୍ଠା-୨

# ଆରମ୍ଭ ହେଲା ପ୍ରାକ୍ ପ୍ରାଥମିକ ପିଲାଙ୍କ ପାଇଁ ଶିଶୁ ବାଟିକା



ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଜଣେ ଛାତ୍ରଙ୍କ ଖଡ଼ିଛୁଆଁ କରୁଛନ୍ତି।

**ପ୍ରବେଶ ଉତ୍ସବ, ଖଡ଼ିଛୁଆଁ କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,୨।୪ (ସୁଚିସ୍ମିତା ସାହୁ)

ରାଜ୍ୟରେ ବୁଧବାର ଆରମ୍ଭ ହୋଇଯାଇଛି ପ୍ରାକ୍ ପ୍ରାଥମିକ ପିଲାଙ୍କ ପାଇଁ ଶିଶୁ ବାଟିକା। ଏହି ଅବସରରେ ଭୁବନେଶ୍ୱରର ବଡ଼ଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ କୁନି କୁନି ପିଲାମାନେ ସିଲଟ୍ ଓ ଖଡ଼ି ଧରି ଉପସ୍ଥିତ ଥିଲେ। ସେମାନଙ୍କ ☞ପୃଷ୍ଠା-୨

# ଯୁଦ୍ଧବିରତି ପାଇଁ ମାଓବାଦୀଙ୍କ ଆହ୍ୱାନ

ମାଲକାନଗିରି,୨।୪
(ଦୁର୍ଯ୍ୟୋଧନ ପାତ୍ର)

କେନ୍ଦ୍ରୀୟ ମାଓବାଦୀ ସଙ୍ଗଠନ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ବୁଧବାର ଜାରି କରାଯାଇଛି। ଏଥିରେ ଉଲ୍ଲେଖ ରହିଛି, ସଙ୍ଗଠନ ଶାନ୍ତିବାର୍ତ୍ତା ପାଇଁ ପ୍ରସ୍ତୁତ ସହ ଯୁଦ୍ଧବିରତି ଆହ୍ୱାନ ଦେଇଛି। ଗତ ୨୪ ତାରିଖରେ ହାଇଦ୍ରାବାଦରେ ଏକ ବୈଠକ ହୋଇଥିଲା, ଏଥିରେ ମାଓବାଦୀଙ୍କ ସୁରକ୍ଷା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନ୍ୟପକ୍ଷରେ କେନ୍ଦ୍ରୀୟ ସଙ୍ଗଠନର ବଡ଼ ବଡ଼ କ୍ୟାଡରମାନେ ନିହତ ହୋଇଥିବାରୁ ତାହା ଦୁର୍ବଳ ହେବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ସଙ୍ଗଠନ ତରଫରୁ ଯୁଦ୍ଧ ବିରତି ଓ ଶାନ୍ତି ବାର୍ତ୍ତା ନିମନ୍ତେ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି। ଉକ୍ତ ପ୍ରେସ୍ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି, ଛତିଶଗଡ଼ରେ ପୋଲିସ -ମାଓବାଦୀଙ୍କ ମଧ୍ୟରେ ଯୁଦ୍ଧ ଜାରି ରହିଛି। ଛତିଶଗଡ଼ ସରକାର ସବୁ ସମୟରେ କୋମ୍ବିଂ, ସର୍ଚ୍ଚ ଅପରେଶନ କରିବାରୁ ବହୁ ମାଓବାଦୀ ଗିରଫ ହୋଇଥିବା ବେଳେ ବହୁ ଲୋକ ନିହତ ମଧ୍ୟ ହୋଇଛନ୍ତି। କେବଳ ଏତିକି ନୁହେଁ, ପୋଲିସ-ମାଓବାଦୀଙ୍କ ଯୁଦ୍ଧରେ ନିରୀହ ଆଦିବାସୀ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
**ସାତ ଶତାବ୍ଦୀର କଥା**

# ୫ ବର୍ଷରେ ବିଦ୍ୟୁତ୍ ଆଘାତରେ ୨୭ ହାତୀ ମୃତ

**୧୦୭ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ**

ଭୁବନେଶ୍ୱର,୨।୪
(ରବିନାରାୟଣ ଜେନା)

ହାତୀ-ମଣିଷ ଲଢ଼େଇ କିଛି ନୂଆକଥା ନୁହେଁ। ହେଲେ ଦିନକୁଦିନ ଜନସଂଖ୍ୟା ବଢ଼ିବା ଯୋଗୁ ଜଙ୍ଗଲକୁ ଲୋକେ ଅକ୍ତିଆର କରିନେଉଥିବାବେଳେ ହାତୀ ଓ ବନ୍ୟଜନ୍ତୁଗୁଡ଼ିକ ମଣିଷ ଜଗତ ଭିତରକୁ ଧସେଇ ପଶୁଛନ୍ତି। ଏହାକୁ ନେଇ ଚାଲିଛି ଲଢ଼େଇ। କେତେବେଳେ ହାତୀ ମରୁଛି ତ ଆଉ କେତେବେଳେ ମଣିଷ। ତେବେ ଏହି ପରିପ୍ରେକ୍ଷୀରେ ବନ୍ୟଜନ୍ତୁ ମୃତ୍ୟୁର ଆଉ ଗୋଟିଏ କାରଣ ହେଉଛି ବିଦ୍ୟୁତ୍ ଆଘାତ। ଗତ ୫ ବର୍ଷରେ କେବଳ ବିଦ୍ୟୁତ୍ ଆଘାତରେ ୨୭ ହାତୀ ମୃତ୍ୟୁବରଣ କରିଛନ୍ତି। ଏଥିପାଇଁ 'ଡିସ୍‌କମ୍'ର ୧୦୭ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

ବିଜେଡି ସଦସ୍ୟ ଅରୁଣ କୁମାର ସାହୁଙ୍କ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଗୃହକୁ ଦେଇଥିବା ତଥ୍ୟ ଅନୁଯାୟୀ, ଗତ ୫ ବର୍ଷରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି କେବଳ ପଶ୍ଚିମ ଓଡ଼ିଶାରେ ହିଁ ୧୭ଟି ହାତୀଙ୍କର ମୃତ୍ୟୁ ହୋଇଛି। ତଥ୍ୟ ଅନୁଯାୟୀ, ୨୦୨୪-୨୫ ବର୍ଷରେ ସର୍ବାଧିକ ୧୧ଟି ହାତୀ ମୃତ୍ୟୁବରଣ କରିଛନ୍ତି। ସେହିପରି ୨୦୨୩-୨୪ରେ ୨ଟି, ୨୦୨୨-୨୩ରେ ୧ଟି, ୨୦୨୧-୨୨ରେ ୨ଟି ଓ ୨୦୨୦-୨୧ରେ ଗୋଟିଏ ହାତୀର ମୃତ୍ୟୁ ହୋଇଛି। ସେହିପରି ଦକ୍ଷିଣ ଓଡ଼ିଶାରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୋଟିଏ ହାତୀ ଓ ୯୧ ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ କେନ୍ଦ୍ରୀୟ ଓଡ଼ିଶାରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୧୬ ଜଣ ମୃତ୍ୟୁବରଣ କରିଛନ୍ତି। ସେହିପରି ଉତ୍ତର ଓଡ଼ିଶାରେ କରେଣ୍ଟ ଲାଗି ୯ ହାତୀଙ୍କ ମୃତ୍ୟୁ ହୋଇଛି ବୋଲି ଉପମୁଖ୍ୟମନ୍ତ୍ରୀ ସିଂଦେଓ ତଥ୍ୟ ରଖିଛନ୍ତି।

# ଅନାସ୍ଥା ସପକ୍ଷରେ ୨୦ କାଉନସିଲରଙ୍କ ଭୋଟ



ଅନାସ୍ଥା ସପକ୍ଷରେ ଭୋଟ ଦେଇଥିବା କାଉନସିଲରମାନେ।

**ବ୍ୟାସନଗର ପୌରାଧ୍ୟକ୍ଷାଙ୍କୁ ବିରୋଧ**

- **୬ ଜଣ କାଉନସିଲର ଅନୁପସ୍ଥିତ**
- **ହାଇକୋର୍ଟରେ ମାମଲା, ଝୁଲି ରହିଲା ବିଜ୍ଞପ୍ତି**

ଯାଜପୁର/ଯାଜପୁର ରୋଡ଼
(ହର୍ଷବର୍ଦ୍ଧନ ବେହେରା/
ପବିତ୍ର ରଞ୍ଜନ ମହାନ୍ତି),୨।୪

ବ୍ୟାସନଗର ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆଙ୍କ ବିରୋଧରେ ବୁଧବାର ଅନାସ୍ଥା ଭୋଟ ଗ୍ରହଣ କରାଯାଇଛି। ୨୬ ଜଣ କାଉନସିଲରଙ୍କ ମଧ୍ୟରୁ ୨୦ ଜଣ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ମତଦାନ କରିଛନ୍ତି। ଅନ୍ୟ ୬ ଜଣ କାଉନସିଲର ଅନୁପସ୍ଥିତ ଥିଲେ। ତେବେ ପୌରାଧ୍ୟକ୍ଷା ସଙ୍ଗୀତାଙ୍କ ହାଇକୋର୍ଟରେ ଡବ୍ଲ୍ୟୁପିସି ନମ୍ବର ୮୪୬୬/୨୦୨୫ ଏବଂ ଆଇଏ ନମ୍ବର ୪୮୯୦/୨୦୨୫ରେ ଏକ ମାମଲା ବିଚାରାଧୀନ ଥିବାରୁ ପୌର ପ୍ରଶାସନର ନିର୍ଦ୍ଦେଶକଙ୍କ ବିଜ୍ଞପ୍ତି ଝୁଲି ରହିପାରେ ବୋଲି ସୂଚନା ମିଳିଛି। ଆସନ୍ତା ୧୫ ତାରିଖରେ ପରବର୍ତ୍ତୀ ଶୁଣାଣିରେ ଚୂଡ଼ାନ୍ତ ନିଷ୍ପତ୍ତି ହେବାର ସମ୍ଭାବନା ରହିଛି। ଅନ୍ୟପକ୍ଷେ ପୌରାଧ୍ୟକ୍ଷା ସଙ୍ଗୀତା ପଦବୀ ହରାଇବା ନିଶ୍ଚିତ ବୋଲି କାଉନସିଲରମାନେ ଆଶାବ୍ୟକ୍ତ କରିଛନ୍ତି। ଏଠାରେ ବିଜେଡି ଟିକେଟ୍‌ରେ ଲଢ଼ି ନିର୍ବାଚିତ ପୌରାଧ୍ୟକ୍ଷାଙ୍କୁ ଅଧିକାଂଶ ଦଳୀୟ କାଉନସିଲର ଅନାସ୍ଥା ସପକ୍ଷରେ ଭୋଟ ଦେଇଥିବାରୁ ବିଜେଡିର ଭିତିରିଆ କଳି ପଦାରେ ପଡ଼ିଛି।

ଗତ ପ୍ରାୟ ୨ ମାସ ହେବ ବ୍ୟାସନଗର ପୌରପରିଷଦରେ ରାଜନୈତିକ ଛକାପଞ୍ଝା ଲାଗି ରହିଥିଲା। ବିଜେଡିରୁ ପ୍ରାର୍ଥୀ ହୋଇ ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବା ସଙ୍ଗୀତାଙ୍କୁ ତାଙ୍କ ଦଳର କାଉନସିଲରମାନେ ବିରୋଧ କରି ଆସୁଥିଲେ। ଏଥିରେ ଅନ୍ୟ ଦଳର କାଉନସିଲରମାନେ ମଧ୍ୟ ସମର୍ଥନ କରୁଥିଲେ। ବିଜେଡିର ଏହି ଭିତିରି କଳି ନବୀନ ନିବାସ ପର୍ଯ୍ୟନ୍ତ ଯାଇଥିଲା। ଶେଷରେ ସହରର ବିକାଶ ପ୍ରତି ଧ୍ୟାନ ନ ଦେଇ କେବଳ ମନମାନି ଶାସନ ଚଳାଇଥିବା ଅଭିଯୋଗ କରି କାଉନସିଲରମାନେ ତାଙ୍କ ବିରୋଧରେ ମାର୍ଚ୍ଚ ୬ରେ ଅନାସ୍ଥା ପ୍ରସ୍ତାବ ଲାଗି ଆବେଦନ କରିଥିଲେ। ଏହିକ୍ରମରେ ବୁଧବାର ପୂର୍ବାହ୍ନ ୧୧ଟାରେ ଭୋଟ ଗ୍ରହଣ କରାଯାଇ ଅପରାହ୍ନ ୨ଟାରେ ଗଣତି ହୋଇଥିଲା। ହେଲେ ଫଳାଫଳ ରିପୋର୍ଟ ଦେବାରେ ବିଳମ୍ବ କରିବାରୁ ବାହାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶେଷରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅପରାହ୍ନ ୩ଟା ପରେ ଫଳାଫଳ ଘୋଷଣା କରାଯାଇଥିଲା। ପ୍ରିଜାଇଡିଂ ଅଫିସର ଭାବେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ ଅନାସ୍ଥା ମତଦାନର ଅଧ୍ୟକ୍ଷତା ଓ ପରିଚାଳନା କରିଥିଲେ। ମ୍ୟୁନିସିପାଲ ଆଇନ ୧୯୫୦ ଧାରା ୫୪ ଅନୁଯାୟୀ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଦୁଇ ତୃତୀୟାଂଶ ମତ ଗୃହୀତ ହେଲେ ତାହା କାଏମ ରହିବାର ବ୍ୟବସ୍ଥା ରହିଛି। ତେଣୁ ୨୦ ଜଣ ଏହାର ସପକ୍ଷରେ ମତଦାନ କରିଥିବାରୁ ଅତିରିକ୍ତ ଜିଲାପାଳ ପୌର ପ୍ରଶାସନର ନିର୍ଦ୍ଦେଶକଙ୍କୁ ରିପୋର୍ଟ ପ୍ରେରଣ କରିଛନ୍ତି । ମୋଟ ୨୬ ଜଣ କାଉନସିଲରଙ୍କ ମଧ୍ୟରୁ ଚୁନିଆ ନାୟକ, ☞ପୃଷ୍ଠା-୨

# ୱାକ୍‌ଫ ବିତର୍କ: ଲୋକ ସଭାରେ ଶାସକ- ବିରୋଧୀ ମୁହାଁମୁହିଁ

**ମୁସଲମାନ ସମ୍ପ୍ରଦାୟକୁ ବିଭ୍ରାନ୍ତ ଉଦ୍ୟମ କରିଛନ୍ତି ବିରୋଧୀ: କେନ୍ଦ୍ର**

ନୂଆଦିଲ୍ଲୀ,୨।୪

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଏପ୍ରିଲ ୪ରେ ଶେଷ ହେବାକୁ ଥିବାବେଳେ ଏହା ପୂର୍ବରୁ ଏକ ବଡ଼ ସଫଳତା ହାସଲ ପାଇଁ କେନ୍ଦ୍ରର ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ସଂସଦରେ ଉଦ୍ୟମ ଚଳାଇଛନ୍ତି। ସରକାରଙ୍କ ପକ୍ଷରୁ ଆଗତ ୱାକ୍‌ଫ ସଂଶୋଧନ ବିଲ୍ ଉପରେ ଗୃହରେ ବୁଧବାର ରାତିରେ ଜୋର୍‌ଦାର ଆଲୋଚନା ଜାରି ରହିଛି। ନିମ୍ନ ସଦନରେ ପାରିତ ହେବା ପରେ ଏହା ରାଜ୍ୟ ସଭାକୁ ଯିବ। ରାଜ୍ୟ ସଭାରେ ଗୃହୀତ ହେବା ପରେ ରାଷ୍ଟ୍ରପତିଙ୍କ ମୋହର କ୍ରମେ ଆଇନରେ ପରିଣତ ହେବ। ଅନ୍ୟପକ୍ଷେ ଉକ୍ତ ବିବାଦୀୟ ବିଧେୟକ ଲୋକ ସଭାରେ ପାରିତ ହେଲେ ଅଲ୍ ଇଣ୍ଡିଆ ମୁସଲିମ୍ ପର୍ସନାଲ ଲ' ବୋର୍ଡ (ଏଆଇପିଏମ୍‌ଏଲ୍) ଅଦାଲତରେ ଏହାକୁ ଚ୍ୟାଲେଞ୍ଜ ସହ ଦେଶବ୍ୟାପୀ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ଏହି 'କଳା ଆଇନ' ମୁସଲମାନ ସମ୍ପ୍ରଦାୟର ଅଧିକାରଗୁଡ଼ିକୁ ଛଡ଼ାଇନେବା ଆଶଙ୍କା ଥିବାରୁ ଲଢ଼େଇ ଜାରି ରହିବ ବୋଲି ବୋର୍ଡ କହିଛି।

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଅପରାହ୍ନ ୧୨ଟାରେ ୱାକ୍‌ଫ (ସଂଶୋଧନ) ବିଲ୍, ୨୦୨୫କୁ ଆଲୋଚନା ଓ ଗୃହର ଅନୁମୋଦନ ନିମନ୍ତେ ଆଗତ କରିଥିଲେ। ଯୁଗ୍ମ ସଂସଦୀୟ କମିଟି (ଜେପିସି) ପକ୍ଷରୁ କରାଯାଇଥିବା ସୁପାରିସ ଆଧାରରେ ପ୍ରସ୍ତୁତ ଉକ୍ତ ବିଧେୟକରେ ୱାକ୍‌ଫ ସମ୍ପତ୍ତିଗୁଡ଼ିକର ପ୍ରଶାସନକୁ ତ୍ୱରାନ୍ୱିତ କରିବା ସହ ଟେକ୍ନୋଲୋଜି ଜରିଆରେ ଏହାର ପରିଚାଳନା ଏବଂ ସ୍ୱଚ୍ଛତା ଆଣିବା ନେଇ ଲକ୍ଷ୍ୟ ରଖାଯାଇଛି। ଲୋକ ସଭାରେ ବିଧେୟକ ଆଗତ କରାଯିବା ମାତ୍ରେ ☞ପୃଷ୍ଠା-୨

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଦି ଲ' ଏକାଡେମୀ ଭୁବନେଶ୍ୱର ପକ୍ଷରୁ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ସଂସ୍କୃତି ବିଚିତ୍ରା', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ଶ୍ରୀରାମ ଚରିତ ନବାହ୍ନ ପାରାୟଣ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ, ସମୟ: ସକାଳ ୭ଟା।
- ପ୍ରବଚନ, ଜ୍ଞାନ ଯଜ୍ଞ ଓ ଆଧ୍ୟାତ୍ମିକ ସମାରୋହ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ, ସମୟ: ୭ଟା ୩୦।
- ମା'ଜାଗୁଲେଇଙ୍କ ବାସନ୍ତିକ ଦୁର୍ଗା ପୂଜା ଓ ଚୈତ୍ର ନବରାତ୍ରୀ ଅବସରରେ ମା'କାର୍ତ୍ତୟିନୀ ବେଶରେ ଦର୍ଶନ, ସ୍ଥାନ: କୁଦିଆରୀସ୍ଥ ମା'ଙ୍କ ମନ୍ଦିର, ସମୟ: ରାତି ୮ଟା।

## ଭଦ୍ରକ

- ବାଇକ୍ ଶୋଭାଯାତ୍ରା,ସ୍ଥାନ: ଶ୍ରୀରାମ ମନ୍ଦିର, ରାମନବମୀ ପଡ଼ିଆ, ଲକ୍ଷ୍ମୀଦାସପୁର, ବାସୁଦେବପୁର,ସମୟ: ଅପରାହ୍ନ ୪ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ଚରିତ ମାନସ ଜ୍ଞାନଯଜ୍ଞ ପାରାୟାଣ ଓ ପ୍ରବଚନ ସନ୍ଧ୍ୟା, ସ୍ଥାନ: ଲୋକନାଥ ମନ୍ଦିର ପରିସର, ଭଦ୍ରକ,ସମୟ: ସନ୍ଧ୍ୟା ୬ଟା।
- ନବଗ୍ରହ ମନ୍ଦିର ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ:ଲକ୍ଷ୍ମୀପ୍ରସାଦ, ରାଜଘରପୋଖରୀ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ

- ମା' ବାସନ୍ତୀ ପୂଜା ଉପଲକ୍ଷେ ବିଲ୍ୱବରଣ, ସ୍ଥାନ:ଭୀମଦା, ବଡ଼ସାହି,ସମୟ: ରାତି ୮ଟା।
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଚିତ୍ରଡ଼ା କାକୁଡିହା ଗ୍ରାମ, ମୋରଡ଼ା, ସମୟ:ସକାଳ ୯ଟା।
- ୧୩ ତମ ବାସନ୍ତୀ ପୂଜାର ବିଲ୍ୱବରଣ ଓ ଷଷ୍ଠୀ ପୂଜା, ସ୍ଥାନ:ଭବେଶ୍ୱର ଶିବ ମନ୍ଦିର ବାଘଡାରୋଡ୍ . ବାରିପଦା,ସମୟ: ସନ୍ଧ୍ୟା ୭ଟା।
- ବାସନ୍ତୀ ପୂଜା ଉପଲକ୍ଷେ ମହା ସପ୍ତମୀ ପୂଜା, ସ୍ଥାନ: ଚିତ୍ରଡ଼ା ଜଗନ୍ନାଥ ମନ୍ଦିର ପରିସର, ମୋରଡ଼ା, ସମୟ: ସନ୍ଧ୍ୟା ୭ଟା।
- ୭୨ତମ ବାସନ୍ତୀ ପୂଜାର ବିଲ୍ୱବରଣ, ସ୍ଥାନ:ଶୂନଗଡ଼ିଆ ବାରିପଦା,ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- କର୍ପୋରେଟ ସଂସ୍ଥା, ପୋଲିସ ଓ ପାରାଦୀପ ବନ୍ଦର ମଧ୍ୟରେ ଚତୁର୍ଥ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

ଶ୍ରୀସଙ୍କଟମୋଚନ ହନୁମାନ ଦେବଙ୍କ ନବ କଳେବର ଓ ପ୍ରତିଷ୍ଠା ଉତ୍ସବ, ସାଧୁସନ୍ଥଙ୍କ ପ୍ରବଚନ ସଭା, ସ୍ଥାନ:ସଂସାରଫଳ, ରାଜନଗର, ସମୟ:ସନ୍ଧ୍ୟା ୬ଟା।

ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞ, ସ୍ଥାନ:ହନୁମାନ ମନ୍ଦିର, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- ଧର୍ମଶାଳା ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ବାଦିପାଲା, ସ୍ଥାନ: ଧର୍ମଶାଳା ସବ୍‌ରେଜିଷ୍ଟ୍ରାର ପାଲାମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଜୟ ମା' ସିଦ୍ଧାରଶୁଣୀଙ୍କ ୪ର୍ଥ ବାର୍ଷିକ ଯଜ୍ଞ ଉତ୍ସବ, ସ୍ଥାନ: ଧର୍ମଶାଳା ବ୍ଲକର ସିଘାରସାହି, ସମୟ: ସକାଳ ୬ଟା।
- ଜିଲା ପ୍ରଶାସନ ପକ୍ଷରୁ ଆମ ପୋଷାକ, ଆମ ପରିଚୟ କାର୍ଯ୍ୟକ୍ରମ୍, ସ୍ଥାନ : ଯାଜପୁର ଜିଲାର ସମସ୍ତ ଅଞ୍ଚଳ,ସମୟ : ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ୨ୟ ବୈଷ୍ଣୋଦେବୀଙ୍କ ପୀଠରେ ଶକ୍ତି ଓ ଉପାସନାର ମହାପର୍ବ ନବରାତ୍ରୀର ସପ୍ତମ ଦିବସରେ ଷଷ୍ଠୀ ପର୍ବ, ସ୍ଥାନ: ଓଡ଼ଗାଁ ବ୍ଲକର ଜାମୁକୋଣ ପାହାଡ଼, ସମୟ:ସକାଳ ୮ଟା।
- ଦଶଦୋଳ ଯାତ୍ରାର ଉଦ୍‌ଯାପନ ଦିବସ, ସ୍ଥାନ: ରଣପୁର ବ୍ଲକର ଚାନ୍ଦପୁର ଦଶଦୋଳ ପଡ଼ିଆ, ସମୟ:ଅପରାହ୍ନ ୪ଟା।
- ୨ୟ ଅଯୋଦ୍ଧାରେ ଶ୍ରୀରାମ ଜନ୍ମୋତ୍ସବ, ନବାହ୍ନ ପାରାୟଣର ଷଷ୍ଠ ଦିବସ, ସ୍ଥାନ:ଭାପୁର ବ୍ଲକର ଫତେଗଡ଼ ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ମନ୍ଦିର, ସମୟ:ପୂର୍ବାହ୍ନ ୯ଟା।
- ୨ୟ ଅଯୋଦ୍ଧାରେ ଶ୍ରୀରାମ ଜନ୍ମୋତ୍ସବ ଓ ନବାହ୍ନ ପାରାୟଣ ଅବସରରେ ପ୍ରବଚନରେ ଶ୍ରୀରାମ ଓ ଭରତଙ୍କ ମିଳନ, ଜାନକୀ ହରଣ,ଜଟାୟୁ ମୋକ୍ଷ , ସ୍ଥାନ:ଭାପୁର ବ୍ଲକର ଫତେଗଡ଼ ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ମନ୍ଦିର, ସମୟ:ସନ୍ଧ୍ୟା ୬ଟା।
- ୧୫ ଦିନିଆ ଦଣ୍ଡପର୍ବର ପଞ୍ଚମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କୁମ୍ଭାରପଡା, ସମୟ: ଅପରାହ୍ନ ୨ଟା।
- ୧୫ ଦିନିଆ ଦଣ୍ଡପର୍ବର ପଞ୍ଚମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ସିଦ୍ଧାମୂଳା, ସମୟ: ଅପରାହ୍ନ ୨ଟା।
- ୧୫ ଦିନିଆ ଦଣ୍ଡପର୍ବର ପଞ୍ଚମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ରୟତ ଢ଼ୋଲମରା, ସମୟ: ଅପରାହ୍ନ ୨ଟା।

## ରାୟଗଡ଼ା

- ଓଡ଼ିଆ ପକ୍ଷ ପାଳନ ଅବସରରେ ବୈଠକ, ସ୍ଥାନ: ଚିନ୍ତନ କକ୍ଷ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା' ଠାକୁରାଣୀଙ୍କ ଘଟ ପର୍ବ ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ, ସ୍ଥାନ: ଗୁଡାରି ଜଗନ୍ନାଥ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା ୪୫ ।
- ଓଡ଼ିଆ ପକ୍ଷ ପାଳନ ଅବସରରେ ପାରମ୍ପରିକ ପୋଷାକ ପରିଧାନ ସହ ଫଟୋ ସେସନ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ସଂସ୍କୃତି ଭବନ, ରାୟଗଡା, ସମୟ: ପୂର୍ବାହ୍ନ ୧୧ ଟା।

## ନବରଙ୍ଗପୁର

- ଠାକୁରାଣୀ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଝରିଗାଁ ବ୍ଲକ କଲେଗାଁ, ସମୟ: ସକାଳ ୭ଟା।
- ବାର୍ଷିକ ଉତ୍ସବ, ସ୍ଥାନ: ଝରିଗାଁ ବ୍ଲକ ଚଚା ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ, ସମମୟ: ସନ୍ଧ୍ୟା ୫ଟା।

## ମାଲକାନଗିରି

- ମାଲକାନଗିରି ବନାଞ୍ଚଳ ପକ୍ଷରୁ ପ୍ରକୃତି ପରିବେଶ କର୍ମଶାଳା, ସ୍ଥାନ:ସତୀଗୁଡା ପର୍ଯ୍ୟଟନସ୍ଥଳୀ, ସମୟ: ପୂର୍ବାହ୍ନ ୧୦ଟା ।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ : ୬ଟା ।
- ମା' ମଙ୍ଗଳା ମନ୍ଦିର କମିଟି ଆୟୋଜନରେ ଚଣ୍ଡିପାଠ ନବ ପତ୍ରିକା ଆନୟନ କାର୍ଯ୍ୟକ୍ରମ, ସ୍ଥାନ : ଭୁତାପଡା ସ୍ଥିତ ମନ୍ଦିର ପରିସର, ସମୟ ସକାଳ ୮ଟା ।
- ବାସନ୍ତିକ ରାତ୍ର ଉପଲକ୍ଷେ ମାନସିକ ଦୀପ ପ୍ରଜ୍ୱଳନ, ସମଲେଇ ମନ୍ଦିର, ସମୟ : ସକାଳ ୮ଟା ।
- ଡିଜିପିଙ୍କ ସମୀକ୍ଷା ବୈଠକ, ସ୍ଥାନ : ଆଇଜି କାର୍ଯ୍ୟାଳୟ ସ୍ଥିତ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ଭୀମ ଆର୍ମିର ପକ୍ଷରୁ ଆମ୍ବେଡକର ଜୟନ୍ତୀ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୫ଟା ।

## ରାଉରକେଲା

- ଚୈତ୍ର ନବରାତ୍ର ପୂଜା, ଷଷ୍ଠୀ ପୂଜା, ସ୍ଥାନ: ଜଗଦା ବାଟ ମା' ମଙ୍ଗଳା ମନ୍ଦିର, ସମୟ: ସକାଳ ୬ଟା।
- ଶ୍ରୀକୃଷ୍ଣ ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ଶାନ୍ତିନଗର, ଓରାମପଡା, ସମୟ: ସକାଳ ୮ଟା ।
- ଶାନ୍ତି ବନାମ ସମୃଦ୍ଧି ଶୀର୍ଷକ କର୍ମଶାଳା, ସ୍ଥାନ:ସେକ୍ଟର-୪, ରାଉରକେଲା କଲେଜ, ସମୟ:ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ଉଦଘାଟିତ,ସ୍ଥାନ: ରାଧାନାଥ ନଗର, ସେକ୍ଟର-୧୬ ଦୁର୍ଗାପୂଜା ପଡିଆ, ସମୟ: ସକାଳ ୧୦ଟା।
- ଆରଏମ୍‌ସି ପ୍ରେକ୍ଷାଳୟରେ ଖବରଦାତା ସମ୍ମିଳନୀ,ସ୍ଥାନ: ଉଦିତନଗର, ଆରଏମ୍‌ସି କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ୪୫।
- ଆର୍‌ଏମ୍‌ସି କମିଶନର ଆହୁତ ଖବରଦାତା ସମ୍ମିଳନୀ, ସ୍ଥାନ:ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା ୪୫ ।
- ଅପରାଧ ନିୟନ୍ତ୍ରଣ ପାଇଁ ଥାନାଧିକାରୀଙ୍କ ସହ ଆଲୋଚନା, ସ୍ଥାନ: ଝିରପାଣି ଥାନା, ସମୟ: ଅପରାହ୍ନ ୫ଟା।
- ଚଇତି ଛଟ୍ ପୂଜା, ସନ୍ଧ୍ୟା ଆରତୀ, ସ୍ଥାନ: କୋଏଲନଦୀ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ସମଲେଶ୍ୱରୀଙ୍କ ବାସନ୍ତୀକ ପୂଜନୋତ୍ସବ, ସ୍ଥାନ:ସମଲେଶ୍ୱରୀ ମନ୍ଦିର, ବରଗଡ଼,ସମୟ: ସକାଳ ୭ଟା।
- ବାସନ୍ତୀକ ନବ ଦିନାତ୍ମକ ପୂଜା ମହୋତ୍ସବ, ସ୍ଥାନ: ଶ୍ୟାମାକାଳୀ ମନ୍ଦିର, ବରଗଡ଼,ସମୟ: ସକାଳ ୭ଟା।
- ବାସନ୍ତୀକ ନବରାତ୍ର ଦୁର୍ଗାପୂଜା,ସ୍ଥାନ: ଦୁର୍ଗା ମନ୍ଦିର ପରିସର, ସୋହେଲା।

## କଳାହାଣ୍ଡି

- ହସ୍ତତନ୍ତ ପାରମ୍ପରିକ ବସ୍ତ୍ର ପରିଧାନ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼

- ଶ୍ରୀସତ୍ୟ ସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା।
- ବାସନ୍ତୀକ ନବରାତ୍ର ପୂଜା, ସ୍ଥାନ: ଶନି ମନ୍ଦିର, ଗୋହରୀ ପୋଖରୀ ପାଖ, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ଚୈତ୍ୟ ନବରାତ୍ର ପୂଜା, ସ୍ଥାନ: କନକ ଦୁର୍ଗା ମନ୍ଦିର, ମଠସାହି, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀସତ୍ୟ ସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀସତ୍ୟ ସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖିରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର

- ବିନିକାରେ ବାସନ୍ତିକ ପୂଜା ଅବସରରେ ପାରାୟଣର ପଞ୍ଚମ ଦିବସ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ ସ୍ଥିତ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ମାରାଗୁଡ଼ା ଲୋକ ମହୋତ୍ସବ ତୃତୀୟ ସନ୍ଧ୍ୟା, ସ୍ଥାନ: ସ୍ଥାନୀୟ ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ସନ୍ଧ୍ୟା ୭ଟା।
- ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ତୃତୀୟ ଦିବସ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୦ଟା ୩୦।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଓ ଆଳତି, ସ୍ଥାନ: କୋମନା ବ୍ଲକ କୁରୁମପୁରି ପଞ୍ଚାୟତ ଲଟନପଡା ଗାଁ, ସମୟ: ପ୍ରାତଃ ୪ଟା ୩୦।
- ତରବୋଡ ପ୍ରିମିୟର ଲିଗ ଫ୍ଲଡ୍‌ଲାଇଟ କ୍ରିକେଟ ମ୍ୟାଚ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା ୩୦।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ, ସ୍ଥାନ: ଖଡିଆଳ ବ୍ଲକ ରାଣିପୁର ଗାଁ, ସମୟ: ସକାଳ ୮ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ସିଆଲଲଟି ଗାଁ, ସମୟ: ପୂର୍ବାହ୍ନ ୧୦ଟା ୪୦।
- ମାରାଗୁଡା ଲୋକ ମହୋତ୍ସବ ଉପଲକ୍ଷେ ବୌଦ୍ଧିକ ଚର୍ଚ୍ଚା, ସ୍ଥାନ: ନ୍ୟାଶନାଲ ମହାବିଦ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମାରାଗୁଡା ମହୋତ୍ସବ ଅବସରରେ ସସ୍ମିତା ଦାସଙ୍କ ଦ୍ୱାରା ଷ୍ଟାର ନାଇଟ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ରାତି ୯ଟା ୩୦।
- ଆମ ପୋଷାକ ଆମ ପରିଚୟ ଦିବସ ପାଳନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ନୂଆପଡା, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା

- ଚଣ୍ଡୀପାଠ ଓ ଷୋଳ ଉପଚାର ପୂଜା, ସ୍ଥାନ: ବେହେରାମାଳ ଦୁର୍ଗା ମନ୍ଦିର, ସମୟ: ସକାଳ ୭ଟା।
- ଅଂଶୁଘାତ ଜନିତ ସଚେତନତା ସଭା, ସ୍ଥାନ: ଘିଚାମୁରା କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଭ୍ରାତୃସମ୍ପର୍କ, ଯୋଜନାରମ୍ଭ, ବାଣିଜ୍ୟ ଏବଂ ବିବାଦରେ ବ୍ୟତିକ୍ରମର ଆଶଙ୍କା ରହିଛି। କେତେକ ଅସହିଷ୍ଣୁ ମନୋଭାବର ବନ୍ଧୁଙ୍କ ଅସମ୍ମାନଜନକ କଥାରୁ କଳହ ଲାଗିପାରେ। କର୍ମକ୍ଷେତ୍ରରେ ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିମାନଙ୍କୁ ଆପଣେଇ ନେଇପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିପାରନ୍ତି।

**ବୃଷ** ଆଜି ଶାରିରୀକ, ମାନସିକ ଏବଂ ଆର୍ଥିକ ଦିଗରେ ବାଧା ବିଘ୍ନ ଉପୁଜିପାରେ। ସୁଯୋଗ ଛାଏଁ ଆସିଲେ ମଧ୍ୟ ଠିକ୍ ଉପଯୋଗ ଅଭାବରୁ ବିଗିଡିଯାଇପାରେ। ଅବଶ୍ୟ ସମାଧାନର ରାସ୍ତା ପାଇବେ, ସାହାଯ୍ୟ, ସହଯୋଗ ମଧ୍ୟ କିଛି କମ୍ ହେବନାହିଁ। କର୍ମାରମ୍ଭ, ଯାତ୍ରା, ବନ୍ଧୁ ସମ୍ପର୍କ ସ୍ଥାପନ ଦିଗରେ ଅସୁବିଧା ନ ହୋଇପାରେ।

**ମିଥୁନ** ଆପଣଙ୍କ ଯୁକ୍ତିଯୁକ୍ତ ଓ ନିରପେକ୍ଷ ବିଚାରଧାରା ବହୁଜନ ପ୍ରଶଂସିତ ହେବ। ଶିକ୍ଷା, ପରୀକ୍ଷା, ସନ୍ତାନ, ଅର୍ଥନୈତିକ ସ୍ଥିତିର ସମୀକ୍ଷା ମନ୍ଦ ହେବନି। ବିରୁଦ୍ଧାଚରଣ କରୁଥିବା ବ୍ୟକ୍ତିଙ୍କଠାରୁ ଦୂରେଇ ନ ରହିଲେ ଅଶାନ୍ତ ପରିସ୍ଥିତି ଘଟିପାରେ। କଳା, ସାହିତ୍ୟ ଓ ସଙ୍ଗୀତ, ଆଧ୍ୟାତ୍ମିକ ପ୍ରବଚନ, ଯୋଗ ପ୍ରଭୃତିରେ ସୁନାମ ଅର୍ଜନ କରିବେ।

**କର୍କଟ** ଅନୁକୂଳ ଗ୍ରହ ସମ୍ପର୍କରୁ ଯାହା ଚାହୁଁଛନ୍ତି କରି ଚାଲନ୍ତୁ ସଫଳତାର ସମ୍ଭାବନା ପୂର୍ଣ୍ଣମାତ୍ରାରେ ରହିଛି। ପାରସ୍ପରିକ ଉତ୍ତମ ବୁଝାମଣାଜନିତ ସହକର୍ମୀମାନଙ୍କ ସହ ସୁସମ୍ପର୍କ ରହିବ। ତର୍କବିତର୍କ କାରଣରୁ ପଡ଼ୋଶୀଙ୍କ ସହ ମତାନ୍ତର ସୃଷ୍ଟି ହୋଇ ଅଶାନ୍ତି ଉପୁଜିପାରେ।

**ସିଂହ** ସହଜରେ ମୁଣ୍ଡ ନୁଆଁଇବାର ଗୁଣର ଅଭାବ ଯୋଗୁ ପଦସ୍ଥବ୍ୟକ୍ତିଙ୍କ ରୋଷର କାରଣ ହେବେ। ସମୟ ସୁବିଧାକୁ ନେଇ ବନ୍ଧୁଙ୍କ ସହ ପରାମର୍ଶ କଲେ ସାହାଯ୍ୟ ପାଇପାରିବେ। ନିଜ ଲୋକଙ୍କଠାରୁ ଯାହା ଓ ଯେତିକି ପରିମାଣରେ ପାଇବା କଥା ତାହା ପାଇବା କଷ୍ଟକର ହେବ। ଜମିଜମା, ଆଲୋଚନା, ସଭାସମିତିରେ ବ୍ୟସ୍ତତା ବୃଦ୍ଧି ପାଇବ।

**କନ୍ୟା** କେତୁଙ୍କ କୁପ୍ରଭାବରେ ଅଧିକାଂଶ ସମୟ ମାନସିକ ଅସ୍ଥିରତା ମଧ୍ୟରେ ଗତି କରିପାରନ୍ତି। ଅର୍ଥର ଅଭାବକୁ ଭଲ ସମ୍ପର୍କ ରହିଥିବା ପଡ଼ୋଶିନୀ ଦୂର କରିପାରନ୍ତି। ଯାହା କରିବା କଥା ଶୀଘ୍ର ଶେଷ ନ କଲେ ପରକ୍ଷଣରେ ସମସ୍ତ ପରିସ୍ଥିତି ବଦଳିଯାଇପାରେ। ଆମଦାନୀ ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି ଘଟିବ।

**ତୁଳା** ଆଜି ଯାହା କରନ୍ତୁନା କାହିଁକି ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ଯାହାକୁ ଯାହା କହିଲେ ସେହି ବ୍ୟକ୍ତି ଆପଣଙ୍କ କଥା ରକ୍ଷା କରିବାର ପ୍ରତିଶ୍ରୁତି ନିଶ୍ଚିତ ଦେବେ। ଆନୁଷ୍ଠାନିକ କ୍ଷେତ୍ରରେ, ସଭା ସମିତିରେ, କଚେରି ମାମଲାରେ ସଫଳତା ହାସଲ କରିବେ। କେତେକ କ୍ଷେତ୍ରରେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୋଇପାରନ୍ତି।

**ବିଛା** ଅର୍ଥର ସଦ୍‌ବିନିଯୋଗ କରି କର୍ମାରମ୍ଭ ପାଇଁ ଯୋଜନା କରିପାରନ୍ତି। ଅନୁକୂଳଗ୍ରହ ସ୍ଥିତିରୁ ପାରିବାରିକ ସ୍ଥିତିରେ ଉନ୍ନତି ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗିରହିବା ଯୋଗୁ ବ୍ୟସ୍ତ ହେବେ। ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ, ଆର୍ଥିକ ଉନ୍ନତି, ଆଧ୍ୟାତ୍ମିକତା, ତୀର୍ଥାଟନର ସୁଯୋଗ ପାଇପାରନ୍ତି।

**ଧନୁ** ଟିକିଏ ଟିକିଏ କଥାରେ ରାଗିଯିବାର ବିଲକ୍ଷଣ ମାନସିକ ଅଶାନ୍ତିର କାରଣ ସାଜିପାରେ। ଯେତିକି ପାଉଛନ୍ତି, ସେତିକିରେ ସନ୍ତୁଷ୍ଟ ରହିବା ଭଲ। ସଭାସମିତିରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଲେ ସଫଳତା ପାଇବେ। ସଂଗଠନ, ରାଜନୀତି ଓ ଆଲୋଚନା ପରିସରରରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ।

**ମକର** ଅତୀତର କୌଣସି ଘଟଣାକୁ ନେଇ ଆନମନା ହେବାର ସୂଚନା ରହିଛି। ପଡ଼ୋଶୀ କିମ୍ବା ସହକର୍ମୀ ଫାଇଦା ହାସଲ ସକଶେ ନିଜର ଭଳି ବ୍ୟବହାର କରିପାରନ୍ତି। ଯେତେ ପ୍ରକାରର କାମ କଲେ ମଧ୍ୟ ପ୍ରତିବନ୍ଧକ ଯୋଗୁ ପ୍ରଗତିରେ ଅଗ୍ରଗତି ହୋଇ ପାରିବ ନାହିଁ। ପ୍ରତ୍ୟେକ ସମସ୍ୟା ସମାଧାନର ରାସ୍ତା ଖୋଜିବାରେ ସମର୍ଥ ହେବେ।

**କୁମ୍ଭ** ଅପ୍ରିୟସତ୍ୟ କଥା କହି କେତେକ କ୍ଷେତ୍ରରେ ପ୍ରବଳ ବିରୋଧର ସମ୍ମୁଖୀନ ହେବାକୁ ପଡିପାରେ। ପିଲାମାନଙ୍କ ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିବ। ପାରିବାରିକ କ୍ଷେତ୍ର ବୁଝାମଣାରେ ଶୃଙ୍ଖଳିତ ହେବାର ସମ୍ଭାବନା ରହିଛି। ଯାତ୍ରାରେ ସାମାନ୍ୟ ବିଘ୍ନ ଆସିଲେ ମଧ୍ୟ କିଛି ଅସୁବିଧା ହେବ ନାହିଁ।

**ମୀନ** ଦୈହିକ ଅସୁସ୍ଥତା ସାଙ୍ଗକୁ ବାରମ୍ବାର ବିଫଳତାରୁ ମନରେ କ୍ଷୋଭ ଉପୁଜି ହୋଇପାରେ। ଶିଳ୍ପ, ବାଣିଜ୍ୟ, ପରିବହନ, ଆନୁଷ୍ଠାନିକ କାମ ଓ ସଭା ସମିତି ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇପାରିବେ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ସାହିତ୍ୟ, କ୍ରୀଡ଼ା ଓ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ଅର୍ଜନ କରିବେ।

ଆଜି ଏପ୍ରିଲ ୩ ତାରିଖ, ଚୈତ୍ର ଶୁକ୍ଳ ଷଷ୍ଠୀ ଗୁରୁବାର। ଶ୍ରୀମନ୍ଦିର ବେଢ଼ା ସ୍ଥିତ ଶ୍ରୀସୂର୍ଯ୍ୟଦେବଙ୍କ ଚୈତ୍ର ଗୁଣ୍ଡିଚା ଯାତ୍ରା, ରାଶିନକ୍ଷତ୍ର-ସକାଳ ଘ.୦୭.୦୨ ମି. ଗତେ ମୃଗଶିରା/ବୃଷ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୪୨ ଗତେ ଘ.୦୭.୨୦ମଧ୍ୟେ, ଘ.୧୦.୩୬ ଗତେ ଘ.୦୧.୦୩ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧.୨୨ ଗତେ ଘ.୦୨.୫୩ ମଧ୍ୟେ ରାହୁକାଳ ।

ପ୍ରଥମ ପୃଷ୍ଠାରୁ...

## ଓ୍ୱାକ୍‌ଫ ବିତର୍କ ...

ଏହାକୁ ନେଇ ବିତର୍କ ଆରମ୍ଭ ହୋଇଯାଇଥିଲା। ରିଜିଜୁ ନିଜ ଯୁକ୍ତିରେ ଦର୍ଶାଇଥିଲେ, ଓ୍ୱାକ୍‌ଫ ବିଲ୍‌କୁ ୟୁନିଫାଏଡ୍ ଓ୍ୱାକ୍‌ଫ ମ୍ୟାନେଜ୍‌ମେଣ୍ଟ, ଏମ୍ପାଓ୍ୱାରମେଣ୍ଟ, ଏଫିସିଏନ୍ସି ଆଣ୍ଡ ଡେଭେଲପ୍‌ମେଣ୍ଟ (ୟୁଏମ୍‌ଇଇଡି) ବିଲ୍ ରୂପେ ନାମକରଣ କରାଯାଇଛି। ଗତବର୍ଷ ଆଗତ କରାଯାଇଥିବା ମୂଳ ବିଲ୍‌ରେ ଜେପିସିର ସମୀକ୍ଷା ତଥା ଯାଞ୍ଚ ପରେ ପୁନଃ ପ୍ରସ୍ତୁତ କରାଯାଇ ଉପସ୍ଥାପନ କରାଯାଇଛି। ଏହି ବିଲ୍‌ରେ ଧର୍ମର କୌଣସି ସମ୍ପର୍କ ନାହିଁ।ବିଧେୟକ କେବଳ ସମ୍ପତ୍ତିର ପରିଚାଳନା ସମ୍ପର୍କିତ। ରିଜିଜୁ ଆହୁରି କହିଥିଲେ, ସରକାର କୌଣସି ଧର୍ମୀୟ ଅନୁଷ୍ଠାନରେ ହସ୍ତକ୍ଷେପ କରିବାକୁ ଯାଉନାହାନ୍ତି। ଉପା ସରକାର ଓ୍ୱାକ୍‌ଫ ଆଇନରେ ଆଣିଥିବା ସଂଶୋଧନ ଏହାକୁ ଅନ୍ୟ ଆଇନଗୁଡ଼ିକ ଉପରେ ଆଧିପତ୍ୟ ବିସ୍ତାର ସକାଶେ ପ୍ରଭାବଶାଳୀ କରିଦେଇଥିଲା। ତେଣୁ ନୂଆ ସଂଶୋଧନର ଆବଶ୍ୟକତା ପଡ଼ିଥିବା ସେ କହିଥିଲେ। ବିରୋଧୀ ସଦସ୍ୟମାନେ ହୋହଲ୍ଲା କରୁଥିବାବେଳେ ରିଜିଜୁ କହିଥିଲେ, ଆପଣମାନେ ଏହି ପ୍ରସଙ୍ଗରେ ଲୋକଙ୍କୁ ବିଲ୍‌ରେ ଯେଉଁ ବିଷୟଗୁଡ଼ିକ ନାହିଁ, ସେକଥା କହି ବିଭ୍ରାନ୍ତ କରିବାକୁ ଉଦ୍ୟମ କରିଛନ୍ତି। ଜେପିସିର ବିଚାରବିମର୍ଶ ଭାରତୀୟ ଗଣତାନ୍ତ୍ରିକ ଇତିହାସରେ କୌଣସି ସଂସଦୀୟ ପ୍ୟାନେଲ ଦ୍ୱାରା କରାଯାଇଥିବା ସବୁଠୁ ବଡ଼ ପ୍ରକ୍ରିୟା। ୯୭.୨୭ ଲକ୍ଷ ପିଟିଶନ ଓ ସ୍ମାରକପତ୍ର ଜେପିସିର ହସ୍ତଗତ ହୋଇଥିଲା। ହାତକୁ ହାତ ଓ ଅନ୍‌ଲାଇନ୍ ମାଧ୍ୟମରେ ଗୃହୀତ ଏହି ଦସ୍ତାବିଜଗୁଡ଼ିକୁ ଗ୍ରହଣ କରିବା ପରେ ଜେପିସି ବୃତ୍ତାନ୍ତ ରିପୋର୍ଟ ପ୍ରସ୍ତୁତ କରିବା ପୂର୍ବରୁ ସେସବୁକୁ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିଥିଲା। ୨୮୪ ପ୍ରତିନିଧି ଦଳ ବିଲ୍ ଉପରେ ନିଜ ମତାମତ ଦାଖଲ କରିଥିଲେ। ଏତଦ୍‌ବ୍ୟତୀତ ୨୫ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଓ୍ୱାକ୍‌ଫ ବୋର୍ଡ ମଧ୍ୟ ଏହା ଉପରେ ମତ ରଖିଥିଲେ। ଆଇନଜ୍ଞ, ଦାତବ୍ୟ ସଂସ୍ଥା, ଶିକ୍ଷାବିତ୍ ଓ ଆଧ୍ୟାତ୍ମିକ ଗୁରୁଙ୍କ ମତାମତ ମଧ୍ୟ ବିଚାରକୁ ନିଆଯାଇଥିଲା।

ରେଳ ମନ୍ତ୍ରଣାଳୟ ଓ ପ୍ରତିରକ୍ଷା ମନ୍ତ୍ରଣାଳୟ ପରେ ଓ୍ୱାକ୍‌ଫ ହେଉଛି ଦେଶରେ ସର୍ବାଧିକ ସମ୍ପତ୍ତିର ନିୟନ୍ତ୍ରଣକାରୀ। ଏହି ୨ ମନ୍ତ୍ରଣାଳୟର ସମ୍ପତ୍ତି ରାଷ୍ଟ୍ରର । କିନ୍ତୁ ଓ୍ୱାକ୍‌ଫ ସମ୍ପତ୍ତି ଘରୋଇ। ଏହାକୁ ରେଲୱେ ଓ ସଶସ୍ତ୍ର ବଳର ଲ୍ୟାଣ୍ଡ ବ୍ୟାଙ୍କ ସହ ତୁଳନା କରିବା ଅନୁପଯୁକ୍ତ। ଦୀର୍ଘ ୭୦ ବର୍ଷ ଧରି ଭୋଟବ୍ୟାଙ୍କ ରାଜନୀତି ପାଇଁ ସାଧାରଣ ମୁସଲମାନମାନଙ୍କୁ ବିଭ୍ରାନ୍ତ କରାଯାଇଥିଲା। ଏଥିରୁ କୌଣସି ଗରିବ ଓ ବଞ୍ଚିତ ବର୍ଗର ମୁସଲମାନ ଲାଭବାନ୍ ହୋଇନାହାନ୍ତି। ଏହି ସମ୍ପତ୍ତିକୁ ସାଧାରଣ ମୁସଲମାନଙ୍କ କଲ୍ୟାଣ ପାଇଁ ବ୍ୟବହାର କରାଯିବ। ୨୦୦୪ରେ ଓ୍ୱାକ୍‌ଫର ୪.୯ ଲକ୍ଷ ସମ୍ପତ୍ତି ଥିବାବେଳେ ଆୟର ପରିମାଣ ୧୬୩ କୋଟି ଟଙ୍କା ରହିଥିଲା। ୨୦୧୩ରେ ଆୟ ମାତ୍ର ୩ କୋଟି ବଢ଼ି ୧୬୬ କୋଟି ଟଙ୍କାରେ ପହଞ୍ଚିଥିଲା। ବାସ୍ତବରେ ଏହି ଆୟ ଅନ୍ୟୂନ ୧୨,୦୦୦ କୋଟି ଟଙ୍କା ହେବା ଉଚିତ ବୋଲି ରିଜିଜୁ କହିଥିଲେ। ସେହିପରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଓ ଭାଜପାର ବରିଷ୍ଠ ସଦସ୍ୟ ରବିଶଙ୍କର ପ୍ରସାଦ ମଧ୍ୟ ବିଲ୍ ସପକ୍ଷରେ ଯୁକ୍ତି ବାଢ଼ି ବିରୋଧୀଙ୍କୁ ଟାର୍ଗେଟ କରିଥିଲେ।
ଲୋକ ସଭାରେ କଂଗ୍ରେସ ଉପନେତା ଗୌରବ ଗୋଗୋଇ କହିଥିଲେ, ଓ୍ୱାକ୍‌ଫ ବିଲ୍ ହେଉଛି ସମ୍ବିଧାନକୁ ଦୁର୍ବଳ କରିବା ପାଇଁ ଏକ ଉଦ୍ୟମ। ରିଜିଜୁ ନିଜ ଭାଷଣରେ ୨୦୧୩ ବେଳେ ଉପା ସରକାରଙ୍କ କାର୍ଯ୍ୟର ଅବତାରଣା କରିବା ସମୟରେ ଗୃହକୁ ବିଭ୍ରାନ୍ତ କରିଛନ୍ତି। ଅନ୍ୟପକ୍ଷେ ଭାଜପା ଏମ୍‌ପି ରବିଶଙ୍କର ପ୍ରସାଦ ଓ୍ୱାକ୍‌ଫକୁ ଏକ ବୈଧାନିକ ସଂସ୍ଥା ଭାବେ ଅଭିହିତ କରି ସାଧାରଣ ଲୋକଙ୍କ କଲ୍ୟାଣରେ ଏହାର ଅବଦାନ ଉପରେ ପ୍ରଶ୍ନ ଉଠାଇଥିଲେ। ଓ୍ୱାକ୍‌ଫ ସମ୍ପତ୍ତିରେ କେତୋଟି ସ୍କୁଲ ଓ ହସ୍ପିଟାଲ ନିର୍ମାଣ କରାଯାଇଛି? ମୁସଲମାନ ସମ୍ପ୍ରଦାୟର ସେବାରେ ଏହାର ଭୂମିକାକୁ ମଧ୍ୟ ସେ ଚ୍ୟାଲେଞ୍ଜ କରିଥିଲେ। ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବ ଏହାକୁ ମୁସଲମାନଙ୍କ ଅଧିକାର ଛଡ଼ାଇବା ପାଇଁ ଉଦ୍ଦିଷ୍ଟ ବିଧେୟକ ରୂପେ ଅଭିହିତ କରିଥିବାବେଳେ ଅନ୍ୟ ବିରୋଧୀ ଦଳଗୁଡ଼ିକ ମଧ୍ୟ ଏହାକୁ ବିରୋଧ କରିଥିଲେ। ଭାଜପାର ସହଯୋଗୀ ସଂଯୁକ୍ତ ଜନତା ଦଳ ଏହାକୁ ମୁସଲମାନମାନଙ୍କ ହିତରେ ଅଣାଯାଇଥିବା ଦର୍ଶାଇ ସମର୍ଥନ ଘୋଷଣା କରିଛି। ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ଦଳ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ରାଜ୍ୟଗୁଡ଼ିକୁ ଓ୍ୱାକ୍‌ଫ ବୋର୍ଡ ଗଠନ ଅଧିକାର ପ୍ରଦାନ କରାଯାଉ ବୋଲି ଦାବି କରିଛି। ବିଜୁ ଜନତା ଦଳ (ବିଜେଡି)ର ଲୋକ ସଭାରେ କେହି ସଦସ୍ୟ ନ ଥିବାବେଳେ ରାଜ୍ୟ ସଭାକୁ ବିଲ୍ ଗଲେ ଏହାକୁ ବିରୋଧ କରିବ ବୋଲି ଦଳ କହିଛି।

## ୮୬୪.୪୫ କୋଟିର ....

ଖଣିଜ ପଦାର୍ଥ। ଖଣିଗୁଡ଼ିକର ନିୟମାବଳୀ ଏବଂ ଲଘୁ ଖଣିଜ ପଦାର୍ଥର ରାଜସ୍ୱ ମୂଲ୍ୟାଙ୍କନ ଏବଂ ସଂଗ୍ରହ ନିୟମ-୨୦୧୬ ଅନୁଯାୟୀ ପରିଚାଳିତ। ୩୧ ମାର୍ଚ୍ଚ ୨୦୨୨ ସୁଦ୍ଧା ଯାଞ୍ଚ ହୋଇଥିବା ୨୨ଟି ତହସିଲରେ ୫୨୦ ଖଣିଜ ପଦାର୍ଥ ଉତ୍ସ ମଧ୍ୟରୁ ୧୪୭ ଉତ୍ସ କାର୍ଯ୍ୟକ୍ଷମ ଥିବାବେଳେ ୩୭୩ ଉତ୍ସ କାର୍ଯ୍ୟକ୍ଷମ ହୋଇ ନ ଥିଲା। ନିଲାମଧାରୀ ଚୂଡ଼ାନ୍ତକରଣରେ ଅନିୟମିତତା ଯୋଗୁ ୬ କୋଟି ୨୧ ଲକ୍ଷ ଟଙ୍କା କ୍ଷତି ହୋଇଛି ବୋଲି ସେ କହିଛନ୍ତି। ଖଣି ଯୋଜନା ଅନୁମୋଦନ ହେବା ପରେ ଏବଂ ନିଲାମ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଜଳେଶ୍ୱର, ଗୁରୁଣ୍ଡିଆ ଓ ଜଗତ୍‌ସିଂହପୁର ତହସିଲଦାରମାନେ ପରିବେଶ ମଞ୍ଜୁରୀ ପାଇଁ ଆବେଦନ କରି ନ ଥିଲେ। ଫଳରେ ଚାଲୁ ରହିଥିବା ଲିଜ୍ ଅବଧିର ପରିସମାପ୍ତି ପୂର୍ବରୁ ନିଲାମ ପ୍ରକ୍ରିୟା ସମାପ୍ତ ହୋଇପାରି ନ ଥିଲା। ଏଥିଯୋଗୁ ରାଜ୍ୟ ସରକାରଙ୍କୁ ୨୦.୧୦ କୋଟି ଟଙ୍କାର ରାଜସ୍ୱ ହାନି ପହଞ୍ଚିଥିଲା। ସେହିପରି ଲିଜ୍‌ଧାରୀମାନଙ୍କଠାରୁ ବକେୟା ଖଣିଜ ଦେୟ ସୁଧ ସହ ୯୨.୨୮ ଲକ୍ଷ ଟଙ୍କା ଆଦାୟ ହୋଇ ନ ଥିବାବେଳେ ଲିଜ୍‌ଧାରୀମାନଙ୍କ ଲିଜ୍ ଡିଡ୍ କାର୍ଯ୍ୟକାରୀ ନ ଥିବା ପରିଲକ୍ଷିତ ହୋଇଛି, ଯେଉଁଥିପାଇଁ ଲିଜ୍‌ଧାରୀମାନଙ୍କୁ ବେଆଇନ ଖଣି ଉତ୍ତୋଳନ ପାଇଁ ୪.୩୮ କୋଟି ଟଙ୍କା ମୂଲ୍ୟ ଦେବାକୁ ପଡ଼ିବ। ଏହାବ୍ୟତୀତ ଅନୁମୋଦିତ ଖଣି ଯୋଜନାଠାରୁ ଅଧିକ ଖଣିଜ ପଦାର୍ଥ ଖନନ ଏବଂ ତହସିଲଦାରଙ୍କ ଦ୍ୱାରା 'ଓ୍ୱାଇ' ଫର୍ମର ଯାଞ୍ଚ ନ ହେବା ଯୋଗୁ ୮୦,୭୨୧.୪୦ ଘ.ମି. ପଥରର ବେଆଇନ ଉତ୍ତୋଳନ ହୋଇଛି, ଯାହାପାଇଁ ଲିଜ୍‌ଧାରୀମାନଙ୍କୁ ୩୩.୫୦ କୋଟି ଟଙ୍କା ଦେବାକୁ ପଡ଼ିବ। ରାଜସ୍ୱ ବିଭାଗର ଉଦାସୀନତା ପାଇଁ ଯାଜପୁର ଜିଲା ଡଙ୍କାରୀ କଳାପଥର ପାହାଡ଼ରୁ ଅଧିକ ଖଣିଜ ପଦାର୍ଥ ଉତ୍ତୋଳନ ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ମଧ୍ୟ ବିଭାଗରେ ଠିକଣା ଭାବେ ଅନୁପାଳନ ହୋଇନାହିଁ। ଫଳସ୍ୱରୂପ ୫୮.୬୩ କୋଟି ଟଙ୍କାର ଖଣିଜ ରାଜସ୍ୱ ଆଦାୟ ହୋଇପାରିନାହିଁ।

ଏଜି ଅତୁଲ କହିଛନ୍ତି, ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଜଙ୍ଗଲ ଜମିର ଅଣଜଙ୍ଗଲ ଉପଯୋଗ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଖଣି ଲିଜ୍‌ଧାରୀଙ୍କଠାରୁ ଅସୁଲ କରାଯାଇଥିବା ଅତିରିକ୍ତ ନେଟ୍ ପ୍ରୋଜେକ୍ଟ ମୂଲ୍ୟର ୫୦%ରେ ନିର୍ଦ୍ଦିଷ୍ଟ ଆଦିବାସୀ କଲ୍ୟାଣ ଏବଂ କ୍ଷେତ୍ର ବିକାଶ କାର୍ଯ୍ୟ କରାଯିବ। ଏହାକୁ ନେଇ ନିର୍ଦ୍ଦିଷ୍ଟ ଆଦିବାସୀ କଲ୍ୟାଣ ଏବଂ ଖଣିଜ ଧାରକ କ୍ଷେତ୍ର ବିକାଶ କାର୍ଯ୍ୟ ପାଇଁ ୨୦୧୪ ଡିସେମ୍ବର ୨ରେ ଓଡ଼ିଶା ଖଣିଜ ଧାରକ ଅଞ୍ଚଳ ଉନ୍ନୟନ ନିଗମ(ଓଏମ୍‌ବିଏଡିସି) ପ୍ରତିଷ୍ଠା କରାଯାଇଥିଲା। ମାତ୍ର ଉପରୋକ୍ତ କାର୍ଯ୍ୟ ପାଇଁ ଓଏମ୍‌ବିଏଡିସି ସିଇଓ ପ୍ରଥମ ପର୍ଯ୍ୟାୟରେ ୮୬୯.୪୨କୋଟି ଟଙ୍କା ଦେଇଥିଲେ।

ସୁପ୍ରିମ୍‌କୋର୍ଟଙ୍କ ଆଦେଶ ଅନୁସାରେ, ଯେକୌଣସି ଲୌହ ବା ମାଙ୍ଗାନିଜ୍ ଧାତୁ ପରିବେଶ ପ୍ରଭାବ ଆକଳନ ବିଜ୍ଞପ୍ତି ୧୯୯୪ କିମ୍ବା ୨୦୦୬ ଅନୁପାଳନ ନ କରି ଉତ୍ତୋଳନ ହୋଇଥିଲେ ତାହା ବେଆଇନ ଖନନ ଭାବେ ଧରାଯିବ। ଏହି କ୍ରମରେ ୨୦୦୦-୦୧ରୁ ୨୦୨୨ ମାର୍ଚ୍ଚ ସୁଦ୍ଧା ଖଣିଜ ମୂଲ୍ୟର ଶତପ୍ରତିଶତ ଆଦାୟ କରାଯିବାକୁ ନିର୍ଦ୍ଦେଶ ରହିଛି। ଏହାକୁ ଦୃଷ୍ଟିରେ ରଖି ଖଣି ଲିଜ୍‌ଧାରୀମାନଙ୍କଠାରୁ କ୍ଷତିପୂରଣ ବାବଦରେ ଦ୍ୱିତୀୟ ପର୍ଯ୍ୟାୟରେ ୧୬ ହଜାର ୮୩୩.୫୪ କୋଟି ଟଙ୍କା ଆଦାୟ କରାଯାଇ ଓଏମ୍‌ବିଏଡିସି ପାଣ୍ଠିରେ ଜମା କରାଯାଇଥିଲା ବୋଲି ଅତୁଲ୍ୟ କହିଛନ୍ତି। ଖବରଦାତା ସମ୍ମିଳନୀରେ ଉପମହାଲେଖାକାର ଏସ୍. ଶୁଭମ ବୈଜନାଥ ଏବଂ ଏନ୍. ବାଲକ୍ରିଷ୍ଣ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ଆଧାର...

ଦୃଷ୍ଟିକୁ ଆସିଥିବା କହିଛନ୍ତି। ଏନେଇ ସେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଆଧାର କାର୍ଡରେ ଥିବା ତ୍ରୁଟିକୁ ସ୍ୱତନ୍ତ୍ର ଭାବେ କେନ୍ଦ୍ର ସରକାରଙ୍କ ଦୃଷ୍ଟିକୁ ନେଇ ସମାଧାନ କରିବାକୁ ଆଲୋଚନା ହୋଇଥିବା ସେ କହିଛନ୍ତି।

## ଯୁଦ୍ଧବିରତି ପାଇଁ ....

ଓ ସାଧାରଣ ଜନତାଙ୍କର ମଧ୍ୟ ମୃତ୍ୟୁ ଘଟୁଛି। ଗତ ୪ ମାସ ମଧ୍ୟରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ସଙ୍ଗଠନର ବଡ ବଡ କ୍ୟାଡର ମାଓବାଦୀଙ୍କର ମୃତ୍ୟୁ ହୋଇଛି। ଗତ ୫ ଦିନ ତଳେ ମାଓବାଦୀ ନେତ୍ରୀ ତଥା ସମ୍ପାଦିକା ରେଣୁକା, ନେତା ବେଣୁ, ସୁଧାକର ଓ ଜଗଦୀଶ ଓରଫ ବୁଦ୍ଧୁରାଙ୍କ ଭଳି ସଙ୍ଗଠନର ଟପ୍ କ୍ୟାଡର ମାଓବାଦୀମାନେ ପୋଲିସ ଗୁଳିରେ ଟଳି ପଡ଼ିଥିଲେ। ସେହିପରି ଆନ୍ଧ୍ର-ଓଡ଼ିଶା ସୀମାନ୍ତ ସଙ୍ଗଠନର ଟପ୍ କ୍ୟାଡର ନେତା ଚଲପତି ମଧ୍ୟ ପୋଲିସ ଗୁଳିରେ ଟଳି ପଡ଼ିଛନ୍ତି। ଫଳରେ ସଙ୍ଗଠନ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି। ଗତ ୩ ମାସ ମଧ୍ୟରେ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ମାଓବାଦୀ ପୋଲିସ ଗୁଳିରେ ନିହତ ହୋଇଥିବା ବେଳେ ଏହି ସମୟସୀମା ମଧ୍ୟରେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଗିରଫ ହୋଇଛନ୍ତି। ସେହିପରି ୪୦୦ରୁ ଉର୍ଦ୍ଧ୍ୱ ଆତ୍ମସମର୍ପଣ କରିଛନ୍ତି। ଫଳରେ ଦିନକୁ ଦିନ ସଙ୍ଗଠନ ଦୁର୍ବଳ ହେବାରେ ଲାଗିଛି। ତେବେ ଏହି ସମସ୍ତ ଘଟଣାକୁ ଦୃଷ୍ଟିରେ ରଖି ସଙ୍ଗଠନ ସରକାରଙ୍କ ସହ ଶାନ୍ତିବାର୍ତ୍ତା ନିମନ୍ତେ ଆହ୍ୱାନ ଦେଇଥିବା ବେଳେ ଯୁଦ୍ଧ ବିରତି ପାଇଁ ପ୍ରସ୍ତୁତ ଅଛି। ବିଶେଷ ସୂତ୍ରରୁ ଜଣାପଡିଛି, ସଙ୍ଗଠନ ତରଫରୁ କେତେକ ସର୍ତ୍ତ ରଖାଯାଇଛି। ଏଥିରେ ଅଧିକ ପୋଲିସ ମୁତୟନକୁ ହଟାଇବା, ବିଭିନ୍ନ ସ୍ଥାନରେ କ୍ୟାମ୍ପ ପ୍ରତିଷ୍ଠା ହୋଇଥିବା ବେଳେ ଏହି କ୍ୟାମ୍ପଗୁଡ଼ିକୁ ଉଚ୍ଛେଦ କରିବା ଆଦି ସର୍ତ୍ତ ରଖାଯାଇଥିବା ଜଣାପଡ଼ିଛି। ତେବେ ମାଓବାଦୀଙ୍କ ପ୍ରସ୍ତାବରେ ସରକାର ରାଜି ଅଛନ୍ତି କି ନାହାନ୍ତି ସେ ସମ୍ପର୍କରେ ପ୍ରେସ୍ ବିଜ୍ଞପ୍ତି ବ୍ୟତୀତ ଅନ୍ୟ କୌଣସି ଅଡିଓ କିମ୍ବା ଗଣମାଧ୍ୟମକୁ ସୂଚନା ଦିଆଯାଇନାହିଁ।

## ଆରମ୍ଭ ହେଲା ପ୍ରାକ୍ ପ୍ରାଥମିକ ...

ପାଖରେ ପହଞ୍ଚିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପିଲାମାନଙ୍କୁ ଦେଖି ତାଙ୍କ ଭିତରେ ଛପି ରହିଥିବା ଶିକ୍ଷକ ସ୍ୱରୂପ ପୁଣି ଥରେ ଫୁଟିଉଠିଥିଲା। ସେ ପିଲାମାନଙ୍କ ହାତ ଧରି ଚକ୍ ଖଡ଼ିରେ ବୃତ୍ତ କାଟି ଖଡ଼ିଛୁଆଁ କରାଇଛନ୍ତି। ତା'ପରେ ପ୍ରଥମ ଅକ୍ଷର ଭାବେ 'ମା' ଲେଖାଇ ଅକ୍ଷର ଶିକ୍ଷା ଆରମ୍ଭ କରାଇଛନ୍ତି। ଶିକ୍ଷକତାରୁ ବୃତ୍ତିଗତ ଜୀବନ ଆରମ୍ଭ କରିଥିବା ମୁଖ୍ୟମନ୍ତ୍ରୀ ମାଝୀ ତାଙ୍କ ଶିକ୍ଷକତାର ଅଭିଜ୍ଞତାରୁ ପିଲାଙ୍କ ସହିତ ବାର୍ତ୍ତାଳାପ କରିଥିଲେ। ଖୁବ୍ ସହଜ ଭାବରେ ପିଲାଙ୍କ ମା'ଙ୍କ ନାଁ, ବାପାଙ୍କ ନାଁ, କ'ଣ ଖାଇଛ ଏମିତି କିଛି ପ୍ରଶ୍ନ ପଚାରି ସେମାନଙ୍କ ସହିତ ଭାବଗତ ସମ୍ପର୍କ ଯୋଡ଼ିଥିଲେ। ପିଲାମାନେ ମଧ୍ୟ ଖୁବ୍ ଉତ୍ସାହର ସହିତ ମୁଖ୍ୟମନ୍ତ୍ରୀଙ୍କ ସହିତ କଥା ହୋଇଥିଲେ। ଏହା ପରେ ମୁଖ୍ୟମନ୍ତ୍ରୀ ନବମ ଓ ଦଶମ ଶ୍ରେଣୀ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରିଥିଲେ ଏବଂ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ-୨୦୨୫ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ଶିକ୍ଷଣ ସାମଗ୍ରୀ କିଟ୍ ପ୍ରଦାନ କରିଛନ୍ତି। ସେହିପରି ସ୍କୁଲ ପରିସରରେ ଆୟୋଜିତ ସାକ୍ଷରତା ଶିକ୍ଷଣ ସାମଗ୍ରୀ ଷ୍ଟଲ୍, ସଂଖ୍ୟାଜ୍ଞାନ ଶିକ୍ଷଣ ସାମଗ୍ରୀ ଷ୍ଟଲ୍, ସୃଜନାତ୍ମକ ଶିକ୍ଷଣ ସାମଗ୍ରୀ ଷ୍ଟଲ ବୁଲି ଦେଖିବା ସହିତ ଶିଶୁ ବାଟିକା ପିଲାଙ୍କ ପଠନ ପ୍ରଣାଳୀ ଅନୁଧ୍ୟାନ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଛୋଟ ପିଲାଙ୍କ ମାନସିକତାକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମ କରାଯାଇଛି। ଆଜି ପାଠପଢ଼ା ଆରମ୍ଭ ଦିନରେ ପିଲାମାନେ ବହୁତ ଖୁସି ଅଛନ୍ତି। ଏହି ଶିଶୁ ବାଟିକା ରାଜ୍ୟରେ ପ୍ରାଥମିକ ଶିକ୍ଷା କ୍ଷେତ୍ରକୁ ସୁଦୃଢ଼ କରିବ। ଆଗାମୀ ଦିନରେ ପିଲାମାନେ ଏକ ସୁନ୍ଦର ଓ ମନୋଜ୍ଞ ପରିବେଶରେ ପାଠ ପଢ଼ିବେ। ସୂଚନାଯୋଗ୍ୟ, ଜାତୀୟ ଶିକ୍ଷାନୀତି-୨୦୨୦ ଅଧୀନରେ ବୁଧବାରଠାରୁ ଶିଶୁ ବାଟିକା ବା ପ୍ରାକ୍ ପ୍ରାଥମିକ ଶ୍ରେଣୀ ଶିକ୍ଷା ଆରମ୍ଭ କରାଯାଇଛି। ୨୦୨୫-୨୬ ଶିକ୍ଷା ବର୍ଷରୁ ସବୁ ପ୍ରାଥମିକ ବିଦ୍ୟାଳୟରେ ଗୋଟିଏ ଲେଖାଏ ଶିଶୁବାଟିକା ଖୋଲାଯିବ। ଏହିସବୁ ଶିଶୁବାଟିକାରେ ୫ରୁ ୬ ବର୍ଷ ବୟସର ପିଲାମାନେ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଗ୍ରହଣ କରିବେ। ଶିଶୁବାଟିକାର ପିଲାମାନଙ୍କୁ ଶିକ୍ଷଣୀୟ ସାମଗ୍ରୀ କିଟ୍ ଯୋଗାଇ ଦିଆଯାଇ ମନୋରଞ୍ଜନଧର୍ମୀ ଶିକ୍ଷା ପ୍ରଦାନ କାର୍ଯ୍ୟକ୍ରମ ଜରିଆରେ ଶିକ୍ଷା ପ୍ରତି ଆକୃଷ୍ଟ କରାଯିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ଏବଂ ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ, ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଓ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଅନାସ୍ଥା ସପକ୍ଷରେ ...

ମଣୀନ୍ଦ୍ର କୁମାର ସାହୁ, ରଶ୍ମିତା ରାଉତ, ଭରତ ଓଝା, ସରୋଜିନୀ ସେଠୀ ଓ ଅଶୋକ କୁମାର ରାଉତ ଅନୁପସ୍ଥିତ ଥିଲେ। ଅନ୍ୟପକ୍ଷେ ବିଜୟ କୁମାର ଜେନା, କୁମାରୀ କୁନି ହାଁସଦା, ସରୋଜିନୀ ନାୟକ, ରଶ୍ମିତା ଖୁଣ୍ଟିଆ, ମୋନାଲିସା ସାହୁ, ସୁଜାତା ପ୍ରିୟଦର୍ଶିନୀ ପରିଡା, ଅଶୋକ କୁମାର ଦାସ, ସରିତା ଜେନା, ସନ୍ତୋଷ କୁମାର ବରାଳ, ବୁଦ୍ଧୁନି ଦରାଇ, ସିଦ୍ଧାର୍ଥ ଶଙ୍କର ସାମଲ, ସୁବାସ ଚନ୍ଦ୍ର ବଳ, ଶିବାନନ୍ଦ ନାୟକ, ଅନ୍ନପୂର୍ଣ୍ଣା ତରାଇ, ଅରୁନ୍ଧତୀ ପରିଡା, ଉର୍ମିଳା ପରିଡା, କୁମୁଦିନୀ ରାଉତ, ପାର୍ଥସାରଥି ନାୟକ, ଦିଲ୍ଲୀପ ସେଠୀ ଓ ରବୀନ୍ଦ୍ର କୁମାର ରାଉତ ଅନାସ୍ଥା ସପକ୍ଷରେ ମତଦାନ କରିଥିଲେ।

ବ୍ୟାସନଗର ପୌର ପରିଷଦର ଅତୀତକୁ ଅବଲୋକନ କଲେ ୨୦୧୩ରୁ ଏହା ୪ର୍ଥ ଥର ଅନାସ୍ଥା ପ୍ରସ୍ତାବ ଆଗତ ହୋଇଛି। କୌଣସି ଅନାସ୍ଥା ପ୍ରସ୍ତାବରେ ପୌରାଧକ୍ଷାଙ୍କ ପଦବୀ ଯାଇ ନ ଥିବାବେଳେ ଏଥର ପଦବୀ ହରାଇବା ପ୍ରାୟ ସୁନିଶ୍ଚିତ ହୋଇଛି। ଏ ନେଇ ପୌରାଧକ୍ଷା ସଙ୍ଗୀତା କହିଛନ୍ତି, ସେ ଜଣେ ଆଦିବାସୀ ମହିଳା ହୋଇଥିବାରୁ ବ୍ୟାସନଗର ପୌର ପରିଷଦ ପରିଚାଳନା କରିବା କେତେଜଣ ନେତାଙ୍କୁ ହଜମ ହେଲାନି। ତାଙ୍କୁ ପଦବୀରୁ ହଟାଇବାକୁ ଷଡ଼ଯନ୍ତ୍ର କରାଯାଇଛି। ଆରମ୍ଭରୁ ରବର ଷ୍ଟାମ୍ପ ଭଳି ବ୍ୟବହାର କରିବାକୁ ଉଦ୍ୟମ କରାଗଲା ଏବଂ ସେ ସେଥିରେ ଅରାଜି ହେବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଲା। ଏହାବାଦ୍ କୋରେଇ ବିଜେଡିର ଏକାଧିକ ମୁରବି ଥିବାରୁ କେହି ନିଷ୍ପତ୍ତି ନେଇ ପାରି ନ ଥିଲେ। ଏଥିପାଇଁ କୋରେଇ ବିଜେଡିର କେତେଜଣ ନେତାଙ୍କୁ ସଙ୍ଗୀତା ଦାୟୀ କରିଛନ୍ତି।




# ସାର, କୀଟନାଶକ ପାଇଁ ବଢୁଛି କର୍କଟ

ଭୁବନେଶ୍ୱର,୨।୪
(ରବିନାରାୟଣ ଜେନା)

- ବଲାଙ୍ଗୀର ଓ ଅବିଭକ୍ତ ସମ୍ବଲପୁରରେ ରୋଗୀଙ୍କ ସଂଖ୍ୟା ବଢୁଛି : ଆଇନ ମନ୍ତ୍ରୀ
- ଜୈବିକ ଚାଷକ୍ଷେତ୍ର ବୃଦ୍ଧି ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ

ସମ୍ପ୍ରତି ଲୋକମାନେ ଅଧିକ ଫସଲ ଅମଳ ପାଇଁ ସାର ଓ କୀଟନାଶକ ବେଶିମାତ୍ରାରେ ବ୍ୟବହାର କରୁଛନ୍ତି। ଏହାଦ୍ୱାରା କର୍କଟ ରୋଗ ବ୍ୟାପୁଛି। ବଲାଙ୍ଗୀର ଓ ଅବିଭକ୍ତ ସମ୍ବଲପୁର ଜିଲାରେ ଏହା ଅଧିକ ପରିଲକ୍ଷିତ ହେଉଛି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୃହରେ କହିଛନ୍ତି।

ବୁଧବାର ପ୍ରଶ୍ନକାଳରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଅର୍ଗାନିକ୍ ବା ଜୈବିକଚାଷ ପାଇଁ ସରକାରଙ୍କ ପକ୍ଷରୁ କ'ଣ ବ୍ୟବସ୍ଥା କରାଯାଉଛି ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କେଭି ସିଂଦେଓଙ୍କ ପକ୍ଷରୁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ, ଚାଷୀ ଅଧିକ ପରିମାଣରେ କୀଟନାଶକ ଏବଂ ରାସାୟନିକ ସାର ଜମିରେ ବ୍ୟବହାର କରିବା ଯୋଗୁ ବଲାଙ୍ଗୀର ଏବଂ ଅବିଭକ୍ତ ସମ୍ବଲପୁରରେ କର୍କଟ ରୋଗୀଙ୍କ ସଂଖ୍ୟା ବଢୁଛି। ଆଉ ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବଳଭଦ୍ର ଜୈବିକ ମିଶନକୁ କାର୍ଯ୍ୟକାରୀ କରିବା ପାଇଁ ଗୁରୁତ୍ୱ ଦିଆଯାଉଛି। ଆଗାମୀ ଦିନରେ ଜୈବିକ ଚାଷକ୍ଷେତ୍ର କିଭଳି ବୃଦ୍ଧି ହୋଇପାରିବ ସେଦିଗରେ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ


ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କେଭି ସିଂଦେଓଙ୍କ ପକ୍ଷରୁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୃହରେ ଉତ୍ତର ରଖୁଛନ୍ତି।

ବୋଲି ଆଇନ ମନ୍ତ୍ରୀ କହିଥିଲେ।

ଅତିରିକ୍ତ ପ୍ରଶ୍ନ ପଚାରି ଆଚାର୍ଯ୍ୟ କହିଥିଲେ, ବିଶେଷକରି ଜଳସେଚିତ ଅଞ୍ଚଳର ଚାଷୀ ଅଧିକ ସାର ବ୍ୟବହାର କରୁଛନ୍ତି। ଘରୋଇ କମ୍ପାନୀଗୁଡ଼ିକ ସେମାନଙ୍କୁ ଏଥିଲାଗି ପ୍ରୋତ୍ସାହିତ କରୁଛନ୍ତି। ଅଧିକ ସାର ବ୍ୟବହାର ହୋଇ ଚାଷ ହୋଇଥିବା ଖାଦ୍ୟଶସ୍ୟ ଖାଇବା ଫଳରେ କ୍ୟାନ୍ସର ବ୍ୟାପୁଛି।

ମନ୍ତ୍ରୀ କହିଥିଲେ ଯେ, ଏହା ନିଶ୍ଚିତଭାବେ ଚିନ୍ତାର କାରଣ। ଅଧିକ ସାର ଓ କୀଟନାଶକ ବ୍ୟବହାର ଲାଗି କ୍ୟାନ୍ସର ଭଳି ରୋଗ ହେଉଛି। ଏଥିପାଇଁ ଚାଷୀଙ୍କୁ ସଚେତନ କରାଯାଉଛି। ଜୈବିକ କମ୍ପୋଷ୍ଟ ବ୍ୟବହାର ଦ୍ୱାରା ଚାଷୀଙ୍କର ଉତ୍ପାଦନ ପ୍ରଭାବିତ ହେବନାହିଁ ବୋଲି ସୁନିଶ୍ଚିତ କରାଯାଉଛି। ବଳଭଦ୍ର କୃଷି ମିଶନ ଜରିଆରେ ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ ଚାଷୀଙ୍କୁ ପ୍ରୋତ୍ସାହିତ କରାଯାଉଛି। ବାୟୋ କମ୍ପୋଷ୍ଟ ତିଆରି କରିବା ପାଇଁ ମଧ୍ୟ ପ୍ରଶିକ୍ଷଣ ଦିଆଯାଉଛି।

ଭାଜପା ସଦସ୍ୟ ସନାତନ ବିଜୁଳି ବୈଜ୍ଞାନିକ ପଦ୍ଧତିରେ ପନିପରିବା ଚାଷ ପାଇଁ ସରକାର କ'ଣ ଯୋଜନା କରିଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ, ଶୀତଳଭଣ୍ଡାର ଅଭାବରୁ ବହୁ ଅଞ୍ଚଳରେ ଖରିଫ ଫସଲ ପରେ ଜମି ପଡ଼ିଆ ପଡୁଥିଲା। ଏହାର ସମାଧାନ ପାଇଁ ସରକାର ନୂଆ ଶୀତଳଭଣ୍ଡାର ନୀତି ଆଣିଛନ୍ତି।

ଏହି ଅବସରରେ ସନାତନ ପ୍ରଶ୍ନ କରିଥିଲେ ଯେ, ପଞ୍ଜାବ, ହରିୟାଣାରେ ପାଞ୍ଚଏକର ଜମି ଥିବା ଚାଷୀ କୋଟିପତି ହେଉଛନ୍ତି। ଡାଲିଜାତୀୟ ଫସଲରେ କମ୍ ସାର ଏବଂ କୀଟନାଶକ ବ୍ୟବହାର କରି ଅଧିକ ଫସଲ ଅମଳ କରାଯାଇପାରିବ। ଏ ଦିଗରେ ସରକାର କ'ଣ ପଦକ୍ଷେପ ନେଉଛନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। ମନ୍ତ୍ରୀ କହିଥିଲେ, ପାଣିର ଅଭାବ ପାଇଁ ଖରିଫ ଫସଲ ପରେ ଚାଷଜମିଗୁଡ଼ିକ ପଡ଼ିଆ ରହୁଛି। ପାଣି ବ୍ୟବସ୍ଥା ଥିବା ଜମିଗୁଡ଼ିକରେ ଡାଲିଜାତୀୟ ଫସଲ କରାଯାଉଛି। ଜଳ ସମ୍ପଦ ବିଭାଗ ସହ ମିଶି ବିଭିନ୍ନ ପଦ୍ଧତିରେ ଜଳସେଚନ ପାଇଁ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ହରିୟାଣା ଏବଂ ପଞ୍ଜାବ ତୁଳନାରେ ଆମ ଜମି ଉର୍ବର ଥିବାରୁ ଭବିଷ୍ୟତରେ ପନିପରିବା ଏବଂ ଡାଲିଜାତୀୟ ଚାଷରେ ଓଡ଼ିଶା ବଳକା ରାଜ୍ୟ ହେବାକୁ ଯାଉଛି। ବିରୋଧୀ ଦଳ ଉପ ମୁଖ୍ୟ ସଚେତକ ପ୍ରତାପ ଦେବ କହିଥିଲେ, ଏହାଦ୍ୱାରା କେବଳ 'ସରକାର କା ମାଲ୍ ଦରିଆମେଁ ଡାଲ୍' ହେଉଛି। ପ୍ରତାପ ପୁଣି ପ୍ରଶ୍ନ କରିଥିଲେ ଯେ, ବାହାରୁ ଅଣାଯାଉଥିବା ମୁଗ ବିହନ ଗଛ ହେଉନାହିଁ। ସରକାର ଦେଇଥିବା ମୁଗ ବିହନକୁ ସେ ନିଜେ ଚାଷ କରିଥିଲେ। ଉକ୍ତ ବିହନ ଆମ ରାଜ୍ୟ ପାଣିପାଗ ସହ ଖାପ ଖୁଆଇବା ସମ୍ଭବ ହେଲାନାହିଁ। ସେଥିରେ ଏକାଧିକ ଜଳସେଚନର ଆବଶ୍ୟକତା ଅଛି। ଚାଷ ବିଫଳ ହେଲା। ସରକାରୀ ବିହନ କାମ କରୁନାହିଁ ବୋଲି ପ୍ରତାପ କହିଥିଲେ। ମନ୍ତ୍ରୀ କହିଥିଲେ ଯେ, ହାଇବ୍ରିଡ୍ ବିହନର ଅଧିକ ଯତ୍ନର ଆବଶ୍ୟକତା ରହିଛି।

# ବିଭିନ୍ନ ଜିଲାରେ କାଳବୈଶାଖୀ

ଭୁବନେଶ୍ୱର,୨।୪
(ଅନୁରାଧା ମହାରଣା)

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ କାଳବୈଶାଖୀ ପ୍ରଭାବ ମଧ୍ୟ ଦେଖିବାକୁ ମିଳୁଛି। ବିଜୁଳି, ଘଡ଼ଘଡ଼ି, ପବନ ସହ ହାଲୁକା ବର୍ଷା ଆରମ୍ଭ ହୋଇଛି। ବୁଧବାର ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, ମାଲକାନଗିରି, ରାୟଗଡ଼ା, କୋରାପୁଟ ଏବଂ କନ୍ଧମାଳ ଜିଲାର କିଛି ଅଞ୍ଚଳରେ କାଳବୈଶାଖୀଜନିତ ବର୍ଷା ରେକର୍ଡ କରାଯାଇଛି। ଗୁରୁବାର ମଧ୍ୟ ବିଭିନ୍ନ ଜିଲାରେ କାଳବୈଶାଖୀ ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହିସବୁ ଜିଲାଗୁଡ଼ିକ ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ବୌଦ୍ଧ, ସୋନପୁର, ବଲାଙ୍ଗୀର ଓ ନୂଆପଡ଼ା ଆଦି ଜିଲା ରହିଛି। ଘଣ୍ଟା ପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବା ସହ ବିଜୁଳି ଓ ଘଡ଼ଘଡ଼ିର ସମ୍ଭାବନା ରହିଛି। ୫ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିବ। ତେଣୁ ସମ୍ପୃକ୍ତ ଜିଲାଗୁଡ଼ିକୁ ସତର୍କ ରହିବାକୁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି।

## ୨ ମାଓବାଦୀ ଗିରଫ, ଅସ୍ତ୍ରଶସ୍ତ୍ର ଜବତ

ମାଲକାନଗିରି, ୨।୪
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ୨ ମାଓବାଦୀଙ୍କୁ ବୁଧବାର ଗିରଫ କରିଛି। ତାଙ୍କ ନିକଟରୁ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ଜଗରଗୁଣ୍ଡାରୁ ଜିଲା ପୋଲିସ ଓ ୧୬୫ ବାହିନୀ ସିଆରପିଏଫ୍ ମିଳିତ ଭାବେ ସର୍ଚ୍ଚ ଓ କୋମ୍ବିଂ ନିମନ୍ତେ ସିଙ୍ଗାବରମ୍ ଓ ଆଖପାଖ ଅଞ୍ଚଳକୁ ବାହାରିଥିଲେ। ଉକ୍ତ ଅଞ୍ଚଳରେ ସର୍ଚ୍ଚ ସମୟରେ ୨ଜଣ ସନ୍ଦିଗ୍ଧ ବ୍ୟକ୍ତି ପୋଡିୟମ ଲଖମା ଓ ତେଲାମ ହିଡାଙ୍କୁ ଗିରଫ କରିଥିଲେ। ଏମାନଙ୍କୁ ପଚରାଉଚୁରା କରିବାରୁ ଏମାନେ ପ୍ରତିବନ୍ଧିତ ମାଓବାଦୀ ସଙ୍ଗଠନରେ କାର୍ଯ୍ୟ କରିଆସୁଛନ୍ତି। ଜଗରଗୁଣ୍ଡା ଥାନା ଅଞ୍ଚଳରେ ବହୁ ଘଟଣାରେ ସାମିଲ ଥିବା ସ୍ୱୀକାର କରିଥିଲେ। ଏମାନେ ରଖିଥିବା ୩ ବିଜିଏଲ୍ ସେଲ୍ ଓ ଗୋଟିଏ ବନ୍ଧୁକ ଜବତ କରାଯାଇଛି।






# ଚିକିତ୍ସା ପରେ ସୁସ୍ଥ ହେଉଛି ଦନ୍ତା

ବନ୍ତଲା,୨।୪(ସୁଶିତ ସାହୁ)


ଚିକିତ୍ସାଧୀନ ଥିବା ଦନ୍ତା ହାତୀ।

ଅନୁଗୋଳ ଜିଲା ବନ୍ତଲା ବନାଞ୍ଚଳ ବଲଙ୍ଗ ଗାଁ ଉପରମୁଣ୍ଡ ନାଳ ପାଖରେ ୧୦ ଦିନ ଧରି ଅସୁସ୍ଥ ଅବସ୍ଥାରେ ଥିବା ଏକ ଦନ୍ତାହାତୀ ଚିକିତ୍ସା ପରେ ସୁସ୍ଥ ହେଉଛି। ଗତ ୨୩ ତାରିଖରେ ସାତକୋଶିଆ ଅଭୟାରଣ୍ୟରୁ ଉକ୍ତ ଦନ୍ତାହାତୀ ବନ୍ତଲା ବନାଞ୍ଚଳ ବଲଙ୍ଗକୁ ଚାଲି ଆସିଥିଲା। ହାତୀଟି ଅସୁସ୍ଥ ଅବସ୍ଥାରେ ଥିବାରୁ ଅତ୍ୟନ୍ତ ଦୁର୍ବଳ ହୋଇ ପଡ଼ିଥିଲା। ବନ ବିଭାଗ କର୍ମଚାରୀଙ୍କ ନଜରକୁ ଆସିବା ପରେ ୨୯ ତାରିଖରୁ ଚିକିତ୍ସା ପାଇଁ ଚେଷ୍ଟା କରାଯାଇଥିଲା। ପ୍ରାଣୀ ଚିକିତ୍ସକ ଡା. ପି.କେ. ସିଂଙ୍କ ତତ୍ତ୍ୱାବଧାନରେ ଢେଙ୍କାନାଳ, ଅନୁଗୋଳ ଓ କପିଳାସ ହାତୀ ଉଦ୍ଧାର କେନ୍ଦ୍ରର ଚିକିତ୍ସକ ଟିମ୍ ସାମିଲ ହୋଇ ଚିକିତ୍ସା କରିଥିଲେ। ଏ ସମ୍ପର୍କରେ ବନ୍ତଲା ବନାଞ୍ଚଳ ଅଧିକାରୀ ପ୍ରସନ୍ନ ସାହୁ କହିଛନ୍ତି, ହାତୀଟି ଧୀରେ ଧୀରେ ସୁସ୍ଥ ଅବସ୍ଥାକୁ ଫେରୁଛି। ପୂର୍ବରୁ ଖାଦ୍ୟ ଖାଉ ନ ଥିଲା ବେଳେ ଚିକିତ୍ସା ପରେ ବୁଧବାର ଦନ୍ତାହାତୀକୁ ଦିଆ ଯାଇଥିବା ତରଭୁଜ, କଦଳୀ, ସେଓ ଓ କଖାରୁ ଆଦି ଖାଇବା ଆରମ୍ଭ କରିଛି। ଖୁବ୍‌ଶୀଘ୍ର ହାତୀଟି ସୁସ୍ଥ ଅବସ୍ଥାକୁ ଫେରି ଆସିବ।

## ଗ୍ରାମ୍ୟ ନିର୍ମାଣ(ପିଏଚ୍) ଡିଭିଜନର ସହକାରୀ ଯନ୍ତ୍ରୀ ଗିରଫ

ଭୁବନେଶ୍ୱର,୨।୪
(ସୂର୍ଯ୍ୟକାନ୍ତ ବେହେରା)

ବିଲ୍ ପାଇଁ ଠିକାଦାରଙ୍କଠାରୁ ୧ଲକ୍ଷ ଲାଞ୍ଚ ବେଳେ ବୁଧବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି ଭୁବନେଶ୍ୱର ଗ୍ରାମ୍ୟ ନିର୍ମାଣ(ପିଏଚ୍) ଡିଭିଜନର ସହକାରୀ ଯନ୍ତ୍ରୀ ନରେଶ କୁମାର ଦାସ। ତାଙ୍କଠାରୁ ଲାଞ୍ଚ ଟଙ୍କା ସହ ମୋଟ ୨ ଲକ୍ଷ ୨୬ ହଜାର ଟଙ୍କା ଜବତ କରାଯାଇଛି। ପରେ ଭୁବନେଶ୍ୱରସ୍ଥିତ ତାଙ୍କ ସରକାରୀ କାର୍ଯ୍ୟାଳୟ, ଚନ୍ଦ୍ରଶେଖରପୁରସ୍ଥିତ ତାଙ୍କ ବାସଭବନ, ଅନୁଗୋଳ ତୁରାଙ୍ଗସ୍ଥିତ ଶୀତଳ ବିହାର ଓ ପାଲଲହଡାରେ ଥିବା ପୈତୃକ ଘର ଆଦି ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଚଢ଼ାଉ ଓ ପଚରାଉଚରା ଜାରି ରହିଥିବାବେଳେ ବିପୁଳ ସମ୍ପତ୍ତି ଠାବ କରିଥିବା ସୂଚନା ମିଳିଛି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ କେସ୍ ନମ୍ବର ୫/୨୦୨୫ ରୁଜୁ କରାଯାଇ ନରେଶଙ୍କୁ ଗିରଫ କରାଯାଇଛି। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାନୁସାରେ, ଏହି ଡିଭିଜନ ଅଧୀନରେ ଠିକାଦାର ଅଜୟ ଦାସ ୩ଟି କାମ କରିଥିଲେ। ହେଲେ କାମ ବାବଦକୁ ୭ ଲକ୍ଷ ଟଙ୍କାର ବିଲ୍ ବକେୟା ରହିଥିଲା। ଏହି ବିଲ୍ ପାଇଁ ସହକାରୀ ଯନ୍ତ୍ରୀ ନରେଶ ଲକ୍ଷେ ଟଙ୍କା ଦାବି କରିଥିଲେ। ଏନେଇ ଠିକାଦାର ଅଜୟ ସହକାରୀ ଯନ୍ତ୍ରୀଙ୍କ ବିରୋଧରେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଦାବି ମୁତାବକ ଲାଞ୍ଚ ଟଙ୍କା ନେଉଥିବାବେଳେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଟଙ୍କା ସହ ଧରିବାରେ ସଫଳ ହୋଇଥିଲା।

# ପୁଅର ମୃତ୍ୟୁ ଖବର ଶୁଣି ବାପାଙ୍କ ମୃତ୍ୟୁ

ଆସିକା,୨।୪
(ସୁରେନ୍ଦ୍ର ନାଥ ସାହୁ)


ଅଭିମନ୍ୟୁ ମୁନି


ପ୍ରଶାନ୍ତ ମୁନି

ଗଞ୍ଜାମ ଜିଲା ଆସିକା ବ୍ଲକ ଅନ୍ତର୍ଗତ ଗଙ୍ଗାପୁର ଶାସନ ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ପୁଅର ମୃତ୍ୟୁ ଖବର ଶୁଣି ଡାକ୍ତରଖାନାରେ ଚିକିତ୍ସାଧୀନ ବାପାଙ୍କ ମୃତ୍ୟୁ ହୋଇଛି। ଗ୍ରାମବାସୀଙ୍କ ସହଯୋଗରେ ବାପା ଅଭିମନ୍ୟୁ ମୁନି (୭୦)ଙ୍କ ଅନ୍ତିମ ସଂସ୍କାର ହୋଇଥିବା ବେଳେ ଟ୍ରେନ୍‌ରୁ ଖସି ପ୍ରାଣ ହରାଇଥିବା ପୁଅ ପ୍ରଶାନ୍ତ ମୁନିଙ୍କ ମୃତଦେହ ଆଣିବାକୁ ସମ୍ପର୍କୀୟମାନେ ଆନ୍ଧ୍ରପ୍ରଦେଶ ଯାଇଛନ୍ତି।

ଗଙ୍ଗାପୁର ଶାସନ ଗ୍ରାମର ଅଭିମନ୍ୟୁ କିଛିଦିନ ହେଲା ଝିଅ ବାହାଘର କରିଥିଲେ। ଏହାପରେ ପରିବାରର ଗୁଜୁରାଣ ମେଣ୍ଟାଇବା ପାଇଁ ତାଙ୍କର ଏକମାତ୍ର ପୁଅ ପ୍ରଶାନ୍ତ କାମ କରିବାକୁ ସୁରଟ ଯାଇଥିଲେ। ସ୍ତ୍ରୀଙ୍କ ସହ ଗାଁରେ ରହୁଥିବା ଅଭିମନ୍ୟୁ ଶାରିରୀକ ଅସୁସ୍ଥତା କାରଣରୁ କିଛିଦିନ ହେଲା ବ୍ରହ୍ମପୁର ବଡ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ପ୍ରଶାନ୍ତ ବାପାଙ୍କୁ ଦେଖିବାକୁ ସୁରଟରୁ ଟ୍ରେନ୍‌ରେ ବାହାରିଥିଲେ। ତେବେ ବିଧିର ବିଧାନ ଥିଲା ଅଲଗା। ବାପାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିବା ପୂର୍ବରୁ ଆନ୍ଧ୍ରପ୍ରଦେଶର କୌଣସି ଏକ ସ୍ଥାନରେ ସେ ଚଳନ୍ତା ଟ୍ରେନରୁ ଖସିପଡିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଖବର ଶୁଣିବା ପରେ ଡାକ୍ତରଖାନା ଶଯ୍ୟାରେ ଥିବା ଅଭିମନ୍ୟୁଙ୍କ ପ୍ରାଣ ବାୟୁ ଉଡ଼ିଯାଇଥିଲା। ଆର୍ଥିକ ଅନଟନରେ କାଳାତିପାତ କରୁଥିବା ଏହି ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ଲାଗି ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।





| ରୁଫ୍‌ଟପ୍ ସୋଲାର କ୍ଷମତା | କେନ୍ଦ୍ରୀୟ ସବସିଡି ସହାୟତା | ରାଜ୍ୟ ସବସିଡି ସହାୟତା (ଓଡ଼ିଶାର ବାସିନ୍ଦାଙ୍କ ପାଇଁ) | ସମୁଦାୟ ଆର୍ଥିକ ସହାୟତା |
|---|---|---|---|
| ୧ କିଲୋୱାଟ୍ | ₹୩୦,୦୦୦ | ₹୨୫,୦୦୦ | ₹୫୫,୦୦୦ |
| ୨ କିଲୋୱାଟ୍ | ₹୬୦,୦୦୦ | ₹୫୦,୦୦୦ | ₹୧,୧୦,୦୦୦ |
| ୩ କିଲୋୱାଟ୍ | ₹୭୮,୦୦୦ | ₹୬୦,୦୦୦ | ₹୧,୩୮,୦୦୦ |

ଶକ୍ତି ହୋଇଉଠେ ମହାନ୍ -ଯେତେବେଳେ ତାହା କ୍ରୋଧମୁକ୍ତ ହୋଇ ଉର୍ଦ୍ଧ୍ୱଗାମୀ ହୁଏ। କୌଣସି କିଛିର ଧ୍ୱଂସସାଧନ ମଧ୍ୟ ମହିମାମୟ ହୋଇପାରେ। କିନ୍ତୁ ତା'ର ଉତ୍ସ ବା କାରଣ ଯଦି ହୁଏ ପ୍ରତିହିଂସା, ତେବେ ତାହା କାଳିମାମୟ ହୋଇଉଠେ। -ଶ୍ରୀଅରବିନ୍ଦ

-ଶ୍ରୀମନ୍ଦିରରେ ଚୈତ୍ର ଗୁଣ୍ଡିଚା ଯାତ୍ରା, ବାସନ୍ତିକ ଶ୍ରୀଦୁର୍ଗାଦେବ୍ୟାଃ ବିଲ୍ୱବରଣ



# ସାତ ଶତାବ୍ଦୀର କଥା




ଦେବଦତ୍ତ ପଟ୍ଟନାୟକ

ଇସ୍‌ଲାମ ଧର୍ମ ସପ୍ତମ ଶତାବ୍ଦୀରେ ଆରବରେ ସୃଷ୍ଟି ହୋଇଥିଲା। ଏହା ପଶ୍ଚିମକୁ ଭୂମଧ୍ୟସାଗରୀୟ ଦେଶ ସମୂହ ଏବଂ ପୂର୍ବକୁ ପର୍ସିଆ ବା ପାରସ୍ୟ(ଏବକାର ଇରାନ୍)କୁ ବିସ୍ତାର ହୋଇଥିଲା। ଅଷ୍ଟମ ଶତାବ୍ଦୀ ସୁଦ୍ଧା ଏହା ପୁନର୍ବାର ବିସ୍ତାରିତ ହୋଇ ସ୍ପେନ୍‌ରୁ ଆରମ୍ଭ କରି ସିନ୍ଧ୍ ଅଞ୍ଚଳରେ ପହଞ୍ଚିଥିଲା। ଏହା କିଭଳି ଭାରତରେ ପହଞ୍ଚିଲା ? ରାଜନୈତିକ ବିଚାରରେ ଏହାର ଉତ୍ତର ହେଉଛି ହିଂସା ଓ ଲୁଣ୍ଠନ। କିନ୍ତୁ ବୁଦ୍ଧିଜୀବୀମାନେ ଉତ୍ତର ଦିଅନ୍ତି, ଏହା ଗୋଟିଏ ମାଧ୍ୟମରେ ଭାରତକୁ ଆସି ନ ଥିଲା, ବରଂ ସେତେବେଳର ବାଣିଜ୍ୟ, ଯୁଦ୍ଧ, ପ୍ରଚାର, କୃଷି ଓ ପ୍ରବାସନ ମାଧ୍ୟମରେ ଭାରତକୁ ପ୍ରବେଶ କରିଥିଲା।

ଚେରାମାନ ଜୁମା ସମ୍‌ଜିଦ (କେରଳ), ତାମିଲନାଡୁର ପାଲାୟା ଜୁମା ପାଲି, ଗୁଜରାଟର ଘୋଘା ସ୍ଥିତ ବରୱାଡ ମସ୍‌ଜିଦ ହେଉଛି ସପ୍ତମ ଶତାବ୍ଦୀର। ଆରବର ନାବିକ ଓ ବଣିକମାନେ ସ୍ଥାନୀୟ ହିନ୍ଦୁ ରାଜାଙ୍କ ସହାୟତାରେ ଏଗୁଡ଼ିକୁ ନିର୍ମାଣ କରିଥିଲେ। ବାସ୍ତବରେ ସେମାନେ ହେଉଛନ୍ତି ପ୍ରଥମ ଲୋକ ଯେଉଁମାନେ ଭାରତୀୟ ଉପକୂଳ ଅଞ୍ଚଳକୁ ଇସ୍‌ଲାମ ସଂସ୍କୃତିକୁ ଆଣିଥିଲେ। ସପ୍ତମ ଶତାବ୍ଦୀରେ ସିନ୍ଧ୍‌କୁ ଆରବୀୟ ଲୁଣ୍ଠନ କରିଥିବା କାହାଣୀ ତ୍ରୟୋଦଶ ଶତାବ୍ଦୀର ଏକ ପର୍ସିଆନ (ଇରାନୀୟ) ଗ୍ରନ୍ଥରେ ବର୍ଣ୍ଣନା କରାଯାଇଛି। ମୁମ୍ବାଇ ନିକଟସ୍ଥ ଠାଣେ ଅଞ୍ଚଳକୁ ଦଖଲକରିବା ପାଇଁ ସପ୍ତମ ଓ ଅଷ୍ଟମ ଶତାବ୍ଦୀରେ ଆରବୀୟମାନେ ସିନ୍ଧ୍ (ପାକିସ୍ତାନର ଦକ୍ଷିଣ ପୂର୍ବ ଭାଗ)କୁ ଆକ୍ରମଣ କରିଥିଲେ। ତେବେ ସେତେବେଳେ ସେଠାକାର ପ୍ରତିହାର ରାଜାମାନେ ସେମାନଙ୍କୁ ଘଉଡ଼ାଇଦେବାରେ ସଫଳ ହୋଇଥିଲେ। ଇସ୍‌ଲାମ ଧର୍ମ ବାଣିଜ୍ୟ ପଥ ଦେଇ ବିସ୍ତାର ଲାଭ କରିଥିବା ସ୍ପଷ୍ଟ ହେଉଥିଲେ ମଧ୍ୟ ସପ୍ତମ ଶତାବ୍ଦୀରେ ଉପମହାଦେଶରେ ସେନା ଅଭିଯାନ ମାଧ୍ୟମରେ ପହଞ୍ଚି ସିନ୍ଧ ଅଞ୍ଚଳରେ ପ୍ରବେଶ କରିଥିଲା। ଦଶମ ଶତାବ୍ଦୀ ପାଖାପାଖିରେ କେନ୍ଦ୍ର ଏସିଆରୁ ମହମ୍ମଦ ଗଜ୍‌ନୀଙ୍କ ଭଳି ଆକ୍ରମଣକାରୀମାନେ ହିନ୍ଦୁକୁଶ ପର୍ବତ ଅତିକ୍ରମ କରିଥିଲେ ଏବଂ ଧନ ପାଇଁ ସେମାନେ ଉତ୍ତର ଭାରତର ମନ୍ଦିରଗୁଡ଼ିକୁ ଲୁଣ୍ଠନ କରିଥିଲେ। ଦ୍ୱାଦଶ ଶତାବ୍ଦୀ ପରଠାରୁ ସେମାନେ ସେଠାରେ ରହିବା ଆରମ୍ଭ କରିଥିଲେ ଏବଂ ଭାରତର ବିଶାଳ କୃଷି ସମ୍ପଦକୁ ଦଖଲକୁ ନେଇ ଚାଷ ଆରମ୍ଭ କରିଦେଇଥିଲେ। ଏହି ଲୁଣ୍ଠନକାରୀମାନେ ଆରବର ନ ଥିଲେ, ସେମାନେ ଥିଲେ କେନ୍ଦ୍ର ଏସିଆର ତୁର୍କ (ତୁର୍କୀର ବାସିନ୍ଦା)। ପଞ୍ଚଦଶ ଶତାବ୍ଦୀରୁ ମୋଗଲଙ୍କ ଦ୍ୱାରା ତୁର୍କ ଓ ଆଫଗାନମାନଙ୍କ ପ୍ରଭାବ ଧୀରେ ଧୀରେ ହ୍ରାସ ପାଇଥିଲା।

ଏହି ସୁଲତାନମାନେ ଭାରତରେ ଏକ ନୂଆ ପର୍ସିଆନ ଦରବାର ସଂସ୍କୃତି ଆରମ୍ଭ କରିଥିଲେ ଏବଂ ପୁରୁଣା ସଂସ୍କୃତ ଭାଷା ତଥା ସଂସ୍କୃତି ପରମ୍ପରାକୁ ବଦଳାଇଦେଲେ।



ସେମାନଙ୍କ ସହ ଥିବା ଘୋଡ଼ାଗୁଡ଼ିକ ସେନାକୁ ଶକ୍ତିଶାଳୀ କରିଥିଲା। ସେଥିପାଇଁ ରାଜସ୍ଥାନରେ ବିଭିନ୍ନ ଅଞ୍ଚଳରେ ଘୋଡ଼ା ଉପରେ ବସିଥିବା ଦେବତା( ପୀର କିମ୍ବା ପୀର କୁହାଯାଏ)ଙ୍କୁ ଉଭୟ ହିନ୍ଦୁ ଓ ମୁସଲମାନ ପୂଜା କରିଥାନ୍ତି। ଦକ୍ଷିଣ ଭାରତର ମନ୍ଦିରଗୁଡ଼ିକରେ ଭାବର ଓ ରାଭୁଟାନ ଭଳି ମୁସଲମାନ ଅଶ୍ୱାରୋହୀ ଯୋଦ୍ଧାମାନେ ହିନ୍ଦୁ ଦେବଦେବୀଙ୍କୁ ଜଗିଥିବାର ଚିତ୍ର ଦେଖିବାକୁ ମିଳେ। ଏହା ବିଶେଷକରି ସମନ୍ୱୟ ବା ସଦ୍‌ଭାବନାକୁ ପ୍ରକାଶକରେ। ଶ୍ରୀରଙ୍ଗମ ଭଳି ଦକ୍ଷିଣ ଭାରତର ବିଷ୍ଣୁ ମନ୍ଦିର ସବୁ ମୁସଲମାନ ରାଜକୁମାରୀ ତଥା ଭକ୍ତର କାହାଣୀକୁ ସୂଚିତକରେ ଯିଏ କି ଦେବତାଙ୍କ ସ୍ତ୍ରୀ ହୋଇଥିଲେ। ଏହା ଉଭୟ ସଂସ୍କୃତିର ନିବିଡ଼ ସମ୍ପର୍କକୁ ସୂଚିତ କରୁଛି।

ଦ୍ୱାଦଶ ଶତାବ୍ଦୀ ପରଠାରୁ ସୁଫିମାନେ ଭାରତରେ ପ୍ରବେଶ କରିଥିଲେ। ସେମାନେ ଥିଲେ କେନ୍ଦ୍ର ଏସିଆର ଇସ୍‌ଲାମୀୟ ସୁଫିବାଦୀ। ମଙ୍ଗୋଲୀୟମାନେ ପୁରୁଣା ଆରବ ସାମ୍ରାଜ୍ୟକୁ ଆକ୍ରମଣକରି ନଷ୍ଟ କରିଦେବା ପରେ ସୁଫିମାନେ ଲୋକପ୍ରିୟ ହୋଇଥିଲେ। ଏହି ଅଧ୍ୟାତ୍ମବାଦୀ ବ୍ୟକ୍ତିମାନେ ବାଣିଜ୍ୟ ପଥ ଦେଇ ଭାରତର ସବୁ ଅଞ୍ଚଳକୁ ଯାତ୍ରା କରିଥିଲେ। ସେମାନଙ୍କ ମଧ୍ୟରେ କେତେକେ ସୈନ୍ୟ କିମ୍ବା ଘାଜି ଥିଲେ ଏବଂ ଅନ୍ୟସବୁ ଥିଲେ ଧର୍ମ ପ୍ରଚାରକ; ଯେଉଁମାନେ ଭାବନାତ୍ମକ ଶାନ୍ତି, ନ୍ୟାୟିକ ସେବା, ଔଷଧ ଓ କୃଷିଗତ ଜ୍ଞାନ ପ୍ରଦାନ କରୁଥିଲେ। ଏଣୁ ସେମାନେ ଯେଉଁଠି ରହୁଥିଲେ ସେଠାରେ ଲୋକେ ସେମାନଙ୍କୁ ଭଲ ପାଉଥିଲେ। ସେମାନଙ୍କର ଯେତେବେଳେ ମୃତ୍ୟୁ ଘଟିଲା ସେତେବେଳେ ସେମାନଙ୍କ ଦରଘା କିମ୍ବା ସମାଧି ବା କବରସ୍ଥଳୀ ଆଧ୍ୟାତ୍ମିକ କେନ୍ଦ୍ର ପାଲଟିଗଲା। ସେମାନଙ୍କ ଆତ୍ମା ନିକଟରୁ ଦିବ୍ୟ ଆଶୀର୍ବାଦ ପାଇବା ଲାଗି ସେଠାକୁ ଆଖପାଖ ଅଞ୍ଚଳର ଲୋକେ ଆସୁଥିଲେ। ଏହି ମୁସଲମାନ ପୀରମାନେ ହିନ୍ଦୁ ବୀରଙ୍କ ସହ ମିଶି ଲୋକକଥାର ଦୃଶ୍ୟପଟରେ ଏକ ଅଂଶ ପାଲଟିଯାଇଥିଲେ।

କୃଷିଭିତ୍ତିକ ନୂତନତ୍ୱ ଜ୍ୟାନ ମାଧ୍ୟମରେ ମଧ୍ୟ ଇସ୍‌ଲାମ ଧର୍ମ ବିସ୍ତାର ଲାଭକରିଛି, କିନ୍ତୁ ତାହାକୁ ବହୁ ସମୟରେ ଅଣଦେଖା କରାଯାଇଆସିଛି। ଭାରତକୁ ଆସିଥିବା ସୁଫିମାନେ ଦଶମ ଶତାବ୍ଦୀରୁ କୃଷିର ନୂଆ ଟେକ୍ନୋଲୋଜି ଆରମ୍ଭ କରିଥିଲେ। ସେମାନେ ଜଳଚକ, ଭୂତଳ କେନାଲ ନିର୍ମାଣ କରିଥିଲେ , ଯାହା ସ୍ପେନ୍ ଓ ପର୍ସିଆରେ ବିକଶିତ ହୋଇଥିଲା। ଏହା ଯୋଗୁ ଶୁଖିଲା ଅଞ୍ଚଳରେ କୃଷିକାର୍ଯ୍ୟ ସମ୍ଭବ ହେଲା। ଏହିସବୁ ଟେକ୍ନୋଲୋଜି ସିନ୍ଧ୍ ଓ ପଞ୍ଜାବକୁ ଆସିଥିଲା ଏହି ଅଞ୍ଚଳଗୁଡ଼ିକୁ କୃଷି ସମୃଦ୍ଧ କରିଥିଲା। ଫଳରେ ସେଠାରେ ଥିବା ଭୂମିହୀନ ଜାଠମାନେ ଜମି ମାଲିକ ହେବା ସହ ଆର୍ଥିକ ଦୃଷ୍ଟିରୁ ଲାଭବାନ୍ ହୋଇଥିଲେ। ଏହିସବୁ ଅଞ୍ଚଳରେ ସର୍ବାଧିକ ମୁସଲମାନ ରହୁଥିଲେ ଏବଂ ଧୀରେ ଧୀରେ ପାକିସ୍ତାନ ଚାଲିଯାଇଥିଲେ। ଭାରତର ପୂର୍ବାଞ୍ଚଳରେ ମୋଗଲ ଶାସନ ସମୟରେ ରାଜସ୍ୱ ଭିତ୍ତିଭୂମି ବୃଦ୍ଧି ପାଇଁ ଗଙ୍ଗାନଦୀ କୂଳରେ କୃଷିକୁ ଉତ୍ସାହିତ କରାଯାଇଥିଲା। ପୂର୍ବରୁ ମୁଖ୍ୟସ୍ରୋତର ବାହାରେ ରହୁଥିବା ସୀମାନ୍ତ ଅଞ୍ଚଳର ଲୋକମାନେ ଏହି ସୁଯୋଗରୁ ଲାଭ ଉଠାଇଲେ। ସୁଫି ବିଦ୍ୱାନଙ୍କ ସହଯୋଗରେ ସେମାନେ ନୂଆ ବସତି ସ୍ଥାପନ କରିଥିଲେ ଯାହା ପରେ ବାଂଲାଦେଶ ହୋଇଛି। ଏଠାରେ ପଞ୍ଚପୀରଙ୍କ ପୂଜା ହେଉଥିବା ଦେଖିବାକୁ ମିଳେ, ଯାହାଙ୍କୁ ପଞ୍ଚପାଣ୍ଡବ ଭାବେ ଚିହ୍ନଟ କରାଯାଇଥାଏ। କୃଷି ସହ ଜଡ଼ିତ ବନ୍ ବିବିଙ୍କ ଭଳି ସ୍ଥାନୀୟ ଦେବୀ ସୁନ୍ଦରବନରେ ଅଛନ୍ତି। ବେଙ୍ଗଲର କୁଟୀରଗୁଡ଼ିକରେ କରାଯାଉଥିବା ଟେରାକୋଟା ଏହି ଅଞ୍ଚଳର ମସ୍‌ଜିଦଗୁଡ଼ିକରେ ମଧ୍ୟ ଦେଖିବାକୁ ମିଳେ, ଯାହା ଆରବ ଓ ପର୍ସିଆନ ମସ୍‌ଜିଦଠାରୁ ସମ୍ପୂର୍ଣ୍ଣ ଭିନ୍ନ।

ବିଶେଷକରି ତ୍ରୟୋଦଶ ଶତାବ୍ଦୀର ମଙ୍ଗୋଲ ଆକ୍ରମଣ ପରେ କେନ୍ଦ୍ର ଏସିଆ ଏବଂ ପାରସ୍ୟରୁ ଅନେକ ପ୍ରବାସୀ ମୁସଲମାନ ଦିଲ୍ଲୀ ଓ ବାହାମନି ସାମ୍ରାଜ୍ୟରେ ନିଯୁକ୍ତି ସୁଯୋଗକୁ ଲକ୍ଷ୍ୟକରି ଆସିଥିଲେ। ଅନେକେ ସପରିବାର ଆସିଥିଲେ ଏବଂ ଆଉ କେତେକେ ସ୍ଥାନୀୟ ମହିଳାଙ୍କୁ ବିବାହ କରିଥିଲେ। ସେମାନଙ୍କ ମଧ୍ୟରେ କେତେକେ ନୌକର (ସବୈତନିକ ସୈନ୍ୟ) ଏବଂ ଚାକର (ସବୈତନିକ ଆକାଉଣ୍ଟାଣ୍ଟ) ଥିଲେ। ଇସ୍‌ଲାମ ଧର୍ମ ମଧ୍ୟ ସେମାନଙ୍କ ସହ ଆସିଥିଲା। ସେମାନେ ଦରବାରରେ ପ୍ରତିଷ୍ଠିତ ବ୍ୟକ୍ତି ଥିଲେ ଓ ପର୍ସିଆନ ଭାଷା କହୁଥିଲେ ଏବଂ ପର୍ସିଆନ ଶୈଳୀରେ ମସ୍‌ଜିଦ ନିର୍ମାଣ କରିଥିଲେ। ସ୍ଥାନୀୟ ସମ୍ଭ୍ରାନ୍ତୀୟ ଭାରତୀୟ ମୁସଲମାନମାନେ ପ୍ରବାସୀ ସମ୍ଭ୍ରାନ୍ତ ମୁସଲମାନଙ୍କୁ ବିରୋଧ କରିଥିଲେ। ସମ୍ଭ୍ରାନ୍ତୀୟ ମୁସଲମାନମାନେ ନୀଚଜାତିର ଲୋକଙ୍କ ଧର୍ମାନ୍ତରୀକରଣକୁ ଗୁରୁତ୍ୱ ଦେଉ ନ ଥିଲେ। ଏହିପରି ଭାବେ ଭାରତରେ ଇସ୍‌ଲାମ ଧର୍ମର ପ୍ରବେଶର ଜଟିଳ କାହାଣୀ ହେଉଛି ଏକ ସାତ ଶତାବ୍ଦୀର କଥା , ଯେଉଁଥିରେ ବାଣିଜ୍ୟ, ଯୁଦ୍ଧ, ପ୍ରଚାରକ, କୃଷିବିତ୍ ଏବଂ ପ୍ରବାସୀ ଜଡ଼ିତ ରହିଛନ୍ତି।

-devduttofficial@gmail.com

# ମାନସିକ ସ୍ୱାସ୍ଥ୍ୟ ପାଇଁ କଲରିଂ



ଡା. ସମ୍ରାଟ କର

ସାଧାରଣତଃ ଛୋଟ ବେଳେ ସମସ୍ତଙ୍କୁ ଚିତ୍ରରେ ରଙ୍ଗ ଭରିବାକୁ ଭଲ ଲାଗେ। ବଡ଼ ହେବା ପରେ ଏଥିରୁ ନିଜକୁ ଦୂରେଇ ରଖନ୍ତି। ତେବେ ଆଜିର ସମୟରେ ଏ କାମ କେବଳ ଛୋଟ ପିଲାଙ୍କ ମଧ୍ୟରେ ସୀମିତ ନାହିଁ, ଏହା ବଡ଼ମାନଙ୍କ ପାଇଁ ବି ଉତ୍ତମ। ଏବେ ବଡ଼ ପିଲାଙ୍କ ପାଇଁ କଲରିଂ ବହି ମିଳୁଛି। ଯାହାକି ମାନସିକ ସ୍ୱାସ୍ଥ୍ୟ ଉପରେ ଆଧାରିତ। କଲରିଂ ବହିର ପାଟର୍ନ ଅବସାଦ କମ୍ କରି ସୃଜନଶୀଳତା ବୃଦ୍ଧିରେ ସାହାଯ୍ୟ କରେ।

ଆମେ ନିତିଦିନିଆ ସମୟକୁ ଦେଖିଲେ ଜାଣୁ କେବଳ ଛୋଟପିଲା ନୁହନ୍ତି ବଡ଼ ଲୋକମାନେ ମଧ୍ୟ ଏପରିକି ସମାଜରେ ନିଜ ନିଜ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିବା ଓ ଅତ୍ୟନ୍ତ ବ୍ୟସ୍ତବହୁଳ ସମୟ ବିତାଉଥିବା ଲୋକମାନଙ୍କ ଭିତରେ ଏହି ଅନ୍ତର୍ନିହିତ ସୃଜନ କଳା ପ୍ରତି ଆଗ୍ରହ ଓ ଆବେଗ ରହିଛି। କର୍ମବ୍ୟସ୍ତ ସମୟରୁ କିଛି କାଢ଼ି ସେମାନେ ଏଥି ନିମିତ୍ତ ସମୟ ଦିଅନ୍ତି ଓ ଚମତ୍କାର ଚିତ୍ର ଆଙ୍କି ଥାଆନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଆମମାନଙ୍କ ଭିତରେ କଲରିଂ କରୁଥିବା ପିଲା ବା ଲୋକମାନଙ୍କ ଉପରେ ସେତେଟା ଏକ ଭଲ ଧାରଣା ତିଆରି ହୋଇପାରିନାହିଁ। ଏହା ଯେ ଏକ ଚମତ୍କାର ଓ ଭଗବାନ୍‌ଙ୍କ ପ୍ରଦତ୍ତ ସୃଜନଶକ୍ତିର ବିକଶିତ ରୂପରେଖ ତାହା ଆମକୁ ବୁଝିବାରେ ସେତେଟା ସହଜ ହୋଇପାରିନାହିଁ। ଅବସର ବିନୋଦନ ହେଉ ବା ଅସ୍ଥିର, ବିଚଳିତ ମନକୁ ଏକାଗ୍ର ରାସ୍ତାରେ ଆଗେଇ ନେବା ପାଇଁ କଲରିଂ ଏକ ଚମତ୍କାର ମାଧ୍ୟମ। ବର୍ତ୍ତମାନ ଏହି କଲରିଂକୁ ନେଇ ଅନେକ ପାଠ୍ୟକ୍ରମ ମଧ୍ୟ ତିଆରି ହେଲାଣି। ବୃତ୍ତିଗତ କ୍ଷେତ୍ର ଭାବେ ଏହା ମଧ୍ୟ ଜଣକୁ ଯଥାର୍ଥ ପରିଚୟ ଦେବା ସହ ଗୁଜୁରାଣ ମେଣ୍ଟାଇବା ପାଇଁ ଅର୍ଥ ରୋଜଗାରର ଏକ ସମ୍ମାନଜନକ ମାଧ୍ୟମ ପାଲଟି ସାରିଲାଣି। ତଥାପି କେତେଜଣ ଅଭିଭାବକ ସେମାନଙ୍କ ପିଲାମାନଙ୍କର ଛୋଟ ବେଳର କଲରିଂରେ ବ୍ୟସ୍ତତାକୁ ସେପରି ବେଶ୍ ସହଜରେ ଗ୍ରହଣ କରିପାରି ନ ଥାନ୍ତି।

ଗମ୍ଭୀର ଚିନ୍ତାରୁ ଧ୍ୟାନ ହଟାଇବା ପାଇଁ କଲରିଂ ବୁକ୍ ସାହାଯ୍ୟ କରେ। ଏଭଳି ମଜାଦାର ଗତିବିଧି ମାଧ୍ୟମରେ ଶାନ୍ତି ଏବଂ ବିଶ୍ରାମ ଭାବନା ବୃଦ୍ଧି ପାଏ। ସେହିପରି ଚିତ୍ରରେ ରଙ୍ଗ ଭରିବା ହେଉଛି ଏକ ସୃଜନାତ୍ମକ ଏବଂ ମଜାଦାର କାମ। ଏହା ଦ୍ୱାରା ମନକୁ ଶାନ୍ତ କରିବା ସମ୍ଭବ। ଜଟିଳ ଚିତ୍ରରେ ରଙ୍ଗ ଭରିବା ଦ୍ୱାରା ଧ୍ୟାନ ସେଥିରେ ରହେ ଏବଂ ମନ ବିଚଳିତ ହୁଏନାହିଁ। କଲରିଂ ସୃଜନାତ୍ମକ ଜ୍ଞାନ କୌଶଳ ବୃଦ୍ଧିରେ ସାହାଯ୍ୟ କରେ। ନିଜର କଳାତ୍ମକ ଅଭିବ୍ୟକ୍ତିକୁ ଜାଣିବାର ଏହା ଏକ ସହଜ ଉପାୟ। କାରଣ ଦୁଇଜଣଙ୍କୁ ଗୋଟିଏ ଚିତ୍ରରେ ରଙ୍ଗ କରିବାକୁ ଦେଲେ ସେମାନେ ଭିନ୍ନ ଭିନ୍ନ ରଙ୍ଗକୁ ଚୟନ କରନ୍ତି। ଏଥିରୁ ଜଣାପଡ଼େ ଯେ ସମସ୍ତଙ୍କ ଚିନ୍ତାଧାରା ଭିନ୍ନ। କଲରିଂ ନକାରାତ୍ମକ ଚିନ୍ତାରୁ ଦୂରେଇ ରଖିବାରେ ସାହାଯ୍ୟ କରେ। ନିତିଦିନିଆ ମୋ ମାନସିକ ଚିକିତ୍ସା, ନିଦାନ ଓ ପରାମର୍ଶ କେନ୍ଦ୍ରରେ ଅନେକ ପୀଡ଼ିତଙ୍କୁ ସାମ୍ନା କରିଥାଏ ଯେଉଁମାନେ ମାନସିକଭାବେ ଅସୁସ୍ଥ ହେବା ପୂର୍ବରୁ ବେଶ୍ ଭଲ ଭାବେ କଲରିଂରେ ନିଜକୁ କିଛି ସମୟ ବିତାଇ ସମୟ କାଟୁଥିଲେ। କଲରିଂ ଏକ ଏପରି ଅନ୍ତର୍ନିହିତ ସୃଜନଶକ୍ତି ଯାହା ନିଜ ଆଖପାଖର ପରିବେଶ, କାର୍ଯ୍ୟକଳାପ ଓ ଜୀବନ ଚରିତ୍ରର ଲୋକମାନଙ୍କ ସମ୍ବନ୍ଧରେ କିଛି ଜଣାଇଥାଏ, ସେମାନଙ୍କୁ ଅନେକ ମାନସିକ ଶାନ୍ତି ଦେଇଥାଏ। ଯଦିଓ କଲରିଂ କେତେକ ନିର୍ଦ୍ଦିଷ୍ଟ ମାନସିକ ପୀଡ଼ିତମାନଙ୍କ ପାଇଁ ଏକ ପ୍ରକାର ଯନ୍ତ୍ରଣାର କାରଣ ହୋଇଥାଏ, ତାହା ତ ଅଲଗା କଥା ତେବେ ମାନସିକ ସ୍ୱାସ୍ଥ୍ୟ ପାଇଁ କଲରିଂ ଏକ ଏପରି ଶକ୍ତିଶାଳୀ ଭିଟାମିନ ପରି କାର୍ଯ୍ୟ କରିଥାଏ ଯେ ଅନେକେ ଏହା ବିନା ବଞ୍ଚି ନ ପାରିବା ପରି ଅନୁଭବ କରନ୍ତି। ସତେଯେପରି ମାଛ ବିନା ଜଳ। ତେବେ କେଉଁମାନଙ୍କୁ କେଉଁ କେଉଁ ରଙ୍ଗ ପସନ୍ଦ ଆସିଥାଏ ତାହା ସେମାନଙ୍କ ବ୍ୟକ୍ତିଗତ ଆଗ୍ରହ। ମୁଁ କେତେକ ନିର୍ଦ୍ଦିଷ୍ଟ ମାନସିକ ଅସହାୟ ଓ ପୀଡ଼ିତମାନଙ୍କ ପାଇଁ ସେମାନଙ୍କ ପୂର୍ବ ଜୀବନର ଜୀବନ ରେଖା, କାର୍ଯ୍ୟକଳାପ ଓ ବ୍ୟକ୍ତିଗତ ରୁଟିନ୍ ବୁଝିବା ସମୟରେ ଯେତେବେଳେ ଜାଣେ ଯେ ସେମାନେ ପୂର୍ବରୁ ଜଣେ ଜଣେ ରଙ୍ଗ ତୂଳିର ନାୟକ ଥିଲେ, ସେମାନଙ୍କ ନିକଟ ଲୋକମାନଙ୍କୁ ସେହି ରଙ୍ଗ ତୂଳି ଜୀବନକୁ କିଛି ମାତ୍ରାରେ ଫେରାଇବା ପାଇଁ ପରାମର୍ଶ ଦେଇଥାଏ। ତେଣୁ କଲରିଂ ଜୀବନ ବଞ୍ଚିବାର ଅମୃତ ମହୌଷଧି ଏବଂ ସର୍ବୋପରି ଏହା ଏକ ରଙ୍ଗିନ ମାନସିକତାର ଜୀବନ ଅଭିବୃଦ୍ଧି। ଏହାକୁ ବୁଝନ୍ତୁ ଆଉ ଗ୍ରହଣ କରନ୍ତୁ।

**ମାନସିକ ରୋଗ ବିଶେଷଜ୍ଞ,**
**ଦି'ବ୍ରେନ, ପୁରୀଘାଟ ରୋଡ୍, କଟକ,**
**ମୋ:୯୧୩୨୪୩୩୩୩୩**

## ଏଇ ଭାରତରେ

ଶେଷାଦ୍ରି ଶିବକୁମାର ପେସାରେ ଜଣେ ସିଭିଲ ଇଞ୍ଜିନିୟର। କିନ୍ତୁ କଶ୍ମୀର ସାଫ୍ରୋନ ଚାଷକରି ସେ ସଫଳ ହୋଇପାରିଛନ୍ତି, ତାହା ପୁଣି କେରଳରେ। ପ୍ରତିକୂଳ ପରିବେଶରେ କଶ୍ମୀର ସାଫ୍ରୋନ ଚାଷକରି ଅଧିକ ଅମଳ କରିବାକୁ ସକ୍ଷମ ହୋଇଛନ୍ତି। ସେ କଶ୍ମୀର ଯାଇ ଏହି ଚାଷ ସମ୍ପର୍କରେ ଜ୍ଞାନ ହାସଲ କରିଥିଲେ। ପ୍ରଥମେ ସେ ଏହି ଚାଷରେ ୧୦ ଲକ୍ଷ ଟଙ୍କା ନିବେଶ କରିଥିଲେ। ଆରମ୍ଭରୁ ୪ କୁଇଣ୍ଟାଲ ସାଫ୍ରୋନ କଢ଼ି ଉତ୍ପାଦନ କରିଥିଲେ। ଏହା ଥିଲା ସାଫ୍ରୋନ କୃଷିରେ ଏକ ଭିନ୍ନ ଘଟଣା। ସବୁଠୁ ବଡ଼କଥା ହେଉଛି ଶେଷାଦ୍ରି ଏହି ଚାଷ ମାତ୍ର ୨୨୫ ବର୍ଗଫୁଟ ଜାଗାରେ ଏରୋପୋନିକ୍ ପଦ୍ଧତି(ବିନାମାଟିରେ ନ୍ୟୁଟ୍ରିଏଣ୍ଟଯୁକ୍ତ ଜଳକଣା ବ୍ୟବହାର କରି କରାଯାଇଥାଏ)ରେ କରୁଛନ୍ତି। ତାଙ୍କ ଚାଷ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ସ୍ୱୟଂଚାଳିତ ତଥା ରିମୋଟ୍ ନିୟନ୍ତ୍ରିତ। ଗୋଟିଏ ବର୍ଷରେ ସେ ଏହି ଚାଷରୁ ୧୨ ଲକ୍ଷ ଟଙ୍କା ରୋଜଗାର କରିଛନ୍ତି। ସାଫ୍ରୋନ ଚାଷକୁ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ କରିବା ପାଇଁ ସେ ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୩ ଏପ୍ରିଲ ୧୯୭୬**

- ରାଜସ୍ୱ ମନ୍ତ୍ରୀ ବଲ୍ଲଭ ପାଣିଗ୍ରାହୀ ବିଧାନସଭାରେ ଆଗତ କରିଥିବା ଓଡ଼ିଶା ଚକବନ୍ଦୀ ସଂଶୋଧନ ଆଇନ ଗୃହୀତ ହୋଇଯାଇଛି।
- ଭାରତ ସୋଭିଏତ୍ ରୁଷକୁ ୩୦ କୋଟି ଟଙ୍କାର କାଜୁବାଦାମ ଯୋଗାଇଦେବା ପାଇଁ ଉଭୟ ଦେଶର ଦୁଇଟି ବାଣିଜ୍ୟ ଅନୁଷ୍ଠାନ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ।
- ଆଙ୍ଗୋଲାକୁ ଯୁଦ୍ଧଜନିତ କ୍ଷତିପୂରଣ ଦେବା ଲାଗି ଦକ୍ଷିଣ ଆଫ୍ରିକାକୁ ଜାତିସଂଘ ନିରାପତ୍ତା ପରିଷଦର ନିର୍ଦ୍ଦେଶ।

# ଆଶଙ୍କାରେ ପେନ୍‌ସନଭୋଗୀ



ବୃହସ୍ପତି ସାମଲ

ବିତ୍ତ ବିଧେୟକ ୨୦୨୫ର ଅଂଶବିଶେଷ ଭାବେ ୨୫ ମାର୍ଚ୍ଚ ୨୦୨୫ରେ କେନ୍ଦ୍ରୀୟ ବେସାମରିକ ସେବା (ପେନ୍‌ସନ) ନିୟମ ତଥା ଭାରତ ସରକାରଙ୍କ ସଞ୍ଚିତ ପାଣ୍ଠିରୁ ପେନ୍‌ସନ ଦେୟ ବୈଧକରଣ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଭାରତର ସମସ୍ତ ପେନ୍‌ସନଭୋଗୀ ଭୟଭୀତ ହେବା ସହ ପେନ୍‌ସନର ଭବିଷ୍ୟତ ସ୍ୱରୂପକୁ ନେଇ ଅନେକ ଆଶଙ୍କା ପ୍ରକଟ କରିଛନ୍ତି। ବୈଧକରଣର ଏହି ସିଦ୍ଧାନ୍ତ ଅନୁଯାୟୀ ପେନ୍‌ସନ ନିୟମ ପ୍ରତି କୌଣସି ପୂର୍ବାଗ୍ରହ ବିନା କେନ୍ଦ୍ର ସରକାର ପେନ୍‌ସନଭୋଗୀଙ୍କ ଅବସର ଗ୍ରହଣ ତାରିଖକୁ ନେଇ ସେମାନଙ୍କ ଭିତରେ ଏକ ପ୍ରଭେଦ ସୃଷ୍ଟି କରିପାରିବେ, ଯାହା କେନ୍ଦ୍ରୀୟ ବେତନ ଆୟୋଗଙ୍କ ସୁପାରିସ ଲାଗୁ ସମୟରୁ ଆରମ୍ଭ ହେବ। ଏହି ବୈଧକରଣ ୧ ଜୁନ ୧୯୭୨ରୁ ଲାଗୁ ହେବ, ଯାହାଦ୍ୱାରା ସମ୍ବିଧାନର ଅନୁଚ୍ଛେଦ ୩୦୯ ଆଧାରରେ ସମୟାନୁସାରେ ହୋଇଥିବା କେନ୍ଦ୍ରୀୟ ବେସାମରିକ ସେବା (ପେନ୍‌ସନ) ନିୟମ, ୧୯୭୨ ଓ ୨୦୨୧ ଏବଂ କେନ୍ଦ୍ରୀୟ ବେସାମରିକ ସେବା (ଅସାଧାରଣ ପେନ୍‌ସନ) ନିୟମ ୨୦୨୩ ଅନ୍ତର୍ଗତ ସମସ୍ତ ସଂଶୋଧିତ ନିୟମଗୁଡ଼ିକୁ ମାନ୍ୟତା ପ୍ରଦାନ କରିବ।

ଏବେ ପେନ୍‌ସନଭୋଗୀଙ୍କ ମଧ୍ୟରେ ଆଶଙ୍କା ଉପୁଜିବାର କାରଣ ହେଲା ଯେ ପ୍ରସ୍ତାବିତ ଅଷ୍ଟମ ବେତନ ଆୟୋଗଙ୍କ ସୁପାରିସ ଆସନ୍ତା ୧ ଜାନୁଆରୀ ୨୦୨୬ରୁ ଲାଗୁହେବାକୁ ଯାଉଥିବା ସମୟରେ ଯଦି ଅବସର ତାରିଖକୁନେଇ ଉପରୋକ୍ତ ବିଜ୍ଞପ୍ତିଅନୁଯାୟୀ ପେନ୍‌ସନଭୋଗୀଙ୍କୁ ଭାଗ ଭାଗ କରାଯାଏ, ତେବେ ଅନୁମୋଦନ ଲାଗୁ ହେବା ପୂର୍ବରୁ ଅବସର ନେଇଥିବା କର୍ମଚାରୀଙ୍କ ପେନ୍‌ସନ ଅଷ୍ଟମ ବେତନ ଆୟୋଗଙ୍କ ସୁପାରିସ ମୁତାବକ ବୃଦ୍ଧି ନ ହୋଇ କେବଳ ଅନୁମୋଦନ ଲାଗୁ ହେବା ପରେ ଯେଉଁମାନେ ଅବସରନେବେ ସେମାନଙ୍କ ପାଇଁ ପ୍ରଯୁଜ୍ୟ ହେବ। ପୂର୍ବର ସାତଟିଯାକ ବେତନ ଆୟୋଗଙ୍କ ସୁପାରିସ ଲାଗୁ ହେବା ସମୟରେ ଏଭଳି ଆଶଙ୍କା ବା ପରିସ୍ଥିତି ସୃଷ୍ଟି ହୋଇ ନ ଥିଲା। ପୁରୁଣା ପେନ୍‌ସନ ଯୋଜନା (ଓପିଏସ୍), ଜାତୀୟ ପେନ୍‌ସନ ଯୋଜନା (ଏନ୍‌ପିଏସ୍) ଏବଂ ଏକୀକୃତ ପେନ୍‌ସନ ଯୋଜନା (ୟୁପିଏସ୍)କୁ ନେଇ ପେନ୍‌ସନଭୋଗୀମାନେ ପୂର୍ବରୁ ବିଭାଜିତ ହୋଇସାରିଥିଲା ବେଳେ ବିତ୍ତ ବିଧେୟକ ୨୦୨୫ ଆଳରେ ଅବସର ତାରିଖକୁ ନେଇ ପୁନଃ ବିଭାଜିତ ହେବା ସହ ପେନ୍‌ସନ ହ୍ରାସ ଓ ବୃଦ୍ଧିକୁ ଗ୍ରହଣ କରିବାକୁ କେହି ପ୍ରସ୍ତୁତ ନୁହନ୍ତି।

ଏହି ପରିପ୍ରେକ୍ଷୀରେ, ଉପରୋକ୍ତ ବିଜ୍ଞପ୍ତି ପ୍ରକାଶନର ତୁରନ୍ତ ବାଦ ସମଗ୍ର ଦେଶର ବିଭିନ୍ନ ପେନ୍‌ସନଭୋଗୀ ସଂଘ ତଥା ସେମାନଙ୍କର ଜାତୀୟ ସମନ୍ୱୟ ସମିତି ସରକାରଙ୍କ ପାଖରେ ପ୍ରତିବାଦ ଜଣାଇବା ସହ ରାଜ୍ୟ ସଭାର ସଦସ୍ୟମାନେ ଏ ବିଷୟରେ ସରକାରଙ୍କୁ ପଚାରିବାରୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଉତ୍ତର ଦେଇଛନ୍ତି, ଅଷ୍ଟମ ବେତନ ଆୟୋଗଙ୍କ ସୁପାରିସ ଯୋଗୁ ୨୦୨୬ରୁ ପେନ୍‌ସନଭୋଗୀଙ୍କ ପେନ୍‌ସନ ସଂଶୋଧନ ଉପରେ ଏହି ବିଲ୍‌ର କୌଣସି ପ୍ରଭାବ ପଡ଼ିବ ନାହିଁ। ଏଠି କହି ରଖିବା ଉଚିତ ହେବ ଯେ ଅଷ୍ଟମ ବେତନ





ଆୟୋଗ ଗଠନକୁ ବାରମ୍ବାର ଟାଳି ଦେଉଥିବା କେନ୍ଦ୍ର ସରକାର ୧୬ ଜାନୁଆରୀ ୨୦୨୫ରେ ବେତନ ଆୟୋଗ ଗଠନକୁ ନେଇ ବିନା କ୍ୟାବିନେଟ ଅନୁମୋଦନରେ ଏକ ଖବରଦାତା ସମ୍ମିଳନୀ ମାଧ୍ୟମରେ ଘୋଷଣା କଲେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ୟାବିନେଟ କିମ୍ବା ଅର୍ଥ ମନ୍ତ୍ରଣାଳୟ ତରଫରୁ କୌଣସି ଆନୁଷ୍ଠାନିକ ପ୍ରେସ୍ ଇସ୍ତାହାର ଏପର୍ଯ୍ୟନ୍ତ ଜାରି କରାଯାଇନାହିଁ। ବର୍ତ୍ତମାନ ସମ୍ପୂର୍ଣ୍ଣ ସର୍ତ୍ତାବଳୀ ସହ ଅଷ୍ଟମ ବେତନ ଆୟୋଗ ଗଠନ ସମ୍ପର୍କିତ ରାଜପତ୍ର ବିଜ୍ଞପ୍ତି ପ୍ରକାଶନକୁ ଅପେକ୍ଷା।

ଏଭଳିଏକ ଘଡ଼ିସନ୍ଧି ମୁହୂର୍ତ୍ତରେ, ପ୍ରଶ୍ନ ଉଠେ ଯଦି ଅଷ୍ଟମ ବେତନ ଆୟୋଗଙ୍କ ସୁପାରିସ ଲାଗୁ ହେବା ଦିନଠାରୁ କର୍ମଚାରୀଙ୍କ ଅବସର ତାରିଖକୁ ନେଇ ପେନ୍‌ସନଭୋଗୀଙ୍କ ମଧ୍ୟରେ କୌଣସି ପାତରଅନ୍ତର ସୃଷ୍ଟିହେବାର ନାହିଁ, ତେବେ ବିତ୍ତ ବିଧେୟକ ୨୦୨୫ର ଅଂଶବିଶେଷ ଭାବେ ଏଭଳି ବୈଧକରଣର କି ଆବଶ୍ୟକତା ଥିଲା ? ପେନ୍‌ସନ ନୀତିକୁ ନେଇ ସରକାରଙ୍କର ଆଉ କିଛି ଗୁପ୍ତ କାର୍ଯ୍ୟସୂଚୀ ନାହିଁ ତ ? କାରଣ ରାଜକୋଷ ଉପରେ ଆର୍ଥିକ ବୋଝର ଦ୍ୱାହି ଦେଇ ସରକାର କର୍ମଚାରୀ ଓ ପେନ୍‌ସନଭୋଗୀଙ୍କ ଉପରେ ଯଥେଷ୍ଟ ଦାଉ ସାଧୁଛନ୍ତି। ଏହାର ଉଦାହରଣ ହେଉଛି ଓପିଏସ୍‌ରୁ ଏନ୍‌ପିଏସ୍ (୨୦୦୪) ଏବଂ ପରେ ୟୁପିଏସ୍ (୨୦୨୫)। ଆନୁଷ୍ଠାନିକ ଭାବେ ୟୁପିଏସ୍ ଲାଗୁ ହେବା ପୂର୍ବରୁ ଏବଂ ଏନ୍‌ପିଏସ୍ ଉପଭୋକ୍ତାଗଣ ଏନ୍‌ପିଏସ୍‌ରେ ରହିବେ କି ୟୁପିଏସ୍‌କୁ ଯିବା ପାଇଁ ମତବ୍ୟକ୍ତ କରିବାକୁ ଦ୍ୱନ୍ଦ୍ୱରେ ଥିବାବେଳେ, ବେତନ ଆୟୋଗଙ୍କ ସୁପାରିସ ଓ କର୍ମଚାରୀଙ୍କ ଅବସର ତାରିଖକୁ ନେଇ ପେନ୍‌ସନଭୋଗୀଙ୍କ ମଧ୍ୟରେ ପ୍ରଭେଦ ସୃଷ୍ଟିର ଉଦ୍ୟମ କର୍ମଚାରୀଙ୍କ ଆଶଙ୍କାକୁ ଦୃଢ଼ୀଭୂତ କରୁଛି।

ସରକାରଙ୍କ ସ୍ପଷ୍ଟୀକରଣ ଓ ବିଜ୍ଞପ୍ତିକୁ ଅପେକ୍ଷା କରିବା ବ୍ୟତୀତ କର୍ମଚାରୀ ଓ ପେନ୍‌ସନଭୋଗୀଙ୍କର ଅନ୍ୟ କୌଣସି ଉପାୟ ନାହିଁ କିମ୍ବା ସେମାନଙ୍କ ସହ ପୂର୍ବରୁ ବାରମ୍ବାର ଯେଭଳି ଘଟଣାମାନ ଘଟିଛି, ସରକାର ଯେ ନିଜର ପ୍ରତିଶ୍ରୁତି ଠିକ ଠାକ ପାଳନ କରିବେ ସେ ବିଶ୍ୱାସ ବି ନାହିଁ। ଲିଖିତ ପ୍ରତିଶ୍ରୁତି ବି ଅଚାନକ ବଦଳିଯାଉଛି। ସେହିଭଳି କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ସପ୍ତମ ବେତନ ଆୟୋଗ ସୁପାରିସ କରିଥିବା ସର୍ବନିମ୍ନ ବେତନକୁ ୧୮୦୦୦ରୁ ୨୬୦୦୦କୁ ବୃଦ୍ଧି ଏବଂ ବେତନ ନିର୍ଦ୍ଧାରଣ ସୂତ୍ରର ସଂଶୋଧନ ପାଇଁ ୧୧ ଜୁଲାଇ ୨୦୧୬ରୁ ଅନିର୍ଦ୍ଦିଷ୍ଟ କାଳ ଧର୍ମଘଟ ହେବ ବୋଲି କର୍ମଚାରୀମାନେ ଯେତେବେଳେ କେନ୍ଦ୍ର ସରକାରଙ୍କୁ ନୋଟିସ ଦେଲେ, କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ୬ ଜୁଲାଇ ୨୦୧୬ରେ ପ୍ରେସ୍ ଇସ୍ତାହାର ଜାରି କରି ଏକ ଉଚ୍ଚସ୍ତରୀୟ କମିଟି ଜରିଆରେ ପୁଙ୍ଖାନୁପୁଙ୍ଖ ଅନୁଶୀଳନ ସହ ଚାରି ମାସ ଭିତରେ ନିଷ୍ପତ୍ତି ନେବା ପାଇଁ ଘୋଷଣା କଲେ। ସେ ସମୟର ଅର୍ଥମନ୍ତ୍ରୀ ୧୯ ଜୁଲାଇ ୨୦୧୬ରେ ରାଜ୍ୟ ସଭାର ପ୍ରଶ୍ନୋତ୍ତର କାଳରେ ଉତ୍ତର ରଖିଲେ ଯେ ସେଭଳି କୌଣସି ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ବିଚାରାଧୀନ ନାହିଁ। ଇତିମଧ୍ୟରେ, ୪ ମାସ ଯାଇ କାଲି ଭଳି ନଅ ବର୍ଷ ପୂରିଯିବ ଏବଂ ଅଷ୍ଟମ ବେତନ ଆୟୋଗର ଗଠନ ପାଇଁ ଘୋଷଣା ସରିଗଲା ପଛେ, ଉଚ୍ଚସ୍ତରୀୟ କମିଟି ଗଠନ ତ ଦୂରର କଥା, ଏଯାଏ ସରକାର କର୍ମଚାରୀଙ୍କର କୌଣସି କଥା ଶୁଣିବା ଅବସ୍ଥାରେ ନାହାନ୍ତି।

ଗୋଟିଏ ଗଣତାନ୍ତ୍ରିକ ଦେଶରେ ଏକ ନିର୍ବାଚିତ ସରକାର ନିଜେ ନିଜର ଲିଖିତ ପ୍ରତିଶ୍ରୁତିକୁ ଅବମାନନା କରିବା ଗଣତନ୍ତ୍ର ପ୍ରତି ଏକ କଠୋର ଉପହାସ କହିଲେ ଅତ୍ୟୁକ୍ତି ହେବନାହିଁ। ତେଣୁ ବିତ୍ତ ବିଧେୟକ ୨୦୨୫କୁ ନେଇ ଏବେ ସରକାର ଯେଉଁ ସ୍ପଷ୍ଟୀକରଣ ଦେଇ ବିଜ୍ଞପ୍ତି ଜାରିକରିବା କଥା କହୁଛନ୍ତି, ସେସବୁ କର୍ମଚାରୀ ଓ ପେନ୍‌ସନଭୋଗୀଙ୍କ ସ୍ୱାର୍ଥକୁ କେତେ ସୁରକ୍ଷିତ ରଖିବ, ସମୟ କହିବ।

**ମୋ: ୯୪୩୭୦୨୨୬୬୯**

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | 3 | | | | | 6 |
| | | | 7 | 5 | | 9 | | |
| | 1 | | | | | 2 | | 8 |
| | | | 5 | 7 | | | | |
| | 4 | | 9 | | | | | 2 |
| 7 | | 1 | | | 6 | | | |
| 4 | 2 | | | | | 6 | | |
| | | | 4 | | | | | 3 |
| | | 9 | | | | 8 | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 4 | 6 | 1 | 9 | 7 | 8 | 3 | 2 |
| 3 | 9 | 2 | 8 | 5 | 6 | 4 | 7 | 1 |
| 1 | 7 | 8 | 4 | 3 | 2 | 9 | 6 | 5 |
| 9 | 3 | 5 | 7 | 6 | 8 | 2 | 1 | 4 |
| 7 | 2 | 4 | 9 | 1 | 5 | 6 | 8 | 3 |
| 6 | 8 | 1 | 3 | 2 | 4 | 7 | 5 | 9 |
| 4 | 1 | 7 | 2 | 8 | 3 | 5 | 9 | 6 |
| 2 | 5 | 3 | 6 | 7 | 9 | 1 | 4 | 8 |
| 8 | 6 | 9 | 5 | 4 | 1 | 3 | 2 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିଭାଜନ ନୀତି ଗ୍ରହଣୀୟ ନୁହେଁ

ମହାଶୟ,

ଏକତା ହିଁ ବଳ। ଏକଥା ସର୍ବଜନବିଦିତ। ଆମେ ସମସ୍ତେ ଭାରତର ସନ୍ତାନ। ଏହାର ଗୌରବ ଓ ଅଖଣ୍ଡତାକୁ ବଜାୟ ରଖିବା ଆମର ପ୍ରଧାନ କର୍ତ୍ତବ୍ୟ। ହେଲେ ଅନେକ ଭାରତ ବିପକ୍ଷବାଦୀ ଓ ବାହାର ରାଷ୍ଟ୍ରର କେତେକ ନେତା ଈର୍ଷାନ୍ୱିତ ହୋଇ ଏହାକୁ ବିଭାଜିତ କରିବା ପାଇଁ ନାନାଦି ଦୂରଭିସନ୍ଧିମୂଳକ ଅନ୍ତର୍ଘାତୀ କାର୍ଯ୍ୟମାନ ଚଳାଇଥାନ୍ତି। ସେହିଭଳି ଭାରତଠାରୁ ଅଲଗା ହେବା ପରେ ପାକିସ୍ତାନରେ କେତେକ ଅସନ୍ତୁଷ୍ଟ ଗୋଷ୍ଠୀ ବେଲୁଚିସ୍ଥାନ ସୃଷ୍ଟି ପାଇଁ ପ୍ରଚେଷ୍ଟା ଚଳାଇଛନ୍ତି, ଯାହାଫଳରେ ସେଠାରେ ଖରାପ ପରିସ୍ଥିତି ସୃଷ୍ଟି ହୋଇଛି। ସେହିଭଳି ଆମ ଓଡ଼ିଶାକୁ ଉତ୍କଳ, କଳିଙ୍ଗ ଓ କୋଶଳ ରାଜ୍ୟ କରି ବିଭାଜିତ କରିବା ଆଦୌ ଶୋଭନୀୟ ନୁହେଁ। ଓଡ଼ିଶା ଆମର ଛୋଟ ରାଜ୍ୟ ହେଲେ ତା'ର ମହିମା ଓ ଗରିମାର ପଟ୍ଟାନ୍ତର ନାହିଁ। ଅବଶ୍ୟ ବର୍ତ୍ତମାନ ଅନେକ ବିକାଶମୂଳକ କାର୍ଯ୍ୟ ଗ୍ରହଣ କରାଯାଉଛି। ତଥାପି ଅନେକ ଜିଲାରେ ବିକାଶ ଅପହଞ୍ଚ ଅଛି। ଏହି ପରିପ୍ରେକ୍ଷୀରେ ରାଜନେତା ଓ ବିଜ୍ଞ ବୁଦ୍ଧିଜୀବୀମାନେ ରାଜ୍ୟ ତଥା କେନ୍ଦ୍ର ସରକାରଠାରେ ଚାପ ପକାଇ କାର୍ଯ୍ୟ ହାସଲ କରିବା ଉପଯୁକ୍ତ ମନେହୁଏ। ନଚେତ୍ ପରକୁ ମାନ କରି ଖପରାରେ ଖାଇବା ନ୍ୟାୟ ଭଳି ପ୍ରତ୍ୟୟମାନ ହେବ।

**-ମହେଶ୍ୱର ନାୟକ, ଦୋବନ୍ଧା, ଗୋଲ୍କୁଆ, କେନ୍ଦ୍ରାପଡ଼ା**

## ଚିରନ୍ତନୀ

ଏ ବନ ଛାୟେ ଯା'ନ୍ତି ଚଳି
ଦିଓଟି ପ୍ରିୟ ସଖୀ
ସହଜ ଗତି ଗ୍ରାମର ବାଳା
ଏ ପଥେ ପାଦ ରଖି।
-(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

DSPL-10

ODISHA
NEW OPPORTUNITIES



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଖୋର୍ଦ୍ଧା ଜିଲ୍ଲାରେ ଶିଳ୍ପ ପ୍ରକଳ୍ପଗୁଡ଼ିକର
## ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ

**ମୁଖ୍ୟ ଅତିଥି**

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଗରିମାମୟ ଉପସ୍ଥିତି**

**ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ**
ମନ୍ତ୍ରୀ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା

**ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ**
ସାଂସଦ, ଭୁବନେଶ୍ୱର

**ଶ୍ରୀ ପ୍ରଶାନ୍ତ ଜଗଦେବ**
ବିଧାୟକ, ଖୋର୍ଦ୍ଧା

**ଶ୍ରୀ ବିଭୁତି ଭୂଷଣ ବଳବନ୍ତରାୟ**
ବିଧାୟକ, ଜଟଣୀ

### ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ

- ବରୁଣ ବେଭରେଜେସ ଲିମିଟେଡ୍
  ମଲିପଡା, ଖୋର୍ଦ୍ଧା
- ଟ୍ରାଇମେଟ୍ରୋ ଗାରମେଣ୍ଟସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (ଏପିକ ଗ୍ରୁପ କମ୍ପନୀ)
  କାଳିବେଡୀ, ଖୋର୍ଦ୍ଧା
- ନେସ୍‌ଲେ ଇଣ୍ଡିଆ ଲିମିଟେଡ୍
  ମୁଣ୍ଡାଆମ୍ବ, ଖୋର୍ଦ୍ଧା
- ଦୀନଦୟାଲ କର୍ମଚାରୀ ଆବାସ ଯୋଜନା ଅନ୍ତର୍ଗତ ଶ୍ରମିକ ଆବାସ ଗୃହ
  କାଳିବେଡୀ, ଖୋର୍ଦ୍ଧା
- ମିନୁ କ୍ରିଏସନ୍ ଏଲ୍ ଏଲ୍ ପି
  ନିୟୁ ଟେକ୍ସଟାଇଲ୍ ପାର୍କ, ଅରାଙ୍ଗ, ଖୋର୍ଦ୍ଧା
- ଗୋଲ୍ଡେନ୍ ସିମସ୍ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍
  ନିୟୁ ଟେକ୍ସଟାଇଲ୍ ପାର୍କ, ଅରାଙ୍ଗ, ଖୋର୍ଦ୍ଧା
- ସୋନୁ ଏକ୍ସିମ୍ ପ୍ରାଇଭେଟ୍ ଲିମିଟେଡ୍
  ନିୟୁ ଟେକ୍ସଟାଇଲ୍ ପାର୍କ, ଅରାଙ୍ଗ, ଖୋର୍ଦ୍ଧା
- ପୂଜା ଇଣ୍ଟରନ୍ୟାସନାଲ
  ନିୟୁ ଟେକ୍ସଟାଇଲ୍ ପାର୍କ, ଅରାଙ୍ଗ, ଖୋର୍ଦ୍ଧା
- ବି ଏଲ୍ ଇଣ୍ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍
  ନିୟୁ ଟେକ୍ସଟାଇଲ୍ ପାର୍କ, ଅରାଙ୍ଗ, ଖୋର୍ଦ୍ଧା
- ରେନ୍‌ବୋ ଫାବାର୍ଟ ପ୍ରାଇଭେଟ୍ ଲିମିଟେଡ୍
  ନିୟୁ ଟେକ୍ସଟାଇଲ୍ ପାର୍କ, ଅରାଙ୍ଗ, ଖୋର୍ଦ୍ଧା
- ଜୁପିଟର୍ ଟାଟ୍ରାଭଗୋଙ୍କା ରେଲହୁଇଲ୍ ଫ୍ୟାକ୍ଟ୍ରୀ ପ୍ରାଇଭେଟ୍ ଲିମିଟେଡ୍
  ହଳଦୀପଦା, ଖୋର୍ଦ୍ଧା
- ଶାଲିମାର ଗ୍ଲାସ୍ ୱାର୍କ୍ସ ପ୍ରାଇଭେଟ ଲିମିଟେଡ୍
  ହଳଦୀପଦା, ଖୋର୍ଦ୍ଧା
- ପଲିମିରୋର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍
  ଗୌଡ଼ପୁଟ, ଖୋର୍ଦ୍ଧା
- ଆଇ ଏଫ୍ ଜି ଏଲ୍ ରିଫ୍ରାକ୍ଟୋରିଜ୍ ଲିମିଟେଡ୍
  ଗୌଡ଼ପୁଟ, ଖୋର୍ଦ୍ଧା
- ଭୁବନେଶ୍ୱରୀ ଫୁଡ୍ସ ଆଣ୍ଡ ବେଭରେଜେସ୍ ପ୍ରାଇଭେଟ୍ ଲିମିଟେଡ୍
  ଖଜୁରିଆ, ଖୋର୍ଦ୍ଧା

**୩ ଅପ୍ରେଲ ୨୦୨୫ (ଗୁରୁବାର) । ଦିବା ୧୦ ଘଟିକା । ଖୋର୍ଦ୍ଧା, ଓଡ଼ିଶା**

ଶିଳ୍ପ ବିଭାଗ, ଓଡ଼ିଶା ସରକାର

OIPR-14005/13/0050/2425

## ସଂକ୍ଷେପରେ

### ସ୍କୁଲ ଫାଟକ ଆଗରେ ଅଭିଭାବକଙ୍କ ଧାରଣା

ଧର୍ମଶାଳା/କାଏମା,୨।୪(ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି): ଧର୍ମଶାଳା ବ୍ଲକ ହରିଦାସପୁରସ୍ଥିତ ଗୁରୁକୁଳ ପବ୍ଲିକ ସ୍କୁଲରେ ଗୁଣାତ୍ମକ ଶିକ୍ଷା ପ୍ରଦାନ, ତାଲିମପ୍ରାପ୍ତ ଶିକ୍ଷକ ନିଯୁକ୍ତି ସହ ବର୍ଦ୍ଧିତ ସ୍କୁଲ ଫି ହ୍ରାସ ଆଦି ଦାବିରେ ବୁଧବାର ଅଭିଭାବକ ସ୍କୁଲ ଫାଟକ ସମ୍ମୁଖରେ ଧାରଣା ଦେଇଛନ୍ତି। ସକାଳ ୭ଟାରୁ ମଧ୍ୟାହ୍ନ ୧୨ ଟା ପର୍ଯ୍ୟନ୍ତ ଅଭିଭାବକ ଧାରଣାରେ ବସିଥିଲେ ମଧ୍ୟ ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କ ନିକଟକୁ ଆଲୋଚନା କରିବାକୁ ଆସି ନ ଥିଲେ। ପରେ ଅଭିଭାବକ ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ଜିଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କ ଦାବି ସମ୍ପର୍କରେ ଆଲୋଚନା ନ କରିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଅଭିଭାବକ ଚେତାବନୀ ଦେଇଥିଲେ। ଧାରଣାରେ ସୁନିଲ ରାଉତରାୟ, ଦିବାକର ବେହେରା, ଅଜୟ ସାହୁ, ମାନସ ବିଶ୍ୱାଳ, ସୁକାନ୍ତ କୁମାର ସ୍ୱାଇଁ, ଦେବାଶିଷ କର, ଶୁଭାଶିଷ ଦାସ, ପ୍ରଶାନ୍ତ ରାଉତ, ଜୀବଦନନ୍ଦ୍ ପରିଡ଼ା, ମନୋରଞ୍ଜନ ସାହୁ ଓ ମାନସ ରଞ୍ଜନ ପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

### ଜଳଛତ୍ର ଉଦ୍‌ଘାଟିତ

ଦଶରଥପୁର,୨।୪(ସୁଶାନ୍ତ କୁମାର ବେହୁରିଆ): ଦଶରଥପୁର ଅଞ୍ଚଳର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଝୁମୁରୀ ପାରା ଶିଶୁ ସାହିତ୍ୟ ସଂସଦ ଓ ଆଦର୍ଶ ପାଠାଗାର ପକ୍ଷରୁ ଏକ ଜଳଛତ୍ର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ମଣ୍ଡଳ ଶିକ୍ଷାଧିକାରୀ ଅନ୍ନଦା ପ୍ରସାଦ ରଣା ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ କବି ଅନନ୍ତ ସ୍ମୃତି ପାଠାଗାର ସମ୍ପାଦକ ଶଶିକାନ୍ତ ନାୟକ, ଶିକ୍ଷକ ତଥା କବି ଜ୍ଞାନରଞ୍ଜନ ତ୍ରିପାଠୀ, ଦୁର୍ଯ୍ୟୋଧନ ସାମଲ, ଅକ୍ଷୟ ମଲ୍ଲିକ, ଗୋପବନ୍ଧୁ କଳା ପରିଷଦ ସମ୍ପାଦକ ବିଶ୍ୱମ୍ଭର ନାୟକ, ଡଲଫିନ ଡ୍ୟାନ୍ସ ଗ୍ରୁପର ନିର୍ଦ୍ଦେଶକ ମାଷ୍ଟର ମିହିର କୁମାର, ଗୀତିକାର ସାବିତ୍ରୀ ମଲ୍ଲିକ, କଣ୍ଠଶିଳ୍ପୀ ଜୟଦେବ ନାଥ, ଖବରଦାତା ଦେବେନ୍ଦ୍ର ସାମଲ ଯୋଗଦେଇ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ନୀଳକଣ୍ଠପୁର-ନାରୀଗାଁ ମୁଖ୍ୟ ରାସ୍ତାର ମଧ୍ୟ ଭାଗରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସମସ୍ତ ଅତିଥି ଓ ଅନୁଷ୍ଠାନର ସଦସ୍ୟମାନେ ପଥିକମାନଙ୍କୁ ଦହିପଣା ବଣ୍ଟନ କରିଥିଲେ। ଝୁମୁରୀ ପାରା ଶିଶୁ ସାହିତ୍ୟ ସଂସଦ ଓ ଆଦର୍ଶ ପାଠାଗାରର ସମ୍ପାଦକ ଧୀରେନ୍ଦ୍ର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ହିନ୍ଦୁ ନବବର୍ଷ ପାଳିତ

ଚଢ଼େଇଧରା,୨।୪(ଦିଲୀପ ପରିଡ଼ା): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗଡ଼ମଧୁପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ସଭାପତି ସାବିତ୍ରୀ ସାହୁ, ଉପସଭାପତି କୁମୁଦିନୀ ଧୀର ସାମନ୍ତ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସଭାପତି ମାନସ ମଲ୍ଲିକ ବକ୍ତା ଭାବେ ଯୋଗଦେଇଥିଲେ। ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ସୁବ୍ରତ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ।

### ସରକାରୀ ଖୁଚୁରା ବିକ୍ରେତାଙ୍କ ପରଲୋକ

ବରୀ,୨।୪(ମହେନ୍ଦ୍ର ସ୍ୱାଇଁ): ବରୀ ବ୍ଲକ ଅଧୀନ ରମ୍ଭା ପଞ୍ଚାୟତର ସରକାରୀ ଖୁଚୁରା ବିକ୍ରେତା ପ୍ରେମଲତା ସାହୁଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୭୨ବର୍ଷ ବୟସ ହୋଇଥିଲା। ସେ କର୍କଟ ରୋଗରେ ପୀଡ଼ିତ ଥାଇ ବି ହିତାଧିକାରୀଙ୍କୁ ସାମଗ୍ରୀ ସୁଚାର ରୂପେ ବଣ୍ଟନ କରି ଆସୁଥିଲେ। ତାଙ୍କ ବିୟୋଗ ଖବର ପାଇ ବ୍ଲକ ଯୋଗାଣ ନିରୀକ୍ଷକ ସୂର୍ଯ୍ୟକାନ୍ତ ବେହେରା, ସରକାରୀ ଖୁଚୁରା ବିକ୍ରେତା ରଘୁନାଥ ଶର୍ମା, ପ୍ରକାଶ ଭାନୁ ଦାସ, ସୀତାରାମ ପାଢ଼ୀ, ଗଦାଧର ଦାସ, ପୁରୁଷୋତ୍ତମ ଜେନା, ଉମାକାନ୍ତ ସାମଲ, ରଞ୍ଜିତ ସାହୁ, ହିମାଂଶୁ ଶେଖର ଦାସ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସାନପୁଅ ସୁଧାଂଶୁ ଶେଖର ସାହୁ ମୁଖାଗ୍ନି ଦେଇଥିଲେ।

# ଭାରିଯାନ ଚଳାଚଳ ଉପରେ କଟକଣା

ଯାଜପୁର,୨।୪(ହର୍ଷବର୍ଦ୍ଧନ ବେହେରା) : କଳିଙ୍ଗନଗର ଶିଳ୍ପାଞ୍ଚଳର ମାନପୁର ରେଳ ଓଭର ବ୍ରିଜରେ ଭାରି ଯାନବାହାନ ଚଳାଚଳ ଯୋଗୁ ଟ୍ରାଫିକ ଜାମ୍ ଏବଂ ଦୁର୍ଘଟଣାର ସମ୍ଭାବନା ସୃଷ୍ଟି ହୋଇଛି। ତେଣୁ ଜିଲା ପ୍ରଶାସନ ପକ୍ଷରୁ ସକାଳ ୭ଟାରୁ ୯ଟା ଏବଂ ଅପରାହ୍ନ ୫ଟାରୁ ରାତି ୭ଟା ପର୍ଯ୍ୟନ୍ତ ସାଧାରଣ ଜନତାଙ୍କ ସୁରକ୍ଷା ଏବଂ ନିରାପତ୍ତାକୁ ଦୃଷ୍ଟିରେ ରଖି ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଓଡ଼ିଶା ମଟର ଯାନ ନିୟମ-୧୯୯୩ର ଧାରା ୬୩ ଓ ୯୩ ଏବଂ ମୋଟର ଯାନ ଅଧିନିୟମ-୧୯୮୮ର ଧାରା ୧୧୫,୧୬ ଓ ୧୧୭ ଅନୁଯାୟୀ ଭାରିଯାନ ଚଳାଚଳ ଉପରେ ନିଷେଧାଜ୍ଞା ଜାରି କରିଛନ୍ତି। ଏହି ନିଷେଧାଜ୍ଞା ୧।୪।୨୦୨୫ ଠାରୁ ୩୦।୪।୨୦୨୫ ପର୍ଯ୍ୟନ୍ତ ଜାରି କରାଯାଇଛି।

ଯାଜପୁର ଜିଲାର କଳିଙ୍ଗନଗର ଶିଳ୍ପ ଓ ସୁକିନ୍ଦା ଖଣି ଅଞ୍ଚଳକୁ ଯାଇଥିବା ମୁଖ୍ୟ ରାସ୍ତାର ମାନପୁର ଓଭରବ୍ରିଜ ଉପରେ ନୀତିଦିନିଆ ଟ୍ରାଫିକ ସମସ୍ୟା ଯାତ୍ରୀଙ୍କ ପାଇଁ କାଳ ହେଉଛି। ଏହାବାଦ୍ ମାନପୁର ପ୍ରଥମ ଓଭରବ୍ରିଜ ରାସ୍ତାରେ ଖାଲଖମାର ସୃଷ୍ଟି ହେବା ସହ ବିପଦସଙ୍କୁଳ ହୋଇପଡିଛି।



ମାନପୁର ବ୍ରିଜ୍ ।

ଏହା କେତେବେଳେ ଯେ ଗଳିପଡିବ ବୋଲି ସେହି ରାସ୍ତାଦେଇ ଯାଉଥିବା ଯାତ୍ରୀମାନେ ଆଶଙ୍କା ବ୍ୟକ୍ତ କରୁଛନ୍ତି। ତେବେ ଟ୍ରାଫିକ ସମସ୍ୟାର ସମାଧାନ କରିବାର ଲକ୍ଷ୍ୟ ନେଇ ସରକାର ଦ୍ୱିତୀୟ ବ୍ରିଜ୍‌ର ପରିକଳ୍ପନା କରିଥିଲେ ହେଁ ତାହା ଦୀର୍ଘ ୫ ବର୍ଷ ହେଲା ସମ୍ପୂର୍ଣ୍ଣ ହେଉ ନ ଥିବାରୁ ନିର୍ଦ୍ଧାରିତ ସମୟରେ କର୍ମଚାରୀ ଓ ଅଧିକାରୀମାନେ ବିଭିନ୍ନ ଶିଳ୍ପ କାରଖାନାକୁ ପହଞ୍ଚି ପାରୁ ନ ଥିବା ଅଭିଯୋଗ ହେଉଛି।

ମିଳିଥିବା ସୂଚନା ଅନୁଯାୟୀ, ୨୦୧୦ରେ ମାନପୁର ରେଲୱେ କ୍ରସିଂ ନିକଟରେ ଏକ ଓଭରବ୍ରିଜ ନିର୍ମାଣ ଆରମ୍ଭ ହୋଇଥିଲା। ସେତେବେଳେ କେନ୍ଦ୍ର ସରକାରଙ୍କ ରେଳ ବିଭାଗର ଭାଗ ଅଂଶ ନିର୍ମାଣ ସାରିବାର ପ୍ରାୟ ୭ ବର୍ଷ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ କାମ ଆରମ୍ଭ ହୋଇ ନ ଥିଲା। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଅନୁଦାନରେ ଏଥିପାଇଁ ୨୬.୨୪ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ତେବେ ୨୦୧୯ରେ ଏହି ବ୍ରିଜ୍ ଲୋକାର୍ପଣ ହେବା ପରେ ଖଣି, କାରଖାନା ଓ ଅଞ୍ଚଳବାସୀ ରେଲୱେ କ୍ରସିଂର କଷ୍ଟରୁ ରକ୍ଷା ପାଇବେ ବୋଲି ଆଶା କରିଥିଲେ। କିନ୍ତୁ ଏହାର ଓଲଟା ହୋଇଛି। ବ୍ରିଜ୍ ଉପରେ ଶତାଧିକ ଗାଡ଼ି ଅଟକି ରହୁଥିବାରୁ ଟ୍ରାଫିକ ସମସ୍ୟା ନିତିଦିନିଆ ହେଉଥିବା ଦେଖିବାକୁ ମିଳିଛି।

ଜିଲା ପ୍ରଶାସନ ଏବଂ ଶିଳ୍ପ କାରଖାନା କର୍ତ୍ତୃପକ୍ଷଙ୍କ ଖାମଖିଆଲି ମନୋଭାବ ଆଗରେ ଜନସାଧାରଣଙ୍କ ସ୍ୱାର୍ଥ କପରି ବଳି ପଡେ ତା'ର ଜ୍ୱଳନ୍ତ ଉଦାହରଣ ମାନପୁର ବ୍ରିଜ୍ ଏବଂ ଏହାର ଆଖପାଖ ଅଞ୍ଚଳରେ ଦେଖିବାକୁ ମିଳିଛି। ଏହାସହ ମାନପୁର ବ୍ରିଜ୍ ଏବଂ ଏହାର ଉଭୟ ପାର୍ଶ୍ୱରେ ବାୟୁ ପ୍ରଦୂଷଣ ଉତ୍କଟ ହେଉଛି। ଏଥିରେ କଳିଙ୍ଗନଗର ଶିଳ୍ପ କାରଖାନା ଏବଂ ସୁକିନ୍ଦା ଖଣି ଅଞ୍ଚଳକୁ ଯାତାୟତ କରୁଥିବା ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାରେ ମେସ୍କୋ ସାଇଡିଂରୁ ମାନପୁର ବ୍ରିଜ୍ ଉପର ଦେଇ ମାଲ୍ ପରିବହନ ହେଉଥିବାରୁ ପ୍ରାୟ ୨୪ ଘଣ୍ଟା ଧୂଳି ଉଡୁଥିବା ଦେଖିବାକୁ ମିଳିଛି। ଏହି ବାୟୁ ପ୍ରଦୂଷଣ ସହ ମାନପୁର ବ୍ରିଜ୍ ଉପରେ ଏକାଧିକ ଖାଲ ଢିପ ସୃଷ୍ଟି ଲୋକଙ୍କୁ ମରଣମୁହଁକୁ ଠେଲି ଦେଇଛି ବୋଲି ମତପ୍ରକାଶ ପାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର ସମସ୍ତ ନୀତିନିୟମକୁ ଉଲ୍ଲଂଘନ କରି ମାନପୁର ବ୍ରିଜ୍ ନିକଟସ୍ଥ କାରଖାନା ଏବଂ ରେଲୱେ ସାଇଡିଂ କର୍ତ୍ତୃପକ୍ଷଙ୍କ ମନମାନି ସାଧାରଣ ଲୋକଙ୍କୁ ଭୋଗିବାକୁ ପଡିଛି । ପୂର୍ବରୁ ଏନେଇ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ, ହାଇକୋର୍ଟ, ମାନବାଧିକାର କମିଶନଙ୍କ ତାଗିଦ ମଧ୍ୟ ଏଯାଏ ଫଳପ୍ରଦ ହୋଇ ପାରିନାହିଁ ବୋଲି ଅଭିଯୋଗ ହେଉଛି।

## ହାଜି ରହି ମିଆଁ ଉଚ୍ଚ ବିଦ୍ୟାଳୟରେ ଖଡ଼ିଛୁଆଁ ପର୍ବ




ପିଲାମାନଙ୍କୁ ଶିକ୍ଷୟିତ୍ରୀମାନେ ଖଡ଼ି ଛୁଆଁଉଛନ୍ତି ।

ବ୍ରହ୍ମବରଦା,୨।୪ (ଯଯାତି କେଶରୀ ବେହେରା): ରସୁଲପୁର ବ୍ଲକ୍ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତଠାରେ ଥିବା ହାଜି ରହି ମିଆଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଖଡ଼ିଛୁଆଁ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ପରିପେକ୍ଷୀରେ ବିଦ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅନୱର ଖାଁ ସଭାପତିତ୍ୱ କରିଥିଲେ। ପ୍ରଧାନଶିକ୍ଷକ ଆଲୋକ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ବ୍ରହ୍ମବରଦା ସରପଞ୍ଚ ମମତା ଶୁଭଦର୍ଶିନୀ ଦେଓ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟା ରୁକସାନା ପରୱିନ, ବନ୍ଧଡ଼ିହ କ୍ଲଷ୍ଟର ସିଆର୍‌ସିସି ବିଜୟ କୁମାର ସାହୁ, ଯୁବ ସାମାଜିକ କର୍ମୀ ପ୍ରଫୁଲ୍ଲ ଗିରି, ପ୍ରଦୀପ ଦାସ, ଶିକ୍ଷାବିତ ଆଲ୍ଲାଉଦ୍ଦିନ ଖାଁ, ଶିଶୁଅଧିକାର କର୍ମୀ ମଣ୍ଟୁ ଦାସ ପ୍ରମୁଖ ଯୋଗଦେଇ ନୂତନ କରି ନାମଲେଖାଇଥିବା ଶୁଶିଙ୍କୁ ଉତ୍ସାହିତ କରିବା ସହିତ ନିଜ ସମୟରେ ବିଦ୍ୟାଳୟରେ ନାମଲେଖା ଉତ୍ସବ ଏବଂ ବର୍ତ୍ତମାନ ସମୟର ଖଡ଼ି ଛୁଆଁ ପର୍ବ ସମ୍ପର୍କରେ କହିଥିଲେ। ସମୀର କୁମାର ପରିଡ଼ା ଧନ୍ୟବାଦ ଦେଇଥିଲେ।

# ରକ୍ତ ଅଭାବ ଦୂର କରିବାକୁ ପ୍ରୟାସ




ରକ୍ତଦାନ ଶିବିରରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ ।

**ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହାୟତା ନେଲେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ**

ରସୁଲପୁର,୨।୪(ରଞ୍ଜିତ ରାଉତ): ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟସ୍ଥିତ ରକ୍ତ ଭଣ୍ଡାରରେ ରକ୍ତର ଅଭାବ ପରିଲକ୍ଷିତ ହୋଇଛି। ରକ୍ତ ଅଭାବ ଦୂର କରିବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପକ୍ଷରୁ ଜିଲାର ୪ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହେଲ୍ପିଂ ହ୍ୟାଣ୍ଡସ୍-କୁଆଖିଆ, ଅଶୋକ ଦାସ ଫାଉଣ୍ଡେଶନ-ଯାଜପୁର, ଟାଟା ଷ୍ଟିଲ-କଳିଙ୍ଗନଗର ଓ ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟର ସହାୟତା ନିଆଯାଇଛି। ଏହି କ୍ରମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହେଲ୍ପିଂ ହ୍ୟାଣ୍ଡସ୍ ପକ୍ଷରୁ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ହରିପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ନୂତନ) ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନ ପକ୍ଷରୁ ୩୧ଜଣ ରକ୍ତଦାନ କରିଥିଲେ। ଶିବିରକୁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ହିମାଂଶୁ କୁମାର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିସହିତ ସେ କହିଥିଲେ, ଖରାଦିନରେ ରକ୍ତ ଅଭାବ ପରିଲକ୍ଷିତ ହେବା ଏକ ସାଧାରଣ ଘଟଣା। ମାତ୍ର ଜୀବନ ସହ ସଂଗ୍ରାମ କରୁଥିବା ରୋଗୀଙ୍କ ରକ୍ତର ଆବଶ୍ୟକତା ପଡୁଛି। ସ୍ୱେଚ୍ଛାସେବୀମାନଙ୍କ ସହଯୋଗ ଓ ରକ୍ତଦାନ ଯୋଗୁ ବହୁ ମୂଲ୍ୟବାନ ଜୀବନ ବଞ୍ଚିଯାଉଛି। ସମ୍ମାନିତ ଅତିଥି ଭାବରେ ସାମାଜିକ କର୍ମୀ ବସନ୍ତ ନାୟକ, ଫାର୍ମାସିଷ୍ଟ ଅମରେଶ ଦାଶ, ବ୍ଲଡ ବ୍ୟାଙ୍କ ଅଧିକାରୀ ପାର୍ଥସାରଥୀ ପୁହାଣ ପ୍ରମୁଖ ଯୋଗଦେଇ ଶିବିରକୁ ପରିଚାଳନା କରିଥିଲେ। ଅନୁଷ୍ଠାନର ବ୍ଲଡ୍ କିଙ୍ଗ ଭାବରେ ପରିଚିତ ଗଣେଶ ସାହୁ, ରକ୍ତ ସଚିବ ଉମେଶ ସାହୁ, ୫୭ଥର ରକ୍ତ ଦାନ କରିଥିବା ରକ୍ତବୀର ଗୋପାଳ ସାମଲଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନ ପ୍ରତିଷ୍ଠାତା ପ୍ରଶାନ୍ତ ଷଡ଼ଙ୍ଗୀ, ଅଭିମନ୍ୟୁ ନାୟକ, ଉମେଶ ସାହୁ, ଚିନ୍ମୟୀ ମହାନ୍ତି, ପ୍ରତିଭା ନାୟକ, ଜ୍ଞାନପ୍ରଭା ସାମଲ, ସଂଗୀତା ସାହୁ, ଶୁଭଲକ୍ଷ୍ମୀ ଦାସ, ମମତା ସାହୁ, ଶୁଭଶ୍ରୀ ଦାସ, ସ୍ୱର୍ଣ୍ଣଲକ୍ଷ୍ମୀ ଷଡ଼ଙ୍ଗୀ, ବିଦ୍ୟାଭୂଷଣ କର, ଶୁଭମ୍ ସାହୁ, ଜିତେନ୍ଦ୍ର ସେଠୀ, ଦୀପକ ଜେନା, ନିଖିଲ ମିଶ୍ର, ସନ୍ତୋଷ ଦାସ, ତୋଫାନ ନାଥ, ରୁଦ୍ରନାରାୟଣ ପରିଡ଼ା, ଇନ୍ଦ୍ରଜିତ୍ ସ୍ୱାଇଁ, ଗୋପାଳ ସେନାପତି, ସୁଶାନ୍ତ ସେନାପତି ଓ ସନ୍ତୋଷ ସାହୁଙ୍କ ସମେତ ଡାକ୍ତରଖାନାର ସମସ୍ତ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ୧୫ରୁ ଦେବେଶ୍ୱର ମନ୍ଦିରରେ ଶ୍ରୀରାମଚରିତ ମାନସ

ଯାଜପୁର,୨।୪(ହର୍ଷବର୍ଦ୍ଧନ ବେହେରା) : ଯାଜପୁର ରୋଡ଼ ଗୋଶାଳାଛକ ନିକଟସ୍ଥ ମହାତାବନଗର ଶ୍ରୀଶ୍ରୀ ଦେବେଶ୍ୱର ମନ୍ଦିର ପରିସରରେ ଦ୍ୱିତୀୟ ଶ୍ରୀରାମ ଚରିତ ମାନସ ପାଇଁ ଶ୍ରୀଦେବେଶ୍ୱର କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୧୫ରୁ ୨୩ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରୁ ପ୍ରବଚକମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ଏକ ସବ୍‌କମିଟି ଗଠନ କରାଯାଇଛି। ଏଥିରେ ମାୟାଧର ନାୟକ ସଭାପତି, ଭାଗିରଥି ଆଚାର୍ଯ୍ୟ ସମ୍ପାଦକ, ଚୈତନ୍ୟ ଚରଣ ବାରିକ କୋଷାଧକ୍ଷ ରହିଛନ୍ତି। ବ୍ୟାସ ପ୍ରମୋଦ ଦାସଜୀ ମହାରାଜ, ଅନ୍ତର୍ଯ୍ୟାମୀ ଦାସ ମହାରାଜ ବାବୁ, କପିଳ ନାୟକ, ମନୋହର ଦାସଜୀ ମହାରାଜ ରାମାୟଣର ଦିବ୍ୟ ଲୀଳା ପ୍ରବଚନ ପ୍ରଦାନ କରିବେ। ଏହି ସଭାରେ ରାମଚରିତ ମାନସର ପରାମର୍ଶଦାତା ବରିଷ୍ଠ ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡା, ଖବରଦାତା ହାରାଧନ ବାନାର୍ଜୀ ଓ ହର୍ଷବର୍ଦ୍ଧନ ବେହେରା, ପୂଜକ କେଶବ ଚନ୍ଦ୍ର ପଣ୍ଡା, ହେମନ୍ତ କୁମାର ଦାସ, ସତ୍ୟଜିତ ଶତପଥୀ ଓ ଦେବେଶ୍ୱର କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

## ବିଦ୍ୟାଳୟରେ ଶିଶୁବାଟିକା, ଖଡ଼ିଛୁଆଁ କାର୍ଯ୍ୟକ୍ରମ



ଉର୍ଦ୍ଦୁ ୟୁଜିଏମ୍‌ଇ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।

ବରୀ,୨।୪(ମହେନ୍ଦ୍ର ସ୍ୱାଇଁ): ବରୀ ଶିକ୍ଷା ମଣ୍ଡଳ ଅଧୀନ ଉର୍ଦ୍ଦୁ ୟୁଜିଏମ୍‌ଇ ବିଦ୍ୟାଳୟରେ ଶିଶୁ ବାଟିକା ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସ୍ୱୟଂପ୍ରଭା ଖୁଣ୍ଟିଆ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡ଼ି ଯୋଗଦେଇ କହିଥିଲେ, ଶିଶୁମାନେ ହେଉଛନ୍ତି ଦେଶର ଭବିଷ୍ୟତ। ସେମାନଙ୍କୁ ପ୍ରାଥମିକସ୍ତରରୁ ଶିକ୍ଷାଦାନ ସମୟରେ ଶିକ୍ଷୟିତ୍ରୀଶିକ୍ଷକ ଓ ଅଭିଭାବକ ଯତ୍ନବାନ ହେଲେ ଭବିଷ୍ୟତରେ ସେମାନେ ଉତ୍ତମ ଶିକ୍ଷା ଗ୍ରହଣ କରି ଭଲ ମଣିଷ ହୋଇପାରିବେ। ବରୀ ମଣ୍ଡଳ ଶିକ୍ଷା ଅଧିକାରୀ ଭିକାରି ଚରଣ କବି, ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଜଳଧର ଖଟୁଆ, ସୁରେନ୍ଦ୍ର କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷାଦାନ କ୍ଷେତ୍ରରେ ଶିକ୍ଷୟିତ୍ରୀଶିକ୍ଷକ ଛାତ୍ରୀଛାତ୍ରଙ୍କୁ ନିଜର ପିଲା ଭଳି ବ୍ୟବହାର କରିବାକୁ କହିଥିଲେ। ଏଥିସହିତ କିଭଳି କୋମଳ ମତି ଛାତ୍ରୀଛାତ୍ରଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ଚିନ୍ତାଧାରା ଉତ୍ତମ ହୋଇପାରିବ ସେ କ୍ଷେତ୍ରରେ ଗୁରୁତ୍ୱ ଦେବାକୁ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସୋନାଲି ସିଂ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଆଶୀର୍ବାଦ କରିଥିଲେ। ବ୍ଲକ୍‌ର ୧୩୫ ପ୍ରାଥମିକ ବିଦ୍ୟାଳୟରେ ମୋଟ୍ ୬୭୭ ଛାତ୍ରୀଛାତ୍ର ବିଦ୍ୟାଳୟ ପ୍ରବେଶ କରି ଖଡ଼ି ଛୁଆଁରେ ସାମିଲ ହୋଇଥିଲେ। ବିଭିନ୍ନ ବିଦ୍ୟାଳୟରେ ଶିକ୍ଷୟିତ୍ରୀଶିକ୍ଷକ ଓ ଅଭିଭାବକ ଉପସ୍ଥିତ ଥିଲେ।

## ଖୋସାଲିପୁର ବିଦ୍ୟାଳୟରେ ଖଡ଼ିଛୁଆଁ, ପ୍ରବେଶ ଉତ୍ସବ

ଚଣ୍ଡିଖୋଲ,୨।୪(ପ୍ରଦୀପ୍ତ କୁମାର ପୃଷ୍ଟି): ବଡ଼ଚଣା ଶିକ୍ଷା ମଣ୍ଡଳ ଅନ୍ତର୍ଗତ ଖୋସାଲିପୁର ପ୍ରାଥମିକ ବିଦ୍ୟାଳୟରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏନେଇ ପ୍ରଧାନଶିକ୍ଷକ ନବକିଶୋର ବିଶ୍ୱାଳଙ୍କ ସଂଚାଳନରେ ଏକ ସଭା ଆୟୋଜନ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସୁଙ୍ଗୁଡା ସରପଞ୍ଚ ଅଞ୍ଜୁଲତା ସ୍ୱାଇଁ, ଖବରଦାତା ପ୍ରମୋଦ ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନ୍ମଥ ଜେନା, ୱାର୍ଡ ସଭ୍ୟା ଗୀତାଞ୍ଜଳି ଜେନା ଯୋଗ ଦେଇଥିଲେ। ଏହା ପୂର୍ବରୁ ବିଦ୍ୟାଳୟକୁ ସଜ୍ଜିତ କରାଯିବା ସହ ବିଭିନ୍ନ ପ୍ରକାର ଝୋଟି ପକାଯାଇଥିଲା।




କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସହ ଅବିଭାବକ ଉପସ୍ଥିତ ଥିଲେ। ବିଦ୍ୟାଳୟ ସହକାରୀ ଶିକ୍ଷକ ସ୍ୱପ୍ନାଞ୍ଜଳି ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ପୋଲ ବାଡ଼ାରେ ପିଟିହୋଇ ହାଇୱା ଜଳିଗଲା

ଧର୍ମଶାଳା,୨।୪(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ଥାନା ଅନ୍ତର୍ଗତ ୫୨ ନମ୍ବର ଜାତୀୟ ରାଜପଥର ଭଡ଼ଙ୍ଗା ଛକ ନିକଟରେ ଏକ ପୋଲ ବାଡ଼ାରେ ପିଟିହୋଇ ଏକ ହାଇୱା ବୁଧବାର ଅପରାହ୍ନରେ ଜଳିଯାଇଛି। ଓଆର୦୪ ଏମ୍‌୭୬୮୫ ନମ୍ବର ହାଇୱା ଡୁବୁରୀରୁ ଚଣ୍ଡିଖୋଲ ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଖବରପାଇ ଚଣ୍ଡିଖୋଲ ଦମକଳ ବାହିନୀ ଆସି ନିଆଁକୁ ଆୟତ କରିଥିଲେ। ଏନେଇ ଗାଡ଼ିମାଲିକ ପଦ୍ମନାଭ ସ୍ୱାଇଁ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଓଡ଼ିଶା ଜୀବିକା ମିଶନ ଇସି ସଂଘର ଦାବିପତ୍ର

ଧର୍ମଶାଳା,୨।୪(ବଟକୃଷ୍ଣ ପରିଡ଼ା): ଓଡ଼ିଶା ଜୀବିକା ମିଶନ ଇସି ସଂଘ ଧର୍ମଶାଳା ଶାଖା ପକ୍ଷରୁ ବୁଧବାର ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ତୁରନ୍ତ ନୂତନ ଇସି ସଂଘ ଗଠନ ନ କରିବାକୁ ଦାବି କରାଯାଇଛି। ଓଡ଼ିଶା ମିଶନ ଶକ୍ତି ବିଭାଗ ପତ୍ର ସଂଖ୍ୟା ୩୫୬ ତା୨୨/୦୧/୨୦୨୫ ଓ ପତ୍ର ସଂଖ୍ୟା ୨୩୬୫ତା୨୭/୦୩/୨୦୨୫ ଅନୁଯାୟୀ ସମସ୍ତ ଜିଲାପାଳଙ୍କୁ ନୂତନ ମିଶନ ଶକ୍ତି ଇସି ସଂଘ ଗଠନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେଣୁ ନୂତନ ଇସି ସଂଘ ଗଠନକୁ ସାମୟିକ ସ୍ଥଗିତ ରଖିବା ପାଇଁ ଦାବିପତ୍ରରେ ଦର୍ଶାଯାଇଛି। ଓଡ଼ିଶା ଜୀବିକା ଇସି ସଂଘ ଧର୍ମଶାଳା ଶାଖା ସଭାପତି ରେଣୁବାଳା ଶତପଥୀ, ଉପସଭାପତି ମିନତି ନାଥ, ସମ୍ପାଦିକା ଶାନ୍ତିଲତା ଦାଶ, କୋଷାଧକ୍ଷ ମିନତି ପଣ୍ଡା, ସଭ୍ୟା ଚନ୍ଦ୍ରିକା ସାମଲ, ବାସନ୍ତୀ ସାହୁ, ଲିଳାବତୀ ଦାସ, ମିନାକ୍ଷୀ ମହାପାତ୍ର, ଦମୟନ୍ତୀ ଜେନା, ପ୍ରଭାସିନୀ ନାୟକ, ଅରୁଣା ମହାନ୍ତି ପ୍ରମୁଖ ବିଡିଓ ଜ୍ୟୋତିର୍ମୟ କରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

## ୧୯୯୮ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ




ବନ୍ଧୁମିଳନ ଉତ୍ସବରେ ସାମିଲ ହୋଇଥିବା ପୁରାତନ ଛାତ୍ରୀଛାତ୍ର ଓ ଶିକ୍ଷକମାନେ ।

ବରୀ,୨।୪(ମହେନ୍ଦ୍ର ସ୍ୱାଇଁ): ବରୀ ଶିକ୍ଷା ମଣ୍ଡଳ ଅଧୀନ ରାଇପୁର ଭଅଁରା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ୧୯୯୮ମାଟ୍ରିକ ବ୍ୟାଚର ବନ୍ଧୁମିଳନ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ବିଜୟ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ବିଶ୍ୱାଳ, ଚକ୍ରଧର ବାରିକ, ଅରୁଣ କୁମାର ବିଶ୍ୱାଳ, ମହେଶ୍ୱର ପଲାଇ, ଏସ୍‌କେ ଆବେଦିନ, ସୁଧୀର କର, ଗୋପୀନାଥ ପାଢ଼ୀ, ନାରାୟଣ ଦାସ, ଶିକ୍ଷାକର୍ମଚାରୀ ବିରଞ୍ଚି ନାରାୟଣ ପଣ୍ଡା, କୃପାସିନ୍ଧୁ ମଲ୍ଲିକ ଓ ମୁକୁନ୍ଦ ଦାସ ପ୍ରମୁଖ ଉପସ୍ଥିତ ରହି ପୁରାତନ ଛାତ୍ରଙ୍କ ସହିତ ୨୭ ବର୍ଷର ସ୍ମୃତିକୁ ମନେପକାଇଥିଲେ। ଏହି ଅବସରେରେ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହେଇଥିଲା। କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ବିଶ୍ୱଭୂଷଣ ଜେନା, ବିବେକାନନ୍ଦ ଜେନା, ଲଲାଟେନ୍ଦୁ ବାରିକ, ପୀତାମ୍ବର ସ୍ୱାଇଁ, କୁମୁନାଥ ପରମାଣିକ, ସୌଭାଗ୍ୟ ରଞ୍ଜନ ବାରିକ, ସୁବାସ ଚନ୍ଦ୍ର ଜେନା, ପୁରାତନ ଛାତ୍ରୀ ସୀମାରାଣୀ ମିଶ୍ର, ଅନସୂୟା ଦାଶ, ଝୁନା ମହାନ୍ତି, ସାଗରିକା ଖୁଣ୍ଟିଆ, ଅନିତା ସ୍ୱାଇଁ ଓ ପ୍ରତିଭା ବେହେରା ଙ୍କ ସମେତ ବହୁ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ପୋଖରୀରୁ ବାବାଜୀଙ୍କ ମୃତଦେହ ମିଳିଲା

ପାଣିକୋଇଲି,୨।୪(ବିକାଶ ମଲ୍ଲିକ): ପାଣିକୋଇଲି ଥାନା ଅଳତିରି ଗ୍ରାମ ଜାଗୁଲାଇ ପୋଖରୀରୁ ଜଣେ ବାବାଜୀଙ୍କ ମୃତଦେହ ମିଳିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଚଳାଇଛି। ମୃତକ ହେଲେ ସୁକିନ୍ଦା ଥାନା ହାତୀବାରୀ(ଅତା) ଗ୍ରାମର ନାରାୟଣ ଦାସ। ସେ ଶିକ୍ଷକତାରୁ ଅବସର ଗ୍ରହଣ କରିବା ପରେ ଅଲେଖ ଧର୍ମଗ୍ରହଣ କରି ପାଣିକୋଇଲି ପଞ୍ଚାୟତର ଚାନ୍ଦପୁର ଗ୍ରାମରେ ମଠ କରି ରହୁଥିଲେ। ମଙ୍ଗଳବାର ଗ୍ରାମରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଚାଲୁଥିବାରୁ ବାବା ନାରାୟଣ ପୋଖରୀ ତୁଠରେ ବସିଥିଲେ। ସକାଳେ ଗ୍ରାମର ଜଣେ ବ୍ୟକ୍ତି ମୃତଦେହ ଭାସୁଥିବା ଦେଖି ଗ୍ରାମରେ ଜଣାଇଥିଲେ। ଗ୍ରାମବାସୀ ପହଞ୍ଚି ବାବାଜୀଙ୍କୁ ଚିହ୍ନଟ କରିବା ସହ ପୋଲିସକୁ ଖବର ଦେଇଥିଲେ। ତେବେ ବାବାଜୀ ଗାଧୋଇବାକୁ ଯାଇଥିବାବେଳେ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ି ମୃତ୍ୟୁବରଣ କରିଥିବା ସନ୍ଦେହ କରାଯାଉଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୧୨୫ ରୁଜୁ ହୋଇଛି।

# ଧର୍ମଶାଳା ପବ୍ଲିକ୍ ସ୍କୁଲର ପ୍ରତିଷ୍ଠା ଦିବସ



ବିଦ୍ୟାଳୟର ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା ଅତିଥି ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ।

ଧର୍ମଶାଳା,୨।୪(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ୍‌ଅଧୀନ ଜାରକା ପଞ୍ଚାୟତର ଶଙ୍ଖାରୀଡ଼ିହସ୍ଥିତ ଧର୍ମଶାଳା ପବ୍ଲିକ୍ ସ୍କୁଲ୍‌ର ୨୩ତମ ପ୍ରତିଷ୍ଠା ଦିବସ ସ୍କୁଲ୍ ପରିସରରେ ଅଧ୍ୟକ୍ଷ ସବିନ୍ଦୁ ନାରାୟଣ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଜାତୀୟ ବିଜ୍ଞାନ ଗବେଷଣା କେନ୍ଦ୍ରର ପୂର୍ବତନ କୁଳସଚିବ ପ୍ରଫେସର ଅଭୟ କୁମାର ନାୟକ ଯୋଗଦେଇ ଛାତ୍ରୀଛାତ୍ର କିପରି ଉନ୍ନତମାନର ଶିକ୍ଷା ପାଇପାରିବେ ସେ ବିଷୟରେ ଶିକ୍ଷକ ଓ ଅଭିଭାବକଙ୍କ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ଅତିଥିଭାବେ ସଂଗ୍ରାମ ବଳ, ଶୁଭାଶିଷ ପାତ୍ର ଯୋଗଦେଇ ଶିକ୍ଷାଦାନ ଉପରେ ଆଲୋକପାତ କରିଥିଲେ। ଏନ୍‌ଇଇଟି ପରୀକ୍ଷାରେ ସଫଳତା ଅର୍ଜନ କରିଥିବା ବୈଜୟନ୍ତ ବୋଇତେଇ ଓ ବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଶୁଭଶ୍ରୀ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍କୁଲର ପ୍ରତିଷ୍ଠାତା ଭିକାରି ଚରଣ ସାମଲ ଅତିଥି ପରିଚୟ ପ୍ରଦାନ କରିବା ସହିତ ଅନୁଷ୍ଠାନର ପ୍ରଗତିରେ ଅଭିଭାବକଙ୍କ ସହଯୋଗ କାମନା କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ଓ ଏକକ ଅଭିନୟ ପରିବେଷଣ କରାଯାଇଥିଲା। ସୋମନାଥ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଅରଡ଼ପଲ୍ଲୀ ସମିତିସଭ୍ୟାଙ୍କ ପରଲୋକ

**ପଟ୍ଟାମୁଣ୍ଡାଇ,୨।୪(କଳ୍ପତରୁ ନାୟକ)**

ସୋମବାର ବିଳମ୍ବିତ ରାତିରେ ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ଅରଡପଲ୍ଲୀ ପଞ୍ଚାୟତର ସମିତିସଭ୍ୟା ତଥା ଭାଜପା ନେତା ସୁନାକର ବେହେରାଙ୍କ ଭାଇବୋହୂ ସରିତା ବେହେରାଙ୍କ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି । ସେ ଦୀର୍ଘଦିନ ହେବ କିଡ୍‌ନୀଜନିତ ରୋଗରେ ପୀଡ଼ିତ ଥିଲେ । ୨୦୨୨ ପଞ୍ଚାୟତ ନିର୍ବାଚନରେ ସେ ଅରଡପଲ୍ଲୀ ଗ୍ରାମ ପଞ୍ଚାୟତରୁ ନିର୍ବାଚିତ ହୋଇଥିଲେ। ଜଣେ ସଚ୍ଚୋଟ ,ପରୋପକାରୀ ଓ ମିଷ୍ଟଭାଷୀ ମହିଳା ଭାବେ ସେ ସମିତିରେ ସେ ନିଜର ଏକ ସତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲେ। ତାଙ୍କୁ ୩୭ ବର୍ଷ ବୟସ ହୋଇଥିଲା । ମଙ୍ଗଳବାର ସକାଳୁ ତାଙ୍କ ମୃତଦେହ ନିଜ ଗାଁ ଅରଡପଲ୍ଲୀରେ ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କୁ ଶେଷଦର୍ଶନ କରିଥିଲେ । ଜିଲା ସଭାପତି ଶଶାଙ୍କ ଶେଖର ସେଠୀ, ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧକ୍ଷ ଜୟନ୍ତୀ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ରଞ୍ଜନ ବିଶାଳ, ବୋଧିରାମ ବେହେରା, ଜ୍ୟୋତିପ୍ରକାଶ ପ୍ରଧାନ, ଅଭୟ ସ୍ୱାଇଁ, ଲିଲି ମଲିକ, ପ୍ରଦୀପ ସାହୁ ପ୍ରମୁଖ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ୩ ବର୍ଷ ପରେ ଜବରଦଖଲ ମୁକ୍ତ ହେଲା କଲ୍ୟାଣମଣ୍ଡପ

## ରାଜସ୍ୱ ଭରଣାକୁ ନେଇ ଆଶଙ୍କା

**କୁଜଙ୍ଗ, ୨।୪ (ମନୋଜ ପ୍ରଧାନ)**



ପ୍ରଶାସନିକ ଅଧିକାରୀମାନେ ଜବରଦଖଲ ଉଚ୍ଛେଦ କରୁଛନ୍ତି।

କୁଜଙ୍ଗ ପଞ୍ଚାୟତ କଲ୍ୟାଣ ମଣ୍ଡପକୁ ନ୍ୟାୟିକ ଜାଲରେ ଛନ୍ଦି ଜଣେ ବ୍ୟକ୍ତି ୩ ବର୍ଷ ହେବ ଜବରଦଖଲ କରି ରଖିଥିଲେ। ଅଦାଲତ ଉକ୍ତ ମକଦ୍ଦମାକୁ ଖାରଜ କରି ଦେବା ପରେ ବୁଧବାର ପ୍ରଶାସନ ଜବରଦଖଲ ମୁକ୍ତ କରିଛି।

ବଳରାମପୁର ଗ୍ରାମର ସମୀର ସୂତାର କୁଜଙ୍ଗ ପଞ୍ଚାୟତ କଲ୍ୟାଣ ମଣ୍ଡପକୁ ୨୦୨୧ ଡିସେମ୍ବର ୧୦ରେ ବାର୍ଷିକ ୫ ଲକ୍ଷ ୩ ହଜାର ଟଙ୍କାରେ ନିଲାମ ନେଇଥିଲେ। ଚୁକ୍ତି ମୁତାବକ ତାଙ୍କର ବାର୍ଷିକ ନିଲାମ ଅବଧି ୨୦୨୨ ଡିସେମ୍ବର ୧୦ରେ ଶେଷ ହୋଇଥିଲା। ମିଆଦ ପୂରିବା ପରେ ସମୀର କଲ୍ୟାଣମଣ୍ଡପ ପଞ୍ଚାୟତକୁ ହସ୍ତାନ୍ତର କରିବା ପରିବର୍ତ୍ତେ କରୋନା ସଂକ୍ରମଣ ଯୋଗୁ ସେ କ୍ଷତି ସହିଥିବାରୁ ତାଙ୍କୁ ଆଉ ୬ ମାସ ଅଧିକ ସମୟ ଦେବାକୁ ସେହି ମାସ ୩୦ ତାରିଖରେ ସରପଞ୍ଚଙ୍କୁ ଲିଖିତ ଆକାରରେ ଅନୁରୋଧ କରିଥିଲେ। ସରପଞ୍ଚ ବନ୍ଦିତା ଦାସ ଏହାକୁ ବିଚାରକୁ ନେଇ ଅଧିକ ୬ ମାସ ପାଇଁ ନିଲାମ ମିଆଦ ବଢ଼ାଇ ଥିଲେ। ମାତ୍ର ବର୍ଦ୍ଧିତ ୬ ମାସର ଅବଧି ପୂରିଲା ପରେ ପଞ୍ଚାୟତ ପକ୍ଷରୁ କଲ୍ୟାଣ ମଣ୍ଡପ ଖାଲି କରିବାକୁ ତାଙ୍କୁ କୁହାଯାଇଥିଲା। ହେଲେ ସମୀର କଲ୍ୟାଣ ମଣ୍ଡପ ଖାଲି ନ କରି ସରପଞ୍ଚଙ୍କ ବିରୋଧରେ କୁଜଙ୍ଗ ସିଭିଲ ଜଜ୍ ସିନିୟର ଡିଭିଜନଙ୍କ ଅଦାଲତରେ ଆଇଏ ନମ୍ବର ୨୪୯/୨୨ ଓ ସିଏସ କେସ ନମ୍ବର ୩୩୩/୨୨ରେ ୨ଟି ମକଦ୍ଦମା ରୁଜୁ କରିବା ସାଙ୍ଗକୁ କଲ୍ୟାଣ ମଣ୍ଡପକୁ ଜବରଦଖଲ କରି ରଖିଥିଲେ। ମାର୍ଚ୍ଚ ମାସ ୧୨ ତାରିଖରେ ଅଦାଲତ ଉକ୍ତ ମକଦ୍ଦମାକୁ ଖାରଜ କରିଦେଇଥିଲେ। ଫଳରେ ଜଗତ୍‌ସିଂହପୁର ଉପଜିଲାପାଳଙ୍କ ନିର୍ଦ୍ଦେଶ ମତେ ପ୍ରଶାସନ ପକ୍ଷରୁ ବୁଧବାର କଲ୍ୟାଣ ମଣ୍ଡପକୁ ଜବରଦଖଲ ମୁକ୍ତ କରାଯାଇ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି। କଲ୍ୟାଣମଣ୍ଡପକୁ ଜବରଦଖଲକାରୀ ସମୀର ଆସି ନ ଥିବା ବେଳେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା କୁଜଙ୍ଗର ଅତିରିକ୍ତ ତହସିଲଦାର ରଞ୍ଜନ ମହାନ୍ତିଙ୍କ ଉପସ୍ଥିତିରେ ଉଚ୍ଛେଦ କରାଯାଇଥିଲା। କଲ୍ୟାଣ ମଣ୍ଡପର ଉପର ମହଲାରେ ଥିବା ୧୧ ଟା ପଙ୍ଖା ଓ ତଳମହଲାରେ ଥିବା ୧୫ଟା ପଙ୍ଖାକୁ କୁଜଙ୍ଗ ପଞ୍ଚାୟତକୁ ଜିମା ଦିଆଯାଇଛି। ଅନ୍ୟ ୮ଟା ଛୋଟ କୋଠରିରେ କୌଣସି ସାମଗ୍ରୀ ନ ଥିଲା ବୋଲି ପଞ୍ଚାୟତ ନିର୍ବାହୀ ଅଧିକାରୀ ଦୁଃଶାସନ ରାଉତଙ୍କଠାରୁ ସୂଚନା ମିଳିଛି। କଲ୍ୟାଣମଣ୍ଡପ ଜବରଦଖଲରେ ରହିବାରୁ କୁଜଙ୍ଗ ପଞ୍ଚାୟତ ୩ବର୍ଷର ରାଜସ୍ୱ ୧୫ ଲକ୍ଷ ୯ ହଜାର ଟଙ୍କା ହରାଇଲା। ଉକ୍ତ ସର୍ବସାଧାରଣଙ୍କ ଅର୍ଥ କିଭଳି ଭରଣା ହେବ ତାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏ ସମ୍ପର୍କରେ ନିର୍ବାହୀ ଅଧିକାରୀ ରାଉତଙ୍କୁ ପଚାରିବାରେ ପଞ୍ଚାୟତ କ୍ଷତି ସହିଥିବା ଅର୍ଥ ଆଦାୟ ନିମନ୍ତେ ଅଦାଲତର ଆଶ୍ରୟ ନିଆଯିବ ବୋଲି ସେ କହିଛନ୍ତି। ଉଚ୍ଛେଦ ସମୟରେ ଅନ୍ୟମାନଙ୍କ ମଧ୍ୟରେ କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ ଓ ନିର୍ବାହୀ ଅଧିକାରୀ ରାଉତଙ୍କ ସମେତ ଆଇନ ଶୃଙ୍ଖଳାକୁ ଆଖିଆଗରେ ରଖି ସବ୍ ଇନ୍ସପେକ୍ଟର ରଶ୍ମି ରଞ୍ଜନ ସାହୁଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ



ଡେରାବିଶ୍‌ରେ ସ୍କୁଲ ପ୍ରବେଶ ଉତ୍ସବରେ ଛାତ୍ରୀଛାତ୍ରଙ୍କୁ ଖଡ଼ି ଛୁଆଁଯାଉଛି।

**ଡେରାବିଶ,୨।୪(ବେବର୍ତ୍ତା ଅଜୟ ଦାସ)**

ବୁଧବାର ଡେରାବିଶ ହାଇସ୍କୁଲ ପରିସରରେ ଡେରାବିଶ ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଗତିକା ସ୍ୱାଇଁ ସଭାପତିତ୍ୱ କରିଥିଲେ। ଏଥିରେ ଡେରାବିଶ ବିଡିଓ ନମିତା ବାରିକ ମୁଖ୍ୟ ଅତିଥି ଏବଂ ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ସରକାରଙ୍କ ଏହି ନୂତନ ଶିକ୍ଷାନିତିର ଉଦ୍ଦେଶ୍ୟ, ଆଭିମୁଖ୍ୟ ଓ ଉପକାରିତା ବାବଦରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡେରାବିଶ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର କର, ପୂର୍ବତନ ପ୍ରଧାନ ଶିକ୍ଷକ ତଥା ସାହିତ୍ୟିକ ଓ କବି ସୁଶାନ୍ତ ପାତ୍ର, ସ୍ଥାନୀୟ ପଞ୍ଚାୟତ ସରପଞ୍ଚ କାଶିନାଥ କାଣ୍ଡି, ଏବିଇଓ ଦେବଦତ୍ତ ଶତପଥୀ, ନୋଡାଲ ସିଆରସିସି ରମେଶ ଚନ୍ଦ୍ର ପତି ଓ ମକୁନ୍ଦପୁର କ୍ଲଷ୍ଟର ସିଆରସିସି ବିଶ୍ୱଜିତ ମୁଦୁଲି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥି ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ପାଠ ପଢିବା ପାଇଁ ପ୍ରାଥମିକ ଶ୍ରେଣୀରେ ନୁତନ ଭାବେ ନାମ ଲେଖାଇଥିବା କୁନି ଛାତ୍ରଛାତ୍ରୀମାନଙ୍କ ହାତରେ ଖଡି ଧରାଇ ଅକ୍ଷର ଲେଖିବା ଶିଖାଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଶିକ୍ଷୟିତ୍ରୀ ସସ୍ମିତା ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଶିକ୍ଷକ ଗଗନ ପ୍ରୀୟଦର୍ଶୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ରାଜନଗର,(ଭାସ୍କର ରାଉତରାୟ)**

ରାଜନଗର କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍କୁଲ ପରିସରରେ ଶିଶୁବାଟିକା, ଜାତୀୟ ଶିକ୍ଷାନୀତି -୨୦୨୦ର ଶୁଭାରମ୍ଭ କରାଯାଇଥିଲା। ୫ ବର୍ଷରୁ ଊର୍ଦ୍ଧ୍ୱ ପିଲାଙ୍କୁ ବାଲବାଟିକା ଶ୍ରେଣୀରେ ଓ ୬ ବର୍ଷରୁ ଊର୍ଦ୍ଧ୍ୱ ପିଲାଙ୍କୁ ୧ମ ଶ୍ରେଣୀରେ ନାମ ଲେଖାଇବା ସହିତ ଖଡିଛୁଆଁ ପର୍ବରେ ସାମିଲ କରାଯାଇଥିଲା। ରାଜନଗର ବ୍ଲକ ଶିକ୍ଷା ଅଧିକାରୀ ମନୋରଞ୍ଜନ ସେଠୀ ପିଲାମାନଙ୍କୁ ଖଡି ଛୁଆଁଇ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିସହିତ ନଡିଆ ବାଡେଇ ଶିକ୍ଷା ସଚେତନତା ରଥକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଭକ୍ତଲତା ବାରିକ, ସରପଞ୍ଚ ସୁଶ୍ରୀ ସଂଗୀତା ମିଶ୍ର, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପୀନାଥ ଲେଙ୍କା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୋମନାଥ ବାରିକ , ସିଆରସିସି ମଧୁସୂଦନ ସାହୁଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ,ଶିକ୍ଷକ, ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକମାନେ ଉପସ୍ଥିତ ଥିଲେ। ଶିକ୍ଷା ସଚେତନତା ରଥ ରାଜନଗର, କୁରୁଣ୍ଟି, ହାତିନା, ଡେରା, ବ୍ରାହ୍ମଣସାହି ପଞ୍ଚାୟତ ପରିକ୍ରମା କରିଥିଲା।

## ଖଡିଛୁଆଁ, ଶିଶୁ ବାଟିକା ଅନୁଷ୍ଠିତ

**ମହାକାଳପଡ଼ା,(ପ୍ରତାପ ଚନ୍ଦ୍ର ସ୍ୱାଇଁ):** କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକର ସମସ୍ତ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପର୍ବ ପାଳିତ ହୋଇଯାଇଛି। ବ୍ଲକ ଅଧୀନ ବରକନ୍ଧା ପଞ୍ଚାୟତ ଷାଠିଏବାଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପର୍ବ ପାଳିତ ହୋଇଯାଇଛି। ପ୍ରଥମ କରି ଖଡ଼ି ଛୁଇଁବା ପାଇଁ ବିଦ୍ୟାଳୟକୁ ଆସିଥିବା ନବାଗତ ୧୩ ଛାତ୍ରୀଛାତ୍ରମାନଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ପରେ ପିଲାମାନଙ୍କୁ ଦରିରେ ବସାଯାଇ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତାକୁ ଶିକ୍ଷୟତ୍ରୀ ଶିକ୍ଷକମାନେ ପଢ଼ି ଶୁଣାଇଥିଲେ। ପରେ ଶିଶୁ ବାଟିକା ବା ପ୍ରଥମ ଶ୍ରେଣୀ ପିଲାମାନଙ୍କୁ ସିଲଟରେ ଖଡ଼ି ଛୁଆଁଇ କିଟ ପ୍ରଦାନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଶ୍ୱଭୂଷଣ ମଲିକ ପ୍ରଥମ ଶ୍ରେଣୀରେ ନାମ ଲେଖାଇ ଥିବା ପିଲା ମାନଙ୍କୁ ଖଡ଼ିଛୁଆଇଁ ପାଠ ପଢ଼ାର ଶୁଭାରମ୍ଭ କରିଥିଲେ।

**ମାର୍ଶାଘାଇ, (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ):** ମାର୍ଶାଘାଇ ବ୍ଲକର ସମସ୍ତ ସରକାରୀ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ସହିତ ଖଡ଼ିଛୁଆଁ ପର୍ବ ଆରମ୍ଭ ହୋଇଛି । ଶାସନିପଡା ସରକାରୀ ବିଦ୍ୟାଳୟରେ ନୂଆ କରି ଶିଶୁବାଟିକାରେ ନାମ ଲେଖାଇଥିବା ପିଲାଙ୍କ ମଥାରେ ଫୁଲ ଚନ୍ଦନ ଲଗାଇ ଦୁବ ବରକୋଳି ପତ୍ର ପକାଯିବା ସହ ବାଦ୍ୟ ଗୀତରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା । ପିଲାମାନେ ଶିକ୍ଷୟତ୍ରୀ, ଶିକ୍ଷକଙ୍କୁ ମୁଣ୍ଡିଆ ମାରି ସ୍କୁଲ ଭିତରକୁ ପ୍ରବେଶ କରିଥିଲେ । ସିଲଟ୍‌ରେ ଖଡ଼ିଛୁଆଁଇ ଶିକ୍ଷକମାନେ ପିଲାଙ୍କ ବିଦ୍ୟାରମ୍ଭ କରିଥିଲେ। ସେହିପରି ଶିଶୁ ବାଟିକା ଏବଂ ପ୍ରଥମ ଶ୍ରେଣୀ ପାଇଁ ନାମ ଲେଖାଉଥିବା ପିଲାଙ୍କୁ ବିଦ୍ୟାଳୟ ପକ୍ଷରୁ ସିଲଟ ଖଡ଼ି,ଖେଳଣା ସାମଗ୍ରୀ ସହ ମାଣ୍ଡିଆ ଲଡୁ ବଣ୍ଟନ କରାଯାଇଥିଲା। ଶାସନିପଡା ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ଲେଙ୍କା, ବିପିନ ବିହାରୀ ଗେରୁ, ଜ୍ୟୋତ୍ରୀମୟୀ ବିଶ୍ୱାଳ, ହରପ୍ରିୟା ବେହେରା, ଅନିତା ମଲିକ, ଶାସନିପଡା ବିଦ୍ୟାଳୟରେ ଅଙ୍ଗନୱାଡ଼ି କର୍ମୀ ସ୍ୱପ୍ନାମୟୀ ସୁତାର ଓ ବିରଜା ପ୍ରିୟଦର୍ଶିନୀ ସ୍ୱାଇଁ ଉପସ୍ଥିତ ଥିଲେ।

# ହଂସୁଆ କଳାପ୍ରତିଷ୍ଠାନର ବାର୍ଷିକ ଉତ୍ସବ



ବାର୍ଷିକୋତ୍ସବରେ ଯୋଗଦେଇଥିବା ଅତିଥି।

**ରାଜନଗର,୨।୪(ଭାସ୍କର ରାଉତରାୟ)**

ଜିଲାର ଅନ୍ୟତମ ଅଗ୍ରଣୀ କଳା ପ୍ରତିଷ୍ଠାନ ହଂସୁଆ କଳା ପ୍ରତିଷ୍ଠାନର ୧୧ତମ ବାର୍ଷିକ କଳାପ୍ରତିଷ୍ଠା ଓ ସାଂସ୍କୃତିକ ଉତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଥିଲା । ମୁଖ୍ୟ ଅତିଥି ତଥା ଉଦଘାଟକ ଭାବେ ବିଧାୟକ ଧ୍ରୁବ ସାହୁ ଯୋଗ ଦେଇ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆମ ମାଟି କଳା ପାଇଁ ଉତ୍ସର୍ଗୀ କୃତ । ବହୁ ଆଗଧାଡିର କଳାକାର ଏ ଅଞ୍ଚଳରେ ଜନ୍ମ ହୋଇ ଥିବାରୁ ଆମେ ଗର୍ବ କରୁ। ହଂସୁଆ କଳାପ୍ରତିଷ୍ଠାନ ଏ କ୍ଷେତ୍ରରେ ଆଗେଇବାରେ ଭୂମିକା ନିଭାଇବ ବୋଲି ଆଶାକରୁ ବୋଲି ମୁଖ୍ୟ ଅତିଥି କହିଥିଲେ । କବି ହେମନ୍ତ ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଭାରତ ସରକାରଙ୍କ ସଂସ୍କୃତି ବିଭାଗର ବରିଷ୍ଠ ଗବେଷକ ତୀର୍ଥାନନ୍ଦ ମହାନ୍ତି ଯୋଗ ଦେଇ ଓଡ଼ିଶୀ ନୃତ୍ୟର ବିଭବ ଅନନ୍ୟ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ଭାବେ ଖବରଦାତା ଭାସ୍କର ରାଉତରାୟ, ବରେଣ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷ୍ୟା ପ୍ରତିଭା ପାତ୍ର, ସାମାଜିକ କର୍ମୀ ରଶ୍ମିରଞ୍ଜନ ବାରିକ ପ୍ରମୁଖ ଯୋଗଦେଇ ଥିଲେ । ପ୍ରତିଷ୍ଠାତା ସମ୍ପାଦକ ଶତୃଘ୍ନ ତରାଇ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଯୁବ କବି ଦେବେନ୍ଦ୍ର ରାଉଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ପ୍ରତିଭା ପ୍ରଫୁଲ୍ଲ ଦାସ, ବୈକୁଣ୍ଠ ବିଶାଳ, ହେମନ୍ତ ରାଉତ, ଅନୁସୟା ସାମଲ, ବ୍ରହ୍ମାନନ୍ଦ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ମେଡିକାଲ କଲେଜ ସ୍ଥାପନ ଦାବି ଜୋର ଧରିଲା

- ବାଚସ୍ପତି,ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲେ ବିଧାୟକ
- ଗହୀରମଥାରେ ୱାଚ୍‌ଟାୱାର ନିର୍ମାଣ ଉପରେ ଗୁରୁତ୍ୱ

**ମହାକାଳପଡ଼ା,୨।୪(ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲାରେ ନୂଆ ମେଡ଼ିକାଲ କଲେଜ ସ୍ଥାପନ, ଗୋଜବାୟାଣୀ ଓ ଅଲେଖ ନାହାକାଣି ପୀଠକୁ ପର୍ଯ୍ୟଟନ ସ୍ଥଳ ମାନ୍ୟତା, ଗହୀରମଥାରେ ଏକ ୱାଚ୍‌ଟାୱାର ନିର୍ମାଣ ଆଦି ପ୍ରସଙ୍ଗକୁ ମହାକାଳପଡ଼ା ବିଧାୟକ ଡ.ଦୁର୍ଗା ପ୍ରସନ୍ନ ନାୟକ ବୁଧବାର ବିଧାନସଭାରେ ବାଚସ୍ପତି ଓ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଜିଲାରେ ମେଡ଼ିକାଲ କଲେଜ ସ୍ଥାପନ ପାଇଁ ସମସ୍ତ ଭିତ୍ତିଭୂମି ରହିଛି। କଲେଜ ସ୍ଥାପନ ହେଲେ କେନ୍ଦ୍ରାପଡ଼ାର ବହୁ ମେଧାବୀ ଛାତ୍ରୀଛାତ୍ର ଡାକ୍ତରୀ ପାଠ ପଢିବା ପାଇଁ ସୁଯୋଗ ପାଇବେ। ସେହିପରି ମାର୍ଶାଘାଇ ବ୍ଲକ୍ ଗୋଜବାୟାଣୀ ଶକ୍ତି ପୀଠ, ମହାକାଳପଡ଼ା ବ୍ଲକ ଅଲେଖ ନାହାକାଣି ପୀଠକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ପ୍ରଦାନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସେହପରିପରି ବିଶ୍ୱ ପ୍ରସିଦ୍ଧ ସାମୁଦ୍ରିକ ଅଭୟାରଣ୍ୟ ଗହୀରମଥା କେନ୍ଦ୍ରାପଡ଼ା ଜିଲାରେ ରହିଛି। ଏଠାକୁ ପ୍ରତି ବର୍ଷ ଲକ୍ଷାଧିକ ସଂଖ୍ୟାରେ ଦେଶ ବିଦେଶରୁ ସାମୂହିକ ଅଣ୍ଡା ଦାନ ପାଇଁ ବିରଳ ପ୍ରଜାତିର ଅଲିଭ ରିଡ଼ଲେ କଇଁଛ ଆସିଥାନ୍ତି। ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକମାନେ ଏହି କଇଁଛମାନଙ୍କୁ ଦେଖିବା ପାଇଁ ସେଠରେ ଭିଡ଼ ଜମାଇଥାଆନ୍ତି। ସେଥିପାଇଁ ଏକ ୱାଚ୍ ଟାୱାର ନିର୍ମାଣ ପାଇଁ ବିଧାୟକ ନାୟକ ଦାବି କରିଛନ୍ତି।

# ଷଣ୍ଢ ଚାଲାଣକୁ ନେଇ ଗଣ୍ଡଗୋଳ

**ଡେରାବିଶ,୨।୪ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ଥାନା ଅନ୍ତର୍ଗତ କୁରୁଜଙ୍ଗା ପଞ୍ଚାୟତ କୁରୁଜଙ୍ଗା ଛକ ନିକଟରେ ଷଣ୍ଢ ଚାଲାଣକୁ ନେଇ ବୁଧବାର ସନ୍ଧ୍ୟାରେ ଗଣ୍ଡଗୋଳ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକାରୀ ତ୍ରିଲୋଚନ ମଲ୍ଲ କୁରୁଜଙ୍ଗା ଗ୍ରାମର ବିକାଶ ଦାସ ନାମକ ଜଣେ ଯୁବକ ତିନୋଟି ଷଣ୍ଢକୁ ବିକ୍ରି କରିବା ଉଦ୍ଦେଶ୍ୟରେ ବାନ୍ଧି ରଖିଥିଲେ। ଏହାର ପ୍ରତିବାଦ କରିବାରୁ ବିକାଶଙ୍କ ସମେତ ତାଙ୍କ ପରିବାର ଲୋକ ତାଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଦେଇଥିବା ତ୍ରିଲୋଚନ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି । ଖବର ପାଇ ଆଇଆଇସି ସରୋଜ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତେବେ ଏହି ତଦନ୍ତ ସମୟରେ ଅଭିଯୁକ୍ତଙ୍କ ଦୋକାନରୁ ୧୦ ଲିଟର ଚୋରା ମଦ ପୋଲିସ ଜବତ କରିବା ସହ ଦୋକାନରେ ଥିବା ଜଣେ ଯୁବକଙ୍କୁ ପୋଲିସ ଅଟକ ରଖିଛି। ଏନେଇ ଥାନାରେ ତ୍ରିଲୋଚନଙ୍କ ଅଭିଯୋଗକୁ ଭିତ୍ତି କରି ଏକ ମାମଲା(ନଂ ୬୦/୨୫)ରୁଜୁ ହୋଇଛି । ସେହପରି ଚୋରା ମଦ ଜବତ ଘଟଣାରେ ପୋଲିସ ଅନ୍ୟ ଏକ ମାମଲା(ନଂ.୬୧/୨୫)ରୁଜୁ କରିଛି । ଅପରପକ୍ଷେ ଏହି ଘଟଣା ସମ୍ପର୍କରେ ଖବର ପାଇଁ ଭାଜପା ନେତା ତେଜେଶ୍ୱର ପରିଡା ନିଜ ସମର୍ଥକଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସ ନିକଟରେ ଦାବି କରିଛନ୍ତି।

# ବ୍ରାହ୍ମଣୀ ବ୍ଲକ ଗଠନ ଦାବି ନେଇ ବୈଠକ




ଆୟୋଜିତ ବୈଠକରେ ଯୋଗଦେଇଥିବା ବୁଦ୍ଧିଜୀବୀମାନେ।

**ପଟ୍ଟାମୁଣ୍ଡାଇ,୨।୪ (କଳ୍ପତରୁ ନାୟକ)**

ରାଜ୍ୟ ସରକାର ପ୍ରଶାସନିକ ସୁବିଧା ପାଇଁ ବ୍ଲକ ପୁନଃ ଗଠନ କରିବା ପାଇଁ ଯୋଜନା କରୁଛନ୍ତି । ଏହି ପରିପେକ୍ଷିରେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅଣ୍ଡରା ଠାରେ ବ୍ରାହ୍ମଣୀ ବ୍ଲକ ଗଠନ ଦାବି ନେଇ ଗଣସଂଗ୍ରାମ ସମିତି ପକ୍ଷରୁ ପ୍ରଥମ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ଓ ଆଳି ବ୍ଲକର ୧୪ ପଞ୍ଚାୟତର ଧୋୟାଞ୍ଚଳବାସୀଙ୍କୁ ପ୍ରଶାସନିକ ସୁବିଧା ଯୋଗାଇ ଦେବା ପାଇଁ ବ୍ରାହ୍ମଣୀ ବ୍ଲକ ଗଠନ ଜରୁରୀ ହୋଇ ପଡିଛି ବୋଲି ଏହି ବୈଠକରେ ମତପ୍ରକାଶ ପଇଥିଲା । ୧୯୯୩ରୁ କ୍ରମାଗତ ଭାବେ ବ୍ରାହ୍ମଣୀ ବ୍ଲକ ଗଠନକୁ ନେଇ ଶାନ୍ତିପୂର୍ଣ୍ଣ ଭାବେ ଏହି ଧୋୟାଞ୍ଚଳବାସୀ ଦାବି ଜଣାଇ ଆସୁଛନ୍ତି । ଏବେ ରାଜ୍ୟ ସରକାର ବ୍ଲକ ପୁନଃଗଠନ ପାଇଁ ଯୋଜନା କରୁଥିବାରୁ ବ୍ରାହ୍ମଣୀ ବ୍ଲକ ଗଠନ ଦାବି ପୁନର୍ଜୀବିତ ହୋଇଛି । ଏ ଦିଗରେ ସରକାର ତୁରନ୍ତ ପଦକ୍ଷେପ ନେବାକୁ ବୈଠକରେ ଦୃଢ଼ ଦାବି କରିଥିଲେ । ଖବରଦାତା ଚିତ୍ତ ରଞ୍ଜନ ମଲିକ, ଡ଼ ଚକ୍ରଧର ଦାସ, ପଟ୍ଟାମୁଣ୍ଡାଇ ବ୍ଲକ ପୂର୍ବତନ ଅଧ୍ୟକ୍ଷ ମାନସ ରଞ୍ଜନ ସାମଲ, ଅଭିମନ୍ୟୁ ମଲିକ, ଧନେଶ୍ୱର ପ୍ରଧାନ, ଦଶରଥ ମଲିକ, ବସନ୍ତ ସ୍ୱାଇଁ, ଶକ୍ତିରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ବ୍ରାହ୍ମଣୀ ବ୍ଲକ ଗଠନ ଦାବିର ଯଥାର୍ଥତା ଓ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ମତ ରଖିଥିଲେ।

# ପଞ୍ଚାୟତ ଉଚ୍ଚବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା



ଶିକ୍ଷକ ସମାବେଶରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଆଳି,୨।୪(ବନମାଳୀ ସେନାପତି)**

ଆଳି ବ୍ଲକ ମେଣ୍ଢପୁର ପଞ୍ଚାୟତ ଅନ୍ତର୍ଗତ ମେଣ୍ଢପୁର ଗ୍ରାମ ପଞ୍ଚାୟତ ଉଚ୍ଚବିଦ୍ୟାଳୟରେ ବୁଧବାର ଶିକ୍ଷକ ସମାବେଶ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁନିମା ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅବସରପ୍ରାପ୍ତ ସହକାରୀ ମଣ୍ଡଳ ଶିକ୍ଷା ଅଧିକାରୀ ଉଦକର ସାମଲ ମୁଖ୍ୟଅତିଥି ଓ ସହଦେବ ନୋଡାଲ ଉଚ୍ଚବିଦ୍ୟାଳୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବ୍ରାଜ ନାୟକ ମୁଖ୍ୟବକ୍ତା ଓ ସିପିବିଇଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଏହି ଅବସରରେ ଗତ ୩୧ ତାରିଖ ଦିନ ଅବସର ଗ୍ରହଣ କରିଥିବା ସହକାରୀ ମଣ୍ଡଳ ଶିକ୍ଷା ଅଧିକାରୀ ଉଦକର ସାମଲଙ୍କୁ ପ୍ରଥମେ ପ୍ରଧାନ ଶିକ୍ଷୟିତ୍ରୀ ମାନପତ୍ର, ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ବିଦ୍ୟାଳୟରେ ଅବସର ଗ୍ରହଣ କରିଥିବା ବରିଷ୍ଠ କ୍ରୀଡ଼ା ଶିକ୍ଷକ ଆଦିକନ୍ଦ ବେହେରା ଓ ବରିଷ୍ଠ କିରାଣି ମହମ୍ମଦ ଅବଦୁଲ ସାହାଜିତଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। କବି ଓ ଶିକ୍ଷାବିତ୍ ବନମାଳୀ ସେନାପତି, ପ୍ରମୋଦ ମଲିକ, ପଦ୍ମଲୋଚନ ମହାଳିକ,ବିଜୟ କୁମାର ବୋଇତି, ଅକ୍ଷୟ କୁମାର ଜେନା, ଗୋଲକ ଲେଙ୍କା,ସେକ ଇଫତେଖାର ଆଦିଲ,ସେକ ତଫିକ ପ୍ରମୁଖ ସେମାନଙ୍କ ଅନୁଭୂତି ବର୍ଣ୍ଣନା କରିଥିଲେ।

## ଶିକ୍ଷା ସଚେତନତା ରଥର ଶୁଭାରମ୍ଭ

**ନାଉଗାଁ, ୨।୪(ସୁଧା ବେହୁରା)**

ନାଉଗାଁ ବ୍ଲକର ବିପିନ ବିହାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପରିସରରୁ ବୁଧବାର ଶିକ୍ଷା ସଚେତନତା ରଥ ବାହାରିଥିଲା। ଏହି ରଥକୁ ବିଇଓ କୈଳାସ ଚନ୍ଦ୍ର ପାଢୀ, ଜିଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଉକ୍ତ ବିଦ୍ୟାଳୟରୁ ରଥ ବାହାରି ବାଂଶ ପ୍ରାଥମିକ ବିଦ୍ୟାଳୟ, ତେଣ୍ଟୋଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଗଙ୍ଗଦାହାଟ ଉଚ୍ଚ ବିଦ୍ୟାଳୟ ପରିସରରେ ପହଞ୍ଚି ଥିଲା। ରଥ ପହଞ୍ଚିବା ପରେ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି, ସଦସ୍ୟା, ଅଭିଭାବକ, ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକମାନେ ବନ୍ଦାପନା କରି ରଥକୁ ସ୍ୱାଗତ ଜଣାଇଥିଲେ। ବିଦ୍ୟାଳୟ ପରିସରରେ ଜାତୀୟ ଶିକ୍ଷାନୀତି ୨୦୨୦ ସମ୍ପର୍କରେ ସଚେତନ କରାଯିବ। ପ୍ରଥମଦିନରେ ଉକ୍ତ ବ୍ଲକରେ ଥିବା ସମୁଦାୟ ୮୦ଟି ବିଦ୍ୟାଳୟ ମଧ୍ୟରୁ ୨୦ଟି ବିଦ୍ୟାଳୟରେ ସଚେତନ କରିବା ପାଇଁ ସ୍ଥିର କରାଯାଇଥିଲା। କିନ୍ତୁ ଉକ୍ତ ରଥ ୪ଟି ବିଦ୍ୟାଳୟ ପହଞ୍ଚି ଥିଲା। ବିଦ୍ୟାଳୟ ଖୋଲିବା ଅର୍ଥାତ ୬.୩୦ରୁ ୧୦.୩୦ ପର୍ଯ୍ୟନ୍ତ ଏହି ରଥ ବିଦ୍ୟାଳୟରେ ପହଞ୍ଚିବାର ନିୟମ ରହିଛି। ପ୍ରଥମ ଦିନରେ ରଥ ବିଳମ୍ବରେ ବାହାରିଥିବାରୁ ସ୍ଥିରୀକୃତ ବିଦ୍ୟାଳୟ ବୁଲିପାରିନାହିଁ। ପରବର୍ତ୍ତୀ ଦିନଗୁଡ଼ିକରେ ସମସ୍ତ ବିଦ୍ୟାଳୟରେ ପହଞ୍ଚିବ ବୋଲି ବିଇଓ ପାଢୀ ମତବ୍ୟକ୍ତ କରିଥିଲେ।

# ଜିଲାସ୍ତରୀୟ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ ପର୍ବ

**ଡେରାବିଶ,୨।୪ (ବେବର୍ତ୍ତା ଅଜୟ ଦାସ)**



ଜିଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କେନ୍ଦ୍ରାପଡ଼ା ଜିଲା ଡେରାବିଶ ଶିକ୍ଷା ସର୍କଲ କାର୍ଯ୍ୟାଳୟ ଅନ୍ତର୍ଗତ ଠାକୁରହାଟ ପ୍ରକଳ୍ପ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଜିଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ ପର୍ବ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ନୁତନ ଶିକ୍ଷାନୀତି-୨୦୨୦ ଆଧାରରେ ସମସ୍ତ ପିଲାମାନଙ୍କ ଗୁଣାତ୍ମକ ଶିକ୍ଷାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟ ନେଇ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ଆରମ୍ଭ ହୋଇଛି । ଏହି ଅବସରରେ ଠାକୁରହାଟ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ଡ. ବସନ୍ତ କୁମାର ନାୟକ ପୌରୋହିତ୍ୟ କରିଥିଲେ। କେନ୍ଦ୍ରାପଡା ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ପ୍ରତିନିଧି ଭାବେ ଭାଜପାର ପୂର୍ବତନ ଜିଲା ସଭାପତି କିଶୋରଚନ୍ଦ୍ର ପଣ୍ଡା, ଜିଲା ପରିଷଦ ସଭାପତି ଲିଲିତା ଦାସ, ଡେରାବିଶ ପଞ୍ଚାୟତ ସମିତି ଅଧକ୍ଷା ପ୍ରଭାତି ମଲିକ ଓ ସ୍ଥାନୀୟ ଗୁଆଳସିଂ ପଞ୍ଚୟତ ସରପଞ୍ଚ ମଧୁସ୍ମିତା ଦାସ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଜିଲା ଶିକ୍ଷାଧିକାରିଣୀ ସୁରମା ମହାପାତ୍ର, ଡେରାବିଶ ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ବ୍ଲକ ସହ ଶିକ୍ଷାଧିକାରୀ ଦେବଦତ୍ତ ଶତପଥୀ, ସଚ୍ଚିକାନ୍ତ ମିଶ୍ର ଓ ଖଗେଶ୍ୱର ନାୟକଙ୍କ ସମେତ ସମସ୍ତ ସିଆରସିସିମାନେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସରକାରଙ୍କ ଦ୍ୱାରା କରାଯାଉଥିବା ଏହି ନୂତନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

ଏହି କାର୍ଯ୍ୟକ୍ରମରେ ନିମନ୍ତ୍ରୀତ ଅତିଥି ଭାବେ ଶିକ୍ଷାବିତ୍ କାଙ୍ଗାଳୀ ଚରଣ ବାରକ, ପୂର୍ବତନ ସିଆରସିସି ଅଶୋକ କୁମାର ମହାପାତ୍ର, ବିଦ୍ୟାଳୟ ପଞ୍ଚସଖା ସେତୁର ଅଧ୍ୟକ୍ଷ ବଟକୃଷ୍ଣ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ରବିନ୍ଦ୍ର କୁମାର ଘୋଷ, ପ୍ରଧାନ ଶିକ୍ଷକ ଚକ୍ରଧର ନାୟକ ପ୍ରମୁଖ ଉପସ୍ଥିତ ରହି ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ନୂତନ କୁନି ପିଲାମାନଙ୍କ ବିଦ୍ୟାଳୟରେ ନାମ ଲେଖା କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିମାନେ ନୂତନ ଭାବେ ନାମ ଲେଖାଇଥିବା କୁନିକୁନି ପିଲାମାନଙ୍କ ହାତରେ ଖଡି ଦେଇ ଅକ୍ଷର ଲେଖାଇବା ଶିଖାଇବା ସହ ଶିକ୍ଷା ସଚେତନତା ରଥର ପରିକ୍ରମା କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ଜିଲା ଏସସିଏସଟି ସଂଯୋଜିକା କିରଣତୃଷ୍ଣା ସାହୁ, ସୂର୍ଯ୍ୟ ନାରାୟଣ ମିଶ୍ର, ପିଏ ସୁଶାନ୍ତ କୁମାର ନାୟକ ଏବଂ ଓଏ ଜୟରାମ ସେଠୀ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ପ୍ରକାଶ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଚଳିତ ବର୍ଷ ୧୭ ଦିନିଆ ଦଣ୍ଡଯାତ୍ରା ଆରମ୍ଭ

## ପରମ୍ପରା,ଆସ୍ଥା ଓ ବିଶ୍ୱାସର ପ୍ରତୀକ ରଣପୁର ଦଣ୍ଡଯାତ୍ରା

ରଣପୁର,୨।୪(ସୁକାନ୍ତ କିଶୋର ଡାକୁଆ)

ଓଡ଼ିଶା ଲୋକନାଟ୍ୟ ପରମ୍ପରାରେ ଦଣ୍ଡଯାତ୍ରାର ସଂସ୍କୃତି ଅତି ପ୍ରାଚୀନ । ଏହା ପରମ୍ପରା, ଆସ୍ଥା ଓ ବିଶ୍ୱାସର ପ୍ରତୀକ। ଏହି ଯାତ୍ରାରେ ଆରାଧ୍ୟ ହେଉଛନ୍ତି ଶିବ ପାର୍ବତୀ। ଏହି ପର୍ବର ମୁଖ୍ୟ ଆକର୍ଷଣ ଶ୍ରଦ୍ଧାଳୁମାନେ ନିଆଁରେ ଚାଲିବା ସହିତ ପିଠିରେ ପଟକଣ୍ଟା ଫୋଡିବା । ନୟାଗଡ ଜିଲା ରଣପୁର ଅଞ୍ଚଳରେ ଦଣ୍ଡନାଚ ଅନ୍ୟତମ ପର୍ବ ଭାବେ କେଉଁ ଆବାହନ କାଳରୁ ପାଳନ ହୋଇଆସୁଛି । ଏହି ଯାତ୍ରାକୁ ଶିବ ଓ ଶକ୍ତିଙ୍କ ଉପାସନା କରାଯାଇଥାଏ । ଦୋଳ ପୂର୍ଣ୍ଣିମାଠାରୁ ମୀନ ସଂକ୍ରାନ୍ତିର ୯ଦିନ ପରେ ଏହା ୭,୧୧,୧୩,୧୭,୨୧ ଦିନ ଧରି ପାଳନ କରାଯାଇଥାଏ । ଏହା ମହାବିଷୁବ ସଂକ୍ରାନ୍ତି କିମ୍ବା ତା'ପୂର୍ବଦିନ ମେରୁ ପର୍ବ ପାଳନ ସହିତ ଉଦ୍‌ଯାପିତ ହୋଇଥାଏ । ରଣପୁରର ପ୍ରସିଦ୍ଧ ଶିବ ମନ୍ଦିରରେ ଚଳିତ ବର୍ଷ ୧୭ ଦିନିଆ ଦଣ୍ଡଯାତ୍ରା ଆରମ୍ଭ ହୋଇଯାଇଛି ।


ଭଗତାମାନେ ସ୍ନାନ କରିବା ପରେ ପୂଜାର୍ଚ୍ଚନା କରୁଛନ୍ତି ।

ଗତ ଶୁକ୍ରବାର ବିଳମ୍ବିତ ରାତିରେ ଭଗତାମାନେ କାମନା ଘର ନିକଟରେ ଏକତ୍ରିତ ହେବାପରେ ପରମ୍ପରା ଅନୁଯାୟୀ ପୂଜାପାଠ କରାଯାଇଥିଲା । ଶନିବାର ଅପରାହ୍ନରେ ସ୍ୱପ୍ନେଶ୍ୱର ଦେବଙ୍କ ମନ୍ଦିର ନିକଟରେ ରହିଥିବା ଶାମୁକା ପୋଖରୀରେ ସ୍ନାନ କରିବା ପରେ ମନ୍ଦିରରେ ବେଢା କରିଥିଲେ । ସେହିପରି ଚଣ୍ଡେଶ୍ୱର ଦେବ ନିକଟସ୍ଥ ବଧି ପୋଖରୀରେ ସ୍ନାନ କରିଥିଲେ। ଏହି ସମୟରେ ପୁରୁଣାବସନ୍ତ ବାଲୁଙ୍କେଶ୍ୱର ଦେବ ଓ ସାନଗଡ଼ ବାଲୁଙ୍କେଶ୍ୱର ଦେବ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଏକତ୍ରିତ ହୋଇଥିଲେ । ସ୍ୱପ୍ନେଶ୍ୱର ଓ ବାଲୁଙ୍କେଶ୍ୱର ଦେବଙ୍କ ମଧ୍ୟରେ ମେଳନ ହୋଇ ପୁଷ୍ପମାଲ୍ୟ ଆଦାନପ୍ରଦାନ କରାଯାଇଥିଲା । ପରେ ସେଠାରେ ଚଢ଼େୟାଣି ନୃତ୍ୟ ପରିବେଷଣ କରାଯାଇଥିଲା । ଏହି ଦୃଶ୍ୟ ଦେଖିବା ପାଇଁ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା । ଚଣ୍ଡେଶ୍ୱର ଠାକୁରଙ୍କୁ କାମନା ମନ୍ଦିରରୁ ଅଣାଯାଇଥାଏ। ପଞ୍ଚୁଦୋଳ ପଡ଼ିଆରେ ଥିବା ବଧି ପୋଖରୀରେ ପ୍ରତିଦିନ ଅପରାହ୍ନରେ ଭଗତାମାନେ ଆମ୍ବକାଠିରେ ଦାନ୍ତଘଷି ନିତ୍ୟ କର୍ମ ଶେଷ କରନ୍ତି । ଏହାପରେ ଠାକୁରଙ୍କୁ ପୂଜାର୍ଚ୍ଚନାକରି ପାଣିତୋଳା କରିଥାଆନ୍ତି। ମୁଖ୍ୟ ଭଗତାଙ୍କ ନେତୃତ୍ୱରେ ୧୩ଜଣ ଭଗତା ବା ଦଣ୍ଡୁଆ ନିଷ୍ଠା ସହକାରେ ଠାକୁରଙ୍କୁ ପୂଜା କରି ତାଙ୍କୁ କାମନା ଘର ମନ୍ଦିରକୁ ଆଣିଥାନ୍ତି । ମୁଖ୍ୟ ଭଗତାଙ୍କୁ ପାଟ ଦଣ୍ଡୁଆ କୁହାଯାଏ । ଏହି ସମୟରେ ଠାକୁର ବିଭିନ୍ନ ଅଞ୍ଚଳକୁ ଯାଇ ମହିମା ପ୍ରଚାର କରୁଛନ୍ତି । ପ୍ରତି ରାତିରେ ମାନସିକ ରଖିଥିବା ଭକ୍ତଙ୍କ ଘର ଆଗରେ ଦଣ୍ଡନୃତ୍ୟ ପରିବେଷଣ କରାଯାଏ ।

ମନସ୍କାମନା ପୂରଣ ପାଇଁ ଅନେକ ଭକ୍ତ ଏହି ୧୭ ଦିନ ଧରି ଦଣ୍ଡୁଆ ଭାବେ ନିଷ୍ଠାରେ ରହୁଛନ୍ତି । ବିଶ୍ୱାସ ରହିଛି, ନିଷ୍ଠାର ସହ ଏହା ପାଳନ କଲେ ମନସ୍କାମନା ପୂରଣ ହୋଇଥାଏ । ଦିନତମାମ ଉପବାସ କରି ବିଭିନ୍ନ ପ୍ରକାର କଷ୍ଟସହି ରାତିରେ କେବଳ ପଣା ସେବନ କରିଥାନ୍ତି । ମେରୁ ଦିନ ଦଣ୍ଡୁଆମାନେ ଓଲଟା ନିଆଁରେ ଝୁଲିବା ସହ ପିଠିରେ ପାଟକ କଣ୍ଟା ଫୋଡି ସହର ଓ ଗ୍ରାମ ପରିଭ୍ରମଣ କରିବା ସହିତ ପ୍ରବଳ ଖରାରେ ରଡ ନିଆଁରେ ଚାଲିଥାନ୍ତି। ଏହାସହିତ ବିଭିନ୍ନ କଣ୍ଟା ଉପରେ ଭଗତାମାନେ ଗଡିଥାନ୍ତି । ଝାମୁଯାତ୍ରା ଦିନ ଦଣ୍ଡୁଆମାନେ ନିଆଁ ଗାଡରେ ଚାଲନ୍ତି । କେଉଁ ଆବହମାନ କାଳରୁ ରଣପୁରରେ ଏହି ଯାତ୍ରା ଏଠାରେ ହୋଇ ଆସୁଛି ସ୍ଥାନୀୟ ଅଞ୍ଚଳବାସୀ କୁହନ୍ତି, ଠାକୁର ବିଜେ କରୁଥିବା ସମୟରେ ବାଦ୍ୟ, ଘଣ୍ଟା, ଘଣ୍ଟ, ଢୋଲ ଓ ହୁଳହୁଳିରେ ପ୍ରକମ୍ପିତ ହୋଇଥାଏ । ପ୍ରତି ଘର ଦୁଆରମୁହଁରେ ଲୋକେ ପୂର୍ଣ୍ଣକୁମ୍ଭ ରଖି ଠାକୁରଙ୍କୁ ସ୍ୱାଗତ କରାଯାଇଥାଏ । ଝୁଣା ମହକରେ ଗ୍ରାମ ଠାରୁ ସହର ମହକି ଉଠିଥାଏ । ମେରୁ ପର୍ବ ପରେ ଠାକୁର ପୁନର୍ବାର କାମନା ଘର ମନ୍ଦିରକୁ ଫେରି ଥାଆନ୍ତି । ପୁଣି ଏକ ବର୍ଷ ପରେ କାମନା ଘର ଖୋଲା ଯାଏ ।

# ଖଣ୍ଡପଡ଼ାରେ ଓଡ଼ିଶା ଦିବସ


କଣ୍ଟିଲୋ କୁଞ୍ଜ ବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଓଡ଼ିଶା ଦିବସ କାର୍ଯ୍ୟକ୍ରମ।

ଖଣ୍ଡପଡ଼ା,୨।୪(ଅଜୟ କୁମାର ମହାରଣା)

ଖଣ୍ଡପଡ଼ାର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ବେସରକାରୀ ଅନୁଷ୍ଠାନରେ ଓଡ଼ିଶା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି । ଅନୁଷ୍ଠାନ ପରିସରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ରମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଓଡ଼ିଶା ଦିବସ ପାଳନ ସମ୍ପର୍କରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଛାତ୍ରୀଛାତ୍ରମାନଙ୍କୁ ସୂଚନା ପ୍ରଦାନ କରିଥିଲେ । ସେହିପରି ଖଣ୍ଡପଡ଼ା ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟ ଓ ସାମାଜିକ ସଙ୍ଗଠନ ପକ୍ଷରୁ ଉତ୍କଳ ଦିବସ ପାଳିତ ହୋଇଯାଇଛି ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରବେଶ ଉତ୍ସବ


ପ୍ରବେଶ ଉତ୍ସବରେ ସାମିଲ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ।

ଶରଣକୁଳ,୨।୪(ଦୀପକ କର)

ଶରଣକୂଳ ନିକଟ ପଞ୍ଚିରିଡା ମାନପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଚଳିତ ଶିକ୍ଷାବର୍ଷ ପାଇଁ ବୁଧବାର ଛାତ୍ରୀଛାତ୍ରଙ୍କ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ପାଳନ କରିବା ସହିତ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ଫୁଲ ଚନ୍ଦନ ଦେଇ ଗୁରୁଜୀ ଓ ଗୁରୁମାମାନେ ସ୍ୱାଗତ କରିଥିଲେ। ସେଥିପାଇଁ ବିଦ୍ୟାଳୟକୁ ସୁସଜ୍ଜିତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଦେଇଥିବା ବାର୍ତ୍ତାକୁ ପଠନ କରାଯିବା ସହିତ ସମସ୍ତଙ୍କୁ କିଟ୍ ବଣ୍ଟନ କରାଯାଇଥିଲା। ଗୁରୁବାରଠାରୁ ଗ୍ରାମରେ ଏକ ବୈଠକ ଅନୁଷ୍ଠିତ ହେବା ସହିତ ପ୍ରତ୍ୟେକ ଅଭିଭାବକମାନଙ୍କୁ ନେଇ ଏକ ଗ୍ରୁପ ଗଠନ କରାଯାଇ ଅଭିଭାବକ ଓ ଛାତ୍ର ବନ୍ଧନକୁ ସୁଦୃଢ଼ କରାଯିବା ପାଇଁ ପ୍ରଧାନ ଆଚାର୍ଯ୍ୟ ସୂଚନା ପ୍ରଦାନ କରିଛନ୍ତି।

# ଅଧାରେ ଅଟକିଛି ଅଦାଲତ ଗୃହ ନିର୍ମାଣ କାମ

ଖଣ୍ଡପଡ଼ା, ୨।୪ (ଅଜୟ କୁମାର ମହାରଣା)

ଲଘୁ ଖଣିଜ ସମ୍ପଦର ପରିବହନ ଉପରେ ପ୍ରଶାସନ ପକ୍ଷରୁ କଟକଣା ଲାଗୁ କରାଯାଇଛି । ଫଳରେ ମହାନଦୀ ଘାଟରୁ ବାଲି ଓ ବିଭିନ୍ନ ଉତ୍ସରୁ ଗୋଡି ଯାନବାହନ ଯୋଗେ ଚାଲାଣ ହୋଇ ପାରୁନାହିଁ । ଫଳରେ ବିଭିନ୍ନ ଅଞ୍ଚଳରେ ଚାଲୁଥିବା ନିର୍ମାଣ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ଏପରିପ୍ରେକ୍ଷୀରେ ଖଣ୍ଡପଡ଼ା ସହରର ବାଇପାସ ରାସ୍ତା ପାର୍ଶ୍ୱରେ ନିର୍ମାଣଧୀନ ଅଦାଲତ କୋଠା ନିର୍ମାଣ କାମ ଓ ପାରିପାର୍ଶ୍ୱିକ ଉନ୍ନତିକରଣ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି । ଗତ ୭ଦିନ ଧରି ଏପରି ସମସ୍ୟା ସୃଷ୍ଟି ହୋଇଛି । ଅଦାଲତ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଠିକା ସଂସ୍ଥା ବାଲି, ଗୋଡ଼ି ଅଭାବରୁ ହାତବାନ୍ଧି ବସିଥିବା ବେଳେ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଏ ଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡ଼ିଶା ଦିବସ


ଉତ୍କଳ ସମ୍ମିଳନୀ ପକ୍ଷରୁ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

ନୟାଗଡ଼,୨।୪(ଲୋକନାଥ ମିଶ୍ର)

ମଙ୍ଗଳବାର ଓଡ଼ିଶା ଦିବସ ପାଳନ ଅବସରରେ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ନୟାଗଡ଼ ପରିସରରେ ଥିବା ମଧୁସୂଦନ ଦାସ, ଗୋପବନ୍ଧୁ ଦାସ,ଓ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ଉତ୍କଳ ସମ୍ମିଳନୀ ନୟାଗଡ଼ ଶାଖା ତରଫରୁ ପ୍ରଧାନ ଶିକ୍ଷକ ଉମାକାନ୍ତ ସେଠୀ ଓ ଉତ୍କଳ ସମ୍ମିଳନୀ ଜିଲା ସଭାପତି ସରିନ ବିବିଙ୍କ ଦ୍ୱାରା ପୁଷ୍ପ ମାଲ୍ୟ ଅର୍ପଣ କରାଗଲା। ପରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉତ୍କଳ ସଙ୍ଗୀତ ଗାନ କରିଥିଲେ। ଏଥିରେ ଉତ୍କଳ ସମ୍ମିଳନୀ ସମ୍ପାଦକ ଶରତ କୁମାର ଆଚାର୍ଯ୍ୟ , ପ୍ରଦୀପ କୁମାର ସାହୁ,ପ୍ରଫୁଲ୍ଲ କୁମାର ନାୟକ, ଗୋପୀନାଥ ସେଠୀ, ସୁଦର୍ଶନ ପ୍ରଧାନ,ଅଜୟ କୁମାର ମିଶ୍ର,ଗଜେନ୍ଦ୍ର କୁମାର ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ,ଶିକ୍ଷକ, ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ନବବଧୂଙ୍କୁ ହତ୍ୟା ଅଭିଯୋଗ

ଭୋଗରାଇ, ୨।୪(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ଭୋଗରାଇ ଗ୍ରାମ ମା' ବାସୁଳୀସ୍ଥିତ ଏକ ବସ୍ତିରେ ଜଣେ ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ତାଙ୍କୁ ହତ୍ୟା କରାଯାଇଥିବା ମହିଳାଙ୍କ ବାପଘର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣା ପରେ ଶ୍ୱଶୁର ଘରର ୭ଜଣ ଭୟରେ ଫେରାର ହୋଇଯାଇଛନ୍ତି। ମୃତ ମହିଳା ସୀତାରା ଖାତୁନଙ୍କ ଭାଇ ରୌଶନ ଖାଁଙ୍କ ଏତଲାକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୧୧୨/୨୫) ରୁଜୁ କରି ପ୍ରାଥମିକ ତଦନ୍ତ କରୁଛି। ସୂଚନାନୁଯାୟୀ ଭୋଗରାଇ ଗ୍ରାମର ସରାଫ ଖାଁ ପଶ୍ଚିମବଙ୍ଗ ରାମନଗର ଥାନା ଅଧୀନ ମୁକୁନ୍ଦପୁର ଗ୍ରାମର ଲିଆଖତ ଅଲ୍ଲୀ ଖାଁଙ୍କ ଝିଅ ସୀତାରା(୨୪)ଙ୍କୁ ରୀତିନୀତି ଅନୁଯାୟୀ ୬ ମାସ ପୂର୍ବେ ବିବାହ କରିଥଲେ। ବରପକ୍ଷ ଦାବି ମୁତାବକ ଏକ ବୁଲେଟ, ୧୫ ଗ୍ରାମ୍ ସୁନା ଅଳଙ୍କାର, ୫୦ଗ୍ରାମ୍ ରୁପା ସହ ଅନ୍ୟାନ୍ୟ ୧୦ଲକ୍ଷ ଟଙ୍କାର ଆସବାବପତ୍ର ଦିଆଯାଇଥିଲା। ବିବାହର କିଛିଦିନ ପରେ ନବବଧୂଙ୍କୁ ତାଙ୍କ ବାପଘରୁ ଅଧିକ ୨୦ଲକ୍ଷ ଟଙ୍କା ଯୌତୁକ ବାବଦକୁ ଆଣିବା ନିମନ୍ତେ ଶ୍ୱଶୁର ଘର ଲୋକେ ବାରମ୍ବାର ଚାପ ପକାଉଥିବା ଅଭିଯୋଗ ହୋଇଛି।

# ଛାତ୍ରୀଛାତ୍ରଙ୍କୁ ମିଳିଲା ପାଠ୍ୟ ପୁସ୍ତକ


ଛାତ୍ରୀଛାତ୍ରଙ୍କୁ ପାଠ୍ୟ ପୁସ୍ତକ ବଣ୍ଟନ କରାଯାଇଛି।

ଖଣ୍ଡପଡ଼ା,୨।୪(ଅଜୟ କୁମାର ମହାରଣା)

ରାଜ୍ୟ ସରକାରଙ୍କ ନୂତନ ଶିକ୍ଷାନୀତି ଅନୁସାରେ ନୂତନ ଶିକ୍ଷାବର୍ଷ ବୁଧବାରଠାରୁ ଆରମ୍ଭ ହୋଇଛି । ଖଣ୍ଡପଡା ବ୍ଲକ ଅଧୀନ ସମସ୍ତ ଶିକ୍ଷାନୁଷ୍ଠାନରେ ଖଡିଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଖଣ୍ଡପଡା ଅଞ୍ଚଳରେ ଥିବା ୮୬ ପ୍ରାଥମିକ ଉଚ୍ଚ ବିଦ୍ୟାଳୟ ସମେତ ୧୪ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନରତ ୧୩୨୭୦ ଜଣ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ପୁସ୍ତକ ବଣ୍ଟନ କରାଯାଇଥିବା ଖଣ୍ଡପଡା ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କରଙ୍କ ଠାରୁ ପ୍ରକାଶ ।

# ଗଛପଡି ରାସ୍ତା ଅବରୋଧ

ଦଶପଲ୍ଲା,୨।୪( ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକ ଅନ୍ତର୍ଗତ ବାଣିଗୋଛା ଠାରୁ ବଣ ପାହାଡ ଘେରା ନେଫାରୀ , ବତାଗାଁ, ଦର୍ଶନୀପଡା, କୁରାଡିନିଶା, ବିଜାତଇଲା, ଶିରିଶିରା, ଗାଡିଆପଡା,କୁମ୍ଭିକୀଳା ଆଦି ଆଦିବାସୀ ଅଧ୍ୟୁଷିତ ଗ୍ରାମକୁ ସଂଯୋଗ କରୁଥିବା ଏକମାତ୍ର ରାସ୍ତାରେ ଆଜକୁ ୪ ଦିନ ହେବ ଦର୍ଶନୀପଡା ନିକଟରେ ଏକ ବିରାଟ ଗଛ ରାସ୍ତା ଉପରେ ଭାଙ୍ଗି ପଡିବା ଯୋଗୁ ଏ ସବୁ ଆଦିବାସୀ ଗ୍ରାମକୁ ସମ୍ପୂର୍ଣ୍ଣ ଭାବେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ଏହି ଅଞ୍ଚଳର ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ବିଭିନ୍ନ ବିଦ୍ୟାଳୟରେ


ରାସ୍ତା ଉପରେ ପଡ଼ିଥିବା ଗଛ।

ନାମଲେଖା ଚାଲିଥିବାବେଳେ କୋମଳମତି ଛାତ୍ରୀଛାତ୍ରମାନେ ବହୁ ହଇରାଣ ହରକତ ହେଉଛନ୍ତି । ଏପରିକି ,ଆପାତକାଳୀନ ସେବା ଯୋଗାଉଥିବା ୧୦୮ ଆମ୍ବୁଲାନ୍ସ ମଧ୍ୟ ଅଧାବାଟରେ ଅଟକି ରହୁଥିବା ଯୋଗୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଧ୍ୟ ବାଧା ଉପୁଜୁଥିବା ଦେଖିବାକୁ ମିଳୁଛି । ତେଣୁ ଏହି ଗଛକୁ ଅତି ଶୀଘ୍ର କଟାଯାଇ ରାସ୍ତା ଅବରୋଧ ହଟାଇବାକୁ ସାଧାରଣରେ ଦାବି ହୋଇଛି ।

# ଛାତ୍ରୀଛାତ୍ରଙ୍କୁ ନେଇଯାଉଥିବା ଗାଡ଼ି ରାସ୍ତା ତଳକୁ ଖସିଲା

ଖଣ୍ଡପଡ଼ା,୨।୪(ଅଜୟ କୁମାର ମହାରଣା)



ଏକ ଘରୋଇ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଯାଉଥିବା ବେଳେ ଅସାବଧାନତା ଯୋଗୁ ରାସ୍ତାପାର୍ଶ୍ୱକୁ ଏକ ଗାଡ଼ି ଖସି ପଡିଥିଲା । ହେଲେ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ ଛାତ୍ରୀ ଛାତ୍ର । ସୂଚନା ଅନୁଯାୟୀ, ଖଣ୍ଡପଡା ବ୍ଲକ ଅଧୀନ ବୋଦସା ଗ୍ରାମଠାରୁ କୁସୁମୀ ସେତୁ ଦେଇ ନିକଟସ୍ଥ କଳପଙ୍ଗୀ ଗ୍ରାମକୁ ଛାତ୍ରୀଛାତ୍ରଙ୍କୁ ନେଇ ଯାଉଥିବା ଏକ ଗାଡି ବୁଧବାର ମଧ୍ୟାହ୍ନରେ ରାସ୍ତା ପାର୍ଶ୍ୱକୁ ଖସି ପଡିଥିଲା । ଏଥିରେ ଥିବା ଛାତ୍ରୀଛାତ୍ରମାନେ ସାମାନ୍ୟ ଆହତ ହୋଇଥିଲେ । ଗାଡି ଚାଳକଙ୍କ ଅସାବଧାନତା ଯୋଗୁ ଏଭଳି ଅଘଟଣ ଘଟିଥିବା ପ୍ରତ୍ୟେକ୍ଷଦର୍ଶୀଙ୍କ ଠାରୁ ପ୍ରକାଶ ।

# ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ: ଇଟାମାଟି ଟିମ୍ ଚାମ୍ପିୟନ

ଖଣ୍ଡପଡ଼ା,୨।୪(ଅଜୟ କୁମାର ମହାରଣା)

ଓଡ଼ିଶା ଦିବସ ଅବସରରେ ମଙ୍ଗଳବାର ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମୁଖ କ୍ରୀଡାଙ୍ଗନରେ ଏକ ଦିବସୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡ଼ା ଯୁବକ ସଂଘ ଓ ପଠାଣି ସାମନ୍ତ ପୂଜ୍ୟପୂଜା ପରିଷଦର ମିଳିତ ସହଯୋଗରେ ଆୟୋଜିତ ଟୁର୍ନାମେଣ୍ଟରେ ଇଟାମାଟି ଭଲିକ୍ଲବ ୨–୦ ସେଟ୍‌ରେ ନୂଆଗାଁ ଟିମକୁ ପରାସ୍ତ କରି ଚଳିତ ବର୍ଷ ଚାମ୍ପିୟନ ହୋଇଛି । କ୍ରୀଡା ଶିକ୍ଷକ ସମୀର ଖୁଣ୍ଟିଆ ଓ ଶ୍ରୀକାନ୍ତ ବାବୁ ଖେଳକୁ ପରିଚାଳନା କରିଥିଲେ । ଏଥିରେ ଖଣ୍ଡପଡା, ଖଲିସାହି, ବାଉଁଶିଆପଡା, ଇଟାମାଟି, ବଳଦିଆ ନୂଆଗାଁ, ପଦ୍ମାବତୀ, ସୁନାଖଳା, କୋସକା ଓ ନାରୁଗାଁର ୧୦ ଟିମ୍‌ର ଖେଳାଳୀମାନେ ଅଂଶ ଗ୍ରହଣ କରିଥିଲେ । ଯୁବ ସଙ୍ଗଠକ ମହେନ୍ଦ୍ର କୁମାର ବାରିକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଭଲିବଲ ଟୁର୍ନାମେଣ୍ଟରେ ଅନୁଷ୍ଠାନର ସଦସ୍ୟ ସରୋଜ ପ୍ରଧାନ,ଓମ୍ ଶିବାଙ୍କ, ହାପି ପ୍ରଧାନ, ମୁନା ପ୍ରଧାନ ରାମଚନ୍ଦ୍ର ଦାଶ, ବବୁଲ ବାରିକ ପ୍ରମୁଖଙ୍କ ସହଯୋଗ କରିଥିଲେ । ଅତିଥି ରୁପେ କଟକ ଜିଲା ନରସିଂହପୁର ମୁକ୍ତି ସଙ୍ଗଠନର ସଭାପତି ସୁଶାନ୍ତ କୁମାର ମହାନ୍ତି, ଖଣ୍ଡପଡା ଆଞ୍ଚଳିକ ସାମ୍ବାଦିକ ସଂଘର ସଭାପତି ବିନାୟକ ମିଶ୍ର, ସମ୍ପାଦକ ଭବାନୀ ଶଙ୍କର ସିଂହସାମନ୍ତ ପ୍ରମୁଖ ଯୋଗଦେଇ ସମସ୍ତ ଖେଳାଳୀ ଓ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ । ଏ ଅବସରରେ ଚାମ୍ପିୟନ ଓ ରନର୍ସଅପ ଟିମକୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରାଯାଇଥିଲା ।


ଟ୍ରଫି ସହ ଖେଳାଳିମାନେ।

# ମଣ୍ଡଳସ୍ତରୀୟ ପ୍ରବେଶ ଉତ୍ସବ, ଖଡିଛୁଆଁ

ଖଣ୍ଡପଡ଼ା,୨।୪(ଅଜୟ କୁମାର ମହାରଣା)


ମଣ୍ଡଳସ୍ତରୀୟ ପ୍ରବେଶ ଉତ୍ସବରେ ଉପସ୍ଥିତ ଅତିଥି।

ଖଣ୍ଡପଡ଼ା ମଣ୍ଡଳସ୍ତରୀୟ ପ୍ରବେଶ ଉତ୍ସବ ଓ ପିଲାମାନଙ୍କୁ ଖଡିଛୁଆଁ କାର୍ଯ୍ୟକ୍ରମ ପିଏମ୍‌ଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ପିଙ୍କ ଖଣ୍ଡପଡ଼ା ବ୍ଲକ୍ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାରସିଂହ ଓ ବିଶିଷ୍ଟ ଅତିଥି ଭାବେ ଖଣ୍ଡପଡା ବ୍ଲକ୍ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କର, ସମ୍ମାନୀତ ଅତିଥି ଭାବେ ବିଆରସିସି ନାରାୟଣ ଦାଶ, ଏବିଇଓ କଳିଙ୍ଗଚନ୍ଦ୍ର ନାୟକ, ପ୍ରଦୀପ କୁମାର ସାହୁ, ବିଦ୍ୟାଳୟ ପଞ୍ଚସଖା ଶିକ୍ଷାସେତୁର ସଭାପତି କାଶିନାଥ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ରୋଜାଲିନ ପରମଗୁରୁ ପ୍ରମୁଖ ଯୋଗଦେଇ ପ୍ରବେଶ ଉତ୍ସବ ଓ ପିଲାମାନଙ୍କୁ ଖଡିଛୁଆଁ ପର୍ବ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥିମାନେ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏ ଅବସରରେ ନବାଗତ ଛାତ୍ରୀଛାତ୍ରମାନଙ୍କୁ ଖଡିଛୁଆଁ ଯିବା ସହ ପାଠପଢି ଯିବା ନିମନ୍ତେ ଏକ ବ୍ୟାଗ ପ୍ରଦାନ କରାଯାଇଥିଲା । ଗୁଣାତ୍ମକ ଶିକ୍ଷା ପ୍ରଦାନ କ୍ଷେତ୍ରରେ ସମଗ୍ର ବ୍ଲକସ୍ତରରେ ପିଏମ୍‌ଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ କିଭଳି ଅଗ୍ରଣୀ ଭୂମିକା ଗ୍ରହଣ କରିଛି ସେ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ଲିପ୍ସା ନନ୍ଦ ସୂଚନା ପ୍ରଦାନ କରିଥିଲେ । ପ୍ରବେଶ ଉତ୍ସବ ପରିପ୍ରେକ୍ଷୀରେ ବିଦ୍ୟାଳୟର ମୁଖ୍ୟ ଫାଟକ ସମ୍ମୁଖରେ ଝୋଟି ଚିତା ପକାଯିବା ସହ ପୂର୍ଣ୍ଣକୁମ୍ଭ ସ୍ଥାପନ କରାଯାଇ ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା । ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟା, ସଦସ୍ୟଙ୍କ ସମେତ ଛାତ୍ରୀଛାତ୍ରଙ୍କ ଅଭିଭାବମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ସେହିପରି କଣ୍ଟିଲୋ କୁଞ୍ଜ ବିହାରୀ ବାଳିକା ହାଇସ୍କୁଲରେ ପିଲାମାନଙ୍କୁ ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଖଣ୍ଡପଡା ମହିଳା ମହାବିଦ୍ୟାଳୟର ଛାତ୍ରୀମାନଙ୍କୁ ଆଜି ମହାବିଦ୍ୟାଳୟ ପ୍ରବେଶ ଉତ୍ସବରେ ସ୍ୱାଗତ କରାଯାଇଥିବା ଜଣାଯାଇଛି । ଏ ଅବସରରେ ପିଲାମାନଙ୍କୁ ପାଠ୍ୟ ପୁସ୍ତକ ବଣ୍ଟନ କରାଯାଇଥିଲା ।

# କଳଣ ଗ୍ରାମ ପୁଷ୍କରିଣୀରୁ ବୌଦ୍ଧ କୀର୍ତ୍ତିରାଜି ଆବିଷ୍କୃତ

## ପ୍ରତ୍ନତାତ୍ତ୍ୱିକ ବିଭାଗ ପକ୍ଷରୁ ଅନୁସନ୍ଧାନ ଦାବି

**ରସୁଲପୁର,୨।୪(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ କଳଣସ୍ଥିତ ଲିଟିଲ ଟୁଇଁକିଲ ବିଦ୍ୟାଳୟ ପରିସର ପୁଷ୍କରିଣୀରୁ ପୁରାତନ ଯୁଗର ଅଭିଲେଖ ସମ୍ବଳିତ ପ୍ରସ୍ତର ଖଣ୍ଡ ଆବିଷ୍କାର କରାଯାଇଛି। ଉକ୍ତ ଶିଳାଖଣ୍ଡଗୁଡ଼ିକ ବୌଦ୍ଧ କୀର୍ତ୍ତିରାଜି ସହ ଜଡ଼ିତ ବୋଲି ଅନୁମାନ କରାଯାଉଛି। ଏହି କୀର୍ତ୍ତିରାଜିଗୁଡ଼ିକ ପ୍ରତ୍ନତାତ୍ତ୍ୱିକ ବିଭାଗର ଦୃଷ୍ଟି ଆଢୁଆଳରେ ରହିଯାଇଛି। ଆବିଷ୍କୃତି ପ୍ରସ୍ତର ଉପରେ ଖୋଦିତ ଲିପିଗୁଡ଼ିକ ବୌଦ୍ଧ କୀର୍ତ୍ତିରାଜିର ଅଂଶବିଶେଷ ବୋଲି ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି। ଗତ କିଛିଦିନ ହେବ ଏହି ପ୍ରସ୍ତର ଖଣ୍ଡଗୁଡ଼ିକୁ ଉଦ୍ଧାର କରାଯିବା ପରେ ପୁଷ୍କରିଣୀ ହୁଡ଼ାରେ ଅବହେଳିତ ଭାବରେ ପକାଯାଇଛି। ତା'ର ଅଧିକ ଗବେଷଣା କରାଯାଇ ଉକ୍ତ ପ୍ରସ୍ତର ଖଣ୍ଡଗୁଡ଼ିକୁ ସଂଗ୍ରାହଳୟରେ ସ୍ଥାନିତ କରିବା ସହ ଅଞ୍ଚଳରେ ଲୁଚି ରହିଥିବା ବୌଦ୍ଧ କୀର୍ତ୍ତିରାଜିଗୁଡ଼ିକୁ ଅନୁସନ୍ଧାନ କରାଗଲେ ଆହୁରି ଅନେକ ଐତିହାସିକ ତଥ୍ୟ ବିଭାଗର ହସ୍ତଗତ ହୋଇପାରନ୍ତା ବୋଲି ଅଧ୍ୟାପକ ସତ୍ୟପ୍ରିୟ ସାହୁ, ଶିକ୍ଷାବିତ୍ ବିଦ୍ୟାଧର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଆଦିକନ୍ଦ ସ୍ୱାଇଁ, ସରପଞ୍ଚ ଜିତେନ୍ଦ୍ର ପାତ୍ର, ସାମାଜିକକର୍ମୀ ନିରଞ୍ଜନ ସାହୁ, ପୂଜାରାଣୀ ପରିଡ଼ା, ଶିକ୍ଷୟିତ୍ରୀ ତୃପ୍ତିମୟୀ ଦେବତାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି।

ଗବେଷକ ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ଦ୍ୱାରା ରଚିତ 'ପ୍ରାଚୀନ ଉତ୍କଳ'ପୁସ୍ତକରେ ପ୍ରକାଶିତ ତଥ୍ୟରୁ ଜଣାଯାଏ ଭୌମକ ବଂଶର ରାଜୁତି ସମୟରେ ଯାଜପୁର ଜିଲା ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀ ଅବବାହିକାରେ ବହୁ ବୌଦ୍ଧ କୀର୍ତ୍ତିରାଜି ଗଢ଼ି ଉଠିଥିଲା। ଯେମିତି କି ଧର୍ମଶାଳା ବ୍ଲକ ସ୍ଥିତ ବ୍ରାହ୍ମଣୀ ନଦୀ ଅବବାହିକାରେ ଅବସ୍ଥିତ ଦେଉଳି ପାହାଡ଼, କାଏମାସ୍ଥିତ ଲାଙ୍ଗୁଡି ପାହାଡ଼ ଆଦି ସ୍ଥାନରୁ ବହୁ ବୌଦ୍ଧି କୀର୍ତ୍ତିରାଜି ଆବିଷ୍କାର କରାଯାଇଛି। ସେହିପରି କଳଣ ଅଞ୍ଚରେ ବୌଦ୍ଧ ଭିକ୍ଷୁକମାନଙ୍କର ବହୁ ଆଶ୍ରମ ଓ ତପସ୍ୟା ସ୍ଥଳ ରହିଥିବାର ପ୍ରମାଣ ମିଳିଆସୁଛି। ୧୯୯୫ରେ ଅଞ୍ଚଳରୁ ଏକ ବୌଦ୍ଧମୂର୍ତ୍ତି ଆବିଷ୍କାର କରାଯାଇଥିଲା। ଏହାକୁ ଏବେ କଳଣ ମଧୁପୁର କଲେଜରେ ସଂରକ୍ଷିତ ରଖାଯାଇଛି। ପୁଷ୍କରିଣୀ ଖନନବେଳେ ପୁରାତନ କୀର୍ତ୍ତିରାଜି ସମ୍ପର୍କିତ ଲେଖା ଥିବା ପ୍ରସ୍ତର ଖଣ୍ଡଗୁଡିକ ଗଭୀର ଜଳର ମାଟିତଳୁ ବାହାରିଛି। ଉକ୍ତ ଶିଳାଗଡ଼ିକ ମଧ୍ୟରୁ ୪ଫୁଟ୍ ଉଚ୍ଚତା ବିଶିଷ୍ଟ ସ୍ତମ୍ଭ ସହ ଅକ୍ଷର ଖୋଦିତ ବହୁ ଭଗ୍ନ ଶିଳା ଉଦ୍ଧାର କରାଯାଇଛି। ଏସବୁ ଶିଳାଗୁଡ଼ିକ ଭୌମ ବଂଶର ରାଜୁତି ସମୟରେ ବୁଦ୍ଧଦେବଙ୍କ ଶିଳାଲିପି ସହ ସାମଞ୍ଜସ୍ୟ ଥିବା ଗବେଶଷକ ଅନୁମାନ କରୁଛନ୍ତି।



ପୁଷ୍କରିଣୀରୁ ଆବିଷ୍କୃତ ହୋଇଥିବା ବୌଦ୍ଧ କୀର୍ତ୍ତିରାଜି।

କଳଣ ଅଞ୍ଚଳରେ ଅବସ୍ଥାନ କରୁଥିବା ବୌଦ୍ଧଭିକ୍ଷୁଙ୍କ ସୁରକ୍ଷା ଦାୟିତ୍ୱ ରାଜାମାନଙ୍କ ଉପରେ ନିର୍ଭର କରୁଥିଲା। ସେତେବେଳେ ରାଜା ବୌଦ୍ଧ ଭିକ୍ଷୁମାନଙ୍କ ଭରପୋଷଣ କଥା ବୁଝୁଥିଲେ। କଳଣ ଏକ କୃଷି ପ୍ରଧାନ ଅଞ୍ଚଳ ହୋଇଥିବାରୁ କୃଷିଜାତ ଦ୍ରବ୍ୟରୁ ଉତ୍ପାଦିତ ଶୁଳ୍କରୁ ବୌଦ୍ଧଭିକ୍ଷୁମାନଙ୍କୁ ପରିଚାଳନା କରାଯାଉଥିଲା। ତେଣୁ କଳଣ ଓ ବ୍ରାହ୍ମଣୀ ନଦୀ ଅବବାହିକାରେ ଥିବା ବିଭିନ୍ନ ଗ୍ରାମର ବୌଦ୍ଧି ଭିକ୍ଷୁମାନଙ୍କର ବହୁ ପ୍ରାଚୀନ କଳାକୃତି ମାଟି ତଳେ ପୋତି ହୋଇରହିଥିବା ସମ୍ଭାବନାକୁ ଏଡାଇ ଦିଆଯାଇ ପାରେ। ବିଶେଷକରି ଐତିହାସିକ ପୃଷ୍ଠଭୂମିରେ କଳଣର ଭୂମିକା ରହିଥିବା କଥାକୁ କେବେବି ଅସ୍ୱୀକାର କରାଯାଇ ପାରିବନାହିଁ। ତେବେ ବିଭାଗ ପକ୍ଷରୁ ଅଧିକ ଗବେଷଣା କରାଯିବା ସହ ବୌଦ୍ଧକୀର୍ତ୍ତିରାଜୀଗୁଡିକୁ ସୁରକ୍ଷିତ ଓ ସଂରକ୍ଷିତ ରଖିବା ଦିଗରେ ପ୍ରୟାସ କରାଗଲେ ବହୁ ଲୁକ୍କାୟିତ ତଥ୍ୟ ଲୋକଲୋଚନକୁ ଆସିପାରନ୍ତା ବୋଲି ଅଧ୍ୟାପକସତ୍ୟପ୍ରିୟସାହୁପ୍ରକାଶ କରିଛନ୍ତି।

# ନଗଡ଼ାରେ ଖଡ଼ିଛୁଆଁ, ବିଦ୍ୟାଳୟ ପ୍ରବେଶ ଉତ୍ସବ




ବିଦ୍ୟାଳୟରେ ଅନୁଷ୍ଠିତ ଶିଶୁଙ୍କ ଖଡ଼ି ଛୁଆଁ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

**କାଳିଆପାଣି,୨।୪(ଅସିତ ମହାନ୍ତ):**

ଯାଜପୁର ଜିଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟେକ ବିଦ୍ୟାଳୟରେ ଶିଶୁବାଟିକା ଖୋଲାଯାଇଥିବାବେଳେ ବୁଧବାର ଏହାର ପ୍ରବେଶ ଉତ୍ସବ ସହ କୋମଳମତି ଶିଶୁଙ୍କ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁକିନ୍ଦା ନିର୍ବାଚନମଣ୍ଡଳୀର ଚର୍ଚ୍ଚିତ, ଅନୁନ୍ନତ ଓ ଅବହେଳିତ ଅଞ୍ଚଳ ଭାବେ ପରିଗଣିତ ଯୁଆଙ୍ଗ ଆଦିବାସୀ ଅଧ୍ୟୁଷିତ ତଳ ନଗଡ଼ାରେ ଥିବା ନଗଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ଏକ ସାଧାରଣ ସଭାରେ ଜିଲା ଶିକ୍ଷା ଅଧିକାରୀ ବାରିକ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନା, ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ସୁକିନ୍ଦା ବିଡିଓ ରେଶମା ଟେଟେ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଶିଶୁମାନଙ୍କୁ ନୂତନ ବସ୍ତ୍ର, ଫୁଲ ଚନ୍ଦନ ଦେଇ ଜିଲାପାଳ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ଶିକ୍ଷା ଅଧିକାରୀ ନାରାୟଣ ଚନ୍ଦ୍ର ଦାସ ପରିଚାଳନା କରିଥିଲେ। ପରେ ଜିଲାପାଳ ନଗଡ଼ା ଗ୍ରାମବାସୀଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏହାପରେ ଜିଲାପାଳ ବିଭିନ୍ନ ବିଭାଗ ଅଧିକାରୀଙ୍କୁ ଧରି ଅପହଞ୍ଚ ଇଲାକା ଭାବେ ପରିଚିତ ଗୁହିଆଶାଳ ଗସ୍ତ କରି ଲୋକଙ୍କ ସମସ୍ୟା ବୁଝିଥିଲେ।

# ଓଡ଼ିଆ ପକ୍ଷ ପାଳନ ପାଇଁ ଜିଲା ପ୍ରଶାସନର ପ୍ରସ୍ତୁତି

**ଯାଜପୁର,୨।୪(ହର୍ଷବର୍ଦ୍ଧନ ବେହେରା) :**

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଏପ୍ରିଲ ୧ ରୁ ୧୪ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲାରେ ବିଭିନ୍ନ ବିଭାଗର ସମନ୍ୱୟରେ ଓଡ଼ିଆ ପକ୍ଷ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ଏପ୍ରିଲ ୧ ରେ ଓଡ଼ିଶା ଦିବସ ଏବଂ ୨ ରେ ସମସ୍ତ ବ୍ଲକ ଓ ପୌରାଞ୍ଚଳ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ଓ ନାମଲେଖା ଯିବା ପାଇଁ ଖଡିଛୁଆଁ ଓ ପ୍ରବେଶ ଉତ୍ସବ ପାଳନ ହୋଇଛି। ଏପ୍ରିଲ ୩ ରେ ଓଡ଼ିଶାର ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ଆନୁକୂଲ୍ୟରେ ପାରମ୍ପରିକ ପୋଷାକ ପରିଧାନ 'ଆମ ପୋଷାକ ଆମ ପରିଚୟ'ଦିବସ ପାଳନ କରାଯିବ। ଲୋକମାନେ ସମ୍ବଲପୁରୀ କିମ୍ବା ପାରମ୍ପରିକ ପୋଷାକ ମଧ୍ୟ ପିନ୍ଧି ପାରିବେ। ଏପ୍ରିଲ ୪ ରେ ଜିଲାର ବିଭିନ୍ନ ଦୋକାନ ବଜାରର ବ୍ୟବସାୟ ପ୍ରତିଷ୍ଠାନ ରେ ଓଡ଼ିଆ ନାମ ଫଳକର ବ୍ୟବହାର ପାଇଁ ରାଜ୍ୟ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ ପକ୍ଷରୁ ଓଡ଼ିଆରେ ନାମ ଫଳକ ଅଭିଯାନ-ସଚେତନତା ପଦଯାତ୍ରା ଆୟୋଜନ କରାଯିବା ନିମନ୍ତେ ଜିଲା ଶ୍ରମ ଅଧିକାରୀ ପଦକ୍ଷେପ ଗ୍ରହଣ କରିବେ । ଏପ୍ରିଲ ୫ ରେ କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ଐତିହ୍ୟ ଗଣଦୌଡ କାର୍ଯ୍ୟକ୍ରମ, ୬ରେ ଜିଲାରେ ଥିବା ଦେବାଳୟ ଓ ଐତିହ୍ୟ ସ୍ଥଳୀଗୁଡ଼ିକୁ ସର୍ବଦା ସ୍ୱଚ୍ଛ ରଖିବା ପାଇଁ ସ୍ୱଚ୍ଛତା ଅଭିଯାନର ଆୟୋଜନ କରାଯିବ। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ,ପର୍ଯ୍ୟଟନ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଓ ଗୃହ ଓ ନଗର ଉନ୍ନୟନ ବିଭାଗର ମିଳିତ ଆନୁକୂଲ୍ୟରେ ଏହା ପାଳନ କରାଯିବ। ଏପ୍ରିଲ ୭ ରେ ଓଡ଼ିଆ ଭାଷାର ପ୍ରାରମ୍ଭିକ ପରିଚୟ ପ୍ରଦାନ କରୁଥିବା ଭକ୍ତକବି ମଧୁସୂଦନ ରାଓଙ୍କ ରଚିତ 'ବର୍ଣ୍ଣବୋଧ' ନିମନ୍ତେ ଏହି ଦିନଟିକୁ ବର୍ଣ୍ଣବୋଧ ବଣ୍ଟନ ବା ବର୍ଣ୍ଣବୋଧ ଉତ୍ସବ ଭାବେ ପାଳନ କରାଯିବ। ଏପ୍ରିଲ ୮ରେ ରେଡ୍‌କ୍ରସ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଏହି ଦିନଟିକୁ ରକ୍ତଦାନ ଅଭିଯାନ, ୯ରେ ଓଡ଼ିଆ ସାହିତ୍ୟ ଓ ପୁସ୍ତକ ପଠନକୁ ପ୍ରୋତ୍ସାହନ ଦେବା ପାଇଁ ଏହି ଦିନଟିକୁ 'ଆସ ବହିଟିଏ କିଣିବା' ଅଭିଯାନରେ ଜିଲାସ୍ତରରେ କ୍ଷୁଦ୍ର ପୁସ୍ତକ ମେଳାର ମଧ ଆୟୋଜନ ହେବ। ଏପ୍ରିଲ ୧୦ରେ 'ଲୋକକଳା ପାଇଁ ଦିନଟିଏ' ଅଭିଯାନରେ ଜିଲାର କଳାଗ୍ରାମ ଗୋପାଳପୁର, ଶୁଖୁଆପଡ଼ା ପରିଦର୍ଶନ ନିମନ୍ତେ ଜିଲା ସଂସ୍କୃତି ଅଧିକାରୀ ଓ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପଦକ୍ଷେପ ଗ୍ରହଣ କରିବେ । ଏପ୍ରିଲ ୧୧ ରେ ଯୁବ ଲେଖକ ସମ୍ମିଳନୀ, ୧୨ରେ ଓଡ଼ିଶାର ବରପୁତ୍ର ମାନଙ୍କ ସମ୍ପର୍କରେ ଆଲୋଚନା, ୧୩ ରେ ଖାଦ୍ୟ ପରମ୍ପରାକୁ ପାଳନ କରିବା ପାଇଁ ପାରମ୍ପରିକ ଖାଦ୍ୟ ପାଳନ ଅଭିଯାନ, ଆମ ରୁଚି ଆମ ଖାଦ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନଙ୍କୁ ନେଇ ମିଲେଟ ମିଶନ, ପାରମ୍ପରିକ ଖାଦ୍ୟର ବ୍ୟବସ୍ଥା କରାଯିବ। ଏପ୍ରିଲ ୧୪ରେ ଓଡ଼ିଆ ନବବର୍ଷ ତଥା ମହା ବିଷୁବ ସଂକ୍ରାନ୍ତିକୁ ଖୁବ ଆଡମ୍ବର ସହକାରେ ପାଳନ କରାଯିବ ଏବଂ ସମସ୍ତ କାର୍ଯ୍ୟାଳୟକୁ ଆଲୋକିକରଣ କରାଯିବ ବୋଲି ସୂଚନା ଦିଆଯାଇଛି।

# ମାଟି ଉଠାଣକୁ ନେଇ ଗୋଷ୍ଠୀ ସଂଘର୍ଷ

## ଭାଙ୍ଗିଲା ବାଇକ, ୩ ଆହତ

**ପାଣିକୋଇଲି,୨।୪(ବିକାଶ ମଲ୍ଲିକ):**

ରାସ୍ତା କାମରେ ବ୍ୟବହୃତ ହେଉଛି ମାଟି। ଠିକାଦାର ଏବେ ନିଜର ସୁରକ୍ଷା ପାଇଁ ସ୍ଥାନୀୟ କେତେଜଣ ଯୁବକଙ୍କୁ କରୁଛନ୍ତି ବ୍ୟବହାର। ସମାନ୍ୟ ଅର୍ଥ ଲୋଭରେ ଯୁବକ ହେଉଛନ୍ତି ପଥଭ୍ରଷ୍ଟ। ଫଳରେ ଏହାକୁ ନେଇ ଘଟିଛି ଗୋଷ୍ଠୀସଂଘର୍ଷ। କୋରେଇ ବ୍ଲକ ଅନ୍ତର୍ଗତ ଅମୃତିଆ ପଞ୍ଚାୟତର ଅମୃତିଆ ଗ୍ରାମରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଗଣ୍ଡଗୋଳରେ ୩ ବାଇକ ଭାଙ୍ଗିଛି। ପୋଲିସ ୨ ମାଟି ବୋଝେଇ ହାଇୱାକୁ ଜବତ କରି ତଦନ୍ତ ଚଳାଇଛି। ଏହି ଖଣ୍ଡଯୁଦ୍ଧରେ ଉଭୟ ପକ୍ଷରୁ ୩ ଜଣ ଆହତ ହୋଇଥିବା ସୂଚନା ମିଳିଛି।

୨୦୨୪ରେ ଠିକାଦାରଙ୍କୁ ମାଟି ଯୋଗାଇଥିବା ଯୁବକମାନେ ସରକାର ବଦଳିବା ପରେ ମଧ୍ୟ ମାଟି ଯୋଗାଇବା ଜାରି ରଖିଛନ୍ତି। ସେମାନେ ୨୦୨୫ରେ ପଳସା ଗ୍ରାମରେ ଅମୁଲ ଫ୍ୟାକ୍ଟ୍ରି ପାର୍ଶ୍ୱ ଆମ୍ବଗଡିଆ ଗ୍ରାମକୁ ହେଉଥିବା ନୂତନ ରାସ୍ତାକୁ ମାଟି ଯୋଗାଇବା ପାଇଁ ଦାୟିତ୍ୱ ନେଇଛନ୍ତି। ଅମୃତିଆ ଗ୍ରାମରେ ଜଣେ ବ୍ୟକ୍ତି ପୋଖରୀ ଖୋଳୁଥିବାବେଳେ ଏହାର ମାଟିକୁ ବିକ୍ରି କରିବା ପାଇଁ କେତେଜଣ ଯୁବକ ଆଗେଇ ଆସିଥିଲେ। ସେମାନଙ୍କୁ ବିରୋଧ କରିବାକୁ ଅନ୍ୟ ଏକ ଗୋଷ୍ଠୀ ମେଳି କରିଥିଲେ। ଫଳ ସ୍ୱରୁପ ସେମାନଙ୍କ ମଧ୍ୟରେ ମଙ୍ଗଳବାର ରାତିରେ ଖଣ୍ଡଯୁଦ୍ଧ ହୋଇଥିଲା। ଏହି ଗଣ୍ଡଗୋଳରେ ୩ ବାଇକ ଭାଙ୍ଗିଥିଲା। ପରେ ପୋଲିସ ପହଞ୍ଚି ୨ ମାଟି ବୋଝେଇ ହାଇୱାକୁ ଅଟକ ରଖିଥିଲା। ଉଭୟ ଗୋଷ୍ଠୀ ଥାନାର ଶରଣାପନ୍ନ ହୋଇଥିବା ଜଣାପଡିଛି।

# ଛଟେଇ ଶ୍ରମିକଙ୍କୁ ନିଯୁକ୍ତି ଦାବି

**କାଳିଆପାଣି,୨।୪(ଅସିତ ମହାନ୍ତ):**

ଯାଜପୁର ଜିଲାର କ୍ରୋମନଗର ଅଞ୍ଚଳରେ କାର୍ଯ୍ୟ କରୁଥିବା ଓଡ଼ିଶା ଖଣି ନିଗମ(ଓଏମ୍‌ସି)ର ଦକ୍ଷିଣ କାଳିଆପାଣି ଖଣିକୁ ତୁରନ୍ତ ଖୋଲି ଶ୍ରମିକଙ୍କୁ ନିଯୁକ୍ତି ଦେବାକୁ ଦାବି ହୋଇଛି। ଏନେଇ ଓଡ଼ିଶା ମାଇନିଂ ୱାର୍କସ ୟୁନିୟନ ପକ୍ଷରୁ ଖଣି କର୍ତ୍ତୃପକ୍ଷଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ୧ମାସ ଭିତରେ କର୍ମଚାରୀଙ୍କୁ ନିଯୁକ୍ତି ନ ଦେଲେ ଖଣି ନିଗମ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାଦେବାକୁ ସଂଘ ସାଧାରଣ ସମ୍ପାଦକ ଚେତାବନୀ ଦେଇଛନ୍ତି।

ଦାବିପତ୍ରରେ ଦର୍ଶାଯାଇଛି ଯେ, ଓଏମ୍‌ସିର କାଳିଆପାଣି ଖଣି(ଏଫ୍ କ୍ୱାରୀ)ରେ କଣ୍ଟେଇ ଟ୍ରାନ୍ସପୋର୍ଟ ନାମକ ଠିକା ସଂସ୍ଥା କ୍ରୋମାଇଟ ଉତ୍ତୋଳନ ପାଇଁ ନିଯୁକ୍ତି ପାଇଥିଲା। ଚୁକ୍ତିଅନୁଯାୟୀ ସମ୍ପୃକ୍ତ ସଂସ୍ଥାକୁ ୫ ବର୍ଷ ଉତ୍ତୋଳନ ଅନୁମତି ମିଳିଥିଲା। ସମ୍ପୃକ୍ତ ସଂସ୍ଥାର କ୍ରୋମାଇଟ ଉତ୍ତୋଳନ କାର୍ଯ୍ୟ ସମୟସୀମା ପୂର୍ଣ୍ଣ ହୋଇଥିବାରୁ ସଂସ୍ଥା ନଭେମ୍ବରରୁ ଶ୍ରମିକ ଛଟେଇ ନିମନ୍ତେ ନୋଟିସ ଜାରି କରିଥିଲା। ଫେବୃଆରୀ ୧୯ରୁ ସଂସ୍ଥା ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ବନ୍ଦ କରି ଦେଇଥିଲା। ସେଦିନଠାରୁ ଆଜି ପର୍ଯ୍ୟନ୍ତ କର୍ମଚାରୀ ବେକାର ହୋଇ ବସିଛନ୍ତି। ହେଲେ ଶ୍ରମିକଙ୍କ ପାଇଁ ଖଣି ନିଗମ ପକ୍ଷରୁ କୌଣସି ପ୍ରୟାସ କରାଯାଉନାହିଁ। କର୍ମଚାରୀମାନେ ଆର୍ଥିକ ଅନାଟନରେ ଗତି କରୁଛନ୍ତି। ଏହାକୁ ନେଇ କର୍ମଚାରୀ ଓ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।



ଓଡ଼ିଶା ମାଇନିଂ ୱାର୍କସ ୟୁନିୟନ ପକ୍ଷରୁ ଖଣି କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଓଡ଼ିଶା ମାଇନିଂ ୱାର୍କସ ୟୁନିୟନର ସଭାପତି ସବ୍ୟସାଚୀ ବଳସାମନ୍ତ ଓ ସାଧାରଣ ସମ୍ପାଦକ ଅମଳେନ୍ଦୁ ବେହୁରାଙ୍କ ନେତୃତ୍ୱରେ ସଦସ୍ୟ ଦିନେଶ ବେହୁରା, ପ୍ରଶାନ୍ତ ସାହୁଙ୍କ ସହ ୨୦୦ରୁଊର୍ଦ୍ଧ୍ୱକର୍ମଚାରୀ ଏକ ରାଲିରେ ଆସି ଖଣି ନିଗମର କାଳିଆପାଣି ଟାଉନଶିପ କାର୍ଯ୍ୟାଳୟ ଗେଟ ସମ୍ମୁଖରେ ନାରାଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଓଏମ୍‌ସିର ଦକ୍ଷିଣ କାଳିଆପାଣି ଖଣି ପରିଚାଳକ ଗଣେଶ୍ୱର ଭୂୟାଁ ଓ ଯାଜପୁର ଆଞ୍ଚଳିକ ମୁଖ୍ୟ କାର୍ଯ୍ୟାଳୟର ପ୍ରଶାସନିକ ମୁଖ୍ୟ ଦେବାଶିଷ ସାମଲ ପହଞ୍ଚି ୟୁନିୟନର ଦାବିପତ୍ରକୁ ଗ୍ରହଣ କରିଥିଲେ। ଏ ସମ୍ପର୍କରେ ଯାଜପୁର ଆଞ୍ଚଳିକ ମୁଖ୍ୟ କାର୍ଯ୍ୟାଳୟର ପ୍ରଶାସନିକ ମୁଖ୍ୟ ସାମଲଙ୍କୁ ପଚାରିବାରେ ସେ କହିଛନ୍ତି, ଶ୍ରମିକ ସଂଘର ଦାବିପତ୍ର ପାଇଛୁ। ଉପରିସ୍ଥ ଅଧିକାରୀଙ୍କୁ ଅବଗତି କରାଇବୁ। ସେମାନେ ଯାହା ନିଷ୍ପତ୍ତି ନେବେ ସେହି ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ଅସିତ୍



@ ବଳରାମ



@ ନରେଶ



@ ସୂର୍ଯ୍ୟମଣି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


କାନାରା ବ୍ୟାଙ୍କ Canara Bank
କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ
**ସଂଶୋଧନ ପତ୍ର**
ତା.୩୦.୦୩.୨୦୨୫ରିଖ ଦୈନିକ ଖବର କାଗଜ ଧରିତ୍ରୀରେ ପ୍ରକାଶିତ ଆମ୍ଭର "ଡିମାଣ୍ଡ ନୋଟିସ୍"ରେ ଋଣଗ୍ରହୀତା: ମେସର୍ସ ଖୁସି ଏଣ୍ଟରପ୍ରାଇଜେସ୍‌ର ଆକାଉଣ୍ଟ ନିମନ୍ତେ ଦର୍ଶିତ ଶାଖାର ନାମ "ପଟାମୁଣ୍ଡାଇ ଶାଖା" ପରିବର୍ତ୍ତେ "ରାହାମା ଶାଖା" ପଢିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟ ଅପରିବର୍ତ୍ତିତ ରହିବ।
ତା.୦୨.୦୪.୨୦୨୫ / କ୍ଷମତାପ୍ରାପ୍ତ ଅଧିକାରୀ



No.A-1250

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**CENTRAL IRRIGATION CIRCLE, BHUBANESWAR**
**'e' Procurement Notice No. ACECIC - 19/2024-25**

| Procurement Officer | Bid Identification No. | Name of Work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of Contractor | Bid documents available online for bidding | | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| | | | | | | | From | To | | |
| ACE, CIC, BHUBANESWAR | NGR-09/2024-25 | Cement Concrete Lining in Right Distributary of Kuanria Irrigation Project from RD.11.00 Km to 18.20 Km | 834.63 | 834700/- (Online) | 10000/- (Online) | "A" & "Special" Class | 05.04.2025 At 10.00 Hours | 19.04.2025 At 17.00 Hours | 21.04.2025 At 11.00 Hours | 18 (Eighteen Calendar Month) |

e-mail ID : secic_dowr@yahoo.com
Further details conditions can be seen from Govt. website www.tenderorissa.gov.in

Sd./- Additional Chief Engineer,
Central Irrigation Circle

OIPR-32160/11/0023/2425



**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ଦଳାଇସାହି ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ଦଳାଇସାହି ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

| ଦଳାଇସାହି ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ଶେଖ ଅତାବୁର ରହେମାନ / ଗ୍ୟାରେଣ୍ଟିଦାତା: ରୋକିଆ ବେଗମ, ଉଭୟଙ୍କ ଠିକଣା- ସା: ଦଳାଇସାହି, ପୋ: ମାଣିକଗୋଡା, ଜିଲ୍ଲା: ଖୋର୍ଦ୍ଧା-୭୫୨୦୬୬ | ଟ.୧୨,୨୦,୫୨୪.୪୩ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୯.୧୨.୨୦୨୪ / ୨୮.୦୩.୨୦୨୫ | ଶେଖ ଅତାବୁର ରହେମାନଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ସା/ମୌଜା: ଦଳାଇସାହି, ପୋ: ମାଣିକଗୋଡା, ଥାନା: ବୋଲଗଡ, ଜିଲ୍ଲା: ଖୋର୍ଦ୍ଧା-୭୫୨୦୬୬, ପ୍ଲଟ୍ ନଂ.: ୪୩୮/୨୫୯୨, ୪୩୭/୨୫୯୦, ୪୩୬/୨୫୯୧, ଖାତା ନଂ.: ୧୩୮୦/୨୧୫, |

କ୍ଷେତ୍ର: ୧୭୮୫.୯୬ ବର୍ଗଫୁଟ (ପ୍ଲିନ୍ଥ ଏରିଆ: ୧୨୭୦ ବର୍ଗଫୁଟ), ଏହାର ଚାରିପାର୍ଶ୍ୱରେ ଉତ୍ତର: ଲିଟିଫୁଲ ରହେମାନ, ଦକ୍ଷିଣ: ମୋଜବୁର ରହେମାନ, ପୂର୍ବ: ରାସ୍ତା, ପଶ୍ଚିମ: କମର ଜାନ ଖାନ୍

ସ୍ଥାନ: ଭୁବନେଶ୍ୱର, ତାରିଖ : ୦୨.୦୪.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

# ପାରାଦୀପରେ ନିଯୁକ୍ତିର ଅପାର ସୁଯୋଗ ସମ୍ଭାବନା

ଜଗତ୍‌ସିଂହପୁର, ୨।୪ (ପ୍ରମୋଦ କୁମାର ନାୟକ)

## ଜିଲା ମହୋତ୍ସବ କଲ୍ଲୋଳର ଦ୍ୱିତୀୟ ସନ୍ଧ୍ୟା

- ପେଟ୍ରୋଲ, ଡିଜେଲର ବିକଳ୍ପ ହେବ ଗ୍ରୀନ ହାଇଡ୍ରୋଜେନ୍ ହବ୍
- କଟକ-ପାରାଦୀପ ହେରଲ ଲାଇନ୍ ଦୋହରିକରଣ ହେବା ଆଶା

ସାମାଜିକ, ବ୍ୟବସାୟିକ, ସାଂସ୍କୃତିକ ଆଦି କ୍ଷେତରେ ଜଗତ୍‌ସିଂହପୁର ଜିଲାର ସୁନାମ ଅଛି। ଯେଉଁ କାରଣରୁ ଭାରତ ବର୍ଷରେ ଜିଲାର ସ୍ୱତନ୍ତ୍ର ପରିଚୟ ରହିଛି। ସମ୍ପ୍ରତି ଜଗତ୍‌ସିଂହପୁର ସହ ରାଜ୍ୟର ଅନ୍ୟ ଜିଲା ପ୍ରତିଦ୍ୱନ୍ଦ୍ୱିତା କରିବା କଷ୍ଟକର। ବଡ଼ କଥା ହେଲା ୩୦୦ ମିଲିୟନ ଟନ୍ କ୍ଷମତା ସମ୍ପନ୍ନ ପାରାଦୀପ ବନ୍ଦର ଚଳିତବର୍ଷ ସାରା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏହାଦ୍ୱାରା କେବଳ ଅର୍ଥନୈତିକ ନୁହେଁ, ସବୁ କ୍ଷେତ୍ରରେ ଜଗତ୍‌ସିଂହପୁର ଜିଲାରେ ଅପାର ସମ୍ଭାବନା ସୃଷ୍ଟି ହେବ। ପାରାଦୀପରେ ଅନେକ ଶିଳ୍ପ ଥିଲେ ସୁଦ୍ଧା ଆହୁରି ଶିଳ୍ପ ଆସିବା ପାଇଁ ଚାହୁଁଛନ୍ତି। ସେମାନଙ୍କୁ ଜମି ଦେବା କଷ୍ଟକର ହେଉଛି। ଏହି ଶିଳ୍ପଗୁଡିକ ଗଢ଼ି ଉଠିବା ଦ୍ୱାରା ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ସୁଯୋଗ ବଢ଼ିବ। ବୁଧବାର ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଜିଲା ମହୋତ୍ସବ କଲ୍ଲୋଳର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି. ଏଲ. ହାରାନ୍ଧ ଏହା କହିଛନ୍ତି। ସେ ଏକଥା ମଧ୍ୟ କହିଥିଲେ, ଖୁସିର କଥା ହେଲା ଭାରତ ସରକାର ଦେଶର ୩ଟି ବନ୍ଦରକୁ ହାଇଡ୍ରୋଜେଟ୍ ହବ୍ ଭାବେ ଘୋଷଣା କରିଛନ୍ତି। ସେଥିରେ ପାରାଦୀପ ବନ୍ଦର ସ୍ଥାନ ପାଇଛି। ଏହା କାର୍ଯ୍ୟକ୍ଷମ ହେଲେ ଆଗାମୀ ଦିନରେ ପେଟ୍ରୋଲ, ଡିଜେଲ ବ୍ୟବହାର ବନ୍ଦ ହୋଇଯିବ। ଗ୍ରୀନ ହାଇଡ୍ରୋଜେନ, ଗ୍ରୀନ୍ ଆମୋନିଆର ବ୍ୟବହାର ଚାଲିବ। ପାରାଦୀପ ଗ୍ରୀନ ହାଇଡ୍ରୋଜେନ୍ ହବ୍ ହେବାକୁ ଯାଉଥିବାରୁ ଜିଲାର ୨୦ କି.ମି. ପରିଧି ଭିତରେ ଗ୍ରୀନ୍ ହାଇଡ୍ରୋଜେନ୍ ଉତ୍ପାଦନ କେନ୍ଦ୍ରମାନ ଖୋଲିବ। ଚଣ୍ଡିଖୋଲ-ପାରାଦୀପ ରାସ୍ତାକୁ ୮ ଲେନ୍ ବିଶିଷ୍ଟ କରାଯିବ। ସେହିପରି କଟକରୁ ପାରାଦୀପ ରେଳ ଲାଇନକୁ ଦ୍ୱିଗୁଣିତ ପାଇଁ ରେଳ ବିଭାଗ ପଦକ୍ଷେପ ନେଉଛି। ଏସବୁ ହେଲେ ଜିଲାର ଚିତ୍ର ପୂରା ବଦଳିଯିବ। ଏହି ୧୦ ମାସରେ ଓଡ଼ିଶା ସମେତ ଜଗତ୍‌ସିଂହପୁର ଜିଲାର ପ୍ରଗତି ଉପରମୁହାଁ ହୋଇଥିବା ପାରାଦୀପ ବନ୍ଦର ଅଧ୍ୟକ୍ଷ ହାରାନ୍ଧ କହିଛନ୍ତି। ଅତିରିକ୍ତ ଜିଲାପାଳ ଜ୍ୟୋତି ଶଙ୍କର ରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ଜଗତ୍‌ସିଂହପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା କନକଲତା ଲେଙ୍କା ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଜିଲାର ଗୌରବ ବଖାଣିଥିଲେ।

### ମୁଖ୍ୟଅତିଥି, ମୁଖ୍ୟବକ୍ତା, ଅନ୍ୟ ଅତିଥି ଯୋଗ ଦେଲେନି

କାର୍ଯ୍ୟସୂଚୀ ଅନୁଯାୟୀ, ଜଗତ୍‌ସିଂହପୁରର ଝିଅ ଓ ବୋହୂ ତଥା ଏ ମାଟିର ଗର୍ବ କୁହାଯାଉଥିବା ପଦ୍ମଭୂଷଣ ଡ. ପ୍ରତିଭା ରାୟଙ୍କୁ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ଥିଲା। ଯାହା ନିମନ୍ତ୍ରଣ କାର୍ଡରୁ ସ୍ପଷ୍ଟ ହୋଇଥିଲା। ରାୟଙ୍କ ମୁହଁରୁ କିଛି ଶୁଣିବାକୁ ଜିଲାବାସୀ ଅପେକ୍ଷା କରିଥିଲେ। କିନ୍ତୁ ସେ ଯୋଗ ଦେଇ ନ ଥିଲେ। କେବଳ ରାୟ ନୁହନ୍ତି ପାରାଦୀପ ପୌର ପରିଷଦ ଅଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ, ମୁଖ୍ୟବକ୍ତା ଓ ଭାରତୀୟ ତୈଳ ନିଗମ ଲିମିଟେଡ୍ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ କୌଶିକ ବସୁ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ଥିଲେ ସୁଦ୍ଧା ସେମାନେ ଆସି ନ ଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାରେ ମଧ୍ୟ ବ୍ୟତିକ୍ରମ ପରିଲକ୍ଷିତ ହୋଇଥିଲା। ସନ୍ଧ୍ୟା ସାଢେ ୬ଟାରେ ସଭା ଆରମ୍ଭ ହେବାକୁ ସ୍ଥିର ହୋଇଥିଲେ ସୁଦ୍ଧା ପାଖାପାଖି ୨ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା। କିନ୍ତୁ ଆଶାଜନକ ଲୋକଙ୍କୁ ଦେଖିବାକୁ ମିଳି ନ ଥିଲା। ଦ୍ୱିତୀୟ ଦିନରେ ଅତିଥିଙ୍କ ମରୁଡ଼ି ପଡ଼ିଥିବାରୁ ତୃତୀୟ ଦିନରେ ଅତିଥିମାନେ ଅସିବେ କି ନାହିଁ ଲୋକଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ବଳରାମ


@ ନରେଶ


@ ସୂର୍ଯ୍ୟମଣି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କେନାଲ ସଫେଇରେ ଅନିୟମିତତା ଅଭିଯୋଗ


ଗ୍ରାମବାସୀ ବିଡିଓଙ୍କୁ ଭେଟି ଅଭିଯୋଗ କରୁଛନ୍ତି।

ଏରସମା, ୨।୪ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ପଲ୍ଲୀକଣ୍ଠା ପଞ୍ଚାୟତସ୍ଥିତ ଗୋପାଳପୁର ଗ୍ରାମ ସୀମାରେ ଯାଇଥିବା କେନାଲ ସଫେଇରେ ବ୍ୟାପକ ଅନିୟମିତତା ହେଉଥିବା ବୁଧବାର ଜିଲାପାଳଙ୍କୁ ଅଭିଯୋଗ ହୋଇଛି। ଏଥିସହ ଗ୍ରାମବାସୀ, ଏହି ଅଭିଯୋଗର ଏକକିତା ନକଲ ସ୍ଥାନୀୟ ବିଡିଓ ଓ ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁସାରେ, ଗୋପାଳପୁର ଗ୍ରାମ ଏରସମାର ପଲ୍ଲୀକଣ୍ଠା ପଞ୍ଚାୟତରେ ଅନ୍ତର୍ଭୁକ୍ତ ହୋଇଥିଲେ ମଧ୍ୟ ତା'ର ଅବସ୍ଥିତି କୁଜଙ୍ଗ ଓ ତିର୍ତ୍ତୋଲ ବ୍ଲକ ସୀମା ନିକଟରେ ରହିଛି। ଏହି ଗୋପାଳପୁର ଗ୍ରାମ ନିକଟରେ ଯାଇଥିବା ଏକ କେନାଲ କୁଜଙ୍ଗ ବ୍ଲକ ଅନ୍ତର୍ଗତ ମୁଣ୍ଡିଦା ଗ୍ରାମ ଦେଇ ଏରସମା ପଞ୍ଚାୟତସ୍ଥିତ ସୁମଡା ଗ୍ରାମକୁ ସଂଯୋଗ କରିଛି। ଏହି କେନାଲ ଦୀର୍ଘବର୍ଷ ଧରି ମରାମତି ନ ହେବାରୁ ବର୍ଷା ଋତୁରେ ଜଳ ନିଷ୍କାସନର ବାଧକ ସାଜିଥିଲା। ବହୁ ଆପତ୍ତି ଅଭିଯୋଗ ପରେ କେନାଲକୁ ବିଭାଗ ପକ୍ଷରୁ ପୁନରୁଦ୍ଧାର କରାଯାଉଛି। ଘାସ ଚଞ୍ଚା ଓ ପଙ୍କ ଉଦ୍ଧାର କରାଯିବା ସହ କେନାଲ ବନ୍ଧ ଉଚ୍ଚ କରାଯାଉଛି। ମାତ୍ର ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଗୋପାଳପୁର ଗ୍ରାମ ପଟେ ଯାଇଥିବା କେନାଲ ପୁନରୁଦ୍ଧାର କରାଯାଉଥିଲେ ମଧ୍ୟ ମୁଣ୍ଡିଦା ଗ୍ରାମବାସୀ ଅବଶିଷ୍ଟ କେନାଲ ପୁନରୁଦ୍ଧାର କରାଇ ଦେଉ ନ ଥିବା ଅଭିଯୋଗ ହୋଇଛି। ଫଳରେ ବର୍ଷା ଋତୁରେ ଉଦ୍‌ବୃତ୍ତ ବର୍ଷା ଜଳ ନିଷ୍କାସନ ସମ୍ଭବ ହେବ ନାହିଁ। ଧାନ କ୍ଷେତରେ ପାଣି ଜମିବା ଯୋଗୁ ଚାଷୀ କ୍ଷତିଗ୍ରସ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏଥିସହ ଗୋପାଳପୁର ଗ୍ରାମର ଅଧିକାଂଶ ପରିବାର ଏହି କେନାଲରୁ ମାଛ ମାରି ଜୀବିକା ନିର୍ବାହ କରିଆସୁଥିଲେ। ସେମାନଙ୍କ ଆର୍ଥିକ ସ୍ଥିତି ବିପନ୍ନ ହେବ ବୋଲି ଅଭିଯୋଗ ହୋଇଛି।

ଏ ସମ୍ପର୍କରେ ଏରସମା ବିଭାଗୀୟ ସହକାରୀ ଯନ୍ତ୍ରୀ ଜିତେନ୍ଦ୍ର ସାହୁଙ୍କୁ ପଚାରିବାରେ ସେ ଜଳ ନିଷ୍କାସନ ଏରସମା ସବ୍‌ଡିଭିଜନ ଦାୟିତ୍ୱରେ ଥିଲେ ମଧ୍ୟ ସେ ସୁନ୍ଦରକଣୀ ଗୋପାଳପୁର ଜଳ ନିଷ୍କାସନ କେନାଲ ତଦାରଖ କରୁନାହାନ୍ତି, ନାଉଗାଁ ଯନ୍ତ୍ରୀ ବୁଝୁଛନ୍ତି ବୋଲି କହିଥିଲେ। ଏରସମା ସବ୍‌ଡିଭିଜନ କେନାଲକୁ ନାଉଗାଁ ଯନ୍ତ୍ରୀ ବୁଝିଲେ, କାର୍ଯ୍ୟ କିପରି ହେବ ବୋଲି ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ତୁରନ୍ତ ଏହି ସମସ୍ୟା ସମାଧାନ କରିବାକୁ ଗାଁର ନିମାଇଁ ପ୍ରଧାନ, ଅକ୍ଷୟ ପ୍ରଧାନ, ଗୁଣଧର ମହାନ୍ତି, ଦୈତାରୀ ମହାନ୍ତି, ବାନାମ୍ବର ମହାନ୍ତି, ରବୀନ୍ଦ୍ର ମହାନ୍ତି, ସନ୍ତୋଷ ମହାନ୍ତି, ମନୋରଞ୍ଜନ ମହାନ୍ତି, ଅନିଲ ମହାନ୍ତି ପ୍ରମୁଖ ଦାବି କରିଛନ୍ତି। ନଚେତ ସେମାନେ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ମଣ୍ଡଳସ୍ତରୀୟ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ

ରଘୁନାଥପୁର, ୨।୪ (ରାଜେନ୍ଦ୍ର ନାରାୟଣ ସିଂହ)


ରଘୁନାଥପୁରରେ ଖଡ଼ିଛୁଆଁ କାପ୍ରକ୍ରମରେ ଅତିଥିମାନେ ଶିଶୁ ଖଡ଼ି ଛୁଆଁଉଛନ୍ତି।

ରଘୁନାଥପୁର ମଣ୍ଡଳସ୍ତରୀୟ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମୂହ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ସ୍ଥାନୀୟ ମଧୁସୂଦନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ନୂତନ ଶିକ୍ଷାନୀତି ଅନୁଯାୟୀ ଶିଶୁ ବାଟିକାର ଶୁଭାରମ୍ଭ ହୋଇଛି। ବିଦ୍ୟାଳୟରେ ୫ବର୍ଷରୁ ୬ ବର୍ଷ ମଧ୍ୟରେ ଥିବା ଛାତ୍ରୀଛାତ୍ରଙ୍କୁ ଶିଶୁ ବାଟିକାରେ ନାମ ଲେଖାଯାଇ ସେମାନଙ୍କୁ ବ୍ୟାଗ ସହ ସମସ୍ତ ଶିକ୍ଷା ଉପକରଣ ପ୍ରଦାନ କରାଯାଇଛି। ଏହାଛଡ଼ା ଏକ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା। ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ପ୍ରଧାନ ଶିକ୍ଷକ ହିମାଂଶୁ ଶେଖର ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଉପାଧ୍ୟକ୍ଷ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଭିନ୍ନ ବିଦ୍ୟାଳୟରେ ଖାଲିଥିବା ଶିକ୍ଷକ ପଦବୀ ପୂରଣ ପାଇଁ ଉପାଧ୍ୟକ୍ଷ ତ୍ରିପାଠୀଙ୍କ ସହ ଅଭିଭାବକମାନେ ଗୁରୁତ୍ୱ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ପ୍ରକାଶ ମଲ୍ଲିକ, ସ୍ଥାନୀୟ ସରପଞ୍ଚ ଜଗବନ୍ଧୁ ମଲ୍ଲିକ, ସମିତି ସଭ୍ୟା ପ୍ରମିଳା ବେହେରା, ବିଇଓ ବିଜୟ କୁମାର ସ୍ୱାଇଁ, ଏବିଇଓ ଆଶୁତୋଷ ବାନାର୍ଜୀ ଓ ରଜନୀକାନ୍ତ ରାୟ ଏବଂ ପରିଚାଳନା କମିଟି ସଭାପତି ଦିବାକର ମହଲା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ନୂତନ ଛାତ୍ରୀଛାତ୍ରଙ୍କ ଖଡ଼ିଛୁଆଁ କାର୍ଯ୍ୟକ୍ରମ ହୋଇଥିଲା। ସିଆର୍‌ସିସି ଦିଲୀପ କୁମାର ସ୍ୱାଇଁ ଓ ସୁକାନ୍ତ କୁମାର ଦ୍ୱିବେଦୀ ଏବଂ ମହାବୀର ପ୍ରସାଦ ଦାସ ସଚେତନତା ରଥ ଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ନେତା ଦେବାଶିଷ ବେହେରା ଅତିଥି ପରିଚୟ ଓ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାସ୍କର ମୁଦୁଲି ଧନ୍ୟବାଦ ଦେଇଥିଲେ। ଏଥିରେ ଯାଜ୍ଞବଲ୍କ ମିଶ୍ର, ରୁବି ମହାନ୍ତି, କବିତା ରାଉତରାୟ, ସମସ୍ତ ସିଆର୍‌ସିସି ଓ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ। ଅନୁରୂପ ଭାବେ ଗୋପାଳ ସରକାରୀ ପ୍ରାଥମିକ ବିଦ୍ୟାଳୟ କନ୍ଦରାପଟି ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୋଟକଣାରେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଥିବାବେଳେ ସଚେତନତା ରଥ ବିଭିନ୍ନ ବିଦ୍ୟାଳୟକୁ ଯାତ୍ରା କରିଥିଲା।

**ନାଉଗାଁ, (ସୁଧା ବେହୁରା):** ନାଉଗାଁ ବ୍ଲକରେ ବୁଧବାର ମଣ୍ଡଳସ୍ତରୀୟ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ କାର୍ଯ୍ୟକ୍ରମ ବିପିନ ବିହାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଇଓ କୈଳାସ ଚନ୍ଦ୍ର ପାଢୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପରିଷଦ ସଭ୍ୟା ଅମିତା ସ୍ୱାଇଁ, ପୂର୍ବତନ ପ୍ରଧାନ ଶିକ୍ଷକ ନିରଞ୍ଜନ ମହାନ୍ତି, ପୂର୍ବତନ ଏବିଇଓ ବାମଦେବ ସ୍ୱାଇଁ, ୱାର୍ଡ ସଭ୍ୟ ସୁରେଶ କୁମାର ବେହୁରା ଆଦି ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ପ୍ରଜ୍ଞା ପାରମିତା ନାୟକ ଅତିଥିଙ୍କ ପରିଚୟ ଦେଇଥିବା ବେଳେ ଖୁଲଣା ଦାସ ଧନ୍ୟବାଦ ଦେଇଥିଲେ। ପିଲାଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ସହ ବର୍ତ୍ତମାନ ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ଉପରେ ଅତିଥିମାନେ ଆଲୋଚନା କରିଥିଲେ। ଏହି ଉତ୍ସବ ଏପ୍ରିଲ ୫ ପର୍ଯ୍ୟନ୍ତ ଚାଲିବ।

## ତୈଳ ବିଶୋଧନାଗାର ପାଳିଲା ଓଡ଼ିଶା ଦିବସ

# ରାଜ୍ୟର ଅଭିବୃଦ୍ଧି ପାଇଁ ଚେଷ୍ଟିତ


ଓଡ଼ିଶା ଦିବସ ପାଳନ ଅବସରରେ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ।

**ପାରାଦୀପ, ୨।୪(ଶରତ ରାଉତ):** ଇଣ୍ଡିଆନ ଅଏଲ ପାରାଦୀପ ତୈଳ ବିଶୋଧନାଗାର ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଓଡ଼ିଶା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତି ଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ନିର୍ବାହୀ ନିର୍ଦ୍ଦେଶକ କୌଶିକ ବାସୁ ଯୋଗ ଦେଇଥିଲେ। ଓଡ଼ିଶାରେ ଏହି କାରଖାନା ହୋଇଥିବାରୁ ଆମେ ଏହି ରାଜ୍ୟର ଏକ ଅଙ୍ଗ। ଏହି ରାଜ୍ୟର ବିକାଶ କରିବା ସହ ଏହାର ଅଭିବୃଦ୍ଧି ଉପରେ ଆମେ ଗୁରୁତ୍ୱ ଦେଉଛୁ ବୋଲି ସେ କହିଥିଲେ। ମୁଖ୍ୟ ସାଧାରଣ ପରିଚାଳକ ଶମ୍ଭୁ ଚକ୍ରବର୍ତ୍ତୀ, ସାଧାରଣ ପରିଚାଳକ ଧର୍ମେଶ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

# ଗୋରେଖନାଥ ପୀଠ ଦୋକାନ ନିଲାମ

ରଘୁନାଥପୁର, ୨।୪ (ରାଜେନ୍ଦ୍ର ନାରାୟଣ ସିଂହ)

- ଭୋଗ ୬୫ ଲକ୍ଷ ୯୯ ଟଙ୍କା
- ଦୀପ ୫୧ ଲକ୍ଷ ୫୧ ହଜାର ୨ ଶହ ଟଙ୍କା
- ଫୁଲ, ଯାଆଁବାଳ ପାଇଁ ପଡ଼ିଲାନି ଫର୍ମ

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠ ଭୋଗ, ଦୀପ, ଫୁଲ ଓ ଯାଆଁବାଳ ଦୋକାନ ପାଇଁ ନିଲାମ ପ୍ରକ୍ରିୟା ଜିଲାପାଳଙ୍କ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏରଡଙ୍ଗାର ସତ୍ୟବ୍ରତ ତ୍ରିପାଠୀ ଭୋଗ ଦୋକାନକୁ ସର୍ବୋଚ୍ଚ ୬୫ ଲକ୍ଷ ୯୯ ଟଙ୍କା ମୂଲ୍ୟରେ ନିଲାମ ଧରିଛନ୍ତି। କେରକେରା ଗ୍ରାମର ରଞ୍ଜନ କୁମାର ସାହୁ ଦୀପ ଦୋକାନକୁ ୫୧ ଲକ୍ଷ ୫୧ ହଜାର ୨୦୦ ଟଙ୍କାରେ ନିଲାମ ଧରିଛନ୍ତି। ଅନ୍ୟପକ୍ଷେ ନିଲାମ ପାଇଁ ୧୧ଟି ଫର୍ମ ବିକ୍ରୟ ହୋଇଥିବାବେଳେ ଫୁଲ ଓ ଯାଆଁବାଳ ପାଇଁ କୌଣସି ବ୍ୟକ୍ତି ନିଲାମ ପ୍ରକ୍ରିୟାରେ ସାମିଲ ହୋଇନାହାନ୍ତି। ଭୋଗ ପାଇଁ ୩ଟି ଓ ଦୀପ ପାଇଁ ୩ଟି ଫର୍ମ ଟେଣ୍ଡର ବାକ୍ସରେ ପଡ଼ିଥିଲା। ଅତିରିକ୍ତ ଜିଲାପାଳଙ୍କ ଉପସ୍ଥିତିରେ ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ତିର୍ତ୍ତୋଲ ତହସିଲଦାର ଓ ଥାନା ପକ୍ଷରୁ ଜଣେ ଅଫିସର, ପୀଠ ପକ୍ଷରୁ ଉପଦେଷ୍ଟା କମିଟି ସଦସ୍ୟ ପ୍ରମୋଦ କୁମାର ମହାନ୍ତି, ସୁଶାନ୍ତ ଦାଶ, ସୁରେନ୍ଦ୍ରନାଥ ସ୍ୱାଇଁ, ବିଜୟ କୁମାର ସ୍ୱାଇଁ ଓ କିରାଣି ସରୋଜ କୁମାର ସାହାଣୀ ଉପସ୍ଥିତ ଥିଲେ। ଆସନ୍ତା ଏପ୍ରିଲ ୪ ସୁଦ୍ଧା ନିଲାମପ୍ରାପ୍ତ ବ୍ୟକ୍ତିମାନେ ନିଲାମ ଧରିଥିବା ଦୋକାନର ଅର୍ଦ୍ଧେକ ଟଙ୍କା ପ୍ରଭୁଙ୍କ ବ୍ୟାଙ୍କ ଆକାଉଣ୍ଟରେ ଡିପୋଜିଟ କରି ଏହାର ରସିଦ ଜିଲାପାଳଙ୍କ କାର୍ଯ୍ୟାଳୟରେ ଦେଖାଇବେ। ଉକ୍ତ ରସିଦକୁ ଗୋରେଖନାଥ ପୀଠ କାର୍ଯ୍ୟାଳୟରେ ଦାଖଲ କରି ନିଜର ଅଧିକାର ସାବ୍ୟସ୍ତ କରିବାକୁ ପୀଠ ପକ୍ଷରୁ ନୋଟିସେ ମାଧ୍ୟମରେ ଅବଗତ କରାଯାଇଥିବା କିରାଣି ସାହାଣୀ ସୂଚନା ଦେଇଛନ୍ତି।

No.A-1250

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER
CENTRAL IRRIGATION CIRCLE, BHUBANESWAR
'e' Procurement Notice No. ACECIC - 19/2024-25

| Procurement Officer | Bid Identification No. | Name of Work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of Contractor | Bid documents available online for bidding: From | Bid documents available online for bidding: To | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| ACE, CIC, BHUBANESWAR | NGR-09/2024-25 | Cement Concrete Lining in Right Distributary of Kuanria Irrigation Project from RD.11.00 Km to 18.20 Km | 834.63 | 834700/- (Online) | 10000/- (Online) | "A" & "Special" Class | 05.04.2025 At 10.00 Hours | 19.04.2025 At 17.00 Hours | 21.04.2025 At 11.00 Hours | 18 (Eighteen Calendar Month) |

e-mail ID : secic_dowr@yahoo.com
Further details conditions can be seen from Govt. website www.tenderorissa.gov.in

Sd./- Additional Chief Engineer,
Central Irrigation Circle

OIPR-32160/11/0023/2425

# ବସୁନ୍ଧରା ଯୋଜନାରେ ଜମି ନ ଦେବାରୁ ଧାରଣା



ଧାରଣା ଦେଇଥିବା ବାସନ୍ତୀ ମହାରଣା ଓ ତାଙ୍କ ପୁଅ।

ନାଉଗାଁ, ୨।୪ (ସୁଧା ବେହୁରା)

## ପୋଲିସର ବୁଝାଶୁଝା ପରେ ଧାରଣା ପ୍ରତ୍ୟାହୃତ

ଜଗତ୍‌ସିଂହପୁର ଜିଲା ନାଉଗାଁ ତହସିଲ ଅନ୍ତର୍ଗତ ନାଉଗାଁ ଅଞ୍ଚଳର ରାସ୍ତାପାର୍ଶ୍ୱରେ ଖାତା ନଂ. ୧୦୨୫ ବାସନ୍ତୀ ମହାରଣା ୩୦ବର୍ଷ ହେବ ବସବାସ କରି ଆସୁଛନ୍ତି। କିନ୍ତୁ ସରକାରଙ୍କ ବସୁନ୍ଧରା ଯୋଜନାରେ ସ୍ଥାନୀୟ ତହସିଲଦାର ତାଙ୍କୁ ଜମି ପଟ୍ଟା ନ ଦେବାରୁ ସେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଧାରଣାରେ ବସି ରହିଥିଲେ। ଘଟଣାସ୍ଥଳକୁ ନାଉଗାଁ ଥାନା ଏସ୍‌ଆଇ ନୀଳମଣି ନାୟକ ଯାଇ ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏ ସଂକ୍ରାନ୍ତରେ ବାସନ୍ତୀ ଲିଖିତ ଭାବେ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ତହସିଲଦାର, ଜିଲାପାଳ, ଏସ୍‌ପି, ନାଉଗାଁ ଆଇଆଇସି, ବିଡିଓ, ମାନବାଧିକାର କମିଶନ ଆଦିଙ୍କୁ ଲିଖିତ ଭାବେ ଜଣାଇଥିଲେ।

ଅଭିଯୋଗ ମୁତାବକ ବାସନ୍ତୀଙ୍କ ବାପାଘର ଗଞ୍ଜାମ ଜିଲାରେ। ତାଙ୍କୁ ୧୮ବର୍ଷ ବୟସ ହୋଇଥିବା ବେଳେ ସେ ଯାଜପୁର ଜିଲା ଯାଜପୁର ରୋଡର ପଳାସିଆ ଗ୍ରାମର ଯୁବକ ସୁରେନ୍ଦ୍ର ମହାରଣାଙ୍କୁ ଭଲ ପାଇ ବିବାହ କରିଥିଲେ। ବିବାହ ପରେ ଶାଶୁଘର କିମ୍ବା ବାପଘର ଲୋକ ତାଙ୍କୁ ଘରେ ରଖି ନ ଥିଲେ। ତେଣୁ ସେ ସ୍ୱାମୀଙ୍କ ସହ ନାଉଗାଁ ଆସି ଏଠାରେ କାମ ଧନ୍ଦା କରି ପରିବାର ପ୍ରତିପୋଷଣ କରୁଥିଲେ। ବାସନ୍ତୀଙ୍କର ଗୋଟିଏ ପୁଅ ଓ ଝିଅ ରହିଛନ୍ତି। ସ୍ୱାମୀଙ୍କ ସହ କିଛିବର୍ଷ ରହିବା ପରେ ସୁରେନ୍ଦ୍ର ତାଙ୍କୁ ଛାଡ଼ି କେଉଁଆଡ଼େ ପଳାଇ ଯାଇଥିଲେ। ଖୋଜାଖୋଜି କରିବା ପରେ ସେ ତାଙ୍କୁ ପାଇ ନ ଥିଲେ। ବାଧ୍ୟ ହୋଇ ବାସନ୍ତୀ ମୂଲ, ମଜୁରି ଲାଗି ଏଠାରେ ପଡ଼ି ରହିଛନ୍ତି। ବ୍ଲକରେ ତାଙ୍କ ରାଶନ କାର୍ଡ, ଭୋଟର ପରିଚୟପତ୍ର, ଆଧାର କାର୍ଡ ଆଦି ରହିଛି। କିନ୍ତୁ ସରକାରଙ୍କ ବସୁନ୍ଧରା ଯୋଜନାରେ ବାରମ୍ବାର ଆବେଦନ କଲେ ମଧ୍ୟ ତାଙ୍କୁ ଜମିପଟ୍ଟା ଯୋଗାଇ ଦିଆଯାଉ ନାହିଁ। ଏ ସଂକ୍ରାନ୍ତରେ ଜିଲାପାଳଙ୍କ ଜନଶୁଣାଣିରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଶାଶୁଘରକୁ ଆଦୌ ଯାଇ ନ ଥିବାରୁ ଶାଶୁଘର କେଉଁଠି ସେ ଦେଖିନାହାନ୍ତି। ପୁଅ, ଝିଅ ବଡ଼ ହେବା ପରେ ତାଙ୍କୁ କେଉଁଠାରେ ରଖିବି ଓ ସେମାନଙ୍କ ଭବିଷ୍ୟତ କ'ଣ ହେବ ତାହା ମୋତେ ବ୍ୟଥିତ କରୁଛି। ଯାହା ଫଳରେ ଏ ସଂକ୍ରାନ୍ତରେ ୨୦୨୫ ମାର୍ଚ୍ଚ ୨ରେ ଜମି ପଟ୍ଟାର ସମାଧାନ ନ ହେଲେ ଏପ୍ରିଲ ୨ରେ ଅନଶନ ପାଇଁ ଲିଖିତ ଭାବେ ଜଣାଇଥିଲେ। ଏ ସମ୍ପର୍କରେ ତହସିଲଦାର ଅକ୍ଷୟ କୁମାର ବଡୁଙ୍କୁ ପଚାରିବାରେ ବାସନ୍ତୀଙ୍କ ବାପଘର ଓ ଶାଶୁଘର ଅଞ୍ଚଳରେ ଥିବା ତହସିଲକୁ ଆମେ ଚିଠି କରିଛୁ। ତାଙ୍କ ନାମରେ କୌଣସି ଜମିପଟ୍ଟା ଅଛି କି ନାହିଁ ତାହା ଅବଗତ ହେବା ପରେ ଯାହା ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

କାନାରା ବ୍ୟାଙ୍କ Canara Bank
ସିଣ୍ଡିକେଟ Syndicate
କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ
ସଂଶୋଧନ ପତ୍ର
ତା.୩୦.୦୩.୨୦୨୫ରିଖ ଦୈନିକ ଖବର କାଗଜ ଧରିତ୍ରୀରେ ପ୍ରକାଶିତ ଆମ୍ଭର "ଡିମାଣ୍ଡ ନୋଟିସ୍"ରେ ଋଣଗ୍ରହୀତା: ମେସର୍ସ ଖୁସି ଏଣ୍ଟରପ୍ରାଇଜେସ୍‌ର ଆକାଉଣ୍ଟ ନିମନ୍ତେ ଦର୍ଶିତ ଶାଖାର ନାମ "ପଟ୍ଟାମୁଣ୍ଡାଇ ଶାଖା" ପରିବର୍ତ୍ତେ "ରାହାମା ଶାଖା" ପଢିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟ ଅପରିବର୍ତ୍ତିତ ରହିବ।
ତା.୦୨.୦୪.୨୦୨୫ / କ୍ଷମତାପ୍ରାପ୍ତ ଅଧିକାରୀ

ୟୁକୋ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩
ଦଖଲ ନୋଟିସ୍
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ଦଳାଇସାହି ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ଦଳାଇସାହି ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

| ଦଳାଇସାହି ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ଶେଖ ଅତାବୁର ରହେମାନ / ଗ୍ୟାରେଣ୍ଟିଦାତା: ରୋକିଆ ବେଗମ, ଉଭୟଙ୍କ ଠିକଣା- ସା: ଦଳାଇସାହି, ପୋ: ମାଣିକଗୋଡା, ଜିଲ୍ଲା: ଖୋର୍ଦ୍ଧା-୭୫୨୦୬୬ | ଟ.୧୨,୨୦,୫୨୪.୪୩ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୯.୧୨.୨୦୨୪ / ୨୮.୦୩.୨୦୨୫ | ଶେଖ ଅତାବୁର ରହେମାନଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ସା/ମୌଜା: ଦଳାଇସାହି, ପୋ: ମାଣିକଗୋଡା, ଥାନା: ବୋଲଗଡ, ଜିଲ୍ଲା: ଖୋର୍ଦ୍ଧା-୭୫୨୦୬୬, ପ୍ଲଟ୍ ନଂ.: ୪୩୮/୨୫୯୨, ୪୩୭/୨୫୯୦, ୪୩୬/୨୫୯୧, ଖାତା ନଂ.: ୧୩୮୦/୨୧୫, |

କ୍ଷେତ୍ର: ୧୭୮୫.୯୬ ବର୍ଗଫୁଟ (ପ୍ଲିନ୍ଥ ଏରିଆ: ୧୨୭୦ ବର୍ଗଫୁଟ), ଏହାର ଚାରିପାର୍ଶ୍ୱରେ ଉତ୍ତର: ଲିଟିଫୁଲ ରହେମାନ, ଦକ୍ଷିଣ: ମୋଜବୁର ରହେମାନ, ପୂର୍ବ: ରାସ୍ତା, ପଶ୍ଚିମ: କମର ଜାନ ଖାନ୍

ସ୍ଥାନ: ଭୁବନେଶ୍ୱର, ତାରିଖ : ୦୨.୦୪.୨୦୨୫
କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

# ଭ୍ରୂଣ ହତ୍ୟା, ନାବାଳିକା ବିବାହକୁ ନେଇ ଚିନ୍ତା



ଜିଲା ପ୍ରତିଷ୍ଠା ଦିବସ ଉତ୍ସବରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।


ପ୍ରତିଷ୍ଠା ଉତ୍ସବରେ ଛାତ୍ରୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

**ଜିଲା ପ୍ରତିଷ୍ଠା ଦିବସ ପାଳନ**

- ରଣପୁରରୁ ଦ୍ୱୈତ ଶାସନ ହଟାଇବାର ପ୍ରୟାସ
- ସମାଧାନ ପାଇଁ ରାଜ୍ୟ ସରକାରଙ୍କୁ ଜିଲାପାଳଙ୍କ ଚିଠି

ନୟାଗଡ଼୨।୪(ଲୋକନାଥ ମିଶ୍ର)

ଏପ୍ରିଲ ୨କୁ ନୟାଗଡ ଜିଲା ଗଠନର ୩୨ ବର୍ଷ ପୁରିଛି । ଏ ଅବସରରେ ନୟାଗଡ଼ ଜିଲା ପରିଷଦର ସମ୍ମିଳନୀ କକ୍ଷରେ ଜିଲା ପ୍ରଶାସନ ପକ୍ଷରୁ ୩୨ତମ ଜିଲା ପ୍ରତିଷ୍ଠା ଦିବସ ପାଳନ କରାଯାଇଛି । ଜିଲା ପରିଷଦ ଅଧ୍ୟକ୍ଷ ଇଞ୍ଜିନିୟର ଦେବାଶିଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦିବସରେ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଜିଲାରେ ନାବାଳିକା ବିବାହ ବଢ଼ି ଚାଲିବା ଓ ଭ୍ରୁଣ ହତ୍ୟା ନେଇ ଚିନ୍ତା ପ୍ରକଟ କରିଥିଲେ। ଏପରିକି ଜିଲାର ବିକାଶ ପାଇଁ ଜିଲା ପ୍ରଶାସନକୁ ପରାମର୍ଶ ଦେବାକୁ ଲୋକଙ୍କର ମତାମତ ଲୋଡିଥିଲେ । ତେବେ ଦଶମ ଶ୍ରେଣୀର ଛାତ୍ରୀଛାତ୍ର ଯେପରି କମ୍ପ୍ୟୁଟର ଉପରେ ଭଲ ଭାବେ ଜ୍ଞାନ ଆହରଣ କରିବେ ସେନେଇ ଜିଲା ପ୍ରଶାସନ ପଦକ୍ଷେପ ନେଇଥିବା ଦର୍ଶାଇଥିଲେ। ପ୍ରଥମେ ପ୍ରଶାସନ ପକ୍ଷରୁ ୫୬ ଟି ହାଇସ୍କୁଲରେ ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ପାଇଲଟ ପ୍ରକଳ୍ପ କରି ସଫଳତା ପାଇବା ପରେ ଜିଲାର ୨୩୫ ହାଇସ୍କୁଲରେ ୨୦୨୫-୨୬ ଶିକ୍ଷା ବର୍ଷ ଠାରୁ କମ୍ପ୍ୟୁଟରରେ ପାଠପଢ଼ାକୁ ଗୁରୁତ୍ୱ ଦିଆଯିବବୋଲି ଜିଲାପାଳ କହିଛନ୍ତି। ସେହିଭଳି ସୋଲାର ପାଇଲଟ ପ୍ରକଳ୍ପ ମଧ୍ୟ ଅନୁରୂପ ଭାବେ ଗୁରୁତ୍ୱ ପାଇବ ବୋଲି କହିଛନ୍ତି ।

ଜିଲା ପରିଷଦ ସଭାପତି କହିଥିଲେ ରଣପୁରରୁ ଦ୍ୱୈତ୍ୟ ଶାସନ ଅପସାରଣ ହୋଇପାରେ । ବାରମ୍ବାର ଜିଲା ପରିଷଦ ବୈଠକରେ ଆଲୋଚନା ପରେ ଜିଲାପାଳ ରାଜ୍ୟ ସରକାରଙ୍କୁ ରଣପୁରର ଦ୍ୱୈତ୍ୟ ଶାସନ ଉପରେ ତଥ୍ୟ ଉପସ୍ଥାପନ କରିଛନ୍ତି । ରଣପୁର ନୟାଗଡ ଜିଲାର ହୋଇଥିବାବେଳେ ବନ ବିଭାଗ, ସମବାୟ ବିଭାଗ, ଟେଲିଫୋନ ପରି ଅନେକ ବିଭାଗ ଖୋର୍ଦ୍ଧା ଜିଲାରେ ରହିଥିବାରୁ ସବୁ ସମୟରେ ସମସ୍ୟା ହେଉଛି । ଖୋର୍ଦ୍ଧାରେ ଥିବା ବିଭିନ୍ନ କାର୍ଯ୍ୟାଳୟକୁ ନୟାଗଡ଼ ଜିଲାକୁ ସ୍ଥାନାନ୍ତରିତ କରାଗଲେ ରଣପୁରବାସୀ ଉପକୃତ ହେବେ । ନୟାଗଡ଼ ଜିଲା ଏକ ପୂର୍ଣ୍ଣାଙ୍ଗ ଜିଲା ହେବାରେ ସହଯୋଗ ମିଳି ପାରନ୍ତା ବୋଲି କହିଥିଲେ । ଅତିରିକ୍ତ ଜିଲାପାଳ ରୋଜିନା ଦାସ ଜିଲାରେ ଭ୍ରୁଣହତ୍ୟାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ । ଆମ ଜିଲା ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବାବେଳେ ଭ୍ରୁଣହତ୍ୟା ପାଇଁ ବଦନାମ ହୋଇ ଚାଲିଛି । ଏଥିପ୍ରତି ଦୃଷ୍ଟି ଦେଇ ମାନସିକତାରେ ପରିବର୍ତ୍ତନ ଆଣିଲେ ଜିଲାବାସୀ ସୁଫଳ ପାଇପାରିବେ ବୋଲି କହିଥିଲେ । ଉପଜିଲାପାଳ କର୍ଣ୍ଣଦେବ ସମାଦାର କହିଥିଲେ ଜିଲାର କଳେବର ବଢ଼ିଛି । ପୁରୀ ଜିଲାରୁ ପୃଥକ ହେବା ପରେ ଜିଲାର ଚେହେରା ବଦଳିଛଦ୍। ଜିଲା ବିକାଶ ପଥରେ ଆଗେଇ ଚାଲିଛି । ସେହିପରି ଅନ୍ୟତମ ଅତିଥି ନୟାଗଡ ବ୍ଲକ ଚେୟାରମ୍ୟାନ କିଶୋର ସାହୁ ଓ ନୟାଗଡ ମ୍ୟୁନିସିପାଲିଟି ଚେୟାରମ୍ୟାନ ନିରୁପମା ଖଟେଇ ଜିଲାର ବିକାଶ ଉପରେ ଓ ଜିଲା ଗଠନ ନେଇ ଟିପ୍ପଣୀ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ପ୍ରତାପ ନନ୍ଦ, ଜିଲା ଓକିଲ ସଂଘ ସମ୍ପାଦକ ସ୍ୱଦେଶ ମିଶ୍ର, ଅଧ୍ୟାପକ ଆଶୁତୋଷ ମିଶ୍ର ଜିଲା ଗଠନ ବିଷୟରେ ନିଜର ମତାମତ ଉପସ୍ଥାପନ କରିବାକୁ ପ୍ରଶାସନ ପକ୍ଷରୁ ସୁଯୋଗ ପାଇଥିଲେ । ଜିଲା ଗଠନ ସମୟରେ ଆନ୍ଦୋଳନର ନେତୃତ୍ୱ ନେଇଥିବା ପ୍ରମୋଦ ପଟ୍ଟନାୟକ କହିଥିଲେ ପ୍ରତି ୩ମାସରେ ଥରେ ବୈଠକ କରାଯାଇ ଜିଲା ପାଇଁ କ'ଣ କରାଯିବାର ଆବଶ୍ୟକତା ରହିଛି, କ'ଣ କରାଗଲେ ଜିଲାର ବିକାଶ ହେବ ସେନେଇ ସମୀକ୍ଷା ଓ ଆଲୋଚନା କରିବାକୁ ପରାମର୍ଶ ଦେଇଥିଲେ। ଅତିଥିଙ୍କ ଭାଷଣ ମଝିରେ ସାଂସ୍କୃତିକ ଆସର ଲାଗି ରହିଥିଲା । ଅନ୍ୟପକ୍ଷେ ଅନେକ ବ୍ୟକ୍ତି କହିବା ପାଇଁ ଅପେକ୍ଷା କରିଥିଲେ ହେଁ ସୁଯୋଗ ନ ପାଇବାରୁ ଅସନ୍ତୋଷ ବ୍ୟକ୍ତ କରି ଫେରିଥିଲେ । ପ୍ରକାଶଯେ ଜିଲା ପ୍ରତିଷ୍ଠା ଦିବସ ପ୍ରତି ବର୍ଷ ଧୁମଧାମରେ ପାଳନ ହୋଇ ଆସୁଥିଲା । ହେଲେ ଚଳିତ ବର୍ଷ ପ୍ରଶାସନ ପକ୍ଷରୁ ଏକ କୋଠରୀରେ ସୀମିତ କରାଗଲା । ପ୍ରତିଷ୍ଠା ଦିବସ ପାଳନ କରାଯିବ କି ନାହିଁ ପ୍ରଶାସନ ପକ୍ଷରୁ କୁହାଯାଇ ନ ଥିଲା । ଶେଷରେ ତରବରିଆ ଭାବେ ବୁଧବାର ସନ୍ଧ୍ୟାରେ ପାଳନ କରାଯାଇଥିଲା । ପ୍ରଶାସନର ତରବରିଆ ଜିଲା ପ୍ରତିଷ୍ଠା ଦିବସ ପାଳନକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ଅନ୍ତେବାସୀଙ୍କୁ ହଷ୍ଟେଲ ଛାଡ଼ି ଘରକୁ ଯିବା ପାଇଁ କହିବାରୁ ଉତ୍ତେଜନା

**ଜାମୁସାହି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କ ମନମାନୀକୁ ବିରୋଧ**

ନୟାଗଡ଼/ଦଶପଲ୍ଲା,୨।୪
(ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି)

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ୍ ଜାମୁସାହି ଉଚ୍ଚ ବିଦ୍ୟାଳୟରେ ବୁଧବାର ପ୍ରଧାନଶିକ୍ଷୟିତ୍ରୀ ଅନ୍ତେବାସୀଙ୍କୁ ହଷ୍ଟେଲ ଛାଡି ଘରକୁ ଯିବାପାଇଁ କହିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକ ପ୍ରଧାନଶିକ୍ଷୟିତ୍ରୀଙ୍କ ମନମାନିକୁ ବିରୋଧ କରିଥିଲେ । ଏପରି କି ବାଣିଗୋଛା ଥାନା ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା । ତେବେ ସ୍ଥାନୀୟ ଲୋକ ଶାନ୍ତ ହୋଇ ନ ଥିବା ଜଣାପଡିଛି । ଗୁରୁବାର ସ୍କୁଲରେ ତାଲା ପକାଇ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି ।

ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ହଷ୍ଟେଲର ଯଦି କିଛି ସମସ୍ୟା ରହିଛି ତେବେ ତା'ର ସମାଧାନ କରାଯିବା ଦରକାର । ନିକଟରେ ଜିଲା ସମାଜ ମଙ୍ଗଳ ଅଧିକାରୀ ହଷ୍ଟେଲରର ସମସ୍ୟା ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ଓ ପରିଚାଳନା କମିଟି ମଧ୍ୟରେ ଆଲୋଚନା କରି ଏ ଦିଗରେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ତେବେ ହଷ୍ଟେଲରେ ଛାତ୍ରୀଛାତ୍ର ରହିବା ଭଳି ପରିବେଶ ସୃଷ୍ଟି କରା ନ ଯାଇ ବରଂ ଘରକୁ ଚାଲି ଯିବାକୁ ପ୍ରଧାନଶିକ୍ଷୟିତ୍ରୀ କହିବା ପରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା । ଏପରିକି ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ପରିତ୍ୟାଗ ସାର୍ଟିଫିକେଟ ନେଇ ଯିବାକୁ କୁହାଯାଇଥିଲା । ଏନେଇ ପ୍ରଧାନଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳୀ ହରିଚନ୍ଦନଙ୍କୁ ପଚାରିବାରୁ କହିଥିଲେ କାହାରିକୁ ସ୍କୁଲ ହଷ୍ଟେଲରୁ ଯିବାକୁ କୁହାଯାଇନି । ସବୁ ଅନ୍ତେବାସୀ ହଷ୍ଟେଲରେ ଅଛନ୍ତି । ଯାହା କିଛି ସମସ୍ୟା ଅଛି ସରକାରୀସ୍ତରରେ ସମାଧାନ କରାଯିବ ବୋଲି କହିଛନ୍ତି। ବାଣିଗୋଛା ଥାନା ଆଇଆଇସି ବିନୟ ରଞ୍ଜନ ପରିଡ଼ା କୁହନ୍ତି,ସ୍ଥାନୀୟ ଲୋକଙ୍କୁ ବୁଝାଶୁଝା କରାଯାଇ ଆନ୍ଦୋଳନକୁ ପ୍ରତ୍ୟାହାର କରାଯାଇଛି। ପିଲାମାନେ ସ୍କୁଲ ହଷ୍ଟେଲରେ ଅଛନ୍ତି ବୋଲି ସେ ସୂଚନା ଦେଇଛନ୍ତି ।

# ଜିଲାସ୍ତରୀୟ ପ୍ରବେଶ ଉତ୍ସବ,ଖଡ଼ିଛୁଆଁ ପର୍ବ

**ସଚେତନତା ପାଇଁ ୮ ବ୍ଲକରେ ଗଡ଼ିଲା ଶିକ୍ଷା ରଥ**


ଜିଲାସ୍ତରୀୟ ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଏବଂ ଛାତ୍ରୀଛାତ୍ର।

ନୟାଗଡ଼,୨।୪(ଲୋକନାଥ ମିଶ୍ର)

ଶିଶୁଙ୍କୁ ଗୁଣାତ୍ମକ ଓ ସର୍ବୋତ୍ତମ ଶିକ୍ଷାଦାନ କରିବା ପାଇଁ ରାଜ୍ୟ ସରକାର ନୂଆ ଶିକ୍ଷା ନୀତି କାର୍ଯ୍ୟକାରୀ ସହ ନୂଆ କରି ପାଠ ଆରମ୍ଭ କରୁଥିବା ପିଲାଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବାକୁ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ ପର୍ବ ରାଜ୍ୟରେ ବୁଧବାର ଶୁଭାରମ୍ଭ ହୋଇଛି। ସେହିପରି ପ୍ରତି ପ୍ରାଥମିକ ବିଦ୍ୟାଳୟରେ ଆଜିଠାରୁ ଶିଶୁବାଟିକା ଶ୍ରେଣୀର ମଧ୍ୟ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ବୁଧବାର ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲରେ ଜିଲାସ୍ତରୀୟ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ ପର୍ବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିଲା ସମଗ୍ର ଶିକ୍ଷା ପ୍ରକଳ୍ପ ନିର୍ଦ୍ଦେଶକ ତଥା ଜିଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣ୍ଡେ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରୋଜିନା ଦାସ ଓ ନୟାଗଡ଼ ବ୍ଲକ ଶିକ୍ଷାଧିକାରୀ ଉମାକାନ୍ତ ସେଠୀ ଯୋଗ ଦେଇଥିଲେ । ବକ୍ତାମାନେ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ ପର୍ବ ଉପରେ ଆଲୋଚନା କରିବା ସହ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ନବମ ଏବଂ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ସାମିଲକ କରାଯାଇଥିଲା । ସପ୍ତାହରେ ୩ଟି ଅଣ୍ଡା ଏବଂ ୩ଟି ପୁଷ୍ଟିସାର ଲଡୁ ବଣ୍ଟନ କରିବା ନିଷ୍ପତ୍ତିକୁ ଅତିଥିମାନେ ପ୍ରଶଂସା କରିଥିଲେ।

ସଭା ପ୍ରାରମ୍ଭରେ ଅତିଥିମାନେ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଶିକ୍ଷକ ପ୍ରଦୀପ ସାହୁ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ସମଗ୍ର ଶିକ୍ଷା ଆଦିବାସୀ ବିଭାଗ ସଂଯୋଜିକା ଶୁଭସ୍ମିତା ଦାଶ ମଞ୍ଚ ସଞ୍ଚାଳନ କରିଥିଲେ। ନୟାଗଡ଼ ମୁନିସିପାଲିଟି ଅନ୍ତର୍ଗତ ବିଭିନ୍ନ ପ୍ରାଥମିକ ବିଦ୍ୟାଳୟର ବାଲ୍ ବଟିକା ଶିଶୁମାନଙ୍କୁ ଅତିଥିମାନେ ସ୍ୱତନ୍ତ୍ର ଭାବେ ନିର୍ମିତ ଖଡ଼ିଛୁଆଁ କୋଣ ଗୃହରେ ଖଡ଼ି ଛୁଆଁଇବା ସହିତ ସେମାନଙ୍କୁ ସ୍କୁଲ ବ୍ୟାଗ, ସ୍ଲେଟ ଏବଂ କଲମ ଆଦି ବଣ୍ଟନ କରିଥିଲେ। ପରବର୍ତ୍ତୀ ସମୟରେ ଅତିଥିମାନେ ୮ ବ୍ଲକ ପାଇଁ ଉଦ୍ଦିଷ୍ଟ ୮ଟି ଶିକ୍ଷା ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ନୟାଗଡ଼ ବ୍ଲକ୍ ଅତିରିକ୍ତ ଶିକ୍ଷାଧିକାରୀ ସଞ୍ଜୟ କୁମାର ମଲିକ, ଧନେଶ୍ୱର ସେଠୀ,ଜିଲା ବିଜ୍ଞାନ ନିରୀକ୍ଷକ ଶରତ କୁମାର ସାହୁ,ସମଗ୍ର ଶିକ୍ଷା ସଂଯୋଜିକା ଶ୍ରାବଣୀ ମିଶ୍ର, କ୍ରିଷ୍ଣାରାଣୀ ମାଝୀ, ସିଆରସିସି ବିଭୁତି ଭୂଷଣ ମିଶ୍ର, ଲକ୍ଷ୍ମୀଧର ପ୍ରଧାନ,ପ୍ରଦୀପ୍ତ କୁମାର ପଣ୍ଡା,ଜୀବନଜ୍ୟୋତି ହୋତା,ଶିକ୍ଷକ ଲକ୍ଷ୍ମୀଧର ସାହୁ, ଉମେଶ ଚନ୍ଦ୍ର ସ୍ୱାଇଁ,ମାନସ ରଞ୍ଜନ ଷଡ଼ଙ୍ଗୀ, ରେହମାନ ଅଲି ପ୍ରମୁଖ ସହଯୋଗ କରିଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଅସିତ୍


@ ବଳରାମ


@ ନରେଶ


@ ସୂର୍ଯ୍ୟମଣି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଗାଁ ଓ ସହର ମୁହାଁ ବନ୍ୟପ୍ରାଣୀ

- ଖାଦ୍ୟ ଓ ପାନୀୟ ପାଇଁ ବାଟ ହୁଡ଼ି ଯାଉଛି ଜୀବନ
- ଶିକାରୀ ସକ୍ରୀୟ, ରୋକା ଯାଇ ପାରୁନି ଶିକାର

ନୟାଗଡ଼,୨।୪(ଲୋକନାଥ ମିଶ୍ର)

ଗ୍ରୀଷ୍ମର ପ୍ରକୋପ ବଢ଼ି ଚାଲିଥିବାବେଳେ ବନ୍ୟପ୍ରାଣୀ ଖାଦ୍ୟ,ପାନୀୟ ପାଇଁ ଗାଁ ଓ ସହର ମୁହାଁ ହେଉଥିବା ଦେଖିବାକୁ ମିଳୁଛି । ତେବେ ବାଟହୁଡ଼ି ରହି ଯାଉଥିବା ବନ୍ୟପ୍ରାଣୀ ଶିକାରୀଙ୍କ ପଞ୍ଝାରୁ ବର୍ତ୍ତି ପାରୁ ନ ଥିବା ଅଭିଯୋଗ ହୋଇଆସୁଛି । ଜଙ୍ଗଲ ନିକଟସ୍ଥ ଅଞ୍ଚଳରେ ଥିବା ଜଳାଶ୍ରୟ ନିକଟରେ ଶିକାରୀ ଶିକାରକୁ ଟାର୍ଗେଟ କରି ରହିଥିବାରୁ ଗ୍ରୀଷ୍ମଋତୁରେ ଶିକାର ବଢ଼ିବାରେ ଲାଗିଛି । ସେହିଭଳି ଫାସ ପକାଇ, ବିଦ୍ୟୁତ ତାର ବିଛାଇ, ଗୁଳି ଫୁଟାଇ ଓ କୁକୁର ଲଗାଇ ଶିକାର ଚାଲିଛି ।

ନୟାଗଡ଼ ବନଖଣ୍ଡର ବିଭିନ୍ନ ଜଙ୍ଗଲ, ଖୋର୍ଦ୍ଧା ବନଖଣ୍ଡର ରଣପୁର ରେଞ୍ଜ ଓ ନୟାଗଡ଼ ବନଖଣ୍ଡ, ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଓ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରେ ଥିବା ବିଭିନ୍ନ ଜଙ୍ଗଲରେ ବନ୍ୟପ୍ରାଣୀ ସୁରକ୍ଷିତ ନୁହନ୍ତି । ଜିଲାର ବିଭିନ୍ନ ଜଙ୍ଗଲରେ ଫାସ ପକାଇ, ବିଦ୍ୟୁତ ତାର ବିଛାଇ, ଗୁଳି ଫୁଟାଇ ଓ କୁକୁର ଲଗାଇ ଶିକାର ଚାଲିଛି । ଗାଁ ଓ ସହରରେ ଜଙ୍ଗଲୀ ମାଂସ ବିକ୍ରି ହେଉଛି । ବିଭିନ୍ନ ସମୟରେ ବନ୍ୟଜନ୍ତୁ ସପ୍ତାହ ପାଳନ ଅବସରରେ ଅନୁଷ୍ଠିତ ସଭାରେ ଶିକାର ରୋକି ହେଉ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇ ଆସୁଥିଲେ ମଧ୍ୟ ଏହାର ନିରାକରଣ ନାହିଁ। ଖୋର୍ଦ୍ଧା ବନଖଣ୍ଡ ରଣପୁର ରେଞ୍ଜର ମାଳ ସଂରକ୍ଷିତ ଜଙ୍ଗଲର ବନ୍ଧମୁଣ୍ଡା, ଶଙ୍ଖଯୋଡି, ନେଳିପଡା, ଭେଟବର, ବଜ୍ରକୋଟ ଅଞ୍ଚଳର ପରି ରଣପୁର ରେଞ୍ଜର ବିଭିନ୍ନ ଜଙ୍ଗଲରେ ସମ୍ବର, କୁଟୁରା, ହରିଣ, ବାରହା ଶିକାର ଚାଲିଛି। ପ୍ରାୟ ୧ବର୍ଷ ମଧ୍ୟରେ ମାଳ ସଂରକ୍ଷିତ ଜଙ୍ଗଲରୁ ୧୬ସମ୍ବର, ୨୧କୁଟୁରା, ୪ ହରିଣ, ୩୫୬ରୁ ଉର୍ଦ୍ଧ୍ୱ ବାରହାଙ୍କୁ ଫାଶ, ବିଦ୍ୟୁତ୍ ଓ ଗୁଳିରେ ଶିକାର ହୋଇଥିବା ବେସରକାରୀ ଭାବେ ଜଣାପଡିଛି। ସେହିଭଳି ଜଳାଶୟ ନିକଟରେ ମଧ୍ୟ ଗୁଳି କରି ହତ୍ୟା କରାଯାଉଛି । ଗ୍ରୀଷ୍ମ ଋତୁରେ ଶିକାର ବଢ଼ୁଛି। ଖୋର୍ଦ୍ଧା ଜିଲାର ବରବରା, ଧୁଆଁନଳୀ ଜଙ୍ଗଲ ସହ ରଣପୁରର ବିଭିନ୍ନ ଜଙ୍ଗଲରୁ ଜଙ୍ଗଲ ମାଂସ ଗୋଡିପଡାକୁ ଆସୁଛି । ସେହିପରି ଓଡ଼ଗାଁ ରେଞ୍ଜର ଗୋଛା, ଗୟଳସିଂହ ଜଙ୍ଗଲରେ ଅନୁରୂପ ଭାବେ ଶିକାର ହୋଇଛି । ଏଠାର ଜଙ୍ଗଲରେ ବେଶି ବାରହା ଶିକାର ହେଉଛି । ପୁଣି ଗଜେନ୍ଦ୍ରାପଲ୍ଲୀ, ଚୋରାଖୋଲ, ହଳଙ୍ଗାପଲ୍ଲୀ, ଚେମେଡି, ବାଣ୍ଡପୁର, କୁରାଡ଼ିଘଷା ଅଞ୍ଚଳରେ ଅନୁରୂପ ଭାବେ ଶିକାର ଚାଲିଛି । ଓଡ଼ଗାଁ ରେଞ୍ଜର ରଙ୍ଗଣୀପାଟଣା ଛକରେ ଜଙ୍ଗଲୀ ମାଂସ ସବୁବେଳେ ମିଳୁଛି । ଏଠାରେ ଗୋଟିଏ ଶିକାରୀ ଦଳ ବହୁଦିନ ହେଲା ଅବାଧରେ ଜଙ୍ଗଲ ମାଂସ ବିକ୍ରି କରି ଆସୁଛନ୍ତି । ସେହିପରି ବାଘୁଆ ଛକରେ ଅନୁରୂପ ଭାବେ ଜଙ୍ଗଲି ମାଂସ ମିଳୁଛି । ଶରଣକୁଳ ଭଣ୍ଡାର ମୁଣ୍ଡିଆରୁ ବନ୍ୟପ୍ରାଣୀକୁ ଶିକାର କରାଯାଇ ମାଂସ ବିକ୍ରି ହେଉଛି । ଗଞ୍ଜାମରୁ ହରିଣ ମାଂସ ଓଡ଼ଗାଁ, ପଞ୍ଚରିଡା, ବଡପୁଟ, ଶରଣକୁଳ ଅଞ୍ଚଳରେ ବିକ୍ରି ହେଉଛି । ଗୋଡିପଡା ଅଞ୍ଚଳରେ ହରିଣ, ବାରହା, ସମ୍ବର ମାଂସ ବିକ୍ରି ହେଉଛି । ମହିପୁର ରେଞ୍ଜର ହାତୀମୁଣ୍ଡା, ପାଲଭାରେ ଶିକାର ବଢ଼ି ଚାଲିଛି । ପୁଣି ରଗଡିମଡା, ମିନା ଗାଡିଆ, ଗୁମି, ସିଙ୍ଗାରପୁର, କୋଶଳାଙ୍ଗ ଅଞ୍ଚଳରେ ଅନୁରୂପ ଭାବେ ଶିକାର ହେଉଛି । ଗଣିଆର ବାଇସିପଲ୍ଲୀ ଅଭୟାରଣ୍ୟ ଭିତରେ ଶିକାର ଚାଲିଛି । ପୁଣି ମଣିଭଦ୍ରା, ସାତପୁରି ଜଙ୍ଗଲରୁ ହରିଣ ଶିକାର ବଢ଼ିଚାଲିଛି । କଟକ ଜିଲ ନରସିଂହପୁର ଅଞ୍ଚଳର କିଛି ଶିକାରୀ ହରିଣ ଶିକାର କରି ସ୍ଥାନୀୟ ଅଞ୍ଚଳରେ ବିକ୍ରି କରିବା ସହ ନରସିଂହପୁର ଅଞ୍ଚଳରେ ବିକ୍ରି କରୁଥିବାର ଅଭିଯୋଗ ରହିଛି । ପୁଣି ଗଣିଆର ବିଞ୍ଚିଗିରି ଜଙ୍ଗଲରେ ଶିକାରୀଙ୍କ ପାଦୃଭାବ ବଢ଼ି ଚାଲିଛି । ଛାମୁଣ୍ଡିଆ, ବଡସିଲିଙ୍ଗା, କରଡାପଡା, ବଡମୂଳରେ ଶିକାର ଚାଲିଛି । ଭାପୁର ବ୍ଲକର ବାଇଗୁଣିଆ, ବାନ୍ଦେରା ଶାଳ ଜଙ୍ଗଲରେ ଚଉସିଙ୍ଗ, ବାରହା, ହରିଣ ଶିକାର ଚାଲିଛି । ସେହିଭଳି ଖଣ୍ଡପଡା ଗୋହିରିଆପଡା, କିଆଝର ଜଙ୍ଗଲରେ ଅନୁରୂପ ଶିକାର ଚାଲିଛି । ବିଭିନ୍ନ ସମୟରେ ବନବିଭାଗ ପକ୍ଷରୁ ଧରପଗଡ କରାଯାଇ ଶିକାରୀଙ୍କୁ ଗିରଫ ସହ ଜଙ୍ଗଲ ମାଂସ ଜବତ କରାଯାଇଛି । ହେଲେ ବନବିଭାଗର କାର୍ଯ୍ୟାନୁଷ୍ଠାନ ଶିକାରୀ ଓ ଶିକାରକୁ ରୋକିପାରୁ ନାହିଁ ବୋଲି ଅଭିଯୋଗ ହୋଇଆସୁଛି ।

ଏନେଇ ଡିଏଫ୍ଓ କ୍ଷମା ଷଡ଼ଙ୍ଗୀ ଓ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଡିଏଫ୍ଓ ଫାଲଗୁନି ସାରଥି ମଲିକ କୁହନ୍ତି, ବନବିଭାଗ ପକ୍ଷରୁ ବିଭିନ୍ନ ଜଙ୍ଗଲରେ ଚଢ଼ାଉ କରାଯାଇ ଶିକାରୀ ଓ ବନ୍ୟ ପ୍ରାଣୀ ମାଂସ ଜବତ କରାଯାଉଛି। ପୁଣି ବନ୍ଧୁକ ବି ଜବତ ହେଉଛି । ଶିକାରୀଙ୍କୁ ଧରପଗଡ ପାଇଁ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି । ପୁଣି ଚଢ଼ାଉକୁ ତ୍ୱରାନ୍ୱିତ କରାଯାଇଛି ବୋଲି ପ୍ରକାଶ କରିଛନ୍ତି ।

କାନାରା ବ୍ୟାଙ୍କ Canara Bank
ସିଣ୍ଡିକେଟ Syndicate
କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ
ସଂଶୋଧନ ପତ୍ର
ତା.୩୦.୦୩.୨୦୨୫ରିଖ ଦୈନିକ ଖବର କାଗଜ ଧରିତ୍ରୀରେ ପ୍ରକାଶିତ ଆମର "ଡିମାଣ୍ଡ ନୋଟିସ୍"ରେ ଋଣଗ୍ରହୀତା: ମେସର୍ସ ଖୁସି ଏଣ୍ଟରପ୍ରାଇଜେସ୍‌ର ଆକାଉଣ୍ଟ ନିମନ୍ତେ ଦର୍ଶିତ ଶାଖାର ନାମ "ପଟ୍ଟାମୁଣ୍ଡାଇ ଶାଖା" ପରିବର୍ତ୍ତେ "ରାହାମା ଶାଖା" ପଢ଼ିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟ ଅପରିବର୍ତ୍ତିତ ରହିବ।
ତା.୦୨.୦୪.୨୦୨୫ / କ୍ଷମତାପ୍ରାପ୍ତ ଅଧିକାରୀ

No.A-1250

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER
CENTRAL IRRIGATION CIRCLE, BHUBANESWAR
'e' Procurement Notice No. ACECIC - 19/2024-25

| Procurement Officer | Bid Identification No. | Name of Work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of Contractor | Bid documents available online for bidding | | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| | | | | | | | From | To | | |
| ACE, CIC, BHUBANESWAR | NGR-09/2024-25 | Cement Concrete Lining in Right Distributary of Kuanria Irrigation Project from RD.11.00 Km to 18.20 Km | 834.63 | 834700/- (Online) | 10000/- (Online) | "A" & "Special" Class | 05.04.2025 At 10.00 Hours | 19.04.2025 At 17.00 Hours | 21.04.2025 At 11.00 Hours | 18 (Eighteen Calendar Month) |

e-mail ID : secic_dowr@yahoo.com
Further details conditions can be seen from Govt. website www.tenderorissa.gov.in

Sd./- Additional Chief Engineer,
Central Irrigation Circle

OIPR-32160/11/0023/2425

ୟୁକୋ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩
ଦଖଲ ନୋଟିସ୍
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ଦଳାଇସାହି ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ଦଳାଇସାହି ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

| ଦଳାଇସାହି ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ଶେଖ ଅତାବୁର ରହେମାନ / ଗ୍ୟାରେଣ୍ଟିଦାତା: ରୋକିଆ ବେଗମ, ଉଭୟଙ୍କ ଠିକଣା- ସା: ଦଳାଇସାହି, ପୋ: ମାଣିକଗୋଡା, ଜିଲ୍ଲା: ଖୋର୍ଦ୍ଧା-୭୫୨୦୬୬ | ଟ.୧୨,୨୦,୫୨୪.୪୩ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୯.୧୨.୨୦୨୪ / ୨୮.୦୩.୨୦୨୫ | ଶେଖ ଅତାବୁର ରହେମାନଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ସା/ମୌଜା: ଦଳାଇସାହି, ପୋ: ମାଣିକଗୋଡା, ଥାନା: ବୋଲଗଡ, ଜିଲ୍ଲା: ଖୋର୍ଦ୍ଧା-୭୫୨୦୬୬, ପ୍ଲଟ୍ ନଂ.: ୪୩୮/୨୫୯୨, ୪୩୭/୨୫୯୦, ୪୩୬/୨୫୯୧, ଖାତା ନଂ.: ୧୩୮୦/୨୧୫, |
| କ୍ଷେତ୍ର: ୧୭୮୫.୯୬ ବର୍ଗଫୁଟ (ପ୍ଲିନ୍ଥ ଏରିଆ: ୧୨୭୦ ବର୍ଗଫୁଟ), ଏହାର ଚାରିପାର୍ଶ୍ୱରେ ଉତ୍ତର: ଲିଟିଫୁଲ ରହେମାନ, ଦକ୍ଷିଣ: ମୋଜବୁର ରହେମାନ, ପୂର୍ବ: ରାସ୍ତା, ପଶ୍ଚିମ: କମର ଜାନ ଖାନ୍ | | | |

ସ୍ଥାନ: ଭୁବନେଶ୍ୱର, ତାରିଖ : ୦୨.୦୪.୨୦୨୫
କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

# ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

## ନିଶା ସେବନକୁ ବିରୋଧ କରିବାରୁ ବଚସା, ପରେ ଅଘଟଣ

ନିଶା ସେବନ ଅନେକଙ୍କ ସଂସାରରେ ଝଡ଼ ସୃଷ୍ଟି କରୁଛି। ପରିବାରର ସମସ୍ୟା ସମାଧାନ କରିବା ପରିବର୍ତ୍ତେ ନିଶା ସେବନରେ ବୁଡ଼ ରହୁଛନ୍ତି ପରିବାର ମୁଖ୍ୟ। ଏଥିଯୋଗୁ ପରିବାରରେ ଅନେକ ସମୟରେ ଗଣ୍ଡଗୋଳ ସୃଷ୍ଟି ହେଉଛି। ଆଉ ଏହି ଗଣ୍ଡଗୋଳ ଉଗ୍ରରୂପ ନେଇ କେତେବେଳେ ସ୍ୱାମୀ ସ୍ତ୍ରୀଙ୍କ ଜୀବନ ନେଉଛି ତ' କେତେବେଳେ ସ୍ତ୍ରୀ ସ୍ୱାମୀଙ୍କ ଜୀବନ ନେବାକୁ ପଛାଉ ନାହାନ୍ତି। ଏପରି କି ଅନେକ କ୍ଷେତ୍ରରେ ପିଲାମାନେ ମଧ୍ୟ ମା'ବାପାଙ୍କ ଜୀବନ ନେଇଯାଉଛନ୍ତି। ଏଭଳି ଘଟଣା ବିଭିନ୍ନ ସମୟରେ ରାଜ୍ୟରେ ଘଟୁଥିବାବେଳେ ଏହା ଥମିବାର ନାଁ ନେଉନାହିଁ। ମଙ୍ଗଳବାର ରାତିରେ ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଅନ୍ତର୍ଲା ଗ୍ରାମରେ ନିଶାଗ୍ରସ୍ତ ସ୍ୱାମୀଙ୍କୁ ମଦ୍ୟପାନ କରିବାକୁ ବାରଣ କରିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏପରି କି ସ୍ତ୍ରୀ ରାତିରେ ଶୋଇଥିବାବେଳେ କ୍ରୋଧରେ ଜର୍ଜରିତ ସ୍ୱାମୀ ତାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ପୋଲିସ ଅଭିଯୁକ୍ତ ସ୍ୱାମୀ ଗୌତମ ବିଶ୍ୱାଳ(୪୧)ଙ୍କୁ ଗିରଫ କରିଛି। ଏଭଳି ଘଟଣା ପରେ ତାଙ୍କର ୨ ପିଲା ଏବେ ମା'ଛେଉଣ୍ଡ ହୋଇଯାଇଛନ୍ତି।


ଅତିରିକ୍ତ ଏସ୍‌ପି ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

**ବଲାଙ୍ଗୀର/ଦେଓଗାଁ,୨।୪(ବୀରେନ୍ଦ୍ର କୁମାର ଝାଙ୍କର/କୃଷ୍ଣପ୍ରସାଦ ପାଣିଗ୍ରାହୀ)**
ଅନ୍ତର୍ଲା ନିବାସୀ ଗୌତମ ପ୍ରାୟ ୧୪ ବର୍ଷ ତଳେ ସୁବର୍ଣ୍ଣପୁର ଜିଲା ତରଭା ଥାନା ଅଧୀନ ଅର୍ଡା ଗାଁର ଅମୂଲ୍ୟ ବିଶ୍ୱାଳ (୩୬)ଙ୍କୁ ବିବାହ କରିଥିଲେ। ସେମାନଙ୍କ ୨ ନାବାଳକ ସନ୍ତାନ ଅଛନ୍ତି। ଦିନମଜୁରିଆ ଭାବେ କାମ କରୁଥିବା ଗୌତମ ଅନେକ ସମୟରେ ମଦ୍ୟପାନ କରି ସ୍ତ୍ରୀ ସହ ଝଗଡ଼ା କରୁଥିଲେ। ସେମାନଙ୍କ ମଧ୍ୟରେ ଦୀର୍ଘଦିନ ହେଲା ପାରିବାରିକ କଳହ ଲାଗି ରହିଥିଲା। ମଙ୍ଗଳବାର ରାତିରେ ଅମୂଲ୍ୟ ଶୋଇଥିବାବେଳେ ବିଳମ୍ବିତ ରାତିରେ ଗୌତମ ଏକ ଟାଙ୍ଗିଆରେ ତାଙ୍କୁ ହତ୍ୟା କରିଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଥିବା ଅତିରିକ୍ତ ଏସ୍‌ପି ଆଲୋକ ଜେନା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଅମୂଲ୍ୟଙ୍କ ଭାଇ କନ୍ଦର୍ପ ମଲ୍ଲିକ କରିଥିବା ଅଭିଯୋଗ ଅନୁସାରେ, ଅଭିଯୁକ୍ତ ଗୌତମ ଦୀର୍ଘଦିନ ହେଲା ସ୍ତ୍ରୀଙ୍କୁ ନିର୍ଯାତନା ଦେବା ସହ ମାରପିଟ କରି ଆସୁଥିଲେ। ଶେଷରେ ସେ ତାଙ୍କୁ ହତ୍ୟା କରିଛନ୍ତି। ବୁଧବାର ସକାଳେ ଏହି ହତ୍ୟାକାଣ୍ଡ ସମ୍ପର୍କରେ ଜଣାପଡ଼ିଥିଲା। ଖବରପାଇ ଦେଓଗାଁ ପୋଲିସ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ସୋମକେଶ ନାୟକଙ୍କ ସହ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିଲେ। ସାଇଣ୍ଟିଫିକ୍ ଟିମ୍ ସେଠାରେ ଛାନ୍‌ଭିନ୍ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଜବତ କରିଥିଲେ। ଏହାଛଡ଼ା ଦେଓଗାଁ ଥାନା ଅଧିକାରୀ ବୁଲୁ ମୁଣ୍ଡାଙ୍କ ନେତୃତ୍ୱରେ ପୋଲିସ ଟିମ୍ ଅଭିଯୁକ୍ତ ସ୍ୱାମୀ ଗୌତମଙ୍କୁ ଘଟଣାସ୍ଥଳକୁ ନେଇ ସିନ୍ କ୍ରିଏଶନ କରିଥିଲା। ପରେ ଗୌତମଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଯାଇଥିବା ଜଣାପଡ଼ିଛି। ଅମୂଲ୍ୟଙ୍କ ମୃତଦେହ ପୋଲିସ ଜବତକରି ବ୍ୟବଚ୍ଛେଦ ପାଇଁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଦେଓଗାଁ ଥାନାରେ ଏକ ମାମଲା (ନଂ. ୧୦୪/୨୦୨୫) ରୁଜୁ ହୋଇଛି। ନିଶାସେବନକୁ ନେଇ ପରିବାରରେ ବିବାଦ ସୃଷ୍ଟି ହୋଇ ଏଭଳି ଅଘଟଣ ଘଟିବା ରାଜ୍ୟରେ ଅନେକ ସମୟରେ ଦେଖିବାକୁ ମିଳିଛି। ସଚେତନତା ଅଭାବରୁ ଲୋକମାନେ ନିଜର ହିତାହିତ ଜ୍ଞାନ ଭୁଲିଯାଇ ଏଭଳି କାଣ୍ଡ ଭିଆଉଛନ୍ତି ବୋଲି ମନସ୍ତତ୍ତ୍ୱବିତ୍ ମତପ୍ରକାଶ କରିଛନ୍ତି।

### ପୂର୍ବରୁ ଘଟିଥିବା କେତେକ ଘଟଣା

**୨୦୨୫ ମାର୍ଚ୍ଚ ୨:** ରାତିରେ ଯାଜପୁର ଜିଲା ସୁକିନ୍ଦା ଥାନା ସଂସାଇଲୋ ଗ୍ରାମରେ ଜଣେ ମହିଳା ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିଥିଲେ। ସ୍ୱାମୀ ମଦ୍ୟପାନ କରି ଘରେ ସବୁବେଳେ ଅଶାନ୍ତି ସୃଷ୍ଟି କରୁଥିଲେ। ତାଙ୍କୁ ଯେତେ ବୁଝାଇଲେ ବି ସେ ବୁଝୁ ନ ଥିଲେ। ଶେଷରେ ଅତିଷ୍ଠ ହୋଇ ସ୍ତ୍ରୀ ଡୁମାରି ସ୍ୱାମୀ ବାବୁଲି ମୁଣ୍ଡାଙ୍କୁ ହତ୍ୟା କରିବା ପରେ ଘର ପଛପଟେ ମୃତଦେହକୁ ପୋତି ଦେଇଥିଲେ। ପରେ ପୋଲିସ ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତ ସ୍ତ୍ରୀ ଡୁମାରିଙ୍କୁ ଗିରଫ କରିଥିଲା।

**୨୦୨୫ ଫେବୃଆରୀ ୭:** କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଥାନା ମୁନୁଗାପଦର ଗ୍ରାମରେ ଜଣେ ନିଶାସକ୍ତ ବ୍ୟକ୍ତିଙ୍କୁ ତାଙ୍କ ୨ପୁଅ ଏବଂ ସ୍ତ୍ରୀ ହତ୍ୟା କରିଥିଲେ। ୫୦ ବର୍ଷୀୟ ଯଦୁ ଦଳପତି ଅଧିକାଂଶ ସମୟରେ ନିଶା ସେବନ କରି ସ୍ତ୍ରୀ ରୁକ୍ମିଣୀ ଦଳପତିଙ୍କୁ ମାଡ଼ ମାରିବା ସହ ଗଣ୍ଡଗୋଳ କରୁଥିଲେ। ଘଟଣା ଦିନ ସେ ମଦ ପିଇ ସ୍ତ୍ରୀଙ୍କୁ ଗାଳିଗୁଲଜ ସହ ମାଡ଼ ମାରିଥିଲେ। ଏହା ଦେଖି ବଡପୁଅ ଧନେଶ୍ୱର ଦଳପତି ଓ ସାନପୁଅ ଫକୀର ତାଙ୍କୁ ରଶିରେ ବାନ୍ଧି ଏକ ଠେଙ୍ଗାରେ ମୁଣ୍ଡକୁ ପ୍ରହାର କରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ଦୁଇପୁଅ ଧୋବେନ ଚଞ୍ଚରାରେ ରହୁଥିବା ଯଦୁଙ୍କ ଜ୍ୱାଇଁ କ୍ଷୀରସିନ୍ଧୁଙ୍କୁ ଡକାଇ ପ୍ରମାଣ ନଷ୍ଟ ପାଇଁ ବାଡ଼ି ପଟେ ଗାତ ଖୋଳି ଯଦୁଙ୍କ ମୃତଦେହ ପୋତିଦେଇଥିଲେ।

**୨୦୨୩ ଅକ୍ଟୋବର ୧୦:** କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ କୋଡିପଶା ଗ୍ରାମରେ ନିଶା ସେବନକୁ ନେଇ ସୃଷ୍ଟ ପାରିବାରିକ କଳହରେ ଅତିଷ୍ଠ ହୋଇ ସୁନୀତା ଜୁଆଙ୍ଗ ନାମ୍ନୀ ଜଣେ ମହିଳା ତାଙ୍କ ସ୍ୱାମୀଙ୍କୁ ଘର ଭିତରେ ହତ୍ୟା କରିଥିଲେ। ଏପରି କି ହତ୍ୟା ପରେ ୩ଦିନ ପର୍ଯ୍ୟନ୍ତ ମୃତଦେହ ନିକଟରେ ସୁନୀତା ଜଗି ରହିଥିଲେ। ପରେ ପଡ଼ୋଶୀ ଜାଣି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତକରି ସୁନୀତାଙ୍କୁ ଗିରଫ କରିଥିଲା।

**୨୦୨୦ ମେ' ୧୭:** ବ୍ରହ୍ମପୁର ସଦର ପୋଲିସ ସ୍ୱାମୀଙ୍କୁ ହତ୍ୟା ଘଟଣାରେ ଜଣେ ମହିଳାଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ମହିଳା ସୁନୀତା ବେହେରାଙ୍କ ସ୍ୱାମୀ ବନମାଳୀ ବେହେରା ଅଳିଆ ଗୋଟାଳି ଭାବେ କାର୍ଯ୍ୟ କରନ୍ତି। ଯାହା ରୋଜଗାର ହୁଏ, ସେଥିରୁ ପ୍ରାୟ ଟଙ୍କାରେ ମଦ୍ୟପାନ କରନ୍ତି। ଏପରି କି ମଦ୍ୟପାନ କରି ପରିବାରରେ ସବୁବେଳେ ଅଶାନ୍ତି ସୃଷ୍ଟି କରନ୍ତି। ଏଥିରେ ଅତିଷ୍ଠ ହୋଇ ସୁନୀତା ବନମାଳୀଙ୍କୁ ହତ୍ୟା କରିଥିଲେ। ପୋଲିସ ସୁନୀତାଙ୍କୁ ଗିରଫ କରି ଜେଲ ପଠାଇବା ପରେ ତାଙ୍କ ୫ପିଲା ବେସାହାରା ହୋଇଯାଇଥିଲେ।

**୨୦୧୮ ଏପ୍ରିଲ ୨୩:** କେନ୍ଦୁଝର ଜିଲା ବାମବେରୀ ଥାନା ଅଞ୍ଚଳରେ ଜଣେ ନିଶାସକ୍ତ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିଥିଲେ। ଘଟଣା ରାତିରେ ଅଭିଯୁକ୍ତ ସ୍ୱାମୀ ବିଷ୍ଣୁ ମୁଣ୍ଡା ମଦ୍ୟପାନ କରି ଘରକୁ ଫେରି ସ୍ତ୍ରୀଙ୍କ ସହ ପାଟିତୁଣ୍ଡ କରିଥିଲେ। ଏନେଇ ସ୍ତ୍ରୀ ରାଗିଯିବା ସହ ସ୍ୱାମୀଙ୍କୁ ଖାଇବାକୁ ଦେବାକୁ ମନା କରିଦେଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ବିଷ୍ଣୁ ଏକ ବାଉଁଶରେ ସ୍ତ୍ରୀଙ୍କ ମୁଣ୍ଡକୁ ପିଟିଦେଇଥିଲେ। ଫଳରେ ଘଟଣାସ୍ଥଳରେ ସ୍ତ୍ରୀ ଦାସମଣିଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ନିକଟରେ ବିଷ୍ଣୁ ନିଜ ଦୋଷ ସ୍ୱୀକାର କରିଥିଲେ। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ବିଷ୍ଣୁଙ୍କୁ କୋର୍ଟ ଚାଲାଣ କରିଥିଲା।

# ଆଇଫୋନ ପାଇଁ ସାଙ୍ଗକୁ ହତ୍ୟା

## ଜନ୍ମଦିନ ଅବସରରେ ବୁଲିବାକୁ ଯାଇ ଫେରିଲେନି


ମୃତ ନଭଜୋତ୍ ସିଂ

ସପ୍ତଦଶ ଜନ୍ମ ଦିବସ ପାଳନର ଦିନକ ପରେ ସାଙ୍ଗମାନଙ୍କ ସହ ବୁଲିବାକୁ ଯିବାକୁ କହି ଘରୁ ବାହାରିଥିଲେ। ହେଲେ ଆଉ ଫେରିଲେନି। ପରେ ମୃତଦେହ ଖଣ୍ଡବିଖଣ୍ଡିତ ଅବସ୍ଥାରେ ଜବତ ହେଲା। ଆଇଫୋନ୍-୧୧ ମୋବାଇଲ୍ ନ ଦେବାରୁ ଜଣେ ନାବାଳକ ସାଙ୍ଗ ଏଭଳି ଘଟଣା ଘଟାଇଥିବା ଜଣାପଡ଼ିଛି। ପୋଲିସ ଅଭିଯୁକ୍ତ ନାବାଳକ ସାଙ୍ଗକୁ ଧରି ଜୁଭେନାଇଲ କୋର୍ଟକୁ ପଠାଇଛି। ଏଭଳି ଏକ ଘଟଣା ପଞ୍ଜାବ ପଟିଆଲା ଅଞ୍ଚଳରେ ଘଟିଛି।

**ପଟିଆଲା(ପଞ୍ଜାବ),୨।୪**
ପଞ୍ଜାବ ପଟିଆଲାର ନଭଜୋତ୍ ସିଂ ଗତ ୨୪ତାରିଖରେ ନିଜର ୧୭ଶ ଜନ୍ମ ଦିବସ ପରିବାର ଲୋକଙ୍କ ସହ ମିଶି ପାଳନ କରିଥିଲେ। ଏହାର ଦିନକ ପରେ ସାଙ୍ଗମାନଙ୍କ ସହ ହରିଦ୍ୱାର ବୁଲିବାକୁ ଯାଉଛି ବୋଲି କହି ଘରୁ ବାହାରିଥିଲେ। ପରେ ସେ ହରିଦ୍ୱାର ଯାଉନାହାନ୍ତି ଏବଂ ଘରକୁ ଫେରୁଛନ୍ତି ବୋଲି ପରିବାର ଲୋକଙ୍କୁ ଫୋନ କରି ଜଣାଇଥିଲେ। ହେଲେ ଫେରି ନ ଥିଲେ। ସେହି ଦିନ ରାତିରେ ଏକ ଖଣ୍ଡବିଖଣ୍ଡିତ ମୃତଦେହ ରେଲଷ୍ଟେସନ ନିକଟରେ ପଡ଼ିଥିବା ନେଇ ପୋଲିସ ଖବର ପାଇଥିଲା। ମୃତଦେହ ୨ଖଣ୍ଡ ହୋଇଯାଇଥିବାବେଳେ ଶରୀରର ବିଭିନ୍ନ ସ୍ଥାନରେ କଟାଦାଗ ରହିଥିବା ଦେଖିବାକୁ ମିଳିଥିଲା। ମୃତଦେହ ଚିହ୍ନଟ କରାଯାଇ ନ ପାରିବାରୁ ପୋଲିସ ଏହାର ପୋଷ୍ଟର ନିକଟସ୍ଥ ଅଞ୍ଚଳରେ ମାରିଥିଲା। ମାର୍ଚ୍ଚ ୩୦ତାରିଖ ଦିନ ନଭଜୋତଙ୍କ ବାପା ହରଜିନ୍ଦର ସିଂ ପୁଅକୁ ନ ପାଇ ପୋଲିସ ନିକଟରେ ପହଞ୍ଚିବା ପରେ ମୃତଦେହ ଚିହ୍ନଟ ହୋଇଥିଲା। ତଦନ୍ତ ସମୟରେ ନଭଜୋତଙ୍କୁ ତାଙ୍କ ସାଙ୍ଗ ଅମନଜୋତ ହତ୍ୟା କରିଥିବା ପୋଲିସ ଜାଣିବାକୁ ପାଇଥିଲା। ନଭଜୋତ ବ୍ୟବହାର କରୁଥିବା ଆଇଫୋନ-୧୧କୁ ଅମନଜୋତଙ୍କ ଠାରୁ ଜବତ କରାଯାଇଥିଲା। ଆଇଫୋନ ନେବାକୁ ଅମନଜୋତ ତାଙ୍କ ସାଙ୍ଗ ନଭଜୋତଙ୍କୁ ହତ୍ୟା କରି ଜଣେ ସାଙ୍ଗ ସହଯୋଗରେ ଟ୍ରେନ୍ ଲାଇନରେ ପକାଇ ଦେଇଥିଲେ। ଏପରି କି ସହଯୋଗ ପାଇଁ ଅମନଜୋତ ତାଙ୍କ ସାଙ୍ଗକୁ ହଜାରେ ଟଙ୍କା ଦେଇଥିଲେ ବୋଲି ଜଣାପଡ଼ିଛି। ଅମନଜୋତ ନାବାଳକ ହୋଇଥିବାରୁ ପୋଲିସ ତାଙ୍କୁ ଜୁଭେନାଇଲ କୋର୍ଟରେ ହାଜର କରିଛି।

# ଚାକିରି ଦେବାକୁ କହି ଠକେଇ, ନକଲି ଇନ୍ସପେକ୍ଟର ଗିରଫ


ଗିରଫ ଅଭିଯୁକ୍ତ, ଜବତ ନକଲି ପୋଲିସ ପୋଷାକ ଏବଂ ପରିଚୟ ପତ୍ର।

**କଟକ,୨।୪(କାର୍ତ୍ତିକ ସାହୁ)**
ପୋଲିସ ଇନ୍ସପେକ୍ଟର ପରିଚୟ ଦେଇ ଠକେଇ କରିବା ଅଭିଯୋଗରେ ବାଦାମବାଡ଼ି ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ନୂଆପାଟଣା ଗ୍ରାମର ଗୁଣ୍ଡିଚା ବଳେଇ(୨୭)। ତାଙ୍କ ନିକଟରୁ ଏକ ଲାପଟପ୍, ୫ଟି ମୋବାଇଲ ଫୋନ୍, ନକଲି ଆଇ କାର୍ଡ, ପୋଲିସ ପୋଷାକ, ଟୋପି, ନାମଫଳକ, ଷ୍ଟାର, ଲୋଗୋ, ପୋଲିସ ଷ୍ଟିକ୍, କେଲ୍ଟୁର ଆଦି ଜବତ କରାଯାଇଛି। ଏଥିସହ ତାଙ୍କ ଆକାଉଣ୍ଟରେ ଥିବା ୪ ଲକ୍ଷ ଟଙ୍କାକୁ ଫ୍ରିଜ୍ କରାଯାଇଛି ବୋଲି କଟକ ଡିସିପି ଅଫିସରେ ବୁଧବାର ଅପରାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିସିପି ଖିଲାରୀ ଋଷିକେଶ ଜ୍ଞାନଦେଓ ସୂଚନା ଦେଇଛନ୍ତି। ଏଥିସହ ଚାକିରି ଆଶାୟୀମାନେ ଏଭଳି ଠକମାନଙ୍କ ପ୍ରତି ସତର୍କ ରହିବା ସହ ସେମାନଙ୍କୁ ବିଶ୍ୱାସ ନ କରିବାକୁ କହିଛନ୍ତି। ସରକାରୀ ନିଯୁକ୍ତି ସ୍ୱଚ୍ଛ ଭାବେ ହୋଇଥାଏ। ତେଣୁ କେହି ଏଭଳି ପ୍ରତିଶ୍ରୁତି ଦେଇ ଟଙ୍କା ମାଗିଲେ ତୁରନ୍ତ ନିକଟସ୍ଥ ଥାନାରେ ଜଣାଇବାକୁ ଡିସିପି କହିଛନ୍ତି।

ସୂଚନାନୁସାରେ, ଠକାମିର ଶିକାର ହୋଇଥିବା ପୀଡ଼ିତ ଜଣଙ୍କ କଟକ ନେତାଜୀ ବସ୍ ଟର୍ମିନାଲରେ ଜଣେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରନ୍ତି। ସେ ହୋମଗାର୍ଡ ଚାକିରି ନିମନ୍ତେ ଆବେଦନ କରିଥିଲେ। ଇତିମଧ୍ୟରେ ସେ ଅଭିଯୁକ୍ତ ଗୁଣ୍ଡିଚାଙ୍କ ସଂସ୍ପର୍ଶରେ ଆସିଥିଲେ। ଅଭିଯୁକ୍ତ ଗ୍ରାମୀଣ ଏସ୍‌ପି ଅଫିସରେ ଇନ୍ସପେକ୍ଟର ଥିବା କହି ତାଙ୍କୁ ପ୍ରଭାବିତ କରିଥିଲେ। ତାଙ୍କୁ ନିଜର ପୋଲିସ ୟୁନିଫର୍ମ ଓ ଆଇକାର୍ଡ ମଧ୍ୟ ଦେଖାଇଥିଲେ। ଏଥିସହ ହୋମଗାର୍ଡ ଚାକିରି କରାଇଦେବେ ୧.୫ ଲକ୍ଷ ଟଙ୍କା ନେବାକୁ ଦାବି କରିଥିଲେ। ଅଭିଯୁକ୍ତଙ୍କ କଥାରେ ବିଶ୍ୱାସ କରି ପୀଡ଼ିତ ତାଙ୍କୁ ପ୍ରାଥମିକ ଭାବେ ୧୦ ହଜାର ଟଙ୍କା ଦେଇଥିଲେ। ପରବର୍ତ୍ତୀ ସମୟରେ ସେ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଲେ। ଏନେଇ ସେ ବାଦାମବାଡ଼ି ଥାନାରେ ଅଭିଯୋଗ କରିଥିଲେ।

# ଝିଅକୁ ହେମଦସ୍ତାରେ ପିଟି ଆତ୍ମହତ୍ୟା କଲେ ବାପା

**ଚାନ୍ଦବାଲି,୨।୪(କିଷାନ ପାତ୍ର)**
ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ବାଁଶଡ଼ା ଥାନା ଅଧୀନ ତୋଟାପଡ଼ା ଗାଁର ଜେନାସାହିରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଅଷ୍ଟମ ଶ୍ରେଣୀରେ ପଢୁଥିବା ଝିଅକୁ ହେମଦସ୍ତାରେ ପିଟି ଗୁରୁତର କରିବା ପରେ ବାପା ଆତ୍ମହତ୍ୟା କରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନା ମୁତାବକ, ତୋଟାପଡ଼ା ଗାଁ ଜେନାସାହିର ସୁରେନ୍ଦ୍ର ଜେନା ଅପରାହ୍ନରେ କୌଣସି କାରଣରୁ ରାଗିଯାଇ ଅଷ୍ଟମ ଶ୍ରେଣୀରେ ପଢୁଥିବା ତାଙ୍କ ଝିଅ ଗୀତାଞ୍ଜଳିଙ୍କୁ ହେମଦସ୍ତାରେ ପିଟି ଗୁରୁତର କରିଥିଲେ। ପରେ ମାନସିକ ଭାରସାମ୍ୟ ହରାଇ ଏକ ଗଛରେ ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିଲେ। ଗୀତାଞ୍ଜଳିଙ୍କୁ ଗୁରୁତର ଅବସ୍ଥାରେ ପଡ଼ୋଶୀମାନେ ଉଦ୍ଧାର କରି ପ୍ରଥମେ ତିହିଡ଼ି ମେଡିକାଲ ଓ ପରେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠାଇଛନ୍ତି। ଘଟଣାସ୍ଥଳରେ ଘଣ୍ଟେଶ୍ୱର ଫାଣ୍ଡି ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଉଲ୍ଲେଖଯୋଗ୍ୟ, କିଛି ମାସ ହେବ ସୁରେନ୍ଦ୍ରଙ୍କ ସ୍ତ୍ରୀ ନିଖୋଜ ଥିବାରୁ ବାପା ଝିଅ ଘରେ ରହୁଥିଲେ।

# ଏନ୍‌ଏଚ୍ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଆସବାବପତ୍ର ବାଜ୍ୟାପ୍ତି

## ଠିକାସଂସ୍ଥା ଟଙ୍କା ପ୍ରଦାନରେ ଅବହେଳାରୁ କାର୍ଯ୍ୟାନୁଷ୍ଠାନ


ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସମ୍ପତ୍ତି ଜବତ ହେଉଛି।

**ସମ୍ବଲପୁର,୨।୪ (ପ୍ରମୋଦ ବହିଦାର)**
ଠିକାକାମ ବାବଦ ଟଙ୍କା ନ ଦେବାରୁ ବୁଧବାର ସମ୍ବଲପୁର ଜାତୀୟ ରାଜପଥ ସର୍କଲ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ସମସ୍ତ ଆସବାବପତ୍ର ବାଜ୍ୟାପ୍ତ କରିଛନ୍ତି ଅଦାଲତ। ୨୦୦୭-୨୦୦୮ ମସିହାରେ କେନ୍ଦୁଝର ଜିଲା ଅଧୀନ ୫୩ନମ୍ବର ଜାତୀୟ ରାଜପଥର ପ୍ରାୟ ୧୨କିଲୋମିଟର ରାସ୍ତାର ପ୍ରଶସ୍ତୀକରଣ କାମ ଠିକାସଂସ୍ଥା ଓରିଏଣ୍ଟ କନ୍‌ଷ୍ଟ୍ରକଶନ୍ ପ୍ରାଇଭେଟ୍ ଲିମିଟେଡ୍ କରିଥିଲା। ହେଲେ ଏହି କାର୍ଯ୍ୟ ବାବଦକୁ ଜାତୀୟ ରାଜପଥ(ଏନ୍‌ଏଚ୍) ଡିଭିଜନ ଉକ୍ତ ଠିକାସଂସ୍ଥାକୁ ୭୪ଲକ୍ଷ ୧୬ହଜାର ୧୧୮ ଟଙ୍କା ପ୍ରଦାନ କରି ନ ଥିଲା। ଏହାକୁ ସମ୍ପୃକ୍ତ ଠିକାସଂସ୍ଥା ସମ୍ବଲପୁର ସିନିୟର ଡିଭିଜନ ସିଭିଲ୍ ଜଜ୍‌ଙ୍କ ଅଦାଲତର ଦ୍ୱାରସ୍ଥ ହୋଇଥିଲା। ଉକ୍ତ ମାମଲାର ବିଚାରକରି ଅଦାଲତ ୨୦୧୩ ମସିହାରେ ଆବେଦନକାରୀ ଠିକାସଂସ୍ଥାଙ୍କୁ ବକେୟା ଟଙ୍କା ଉପରେ ସୁଧକୁ ମିଶାଇ ମୋଟ ୧ କୋଟି ୪୨ଲକ୍ଷ ୨ହଜାର ୮୬୭ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏନ୍‌ଏଚ୍ ଡିଭିଜନ ପକ୍ଷରୁ ଉକ୍ତ ଟଙ୍କା ପ୍ରଦାନ ପାଇଁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଫଳରେ ଅଦାଲତ ପକ୍ଷରୁ ଗତ ମାର୍ଚ୍ଚ ୭ରେ ଜାରି ନିର୍ଦ୍ଦେଶ ଅନୁସାରେ ବୁଧବାର ଅଦାଲତର ପ୍ରୋସେସ ସର୍ଭରମାନେ ସମ୍ବଲପୁର ଜାତୀୟ ରାଜପଥ ଡିଭିଜନର ସର୍କଲ ଅଧୀକ୍ଷଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ସମସ୍ତ ଅସ୍ଥାବର ସମ୍ପତ୍ତି ଓ ଆସବାବପତ୍ର ବାଜ୍ୟାପ୍ତ କରିଛନ୍ତି। ସେଥିମଧ୍ୟରେ କାର୍ଯ୍ୟାଳୟ ଆଲମାରୀ, ଟେବୁଲ, ଚୌକି, କମ୍ପ୍ୟୁଟର, ପ୍ରିଣ୍ଟର, ଫ୍ୟାକ୍ସ ମେସିନ, ଟିଭି, ମନିଟର, ଇନ୍‌ଭର୍ଟର ଆଦି ସାମଗ୍ରୀ ରହିଛି।

ଅଦାଲତରେ ଏହି ମାମଲାକୁ ପରିଚାଳନା କରୁଥିବା ଠିକାସଂସ୍ଥା ଓକିଲ ସୌରୀ ନାରାୟଣ ପାଢ଼ୀ କହିଛନ୍ତି, ବାରମ୍ବାର ଅନୁରୋଧ ସତ୍ତ୍ୱେ ଜାତୀୟ ରାଜପଥ ବିଭାଗ ବକେୟା ରାଶି ପ୍ରଦାନ କରି ନ ଥିଲେ। ଫଳରେ ସମ୍ପୃକ୍ତ ଠିକାସଂସ୍ଥାର ଆବେଦନ କ୍ରମେ ଅଦାଲତ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ସେହିପରି ସମ୍ବଲପୁର ଜାତୀୟ ରାଜପଥ ସର୍କଲର ବ୍ୟକ୍ତିଗତ ସହାୟକ ଶ୍ୟାମ ସୁନ୍ଦର ପ୍ରସାଦ ରାମ କହିଛନ୍ତି, ଏ ବାବଦରେ ବିଭାଗର ଉଚ୍ଚ ଅଧିକାରୀମାନେ ହିଁ କହିପାରିବେ। ତେବେ ଅଦାଲତ ପକ୍ଷରୁ କାର୍ଯ୍ୟାଳୟର ସମସ୍ତ ଆସବାବପତ୍ରକୁ ବାଜ୍ୟାପ୍ତ କରାଯାଇଥିବା ସେ କହିଛନ୍ତି।

## ଜଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଜଗଡମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଦେହଟି ସରୁଆ ମୁହଁଟି ଚେପା
ଏହାକୁ ପରତେ ନ ଯିବ ବାପା।**

ଅପେକ୍ଷାକୃତ ଶରୀର ପତଳା ଥିବା ବ୍ୟକ୍ତି ବିଶ୍ୱାସଯୋଗ୍ୟ ହୋଇ ନ ଥାନ୍ତି। ତାଙ୍କର ମନ ଆଦୌ ଖୋଲା ନ ଥାଏ। ସେହିପରି ମୁହଁର ଆକୃତି ସାମାନ୍ୟ ବଙ୍କା ଥିବା ବ୍ୟକ୍ତି ମଧ୍ୟ ଭରସାଯୋଗ୍ୟ ହୋଇ ନ ଥାନ୍ତି। ଏହି ଧରଣର ବ୍ୟକ୍ତିଙ୍କୁ ବିଶ୍ୱାସରେ ନେବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବୁଧ ଘଡ଼ିକି ଆଶା
ପୁଅ ମୁଣ୍ଡକୁ ଆଶା।**

କୃପଣ ବ୍ୟକ୍ତି ହାତରୁ ଟଙ୍କାଟିଏ ବି ଖର୍ଚ୍ଚ କରିବାକୁ ଚାହିଁ ନ ଥାନ୍ତି। ଖର୍ଚ୍ଚ କଥା ପଡ଼ିଲେ ଦେହରୁ ରକ୍ତ ଶୁଖିଯାଇଥାଏ। ଗୋଟିଏ ପଟେ ପିଲାର ଭଲ ମନ୍ଦ ନେଇ ଚିନ୍ତା ତ ଅନ୍ୟ ପଟେ ଅର୍ଥ ଖର୍ଚ୍ଚର ଭୟ। ଏପରି ଅବସ୍ଥା ଉକ୍ତ ବ୍ୟକ୍ତିଙ୍କୁ ହରଡ଼ଉଣାରେ ପକାଇଦେବା ସ୍ୱାଭାବିକ ହୋଇଥିବା ଗଲେ କୃପଣ ବ୍ୟକ୍ତିଙ୍କର ଧନ ପ୍ରତି ରହିଥିବା ଅହେତୁକ ଦୁର୍ବଳତାଭାବ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଜଗଡମାଳି ଓ ରୁଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିସର୍ସ ପ୍ରା:ଲି:


ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଭଉଗୋଳିକ ପାଣିପାଗର ଚିତ୍ର।

# ଭାରପ୍ରାପ୍ତ ସମବାୟ ସମିତି ସମ୍ପାଦକ ଗିରଫ

## ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅର୍ଥ ଆତ୍ମସାତ

**ବାଲେଶ୍ୱର,୨।୪(ବାଞ୍ଛାନିଧି ଦେ)**
ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କ୍ଷତିପୂରଣ ଅର୍ଥ ଆତ୍ମସାତ ଅଭିଯୋଗରେ ବାଲେଶ୍ୱର ଜିଲା ରେମୁଣା ବ୍ଲକ ଦୁର୍ଗାଦେବୀ ସମବାୟ ସମିତିର ଭାରପ୍ରାପ୍ତ ସମ୍ପାଦକ ଗିରିଶ ଚନ୍ଦ୍ର ବେହେରାଙ୍କୁ ବୁଧବାର ଭିଜିଲାନ୍ସ ଗିରଫ କରିଛି। ଏ ନେଇ ଦୁର୍ନୀତି ନିବାରଣ (ସଂଶୋଧନ) ଆଇନ ୨୦୧୮ ଅନୁଯାୟୀ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୨/୨୦୨୫) ରୁଜୁ ହେବା ସହ ଗିରିଶଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି। ମାମଲାର ଅଧିକ ତଦନ୍ତ ଜାରି ରହିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, ୨୦୨୧-୨୨ ମସିହା ମଧ୍ୟରେ ଚାଷ କ୍ଷୟକ୍ଷତିର ସମ୍ମୁଖୀନ ହୋଇଥିବା ଦୁର୍ଗାଦେବୀ ଅଞ୍ଚଳର ୩୧୬ଜଣ ଚାଷୀଙ୍କ କ୍ଷତିପୂରଣ ବାବଦ ୫ଲକ୍ଷ ୮୦ ହଜାର ଟଙ୍କା ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ବିଭାଗର ତଦନ୍ତରେ ସମ୍ପୃକ୍ତ କ୍ଷତିପୂରଣ ଅର୍ଥ ବାବଦରେ ଗିରିଶ ଉପଯୁକ୍ତ ତଥ୍ୟ ଦେଇ ନ ପାରିବାରୁ ତାଙ୍କୁ ଗିରଫ କରାଯାଇଥିଲା।

# ପ୍ରେମିକଙ୍କୁ ଅପହରଣ କରି ୧୦ ଲକ୍ଷର ମୁଣ୍ଡଜାମିନ


ଗିରଫ ଯୁବତୀଙ୍କ ସମେତ ଅଭିଯୁକ୍ତ।

**ପ୍ରେମିକାଙ୍କ ସହ ୪ ଯୁବକ ହୋଟେଲରୁ ଗିରଫ**
- ହୋଟେଲରେ ବନ୍ଦୀ କରି ରଖିଥିଲେ, ଉଦ୍ଧାର କଲା ପୋଲିସ
- ବଡ଼ଭଉଣୀଙ୍କ ପୁରୁଷବନ୍ଧୁଙ୍କ ସହାୟତାରେ କାଣ୍ଡ ଭିଆଇଥିଲେ

**ଭୁବନେଶ୍ୱର,୨।୪(ସତ୍ୟଜିତ୍ ରାଉତ)**
ନିବିଡ଼ ପ୍ରେମ ସମ୍ପର୍କରୁ ଲିଭ୍ ଇନ୍ ପରେ ପ୍ରେମିକାଙ୍କ ଚରିତ୍ର ଉପରେ ସନ୍ଦେହ ବଢ଼ିବାରୁ ହୋଇଥିଲା ଝଗଡ଼ାର ସୂତ୍ରପାତ। ଏଥିପାଇଁ ପ୍ରେମିକଙ୍କୁ ଶାସ୍ତି ଦେବାକୁ କରିଥିଲେ ବଡ଼ ଷଡ଼ଯନ୍ତ୍ର। ବଡ଼ ଭଉଣୀଙ୍କ ପୁରୁଷବନ୍ଧୁଙ୍କ ସହଯୋଗରେ ନିଜ ଲିଭ୍ ଇନ୍ ପାର୍ଟନରଙ୍କୁ ନିଯୁକ୍ତ ମାଡ଼ ମାରିବା ସହ କରାଇଥିଲେ ଅପହରଣ। ଏପରି କି ଅଭିଯୁକ୍ତମାନେ ମୁକ୍ତ ଜାମିନ ପାଇଁ ୧୦ଲକ୍ଷ ଟଙ୍କା ଦାବି କରିଥିଲେ। ଏହି ମାମଲାରେ କମିଶନରେଟ୍ ପୋଲିସ ବୁଧବାର ଭୁବନେଶ୍ୱରର ଏକ ହୋଟେଲରୁ ଅପହୃତଙ୍କ କବଳରୁ ଜଗତସିଂହପୁର ଜିଲା ଘଡ଼ିମୂଳ ଗାଁର ଅପହୃତ ଯୁବକ ସୋମନାଥ ସ୍ୱାଇଁଙ୍କୁ ଉଦ୍ଧାର କରିଛି। ଏଥିସହ ପ୍ରେମିକା ଝାଡ଼ଖଣ୍ଡ ଜାମସେଦପୁରର ପ୍ରାପ୍ତି ଶର୍ମା(୨୩), ତାଙ୍କ ବଡ଼ଭଉଣୀଙ୍କ ପୁରୁଷବନ୍ଧୁ ଏବଂ ଅନ୍ୟ ୩ ଯୁବକଙ୍କୁ ଖାରବେଳନଗର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ପ୍ରାପ୍ତିଙ୍କ ବଡ଼ଭଉଣୀଙ୍କ ପୁରୁଷବନ୍ଧୁ ପାହାଳ ଅଞ୍ଚଳରେ ରହୁଥିବା କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅନ୍ତର୍ଗତ ମନୋହରପୁର ଗ୍ରାମର ଆକାଶ କୁମାର ପରିଡ଼ା(୨୯) ଏବଂ କଳିଙ୍ଗନଗର ଶାମପୁରରେ ରହୁଥିବା ଢେଙ୍କାନାଳ ଜିଲା କାମାକ୍ଷାନଗରର ରାକେଶ ଚନ୍ଦ୍ର ବାରିକ(୩୩), ପାରାଦୀପର ଶ୍ୟାମସୁନ୍ଦର ସାହୁ (୨୨) ଓ ଭଦ୍ରପୁରର ଶିବରାମ ବେହେରା(୨୮)। ଅଭିଯୁକ୍ତଙ୍କ ନିକଟରୁ ଏକ ଆଇ-୨୦ କାର (ଓଡ଼ି୦୫-ଏଜେଡ୍-୩୫୬୭), ହୋଣ୍ଡା ସିଟି କାର୍ (ଓଡ଼ି୦୨-ଏପି-୩୪୪୩), ୮ ମୋବାଇଲ, ଆକ୍ରମଣରେ ବ୍ୟବହୃତ ବାଡ଼ି, କାଠଫିଙ୍ଗା ଜବତ ହୋଇଛି। କୋର୍ଟ ଚାଲାଣ ପରେ ୫ଜଣଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁଯାୟୀ, ପ୍ରେମିକା ପ୍ରାପ୍ତିଙ୍କ ସହ ସୋମନାଥ ଭୁବନେଶ୍ୱର ମହାବୀରନଗର ଲେନସ୍ଥିତ ଭଡ଼ାଘରେ ୩ବର୍ଷ ହେବ ଲିଭ୍ ଇନ୍‌ରେ ରହୁଥିଲେ। ସୋମନାଥଙ୍କ ଅନ୍ୟ ପରିବାର ସଦସ୍ୟମାନେ ଜାମସେଦପୁରରେ ରହୁଛନ୍ତି। ପ୍ରାପ୍ତି ଆଉ ଜଣେ ଯୁବକଙ୍କ ସହ ସମ୍ପର୍କ ରଖିଥିବା ସୋମନାଥ ସନ୍ଦେହ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ କିଛିଦିନ ହେଲା ଝଗଡ଼ା ହେଉଥିଲା। ଗତ ୩୦ତାରିଖରେ ସୋମନାଥ ଓ ପ୍ରାପ୍ତିଙ୍କ ମଧ୍ୟରେ ପ୍ରବଳ କଥା କଟାକଟି ଓ ବଚସା ହୋଇଥିଲା। ଏତିକିବେଳେ ପ୍ରାପ୍ତିଙ୍କୁ ସୋମନାଥ ମାଡ଼ ମାରିଥିଲେ। ସୋମନାଥ ମାଡ଼ ମାରିଥିବା ନେଇ ପ୍ରାପ୍ତି ନିଜ ବଡ଼ଭଉଣୀଙ୍କୁ କହିଥିଲେ। ପରେ ବଡ଼ଭଉଣୀ ଆକାଶଙ୍କୁ କହିଥିଲେ। ସେହିଦିନ ଆକାଶ କାରରେ ଅନ୍ୟ ୩ ସହଯୋଗୀଙ୍କ ସହ ଖାରବେଳନଗର ଭଡ଼ାଘରକୁ ଆସିଥିଲେ। ସେମାନେ ସୋମନାଥଙ୍କୁ କାଠଫିଙ୍ଗା, ବାଡ଼ି ଆଦିରେ ଆକ୍ରମଣ କରିବା ସହ ବଳପୂର୍ବକ ଅପହରଣ କରିନେଇଥିଲେ। ଅଭିଯୁକ୍ତମାନେ ସୋମନାଥଙ୍କୁ ସମ୍ପୃକ୍ତ ହସ୍ପିଟାଲ ନିକଟ ଏକ ହୋଟେଲକୁ ନେଇ ବନ୍ଦୀ କରି ରଖିଥିଲେ। ଜଣେ ଅଭିଯୁକ୍ତ ମାର୍ଚ୍ଚ ୩୧ ରାତି ପ୍ରାୟ ୧୦ଟା ୩୦ରେ ସୋମନାଥଙ୍କ ମୋବାଇଲରୁ ଜାମସେଦପୁରରେ ରହୁଥିବା ତାଙ୍କ ଭଉଣୀ ଅଞ୍ଜିତାଙ୍କୁ କଲ୍ କରିଥିଲେ। ସୋମନାଥଙ୍କୁ ମୁକୁଳାଇବା ପାଇଁ ସେମାନେ ୧୦ ଲକ୍ଷ ଟଙ୍କା ମାଗିଥିଲେ। ଏହି ଘଟଣାରେ ଅଞ୍ଜିତା ଭୁବନେଶ୍ୱର ଆସି ଖାରବେଳନଗର ଅଞ୍ଚଳରେ ସୋମନାଥ ରହୁଥିବା ଗୁଣ୍ଡିକାକୁ ଯାଇ ଉକ୍ତ ଥାନାର ଦ୍ୱାରସ୍ଥ ହୋଇଥିଲେ। ଭାଇଙ୍କ ସହ ରହୁଥିବା ପ୍ରାପ୍ତି ହିଁ ଏନେଇ ଜାଣିଥିବା ସେ ଆଶଙ୍କା କରି ପୋଲିସକୁ ଜଣାଇଥିଲେ। ଥାନାରେ ମାମଲା (ନଂ.୧୩୧/୨୦୨୫) ରୁଜୁ ହେବା ସହ ତଦନ୍ତ ପାଇଁ ପୋଲିସ ୩ଟି ଟିମ୍ ଗଠନ କରିଥିଲା। ଫୋନ କଲ୍, ସିସିଟିଭି ଫୁଟେଜ୍ ଏବଂ ଅନ୍ୟ ବୈଷୟିକ ତଥ୍ୟ ସାହାଯ୍ୟରେ ପୋଲିସ ତଦନ୍ତକୁ ଜୋରଦାର କରିଥିଲା। ମାମଲା ରୁଜୁ ହେବାର ୬ଘଣ୍ଟା ଭିତରେ ଅପହରଣକାରୀଙ୍କ କବଳରୁ ଅପହୃତଙ୍କୁ ଉଦ୍ଧାର କରାଯାଇଥିବା ବୋଲି ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ମଣିପାଲ ହସ୍ପିଟାଲର ଅତ୍ୟାଧୁନିକ ବର୍ନ ୟୁନିଟ୍ ଉଦ୍‌ଘାଟିତ

ଭୁବନେଶ୍ୱର,୨।୪

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା ଭୁବନେଶ୍ୱରର ଖଣ୍ଡଗିରିସ୍ଥିତ ମଣିପାଲ ହସ୍ପିଟାଲରେ ଏକ ଅତ୍ୟାଧୁନିକ ବର୍ନ ୟୁନିଟ୍ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି ୬ ଶଯ୍ୟା ବିଶିଷ୍ଟ ବର୍ନ ୟୁନିଟ୍‌ରେ ସମସ୍ତ ପ୍ରକାର ଅତ୍ୟାଧୁନିକ ଚିକିତ୍ସା ସୁବିଧା ଅଭିଜ୍ଞ ଡାକ୍ତର ଓ ନର୍ସଙ୍କ ଦ୍ୱାରା ପ୍ରଦାନ କରାଯିବ। ବିଶେଷ କରି ପୋଡ଼ିହୋଇଯାଇଥିବା ଅନେକ ଗୁରୁତର ରୋଗୀଙ୍କୁ ସମ୍ପୂର୍ଣ୍ଣ ଚିକିତ୍ସା ସେବା ପ୍ରଦାନ କରାଯାଇପାରିବ। ନୂତନ ଭାବେ ଉଦ୍‌ଘାଟିତ ହୋଇଥିବା ଏହି ବର୍ନ ୟୁନିଟ୍ ଗମ୍ଭୀର ଭାବେ ଆଘାତ ହୋଇଥିବା ରୋଗୀଙ୍କୁ ଚିକିତ୍ସା ପ୍ରଦାନ କରିବା ପାଇଁ ସମର୍ପିତ ରହିଛି। ଏଥିରେ ଜରୁରିକାଳୀନ ଚିକିତ୍ସା, ସର୍ଜରି, ଆଇସିୟୁ ଏବଂ ପୁନର୍ବାସନ ସେବା ଯୋଗାଇ ଦିଆଯାଉଛି। ରୋଗୀଙ୍କ ଭଲ ଭାବେ ଚିକିତ୍ସା କରିବା ପାଇଁ ଏହି ବର୍ନ ୟୁନିଟ୍‌ରେ ବ୍ୟକ୍ତିଗତ ଆଇସୋଲେଶନ ୱାର୍ଡ ସୃଷ୍ଟି କରାଯାଇଛି, ଯାହାକି ସଂକ୍ରମଣ ହେବା ସମ୍ଭାବନାକୁ କମ୍ କରିଥାଏ।

ଏହି ଅବସରରେ ମଣିପାଲ ହସ୍ପିଟାଲର ଗ୍ରୁପ୍ ସିଓଓ କାର୍ତ୍ତିକ ରାଜଗୋପାଳ, ଆସୋସିଏଟ୍ ଭାଇସ୍ ପ୍ରେସିଡେଣ୍ଟ ମଧୁର ଗୋପାଳ , କ୍ଲଷ୍ଟର ଡାଇରେକ୍ଟର ସୁଧାକର କାନ୍ତିପୁଡି, ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ମେଡିକାଲ ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ରଙ୍କ ସମେତ ମଣିପାଲ ହସ୍ପିଟାଲର ପ୍ଲାଷ୍ଟିକ୍ ସର୍ଜନ ଡାକ୍ତର ବିଶ୍ୱଜିତ ମିଶ୍ର ଏବଂ ଡାକ୍ତର କୀର୍ତ୍ତିକେତନ ପ୍ରଧାନ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ମଣିପାଲ ହସ୍ପିଟାଲର ଗ୍ରୁପ୍ ସିଓଓ କାର୍ତ୍ତିକ ରାଜଗୋପାଳ କହିଛନ୍ତି , ମଣିପାଲ ହସ୍ପିଟାଲ ଭୁବନେଶ୍ୱରରେ ବର୍ନ ଚିକିତ୍ସା ପାଇଁ ସମସ୍ତ ପ୍ରକାର ଅତ୍ୟାଧୁନିକ ଚିକିତ୍ସା ସୁବିଧା, ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ସୁଲଭ ମୂଲ୍ୟରେ ଉପଲବ୍ଧ। ସେହିଭଳି ଭୁବନେଶ୍ୱରର ମେଡିକାଲ ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ର କହିଥିଲେ, ହସ୍ପିଟାଲରେ ବର୍ନ ୟୁନିଟ୍ ଉଦ୍‌ଘାଟିତ ହେବା ନିଶ୍ଚିତ ଭାବେ ଏକ ଖୁସି ଖବର। ଏହା ଫଳରେ ଆମେ ସମସ୍ତ ପ୍ରକାର ବର୍ନ ସମସ୍ୟାର ସଫଳ ଚିକିତ୍ସା କରିବା ପାଇଁ ସହାୟକ ହେବ। ଏଥିପାଇଁ ସେ ବର୍ନ ୟୁନିଟ୍‌ର ସମସ୍ତ ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଭୁବନେଶ୍ୱର ମଣିପାଲ ହସ୍ପିଟାଲର ଅତ୍ୟାଧୁନିକ ବର୍ନ ୟୁନିଟ୍ ଉଦ୍‌ଘାଟନୀ ଉତ୍ସବରେ ନିମନ୍ତ୍ରିତ ଅତିଥି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବେଦାନ୍ତ ଗ୍ରୁପ୍‌ର ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ଏକ ସୌଜନ୍ୟମୂଳକ ସାକ୍ଷାତ ସହ ପୁଷ୍ପ ଗୁଚ୍ଛଦେଇ ଓଡ଼ିଶା ଦିବସର ଶୁଭେଚ୍ଛା ଜଣାଉଛନ୍ତି। ଏହି ପରିପ୍ରେକ୍ଷୀରେ ଅଗ୍ରୱାଲ ମାଝୀଙ୍କ ସହ ଓଡ଼ିଶାର ନିବେଶ ଓ କମ୍ପାନୀର କାର୍ଯ୍ୟକଳାପ ସମ୍ପର୍କରେ ଆଲୋଚନା କରିଛନ୍ତି।

## ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୨।୪

ଦିନକ ପରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ବୃଦ୍ଧି ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୯୩ (୫୯୨.୯୩) ପଏଣ୍ଟ ବୃଦ୍ଧି ଘଟି ୭୬,୬୧୭ (୭୬,୬୧୭.୪୪) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୬୭ (୧୬୬.୬୫) ପଏଣ୍ଟ ବଢ଼ି ୨୩,୩୩୨ (୨୩,୩୩୨.୩୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି।

# ବଜାର ଚାହିଦାକୁ ଦେଖି ବ୍ୟବସାୟ କରିବା ଉଚିତ

**କେନ୍ଦୁଝର ଜିଲା ବଡ଼ବିଲଠାରେ ଏସେନ୍ ହିରୋର ନିର୍ଦ୍ଦେଶକ ପ୍ରଦୀପ କୁମାର ଥାକରଙ୍କ ଜନ୍ମ। ସେଠାରେ ସ୍କୁଲ ପଢ଼ା ସାରିବା ପରେ ଭୁବନେଶ୍ୱର ବିଜେବି କଲେଜରୁ ବାଣିଜ୍ୟରେ ସମ୍ମାନ ସହ ସ୍ନାତକ ଉତ୍ତୀର୍ଣ୍ଣ ହୋଇଥିଲେ। ଫାଇନାନ୍ସ ମ୍ୟାନେଜମେଣ୍ଟରେ ଡିଗ୍ରୀ ହାସଲ ପରେ ଚାକିରି ଜୀବନ ଆରମ୍ଭ କରିଥିଲେ। ମାତ୍ର ସେ ଚାକିରିରେ ବାନ୍ଧି ହୋଇପାରି ନ ଥିଲେ। ପରବର୍ତ୍ତୀ ସମୟରେ ବ୍ୟବସାୟ ଜଗତରେ ପାଦ ଦେଇଥିଲେ। ଖଣି ବ୍ୟବସାୟ, ରିୟଲ ଇଷ୍ଟେଟ୍ ଓ ଅଟୋମୋବାଇଲ କ୍ଷେତ୍ରରେ ଜଣେ ସଫଳ ଉଦ୍ୟୋଗୀ ଭାବେ ପରିଚିତ ଥାକରଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ସାକ୍ଷାତକାର...**



ପ୍ରଦୀପ କୁମାର ଥାକର

**ପ୍ର- ଚାକିରି ଜୀବନରୁ ବ୍ୟବସାୟିକ ଯାତ୍ରା ସମ୍ପର୍କରେ କ'ଣ କହିବେ?**

ଉ- ଦିଲ୍ଲୀଠାରେ ମୋଦି ଜେରକ୍ସ କମ୍ପାନୀରେ ଫାଇନାନ୍ସମ୍ୟାନେଜର ଭାବେ କାର୍ଯ୍ୟରେ ଯୋଗ ଦେଇଥିଲି। ମାତ୍ର ବ୍ୟବସାୟ ପ୍ରତି ମୋର ବେଶ୍ ରୁଚି ଥିଲା। ବଡ଼ବିଲରେ ମୋ ବାପାଙ୍କ ଖଣି ବ୍ୟବସାୟ ଥିଲା। ତେଣୁ ବାପାଙ୍କ ପ୍ରେରଣାରେ ମୁଁ ପାରିବାରିକ ବ୍ୟବସାୟରେ ଯୋଗଦେଲି। ପୂର୍ବରୁ ମୋର ୨ ବଡ଼ଭାଇ ମଧ୍ୟ ଖଣି ଖନନ କାର୍ଯ୍ୟରେ ବାପାଙ୍କୁ ବ୍ୟବସାୟରେ ସହଯୋଗ କରୁଥିଲେ। ମୁଁ ବ୍ୟବସାୟକୁ ଆଉ ଟିକେ ମେକାନାଇଜ କରି ବଡ଼ ବଡ଼ ଯନ୍ତ୍ର ଲଗାଇ ଅଭିବୃଦ୍ଧି କରାଇଲି। ୧୯୯୭ ମସିହାରେ ଦାମୀ ଖଣିଖୋଳା ମେଶିନ କୋମାସୁ ବଡ଼ବିଲ ଓ କେନ୍ଦୁଝରରେ ବିକ୍ରୟ ଆରମ୍ଭ କଲି। କେନ୍ଦୁଝର ଜିଲା ଖଣି ପରିବ୍ୟାପ୍ତ ଅଞ୍ଚଳ ହୋଇଥିବାରୁ ଏଠାରେ ଏହି ମେଶିନର ବିକ୍ରୟ ଓ ସେବା ବେଶ୍ ଭଲ ଚାଲିଲା।

**ପ୍ର- ଖଣି ବ୍ୟବସାୟ ଥିବା ସତ୍ତ୍ୱେ ରିୟଲ ଇଷ୍ଟେଟ୍‌କୁ ବାଛିଲେ କାହିଁକି?**

ଉ- ୨୦୦୩ରେ ବଡ଼ବିଲଠାରେ ଖଣି ବ୍ୟବସାୟ ସହ ସମ୍ପୃକ୍ତ ଓ ଖନନରେ ଯୋଡ଼ି ହୋଇଥିବା ବହୁ ଲୋକ କାର୍ଯ୍ୟରତ ଥାଆନ୍ତି। ମାତ୍ର ଏଠାରେ ବସବାସ ପାଇଁ ପର୍ଯ୍ୟାପ୍ତ ସୁଯୋଗ ନ ଥିଲା। ଏହାର ଆବଶ୍ୟକତାକୁ ମୁଁ ଉପଲବ୍ଧି କରି ପ୍ରଥମେ ବଡ଼ବିଲଠାରେ ଏସେନ୍ କନ୍‌ଷ୍ଟ୍ରକ୍ସନ୍ ଆରମ୍ଭ କଲି। ଏହି ପ୍ରକଳ୍ପରେ ୪ଟି ବ୍ଲକରେ ୧୦୦ଟି ଫ୍ଲାଟର ଯୋଜନା ରହିଥିଲା। ସେତେବେଳେ ଫ୍ଲାଟର ଚାହିଦା ଭଲ ଥିବା ହେତୁ ମୁଁ ସଫଳ ହେଲି ଓ ଏହି ଅଭିଜ୍ଞତାକୁ ନେଇ ଭୁବନେଶ୍ୱରର ଚନ୍ଦ୍ରଶେଖରପୁରଠାରେ ଲାଇଫ୍ ଷ୍ଟାଇଲ୍ ଇନ୍‌ଫୋସିଟି ଗ୍ରୀନ୍ ନାମରେ ଆଉ ଏକ ପ୍ରକଳ୍ପ ଆରମ୍ଭ କଲି।

**ପ୍ର- ବର୍ତ୍ତମାନ ରିଅଲ୍ ଇଷ୍ଟେଟ ବ୍ୟବସାୟରେ ଉନ୍ନତି କିପରି ଦେଖୁଛନ୍ତି?**

ଉ- ରିଅଲ ଇଷ୍ଟେଟ୍ ବ୍ୟବସାୟରେ ଯଥେଷ୍ଟ ସମ୍ଭାବନା ରହିଛି। ଓଡ଼ିଶାର ଭୁବନେଶ୍ୱର, ରାଉରକେଲା, ବଡବିଲ, ଝାରସୁଗୁଡ଼ା ଓ ବରଗଡ଼ ଆଦି ଅଞ୍ଚଳରେ ଆମେ ୪୨ଟି ପ୍ରକଳ୍ପ ସମ୍ପୂର୍ଣ୍ଣ କରିପାରିଛୁ। ଏଥିରେ ପ୍ରାୟତଃ ୨୦୦୦ରୁ ଅଧିକ ଫ୍ଲାଟ୍ ଆମେ ବିକ୍ରି କରିପାରିଛୁ। ପରେ ଖୁସି ରିୟଲକନ୍ ପ୍ରାଇଭେଟ ଲିମିଟେଡ୍ ଆରମ୍ଭ କରି ବଡ଼ ପ୍ରକଳ୍ପକୁ ନିର୍ମାଣ କରିବାରେ ନିଷ୍ପତ୍ତି ନେବାକୁ ହେଲା।

**ପ୍ର- ଦୁଇ ଦୁଇଟି କ୍ଷେତ୍ରରେ ସଫଳ ହେବା ପରେ ଅଟୋ ମୋବାଇଲ ବ୍ୟବସାୟ କଥା କିପରି ଚିନ୍ତା କଲେ?**

ଉ- ପୂର୍ବରୁ ଅଟୋମୋବାଇଲର ଅଭିଜ୍ଞତା ଥିଲା। ଉତ୍ତର ପିଢ଼ିକୁ ନୂଆ ଦିଗ ଦେଖାଇବା ପାଇଁ ଏସେନ୍ ଅଟୋ ମୋବାଇଲ କ୍ଷେତ୍ରରେ ବ୍ୟବସାୟ ଆରମ୍ଭ ପାଇଁ ଚିନ୍ତା କରିଥିଲୁ। ଓଡ଼ିଶାରେ ୨ ଚକିଆଯାନର ବହୁଳ ବ୍ୟବହାର ରହିଛି। ଏଥିରେ ମୋର ବଡ଼ ପୁତୁରା ସୌରଭ ଥାକର୍ ମୁଖ୍ୟ ଭୂମିକା ନେଇ ସବୁ ଦେଖାଶୁଣା କରୁଛନ୍ତି। ସେ ମୋଠାରୁ କେବଳ ଆର୍ଥିକ କ୍ଷେତ୍ରରେ ପରାମର୍ଶ ନେଇଥାନ୍ତି। କଟକର ଶିଖରପୁର ଓ ପୁରୀ ଘାଟସ୍ଥିତ ହିରୋ ମୋଟୋ କର୍ପ ଆମନ୍ତ୍ରଣ କ୍ରମେ ହିରୋ ପ୍ରିମିୟା- ଶୋରୁମ ଖୋଲିବାର ନିଷ୍ପତ୍ତି ନେଲୁ। ଏଥିରେ ୧୫୦ ସିସିରୁ ୬୫୦ ସିସି ପର୍ଯ୍ୟନ୍ତ ପ୍ରିମିୟମ୍ ଯାନ ପ୍ରତି ବିଶେଷ ଧ୍ୟାନ ଦେଲୁ। ଗୋଟିଏ ସ୍ଥାନରେ ଯୁବବର୍ଗ ଏବଂ ବାଇକ୍ ଲଭରଙ୍କ ଆଶା ପୂରଣ କରିବାରେ ସଫଳ ହୋଇପାରିଛୁ।

**ପ୍ର- ବ୍ୟବସାୟିକ ସଫଳତା କେତେ ସନ୍ତୋଷ ପ୍ରଦାନ କରିଥାଏ? ଆଗାମୀ ଦିନରେ ବ୍ୟବସାୟ ବଢ଼ାଇବାର ଯୋଜନା ରହିଛି କି?**

ଉ- ବ୍ୟବସାୟରେ ଏକ ଛୋଟ ଆରମ୍ଭରୁ ନେଇ ୨୦୦ ଲୋକଙ୍କୁ ନିଯୁକ୍ତି ପ୍ରଦାନର ଯାତ୍ରା ଖୁବ୍ ସନ୍ତୋଷଜନକ ରହିଛି। ୯୦ ପ୍ରତିଶତରୁ ଅଧିକ କର୍ମଚାରୀ ଆମ ସହ ଯେବେଠାରୁ ଯୋଡ଼ି ହୋଇଛନ୍ତି ସେବେଠାରୁ ଛାଡ଼ିଯିବାକୁ ଚାହାନ୍ତି ନାହିଁ। ଆମେ ଉଚ୍ଚଶିକ୍ଷିତ କିମ୍ବା କୁଶଳୀ କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ ଉପରେ ବିଶ୍ୱାସ ରଖୁନା ବରଂ ଆମ କମ୍ପାନୀରେ ନିଯୁକ୍ତ ହେଉଥିବା କର୍ମଚାରୀଙ୍କୁ ଶିକ୍ଷିତ ଓ ଦକ୍ଷ କରିବା ପାଇଁ ସମୟ ଓ ସୁଯୋଗ ପ୍ରଦାନ କରିଥାଉ। ବ୍ୟବସାୟରେ କେତେ ଲାଭବାନ ହେଲୁ ତାହା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ ବରଂ ଆମ କମ୍ପାନୀର କେତେ ଲୋକ ଉତ୍ତମ ଜୀବନଯାପନ କରୁଛନ୍ତି ତାହା ଗୁରୁତ୍ୱପୂର୍ଣ୍ଣ। ଆଗାମୀ ଦିନରେ ଆମେ ଓଡ଼ିଶା ସହିତ ଅନ୍ୟ ରାଜ୍ୟରେ ୨ ଚକିଆ ଓ ୪ ଚକିଆ ଯାନର ଡିଲରଶିପ୍ ସ୍ଥାପନ କରିବୁ। ଏହା ବ୍ୟତୀତ ଅନ୍ୟାନ୍ୟ ଜିଲାର ସଦର ମହକୁମାରେ ହାଉସିଂ ପ୍ରୋଜେକ୍ଟ କରିବାର ଲକ୍ଷ୍ୟ ରହିଛି।

**ପ୍ର- ନୂତନ ଯୁବପିଢ଼ି ପାଇଁ ଆପଣଙ୍କ ସନ୍ଦେଶ କ'ଣ ରହିବ?**

ଉ- ଶୃଙ୍ଖଳିତ କାମ କଲେ ସଫଳତା ନିଶ୍ଚିତ। ନିରବଚ୍ଛିନ୍ନ ପରିଶ୍ରମ ବଜାର ଚାହିଦାକୁ ଆଖି ଆଗରେ ରଖି ବ୍ୟବସାୟ କଲେ, ସଫଳତା ବାଟ କଢ଼ାଇ ନେବ।

ସାକ୍ଷାତ୍‌କାର – **ପ୍ରଦୀପ୍ତ ରଥ,** କଟକ

# ଟାଟା ଷ୍ଟିଲ୍‌ର ଏଫ୍‌ଏଏମ୍‌ଡି ପୁରସ୍କୃତ

ଭୁବନେଶ୍ୱର,୨।୪

ଟାଟା ଷ୍ଟିଲ୍‌ର ଫେରୋ ଆଲଏଜ ଆଣ୍ଡ ମିନେରାଲ୍ସ ଡିଭିଜନ (ଏଫ୍‌ଏଏମ୍‌ଡି)କୁ ନିକଟରେ ବେଷ୍ଟ ଇଣ୍ଟିଗ୍ରେଟେଡ୍ ୱାଟର ମ୍ୟାନେଜମେଣ୍ଟ ପ୍ରୋଜେକ୍ଟ (ଶ୍ରେଷ୍ଠ ସମନ୍ୱିତ ଜଳ ପରିଚାଳନା ପ୍ରକଳ୍ପ) ପାଇଁ ପୁରସ୍କୃତ କରାଯାଇଛି। ନୂଆଦିଲ୍ଲୀଠାରେ ଅନୁଷ୍ଠିତ ୱାଟର ଡାଇଜେଷ୍ଟ ୱାର୍ଲଡ ୱାଟର ଆୱାର୍ଡସ- ୨୦୨୫ରେ ଏଫ୍‌ଏଏମ୍‌ଡିକୁ ଏହି ସମ୍ମାନଜନକ ପୁରସ୍କାର ମିଳିଛି। ଭାରତ ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ରାଜଭୂଷଣ ଚୌଧୁରୀ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେଯୋଗ ଦେଇ ଟାଟା ଷ୍ଟିଲ୍‌କୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରିଥିଲେ। ଟାଟା ଷ୍ଟିଲ୍ ଏଫ୍‌ଏଏମ୍‌ଡିର ପ୍ରକଳ୍ପ, ପ୍ରଯୁକ୍ତି ଓ ଇମ୍ପ୍ରୁଭମେଣ୍ଟ ମୁଖ୍ୟ ନତାଶା ଝା କମ୍ପାନୀ ତରଫରୁ ପୁରସ୍କାର ଗ୍ରହଣ କରିଥିଲେ। ସେହିଭଳି ଭାରତର ପ୍ରିମିୟର ଜଳ ପତ୍ରିକା 'ୱାଟର ଡାଇଜେଷ୍ଟ' ପକ୍ଷରୁ ଆୟୋଜିତ ଏହି ସମାରୋହରେ ଜଳ ପରିଚାଳନା ପ୍ରକ୍ରିୟାରେ ଉନ୍ନତି ଏବଂ କାର୍ଯ୍ୟକ୍ଷେତ୍ରରେ ସ୍ଥାୟିତ୍ୱ ପାଇଁ ଟାଟା ଷ୍ଟିଲ୍‌ର ଅତ୍ୟାଧୁନିକ ଡିଜିଟାଲ ପ୍ରଯୁକ୍ତିର ବ୍ୟବହାରକୁ ସ୍ୱୀକୃତି ଦିଆଯିବା ସହ କମ୍ପାନୀକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଜଳଯୋଦ୍ଧା ଓ ସେମାନଙ୍କ ସଫଳତାକୁ ସେଲିବ୍ରେଟ କରିବା ଲାଗି ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏ ନେଇ ଟାଟା ଷ୍ଟିଲ୍(ଏଫ୍‌ଏଏମ୍‌ଡି)ର ଏକ୍‌ଜିକ୍ୟୁଟିଭ ଇନ୍‌ଚାର୍ଜ ପଙ୍କଜ ସତିଜା କହିଛନ୍ତି, ଭାରତ ହେଉଛି ଜଳାଭାବର ଏକ ଦେଶ ଏବଂ କୃଷି, ଗୋଷ୍ଠୀ ଓ ଶିଳ୍ପ ସମେତ ବିଭିନ୍ନ କ୍ଷେତ୍ର ଏହି ନିଅଣ୍ଟ ସମ୍ବଳ ପାଇବାକୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଜଳ ଉପଯୋଗିତା କମ୍ କରିବା ଲାଗି ଆମେ ଆମ ତରଫରୁ ଉଦ୍ୟମ କରୁଛୁ। ଏହି ଯାତ୍ରାରେ ଅଭିନବ ଡିଜିଟାଲ ସମାଧାନ ଗ୍ରହଣ କରିବା ଦିଗରେ ଆମ ପ୍ରତିବଦ୍ଧତା ଓ ଉଦ୍ୟମକୁ ସ୍ୱୀକୃତି ମିଳିଥିବାରୁ ଆମେ ବହୁତ ଖୁସି ଅଛୁ।

# କିଟ୍, ଶ୍ରୀଲଙ୍କାର ସିଲନ ରସାୟନ ବିଜ୍ଞାନ ପ୍ରତିଷ୍ଠାନ ମଧ୍ୟରେ ବୁଝାମଣା

ଭୁବନେଶ୍ୱର,୨।୪(ଅନୁରାଧା ମହାରଣା)

ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବା ପାଇଁ କିଟ୍ ଓ ଶ୍ରୀଲଙ୍କାର ସିଲନ ରସାୟନ ବିଜ୍ଞାନ ପ୍ରତିଷ୍ଠାନ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ଏବଂ ସିଲନ ରସାୟନ ବିଜ୍ଞାନ ପ୍ରତିଷ୍ଠାନ ପକ୍ଷରୁ ଏହାର ଅଧ୍ୟକ୍ଷ ତଥା କେଲନିଆ ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ପ୍ରଫେସର ଜେନିଥା ଆବେଉଇକ୍ରେମା ଲିଆନାଗେ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ସିଲନ ରସାୟନ ବିଜ୍ଞାନ ପ୍ରତିଷ୍ଠାନ ହେଉଛି ଶ୍ରୀଲଙ୍କାର ରସାୟନ ବିଜ୍ଞାନୀଙ୍କ ପ୍ରତିନିଧିତ୍ୱ କରୁଥିବା ଏକ ପ୍ରତିଷ୍ଠିତ ବୃତ୍ତିଗତ ସଂସ୍ଥା। ବୁଝାମଣା ଅନୁସାରେ ଉଭୟ ଅନୁଷ୍ଠାନ ଶୈକ୍ଷିକ ବିନିମୟ ଓ ମିଳିତ ଗବେଷଣା ପାଇଁ ପଦକ୍ଷେପ ନେବା ସହ ରସାୟନ ବିଜ୍ଞାନ କ୍ଷେତ୍ରରେ କ୍ଷମତା-ନିର୍ମାଣ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବେ। କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଓପନ ୟୁନିଭର୍ସିଟି ଅଫ୍ ଶ୍ରୀଲଙ୍କାର ରସାୟନ ବିଜ୍ଞାନ ବିଭାଗ ପ୍ରଫେସର ଡ. ଥେଲମା ଆବେସିଂଘେ ଏବଂ କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ସହଭାଗିତା କିଟ୍ ଏବଂ ସିଲନ ରସାୟନ ବିଜ୍ଞାନ ପ୍ରତିଷ୍ଠାନ ମଧ୍ୟରେ ଗବେଷଣା, ଅଧ୍ୟାପକ ଏବଂ ଛାତ୍ର ବିନିମୟ କାର୍ଯ୍ୟକ୍ରମ ଏବଂ ଜ୍ଞାନର ଆଦାନପ୍ରଦାନ ପଦକ୍ଷେପକୁ ସହଜ କରିବ ବୋଲି ଆଶା କରାଯାଉଛି।



ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ କୁଳପତି ପ୍ରଫେସର ଶରଣଜିତ ସିଂହ ଓ ସିଲନ ରସାୟନ ବିଜ୍ଞାନ ପ୍ରତିଷ୍ଠାନ ଅଧ୍ୟକ୍ଷା ପ୍ରଫେସର ଜେନିଥା ଆବେଉଇକ୍ରେମା ଲିଆନାଗେ।

# ୫ଜି ଡାଉନ୍‌ଲୋଡ୍ ସ୍ପିଡ୍‌ରେ ଜିଓ ଦ୍ରୁତତମ

ମୁମ୍ବାଇ,୨।୪

୫ ଜି ଡାଉନ୍‌ଲୋଡ୍ ସ୍ପିଡ୍ ଦୌଡ଼ରେ ରିଲାଏନ୍ସ ଜିଓ ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ଦେଇଛି ବୋଲି ଓକଲା ପକ୍ଷରୁ କୁହାଯାଇଛି। ଏପରିକି ଓକଲା ସ୍ପିଡ୍‌ଟେଷ୍ଟ ଇଣ୍ଟେଲିଜେନ୍ସ ତଥ୍ୟ ଅନୁଯାୟୀ ରିଲାଏନ୍ସ ଜିଓର ହାରାହାରି ୫ଜି ଡାଉନ୍‌ଲୋଡ୍ ସ୍ପିଡ୍ ୨୫୮.୫୪ ଏମ୍‌ବିପିଏସ୍ ରେକର୍ଡ କରାଯାଇଛି। ଏୟାରଟେଲ୍ ୨୦୫.୧ ଏମ୍‌ବିପିଏସ୍ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଓକଲା ୨୦୨୪ ଜୁଲାଇ ଏବଂ ଡିସେମ୍ବର ମଧ୍ୟରେ ସାରା ଦେଶରୁ ଏହି ତଥ୍ୟ ସଂଗ୍ରହ କରିଥିଲା। ରିଲାଏନ୍ସ ଜିଓ ୫ଜି ସହିତ ସାମଗ୍ରିକ ଭାବରେ ମଧ୍ୟ ଦ୍ରୁତତମ ମୋବାଇଲ୍ ନେଟ୍‌ୱର୍କର ଆଖ୍ୟା ମଧ୍ୟ ହାସଲ କରିଛି। ଜିଓ ଭାରତରେ ସବୁଠାରୁ ଦ୍ରୁତ ମୋବାଇଲ ସ୍ପିଡ୍ ନେଟ୍‌ୱର୍କ ପ୍ରଦାନକାରୀ ଅପରେଟର ଭାବରେ ଉଭା ହୋଇଛି। ଜିଓର ସାମଗ୍ରିକ ହାରାହାରି ଡାଉନଲୋଡ୍ ସ୍ପିଡ୍ ୧୫୮.୬୩ ଏମବିପିଏସ ରହିଥିବା ବେଳେ ଏୟାରଟେଲର ସ୍ପିଡ୍ ଜିଓର ଦୁଇତୃତୀୟାଂଶ ଅର୍ଥାତ୍ ପ୍ରାୟ ୧୦୦.୬୭ ଏମ୍‌ବିପିଏସ୍ ବୋଲି ମାପ କରାଯାଇଛି। ଭୋଡାଫୋନ୍ ଆଇଡିଆ ୨୧.୬ ଏମବିପିଏସ ସହିତ ତୃତୀୟ ସ୍ଥାନରେ ରହିଛି। ଏହି ସମୟ ମଧ୍ୟରେ, ଜିଓ ସାରା ଦେଶରେ ସର୍ବାଧିକ ୫ଜି ଉପଲବ୍ଧତା ରେକର୍ଡ କରିଥିଲା, ଅର୍ଥାତ୍, ଜିଓ ନେଟୱର୍କ ସର୍ବାଧିକ ସ୍ଥାନରେ ଉପଲବ୍ଧ ରହିଛି। ସ୍ପିଡ୍‌ଟେଷ୍ଟ ଇଣ୍ଟେଲିଜେନ୍ସ ତଥ୍ୟ ଅନୁଯାୟୀ, ଜିଓର ୭୩.୭% ଉପଭୋକ୍ତା ଅଧିକାଂଶ ସମୟ ଜିଓର ୫ଜି ନେଟ୍‌ୱର୍କ ବ୍ୟବହାର କରୁଛନ୍ତି, ଯାହା ଅନ୍ୟ ଯେକୌଣସି ଅପରେଟର ଅପେକ୍ଷା ବେଶ୍ ଅଧିକ। ମୋବାଇଲ କଭରେଜ୍ ଦୃଷ୍ଟିରୁ, ଜିଓ ୬୫.୬୬ କଭରେଜ୍ ସ୍କୋର ସହିତ ପ୍ରଥମ ସ୍ଥାନରେ ଥିଲା ବେଳେ ଏୟାରଟେଲ୍ ୫୮.୧୭ ସ୍କୋର ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ରିଲାଏନ୍ସ ଜିଓ ଦ୍ରୁତତମ ମୋବାଇଲ ନେଟ୍‌ୱର୍କ ଏବଂ ଉନ୍ନତ ମୋବାଇଲ କଭରେଜ୍ ଉଭୟରେ ପ୍ରଥମ ସ୍ଥାନ ହାସଲ କରିଛି।

# ପାରାଦୀପ ବନ୍ଦର ଲଗାତର ଦ୍ୱିତୀୟ ଥର ନମ୍ବର-୧



ପାରାଦୀପ, ୨।୪(ଶରତ ରାଉତ)

ଓଡ଼ିଶାର ଏକମାତ୍ର ସରକାରୀ ବୃହତ୍ ବନ୍ଦର ପାରାଦୀପ ଲଗାତର ଦ୍ୱିତୀୟ ବର୍ଷ ପାଇଁ ନମ୍ବର-୧ ସ୍ଥାନ ବଜାୟ ରଖିଛି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ପାରାଦୀପ ବନ୍ଦର ସମୁଦାୟ ୧୫୦.୪୧ ଏମ୍‌ଏମ୍‌ଟି (ମିଲିୟନ ମେଟ୍ରିକଟନ୍) ପଣ୍ୟ କାରବାର କରିଛି। ଯାହା ପୂର୍ବବର୍ଷ ତୁଳନାରେ ୭.୬୫% ଅଭିବୃଦ୍ଧି ବୋଲି କୁହାଯାଇଛି। ଏହି ଅବସରରେ ବୁଧବାର ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଅଧ୍ୟକ୍ଷ ପି. ଏଲ. ହାରାନ୍ଧ ଓ ଅନ୍ୟ ସମସ୍ତ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ରହି କେକ୍ କାଟି ଉତ୍ସବ ପାଳନ କରିଥିଲେ। ପରେ ଖବରଦାତାମାନଙ୍କୁ ପଣ୍ୟ କାରବାର ସମ୍ପର୍କରେ ଅଧ୍ୟକ୍ଷ ହାରାନ୍ଧ ସୂଚନା ଦେଇଥିଲେ। ସୂଚନା ଅନୁଯାୟୀ, ବିଶ୍ୱରେ ଲୁହାପଥର ଓ କୋକିଂ କୋଇଲା କାରବାର ନୈରାଶ୍ୟ ଜନକ ଥିବାବେଳେ ପାରାଦୀପ ବନ୍ଦର ସେଥିରେ ବିଶେଷ ପ୍ରଭାବ ପଡିନାହିଁ। ଏହାସତ୍ତ୍ୱେ ପଣ୍ୟ କାରବାର ଅଭିବୃଦ୍ଧି ହୋଇଛି ଏବଂ ଲଗାତର ଦ୍ୱିତୀୟ ଥର ପାଇଁ ଦେଶର ପ୍ରଥମ ସ୍ଥାନ ହାସଲ କରିଛି। ଗତ ଆର୍ଥିକ ବର୍ଷରେ ପାରାଦୀପ ବନ୍ଦର ୧୪୫.୦୩ ଏମ୍‌ଏମ୍‌ଟି ପଣ୍ୟ କାରବାର କରିଥିଲା। ଚଳିତବର୍ଷ କେତେକ ବ୍ୟବସ୍ଥାରେ ଉନ୍ନତି ଯୋଗୁ ଏହା ସମ୍ଭବ ହୋଇପାରିଛି। ସମୁଦାୟ ପଣ୍ୟ କାରବାର ମଧ୍ୟରେ କେବଳ କୋଷ୍ଟାଲ ପରିବହନ ୪୨.୩୬ ଏମ୍‌ଏମ୍‌ଟି ରହିଛି। କଣ୍ଟେନର କାର୍ଗୋ କାରବାର ୧୧୧ ପ୍ରତିଶତ ବୃଦ୍ଧି ପାଇଛି। ସେହିପରି ରେଲୱେ କାରବାର କ୍ଷେତ୍ରରେ ୫.୩୨% ବୃଦ୍ଧି ପାଇଛି। ସମୁଦାୟ ୨୨,୮୧୮ରେଳ ପଣ୍ୟ ନେବା ଆଣିବା କରିଛି। ବର୍ଥ କ୍ଷେତ୍ରରେ ଦୈନିକ ୩୪,୨୮୩ ମେଟ୍ରିକଟନ୍ ପଣ୍ୟ କାରବାର ହୋଇଛି। ଆଗକୁ କାରବାର ବୃଦ୍ଧି ପାଇଁ ୱେଷ୍ଟର୍ଣ୍ଣ ଡକ୍ କାର୍ଯ୍ୟ ଚାଲିଛି। ଏହା ୨୦୨୬ ଶେଷ ସୁଦ୍ଧା କାର୍ଯ୍ୟକ୍ଷମ ହେବାର ଲକ୍ଷ୍ୟ କରାଯାଇଛି।

# ମୁମ୍ବାଇରେ କେଭିଆଇସିର ମେଗା ଡିଷ୍ଟ୍ରିବ୍ୟୁଶନ

ମୁମ୍ବାଇ,୨।୪ (ଅଭୟ ଦାଶ)

ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ (ଖଦି ଆଣ୍ଡ ଭିଲେଜ ଇଣ୍ଡଷ୍ଟ୍ରିଜ କମିଶନ ବା କେଭିଆଇସି)ର ମୁମ୍ବାଇସ୍ଥିତ ମୁଖ୍ୟ କାର୍ଯ୍ୟାଳୟଠାରେ ଏକ 'ମେଗା ଡିଷ୍ଟ୍ରିବ୍ୟୁଶନ' କାର୍ଯ୍ୟକ୍ରମର ଆୟୋଜନ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ମୋଟ ୧୬,୩୭୭ ମେଶିନ, ଟୁଲ୍‌କିଟ୍ ଏବଂ ଉପକରଣ ଆଦି ବିଭିନ୍ନ ବର୍ଗଙ୍କୁ ବଣ୍ଟନ କରାଯାଇଥିଲା। ବିଶେଷକରି ୧୬,୩୭୭ଟି ଟୁଲ୍‌କିଟ୍ ଏବଂ ଉପକରଣ ବଣ୍ଟନ କରାଯାଇଥିଲା। ସେଥରେ ୩,୯୫୦ ମହୁମାଛି ବାକ୍ସ, ୭,୦୬୭ ବୈଦ୍ୟୁତିକ କୁମ୍ଭାରଚକ, ୧,୩୫୦ ଚମଡ଼ା ଉତ୍ପାଦନ ମରାମତି ଟୁଲ୍‌କିଟ୍, ୩୯୦ ଚମଡା ଚପଲ ତିଆରି ଉପକରଣ, ୪୨୦ ଇଲେକ୍ଟ୍ରିସିଆନ୍ ଟୁଲ୍‌କିଟ୍, ୮୦ ଏସି ମରାମତି ଟୁଲ୍‌କିଟ୍, ୩୦୦ ପ୍ଲମ୍ବର ଟୁଲ୍‌କିଟ୍, ୬୦ ମୋବାଇଲ ମରାମତି ଟୁଲ୍‌କିଟ୍, ୯୬୧ ସିଲେଇ ମେଶିନ, ୨୭୮ ହାତ ତିଆରି କାଗଜ ତିଆରି ମେଶିନ, ୩୪୯ ସ୍ୱୟଂଚାଳିତ ଅଗରବତି ତିଆରି ମେଶିନ, ୬୦ ପେଡାଲଚାଳିତ ଅଗରବତି ତିଆରି ମେଶିନ, ୩୨୦ ଟର୍ନଉଡ ମେଶିନ, ୧୮୦ କାଠ ଖେଳଣା ତିଆରି ମେଶିନ, ୪୬୦ ଅଦରକାରୀ କାଠ କାରୁକାର୍ଯ୍ୟ ମେଶିନ ଏବଂ ୨୯୨ କୃଷିଭିତ୍ତିକ ଖାଦ୍ୟ ପ୍ରକ୍ରିୟାକରଣ ମେଶିନ ଅନ୍ତର୍ଭୁକ୍ତ ରହିଛି। ଏହି ଅବସରରେ ମନୋଜ କୁମାର କହିଥିଲେ, ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ ଏ ପର୍ଯ୍ୟନ୍ତ ୨୦୨୪-୨୫ ଆର୍ଥିକ ବର୍ଷରେ ୧୧୧୦ ଖଦି ପ୍ରତିଷ୍ଠାନକୁ ସଂଶୋଧିତ ବଜାର ବିକାଶ ସହାୟତା (ଏମ୍‌ଏମ୍‌ଡିଏ) ଅଧୀନରେ ୨୧୫ କୋଟି ଟଙ୍କାର ଅନୁଦାନ ରାଶି ପ୍ରଦାନ କରିଛି, ଯାହା ଦ୍ୱାରା ୧,୪୬,୨୪୬ କାରିଗର ଉପକୃତ ହୋଇଛନ୍ତି। ଏହା ବ୍ୟତୀତ ଆଇଏସ୍‌ଇସି କାର୍ଯ୍ୟକ୍ରମ ମାଧ୍ୟମରେ ୧୧୫୩ ଖଦିପ୍ରତିଷ୍ଠାନକୁ ୪୦ କୋଟି ଟଙ୍କାର ଅନୁଦାନ ରାଶି ମଧ୍ୟ ପ୍ରଦାନ କରାଯାଇଛି । ୩୮୧୭ କାରିଗରଙ୍କୁ ଉପକୃତ କରୁଥିବା ଖଦି ପ୍ରତିଷ୍ଠାନକୁ ୩୨.୭୩ କୋଟି ଟଙ୍କାର ଅତିରିକ୍ତ ଏମ୍‌ଏମ୍‌ଡିଏ ଅନୁଦାନ ରାଶି ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଉତ୍ତରାଞ୍ଚଳର ସଦସ୍ୟ ନାଗେନ୍ଦ୍ର ରଘୁବଂଶୀ, ପୂର୍ବାଞ୍ଚଳର ସଦସ୍ୟ ମନୋଜ କୁମାର ସିଂହ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟର ଯୁଗ୍ମ ସଚିବ ବିପୁଲ ଗୋୟଲ, ବିଭାଗୀୟ ଅର୍ଥନୈତିକ ପରାମର୍ଶଦାତା ସିମି ଚୌଧୁରୀ ଏବଂ କେଭିଆଇସି କେନ୍ଦ୍ରୀୟ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନଙ୍କ ସହିତ ଦେଶବ୍ୟାପୀ ରାଜ୍ୟ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀମାନେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



କେଭିଆଇସିର ବଣ୍ଟନ କାର୍ଯ୍ୟକ୍ରମରେ ହିତାଧିକାରୀଙ୍କ ସମେତ ଅଧ୍ୟକ୍ଷ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍

ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଅଯଥାରେ କର୍ମୀଙ୍କୁ ହଇରାଣ କରା ନ ଯାଉ: ଭକ୍ତ

ଭୁବନେଶ୍ୱର,୨।୪ (ରବିନାରାୟଣ ଜେନା)

ରାଜ୍ୟରେ ମହିଳାଙ୍କୁ ସୁରକ୍ଷା ପ୍ରସଙ୍ଗରେ ବୁଧବାର ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପୋଲିସ କମିଶନରଙ୍କୁ ଭେଟିଛି। ଏହି ଅବସରରେ ଭକ୍ତ କହିଛନ୍ତି, କଂଗ୍ରେସ ପକ୍ଷରୁ ଗତ ୨୭ ତାରିଖରେ ହୋଇଥିବା ବିଧାନସଭା ଘେରାଉ ଅଭିଯାନ ବେଳେ କେତେଜଣ ଦୁର୍ବୃତ୍ତ ପୋଲିସ ଏବଂ କଂଗ୍ରେସ କର୍ମୀଙ୍କ ଉପରକୁ ପଥର ମାଡ଼ କରିଥିଲେ। ଏହାକୁ ନେଇ ପୋଲିସ ଲାଠିଚାର୍ଜ କରିବା ସହିତ ଆକ୍ରୋଶମୂଳକ ପଦକ୍ଷେପ ଗ୍ରହଣ କରୁଛି। ମାତ୍ର ବାସ୍ତବ କଥା ହେଲା, କଂଗ୍ରେସର କୌଣସି କର୍ମୀ ଏଭଳି ହୀନକାର୍ଯ୍ୟ କରିନାହାନ୍ତି। ଯଦି ପୋଲିସ ନିରପେକ୍ଷତା ଅବଲମ୍ବନ କରିବାକୁ ଚାହୁଁଛି ତେବେ ସିସିଟିଭି ଫୁଟେଜ୍ ଯାଞ୍ଚକରି ସଂପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରୁ। ଅଯଥାରେ କଂଗ୍ରେସ କର୍ମୀଙ୍କୁ ହଇରାଣ ହରକତ ନ କରୁ ବୋଲି ଭକ୍ତ କହିଛନ୍ତି। ଏହି ଅବସରରେ ପୋଲିସ କମିଶନର ଉକ୍ତ ଘଟଣାର ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି କହିଥିଲେ। ଭକ୍ତଙ୍କ ନେତୃତ୍ୱରେ ଗସ୍ତ କରିଥିବା ପ୍ରତିନିଧି ଦଳରେ ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ପ୍ରମୁଖ ସାମିଲ ଥିଲେ।



ତାମିଲନାଡୁର ମଦୁରାଇରେ ବୁଧବାର ଅନୁଷ୍ଠିତ ସିପିଆଇ-ଏମ୍‌ର ୨୪ତମ ପାର୍ଟି କଂଗ୍ରେସରେ କେରଳ ମୁଖ୍ୟମନ୍ତ୍ରୀ ତଥା ସିପିଆଇ-ଏମ ନେତା ପିନାରାୟୀ ବିଜୟନ, ଦଳର ମଧ୍ୟବର୍ତ୍ତିକାଳୀନ ସଂଯୋଜକ ପ୍ରକାଶ କରାଟ, ସିପିଆଇ-ଏମ୍ ପଲିଟ୍‌ବ୍ୟୁରୋ ସଦସ୍ୟ ବିମାନ ବୋଷ, ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା ଏବଂ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ଅଛନ୍ତି।

## ନୂତନ ଭାରତ ଗଠନ ପାଇଁ ଏକାଠି କାମ କରିବା: ପ୍ରକାଶ କରାଟ

ଚେନ୍ନାଇ: ୨।୪

ତାମିଲନାଡୁର ମଦୁରାଇରେ ଚାଲିଥିବା ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ୨୪ତମ କଂଗ୍ରେସ ପ୍ରତିକ୍ରିୟାଶୀଳ ଶକ୍ତିକୁ ପଛକୁ ଠେଲିବା ପାଇଁ ସମସ୍ତ ବାମପନ୍ଥୀ, ଗଣତାନ୍ତ୍ରିକ ଏବଂ ଧର୍ମନିରପେକ୍ଷ ଶକ୍ତିକୁ ଏକତ୍ରିତ ହେବାକୁ ସିପିଆଇ(ଏମ୍) ମଧ୍ୟବର୍ତ୍ତୀକାଳୀନ ସଂଯୋଜକ ପ୍ରକାଶ କରାଟ ଆହ୍ୱାନ ଦେଇଛନ୍ତି। ଆସନ୍ତୁ ଆମେ ଏକ ନୂତନ ଭାରତ ଗଠନ ପାଇଁ ଏକାଠି କାମ କରିବା। ଦେଶରେ ସାମ୍ପ୍ରଦାୟିକ ଶକ୍ତିକୁ ପରାହତ କରି ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ଏବଂ ପ୍ରଗତିଶୀଳ ଧାରାରେ ଲୋକଙ୍କୁ ଗଣତନ୍ତ୍ର ଏବଂ ସମାଜବାଦ ଆଡ଼କୁ ନେଇଯିବା ବୋଲି ସେ ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧିତ କରି କରାଟ ଏଭଳି କହିଛନ୍ତି।

# ବିଧାନସଭାରେ କୋଶଳ ତାତି

ଭୁବନେଶ୍ୱର,୨।୪ (ରବିନାରାୟଣ ଜେନା)

- ସମ୍ବଲପୁରୀ-କୋଶଳୀ ଭାଷାକୁ ଦ୍ୱିତୀୟ ରାଜ୍ୟ ଭାଷା ମାନ୍ୟତା ମିଳୁ
- ଶାସକ, ବିରୋଧୀଙ୍କ ଏକମତ



ସମ୍ବଲପୁରୀ-କୋଶଳୀ ଭାଷାକୁ ଦ୍ୱିତୀୟ ରାଜ୍ୟ ଭାଷା ମାନ୍ୟତା ଦାବି ନେଇ ବୁଧବାର ବିଧାନସଭାରେ ତାତି ଜୋର୍ ଧରିଛି। କିଛିଦିନ ପୂର୍ବରୁ ଭାଜପାର ବରିଷ୍ଠ ସଦସ୍ୟ ଜୟନାରାୟଣ ମିଶ୍ର ଏହି ପରିପ୍ରେକ୍ଷୀରେ ମନ୍ତବ୍ୟ ଦେଇ ସାରା ରାଜ୍ୟରେ ଚର୍ଚ୍ଚାର ପରିଧି ଭିତରକୁ ଆସିଥିବାବେଳେ ବୁଧବାର ଗୃହ ଭିତରେ ବିରୋଧୀ ଓ ବାହାରେ ଶାସକ ଦଳ ସଭ୍ୟ ଏହି ସ୍ୱରକୁ ଶାଣିତ କରିଛନ୍ତି।

ବୁଧବାର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ, ଭାଷା ହେଉଛି ଗୋଟିଏ ଅଞ୍ଚଳର ଆତ୍ମା। ଭାଷାକୁ ଛାଡ଼ି କୌଣସି ଅଞ୍ଚଳ ବଞ୍ଚିପାରିବ ନାହିଁ। ତେବେ ଗତ ମଙ୍ଗଳବାର ରାଜ୍ୟବ୍ୟାପୀ ଓଡ଼ିଶା ତଥା ଉତ୍କଳ ଦିବସ ମହାସମାରୋହରେ ପାଳିତ ହେଲା। ଯେଉଁ ସଂକଳ୍ପ ନେଇ ଓଡ଼ିଶା ଦିବସ ପାଳନ କରାଯାଉଛି ତାହା ସାର୍ଥକ ହେଉନାହିଁ। ରାଜ୍ୟର ୧୧ ଜିଲାର ଦେଢ଼କୋଟି ଲୋକ କୋଶଳୀ ଭାଷାରେ କଥାବାର୍ତ୍ତା ହେଉଛନ୍ତି। ଅନେକ ବର୍ଷ ହେବ ଏହି ଭାଷାକୁ ଅନ୍ୟତମ ରାଜ୍ୟ ଭାଷା ଭାବେ ମାନ୍ୟତା ଦେବାକୁ ଦାବି ହୋଇଆସୁଛି। ରାଜ୍ୟ ସରକାର ଏହାକୁ ସ୍ୱୀକୃତି ପ୍ରଦାନ କରନ୍ତୁ। ଏହି ଭାଷାରେ ରାମାୟଣ, ମହାଭାରତ, ହଜାର ହଜାର କବିତା ଓ କ୍ଷୁଦ୍ରଗଳ୍ପ ଲେଖାହୋଇଛି। ଏହି ଭାଷାର ନିଜସ୍ୱ ଅଭିଧାନ ମଧ୍ୟ ରହିଛି। ଏହି ଅଭିଧାନର ରଚୟିତା ସତ୍ୟନାରାୟଣ ବହିଦାରଙ୍କ ଜୟନ୍ତୀ ପାଳନ ହେଉଛି। ପଦ୍ମଶ୍ରୀ ହଳଧର ନାଗ କୋଶଳୀ ଭାଷାରେ ବହୁ ଗ୍ରନ୍ଥ ରଚନା କରିଛନ୍ତି। ସମ୍ବଲପୁରୀ ସଙ୍ଗୀତ 'ରଙ୍ଗବତୀ' ଗୀତ ସାରା ଭାରତରେ ଚର୍ଚ୍ଚିତ। ଦିଲ୍ଲୀରେ ଯେତେବେଳେ ସଙ୍ଗୀତ କାର୍ଯ୍ୟକ୍ରମରେ ରଙ୍ଗବତୀ ଗୀତ ବାଜେ ସମସ୍ତେ ଝୁମନ୍ତି। ସଂସଦରେ ମଧ୍ୟ ବର୍ତ୍ତମାନର ରାଜସ୍ୱ ମନ୍ତ୍ରୀ ତଥା ତତ୍‌କାଳୀନ ଏମ୍‌ପି ସୁରେଶ ପୂଜାରୀ ଏବଂ ମୁଁ ଏହି ପ୍ରସଙ୍ଗ ଉଠାଇ ଦାବି ରଖିଥିଲୁ ବୋଲି ପ୍ରସନ୍ନ କହିଛନ୍ତି।

ଏଥିସହ ସେ କହିଛନ୍ତି, ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ କୋଶଳୀ ଭାଷାକୁ ସ୍ଥାନିତ କରାଯାଉ। ସମ୍ବିଧାନର ନିୟମ ଅନୁଯାୟୀ, ରାଜ୍ୟ ସରକାର ଚାହିଁଲେ ଆଉ ଏକ ଭାଷାକୁ ମଧ୍ୟ ରାଜ୍ୟ ଭାଷାର ମାନ୍ୟତା ଦେଇପାରିବେ, ଏଥିପାଇଁ ସ୍ୱତନ୍ତ୍ର ପ୍ରାବଧାନ ଅଛି। ଏନେଇ ରାଜ୍ୟ ସରକାର କେନ୍ଦ୍ରକୁ ଆଉଥରେ ପ୍ରସ୍ତାବ ପଠାନ୍ତୁ। ଏହା ରାଜ୍ୟ ସରକାରଙ୍କ ପାଇଁ ଆହ୍ୱାନ। ଏଥିପାଇଁ କୌଣସି ଆଇନଗତ ବାଧା ନାହିଁ। ରାଷ୍ଟ୍ରପତିଙ୍କର ମଧ୍ୟ କ୍ଷମତା ଅଛି, ସେ ଚାହିଁଲେ ରାଜ୍ୟର ଦ୍ୱିତୀୟ ଭାଷା ପାଇଁ ନିର୍ଦ୍ଦେଶ ଦେଇପାରିବେ। ତେଣୁ କୋଶଳୀ ଭାଷାକୁ ଦ୍ୱିତୀୟ ରାଜ୍ୟ ଭାଷାର ମାନ୍ୟତା ଦିଆଯାଉ। ନଚେତ୍ ପାକିସ୍ତାନରେ ଯେଭଳି ଭାଷାଗତ ବିଭେଦତାକୁ ନେଇ ଦୁଇଟି ଦେଶ ସୃଷ୍ଟିହେଲା, ୨୦ରୁ ୨୫ ବର୍ଷ ପରେ ଓଡ଼ିଶାରେ ସେହିଭଳି ପରିସ୍ଥିତି ଉପୁଜିପାରେ ବୋଲି ପ୍ରସନ୍ନ କହିଥିଲେ।

ପରେ ଏହି ଦାବିକୁ ସମର୍ଥନ ଜଣାଇ ବିଜେଡି ସଦସ୍ୟ ଦିବ୍ୟଶଙ୍କର ମିଶ୍ର କହିଥିଲେ, କିଛିଦିନ ପୂର୍ବରୁ କେନ୍ଦ୍ର ସରକାର ୫ଟି ଭାଷାକୁ ମାନ୍ୟତା ଦେଇଛନ୍ତି। ଆସାମ, ମହାରାଷ୍ଟ୍ର ଓ ବିହାର ଭଳି ରାଜ୍ୟରେ ଦୁଇଟି ଭାଷାକୁ ରାଜ୍ୟ ଭାଷା ମାନ୍ୟତା ଦିଆଯାଇଛି। ତେଣୁ ରାଜ୍ୟ ସରକାର ଏନେଇ ପଦକ୍ଷେପ ଗ୍ରହଣ କରନ୍ତୁ। ଯଥାଶୀଘ୍ର କୋଶଳୀ ଭାଷାକୁ ରାଜ୍ୟ ଭାଷା ମାନ୍ୟତା ପ୍ରଦାନ କରନ୍ତୁ ବୋଲି ସେ କହିଥିଲେ।

ସେହିପରି ଗୃହ ବାହାରେ ଭାଜପା ସଦସ୍ୟ ଇରାଶିଷ ଆଚାର୍ଯ୍ୟ ଗଣମାଧ୍ୟମକୁ କହିଥିଲେ, ସମ୍ବଲପୁରୀ-କୋଶଳୀ ଭାଷାକୁ ଦ୍ୱିତୀୟ ରାଜ୍ୟ ଭାଷାର ମାନ୍ୟତା ଦେବାରେ କୌଣସି ଅସୁବିଧା ନାହିଁ।

## ପୋଲିସର ମନୋବଳ ଭାଙ୍ଗୁଛି, ଅପରାଧ ବଢୁଛି: ବିଜେଡି

ଭୁବନେଶ୍ୱର,୨।୪(ରବିନାରାୟଣ ଜେନା)

- ଭରତପୁରରେ ପୋଲିସକୁ ଆକ୍ରମଣ ନେଇ ମୁଲତବୀ ଆଲୋଚନା
- ଅପରାଧୀଙ୍କ କ୍ଷେତ୍ରରେ ଶୂନ୍ୟସହନଶୀଳତା ନୀତି ଆପଣାଯାଉଛି : ଭାଜପା

ରାଜ୍ୟରେ ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ପୋଲିସର ମନୋବଳକୁ ସରକାର ଭାଙ୍ଗୁଛନ୍ତି। ଫଳରେ ଦିନକୁ ଦିନ ନାରୀ ନିର୍ଯାତନାଠାରୁ ଆରମ୍ଭକରି ବିଭିନ୍ନ ପ୍ରକାର ଅପରାଧ ବଢ଼ିଚାଲିଛି ବୋଲି କହି ପ୍ରମୁଖ ବିରୋଧୀ ବିଜେଡି ସରକାରଙ୍କୁ ଭରତପୁରରେ ପୋଲିସକୁ ଆକ୍ରମଣ ନେଇ ମୁଲତବୀ ଆଲୋଚନାକାଳରେ ଶରବ୍ୟ କରିଛି। ଏହାର ଜବାବରେ ଶାସକ ଦଳ କହିଛି ଯେ, ମୋହନ ସରକାରଙ୍କ ଅମଳରେ ଅପରାଧୀ ଯେଉଁଠି ଲୁଚିଥିଲେ ବି ଧରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଥିଲେ, ସରକାର ଶୂନ୍ୟସହନଶୀଳତା ନୀତି ଆପଣାଇବା ଯୋଗୁ ଅପରାଧ କମିଛି। ଶାସକ-ବିରୋଧୀଙ୍କ ଆଲୋଚନା ଶୁଣିବା ପରେ ବାଚସ୍ପତି ମୁଲତବୀ ପ୍ରସ୍ତାବକୁ ଅଗ୍ରାହ୍ୟ କରିଥିଲେ। ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ପ୍ରକାଶକରି ବିଜେଡି କକ୍ଷତ୍ୟାଗ କରିଥିବା ଦେଖିବାକୁ ମିଳିଥିଲା।

ବୁଧବାର ମୁଲତବୀ ଆଲୋଚନା ଆରମ୍ଭକରି ବିଜେଡିର ବରିଷ୍ଠ ସଦସ୍ୟ ପ୍ରତାପ ଦେବ କହିଥିଲେ, ଭାଜପା ସରକାରରେ ଏବେ ଗୋଟିଏ କଥା ପରିଲକ୍ଷିତ ହେଉଛି ଯେ, ସବୁ ଥାନାରେ ଦଳର ଜଣେ କର୍ମକର୍ତ୍ତାଙ୍କୁ ପରିଚାଳନା ଲାଗି ଚୌକି ପକାଯାଇଛି। ସେ ପୁଣି କହିଥିଲେ, ମନ୍ତ୍ରୀଙ୍କ କଥାରେ ଯଦି ସବୁ ଠିକ୍ ଚାଲିଛି ଗଣମାଧ୍ୟମର ପ୍ରକାଶିତ ଖବର କ'ଣ ସମ୍ପୂର୍ଣ୍ଣ ମିଛ ? ସରକାର ଦିଶାହୀନ ଚିନ୍ତାଧାରା ନେଇ ଚାଲିଛନ୍ତି। ଏବେ ସବ୍‌ଇନ୍ସପେକ୍ଟରଠୁ ଆରମ୍ଭକରି ଡିଜିଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଉପରେ ରାଜନୈତିକ ଚାପ ପଡୁଛି। ପୋଲିସକୁ କ୍ଷମତା ଦିଆଯାଉନାହିଁ ବୋଲି ସେ କହିଥିଲେ।

ବିଜେଡି ସଦସ୍ୟ ବ୍ୟୋମକେଶ ରାୟ ଓ ସାରଦା ପ୍ରସାଦ ଜେନା କହିଥିଲେ, ରାଜଧାନୀ ଭୁବନେଶ୍ୱରରେ ସବୁଠୁ ଅଧିକ ଅପରାଧ ଘଟୁଛି। ଯଦି ରାଜ୍ୟପାଳଙ୍କ ପୁଅ ଘଟଣାରେ କାର୍ଯ୍ୟାନୁଷ୍ଠାନ ହୋଇଥାନ୍ତା ତେବେ ରାଜ୍ୟରେ ଆଜି ଏଭଳି ଘଟଣା ଘଟି ନ ଥାନ୍ତା। ଭାଜପା କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀଙ୍କ ପଛରେ ଛୁରି ମରାଯାଉଛି (ବିଶ୍ୱାସଘାତ, ବଦନାମ ଚକ୍ରାନ୍ତ) ବୋଲି ସେମାନେ କହିଥିଲେ।

ଏହାର ଜବାବ ରଖି ଭାଜପା ସଦସ୍ୟ ଇରାଶିଷ୍ ଆଚାର୍ଯ୍ୟ କହିଥିଲେ, ଭରତପୁରରେ ପୋଲିସ ଉପରେ ହୋଇଥିବା ଆକ୍ରମଣକୁ ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଛି। ଦୁଇଟି ପିସିଆର ଭ୍ୟାନ୍ ଖବର ପାଇବାର ମାତ୍ର ୧୨ ମିନିଟ୍‌ରେ ପହଞ୍ଚିଥିଲେ। ୨୦୨୦ରେ ପୋଲିସକୁ ଆକ୍ରମଣଜନିତ ୧୭୬ଟି ମାମଲା ହୋଇଥିବାବେଳେ ଏବେ ଏହା ୧୫୭ରେ ପହଞ୍ଚିଛି। ପୂର୍ବରୁ ପୋଲିସ ଦିଶାହୀନ ହୋଇ କାର୍ଯ୍ୟ କରୁଥିଲା। ହେଲେ ଏବେ ସମ୍ପୂର୍ଣ୍ଣ ଜୋସ୍‌ରେ କାର୍ଯ୍ୟ କରୁଛି।

ଭାଜପା ସଦସ୍ୟ ବାବୁ ସିଂ କହିଥିଲେ, ପୂର୍ବରୁ ପୋଲିସକୁ ତୃତୀୟ ମହଲାରୁ ପରିଚାଳନା କରାଯାଉଥିଲା। ଖାଲି ସେତିକି ନୁହେଁ, ବିଜେଡି ନିଜ ନେତାଙ୍କୁ ବି ହତ୍ୟା କରିବାକୁ ପଛାଇନାହିଁ। ନବ ଦାସ ହୁଅନ୍ତୁ କି ମହେଶ୍ୱର ମହାନ୍ତି ତାଙ୍କ ବିରୋଧରେ କେମିତି ହତ୍ୟା ଷଡ଼ଯନ୍ତ୍ର ରଚାଯାଇଥିଲା ତା'ର ଜବାବ ସେ ମାଗିଥିଲେ। ଭାଜପା ସଦସ୍ୟ ଅମରେନ୍ଦ୍ର ଦାସ ଓ ସନାତନ ବିଜୁଳି ଆଲୋଚନାରେ ଭାଗ ନେଇଥିଲେ।

ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଥିଲେ, ବିଜେଡି ସରକାର ସମୟରେ ଘୋଡ଼ାରେ ବସୁଥିଲେ ଜଣେ, ଆଉ ଲଗାମ ଧରୁଥିଲେ ଜଣେ ଅଣଓଡ଼ିଆ, ଯାହା ପାଇଁ ପୋଲିସର ମନୋବଳ କମୁଥିଲା। କିଛି ଘଟଣା ଘଟିଲେ ଆଇଆଇସିଙ୍କଠାରୁ ଡିଜିଙ୍କ ଯାଏ ବିଜେଡି ସରକାର ସମୟରେ କଲ୍ କରି ମାମଲାକୁ କାଣ୍ଟଛାଣ୍ଟ କରିବାକୁ କୁହାଯାଉଥିଲା। ଭାଜପା ସରକାର ପୋଲିସର ମନୋବଳକୁ ଭାଙ୍ଗୁନାହାନ୍ତି। ଭରତପୁର ଅଞ୍ଚଳରେ ଘଟିଥିବା ଘଟଣାରେ ପୋଲିସ ତତ୍ପରତା ଦେଖାଇଥିଲା। ପୋଲିସ ଆକ୍ସନ ନେଉଛି, ଦୋଷୀଙ୍କୁ ଧରି ଜେଲ ପଠାଉଛି ବୋଲି ମନ୍ତ୍ରୀ କହିଥିଲେ।


# Classified Everyday

0674-2580101, 9692975378





**SALE**

Building for sale 70,000 sqft. with land area 11 acre of land near Brahmapur, Ganjam for Hospital/College/School. Contact No- 8260780200. D-76806





Newly opened spa in puri. Professional body massage available. 9861984834. D-3394

**AFFIDAVIT**

I, NIRANJAN SAMANTARAY, S/o- Gagan Chandra Samantray, resident of At- Flat No.- 303, Block- A, Nageswar Residency, Kalarahanga, Bhubaneswar, Urban, Odisha, India, PIN-751024 declare by this affidavit No.- 656 dtd. 02.04.2025 that now onwards I shall be known as NIRANJAN SAMANTRAY for all future purposes. D-009

By virtue an affidavit sworn before Executive Magistrate, Dhenkanal, dtd. 11.03.2025, No.- 1783 I, Sumitra Moharana, W/o- Laxmidhar Moharana, Village- Solagadia, Post.- Lethaka, P.S.- Nihalprasad, Dist.- Dhenkanal (Odisha)- 759016, declare that I have changed my name from Rama Moharana to Sumitra Moharana. Henceforth, I shall be known as SUMITRA MOHARANA for all purposes.

Sumitra Moharana

D-73586

ମୁଁ, ମଞ୍ଜୁଲତା ବେହେରା, ସ୍ୱାମୀ- ନରେନ୍ଦ୍ର କୁମାର ବେହେରା, ପ୍ଲଟ୍ ନଂ- ୪୪୯, କ୍ରିଷ୍ଣାପୁରୀ, ପୋଷ୍ଟ- ମଳିପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୦୩, ଓଡ଼ିଶା ନିବାସୀ, ଏହି ସତ୍ୟପାଠ ସି.ଏଫ୍.ନମ୍ବର ୫୬, ତାରିଖ ୧୨।୧୧।୨୪ରେ ଘୋଷଣା କରୁଛି ଯେ, ଏବେଠାରୁ ମୁଁ ଭବିଷ୍ୟତର ସମସ୍ତ ଉଦ୍ଦେଶ୍ୟ ପାଇଁ ମଞ୍ଜୁଲତା ପଣ୍ଡିତ ଭାବରେ ପରିଚିତ ହେବି। ଧ-୦୦୭

ମୁଁ, ନରେନ୍ଦ୍ର ବେହେରା, ପିତା- ସ୍ୱର୍ଗତ ଯଦୁନାଥ ବେହେରା, ପ୍ଲଟ୍ ନଂ- ୪୪୯, କ୍ରିଷ୍ଣାପୁରୀ, ପୋଷ୍ଟ- ମଳିପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୦୩, ଓଡ଼ିଶା ନିବାସୀ, ଏହି ଶପଥପତ୍ର ସି.ଏଫ୍.ନମ୍ବର ୫୫ ତାରିଖ ୧୨।୧୧।୨୪ରେ ଘୋଷଣା କରୁଛି ଯେ, ଭବିଷ୍ୟତର ସମସ୍ତ ଉଦ୍ଦେଶ୍ୟ ପାଇଁ ମୁଁ ନରେନ୍ଦ୍ର କୁମାର ବେହେରା ଭାବରେ ପରିଚିତ ହେବି। ଧ-୦୦୬

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**

classifieddharitri@gmail.com

I, Jena Amartya, S/o- Pravakar Jena, resident of Ward No.- 18, Pandara Square, Rasulgarh, P.O./P.S.- Mancheswar, Dist.-Khorda, PIN- 751025 Odisha declare by this affidavit No.- 82 Dtd.- 02.04.2025 that now onwards I shall be known as J Amartya for all future purposes. D-010

By virtue of an affidavit before Executive Magistrate, Sadar, Cuttack on dtd. 02.04.2025 I, Sri Shubham Sahoo, S/o- Pranakrushna Sahoo, Dadhapatna, Barang, Cuttack declare that I have changed my name from Shubham Sahoo to Pritish Ranjan Sahoo. Henceforth, I shall be known as Pritish Ranjan Sahoo for all purpose. D-011

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ପ୍ରଥମ ବର୍ଷ ଶ୍ରାଦ୍ଧବାର୍ଷିକୀ**



**୰ପ୍ରବୀଣା କାନୁନ୍‌ଗୋ**

ସ୍ୱାମୀ- ପ୍ରିୟରଞ୍ଜନ କାନୁନ୍‌ଗୋ

ଦଇତାପଡ଼ା ସାହି, ପୁରୀ

ଆପଣଙ୍କର ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମ୍ଭପାଇଁ ଚିରସ୍ମରଣୀୟ ହୋଇ ରହିବ। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ:- ସ୍ୱାମୀ, ଝିଅ- ରୋଜାଲିନ୍, ଶ୍ୱେତାଲିନ୍, ଜ୍ୱାଇଁ- ଦେବେନ୍ଦ୍ର, ପ୍ରଶାନ୍ତ, ନାତି- ଶୁଭ, ସତ୍ୟମ୍, ନାତୁଣୀ- ଶ୍ରୀ ଏବଂ ପରିବାରବର୍ଗ।

ଧ-୦୦୨

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


## ବିଧାୟକ ପ୍ରଶାନ୍ତଙ୍କ ଭାଷଣକୁ ନେଇ ହୋହଲ୍ଲା

- ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ପାଳନବେଳେ ମଞ୍ଚରେ ରୋଚକ ଦୃଶ୍ୟ
- ପୂର୍ବ ସରକାର, ପ୍ରଶାନ୍ତଙ୍କୁ ଟାର୍ଗେଟ କଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ



ସୂର୍ଯ୍ୟବଂଶୀ ସୂରଜ



ପ୍ରଶାନ୍ତ ବେହେରା

କଟକ,୨।୪(ଶିଳ୍ପା ପ୍ରିୟଦର୍ଶିନୀ)

ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ପାଳନ ଅବସରରେ କଟକ ଜିଲା ସତ୍ୟଭାମାପୁରଠାରେ ମଙ୍ଗଳବାର ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ମଞ୍ଚରେ ରୋଚକ ଦୃଶ୍ୟ ଦେଖିବାକୁ ମିଳିଛି। ସରକାରୀ କାର୍ଯ୍ୟକ୍ରମବେଳେ ବିଜେଡି ବିଧାୟକ ପ୍ରଶାନ୍ତ ବେହେରା ମଞ୍ଚ ଉପରେ ନିଜ ଭାଷଣରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗୁଣଗାନ କରିବାରୁ ମଞ୍ଚ ତଳେ ଥିବା ଲୋକେ ହୋହଲ୍ଲା କରିଥିଲେ। ପରେ ସେହି ମଞ୍ଚରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଧାୟକଙ୍କ କଥାକୁ କାଉଣ୍ଟର କରିଥିଲେ।

ବିଧାୟକ ବେହେରା ତାଙ୍କ ଅଭିଭାଷଣରେ କହିଥିଲେ, ପୂର୍ବସରକାର ସମୟରେ ସମସ୍ତ କାର୍ଯ୍ୟ ସମ୍ଭବପର ହୋଇଥିଲା। ଏପରି କି ମଧୁସୂଦନ ଦାସଙ୍କ ଜନ୍ମପୀଠର ଉନ୍ନତିକରଣ ପୂର୍ବ ସରକାର ସମୟରେ ହୋଇଛି। ଏଭଳି ଭାବେ ଦୀର୍ଘ ସମୟ ଧରି ସେ ପୂର୍ବ ସରକାରଙ୍କ ଗୁଣଗାନ କରିବାରୁ ମଞ୍ଚ ତଳେ ବସିଥିବା ଜନସାଧାରଣ ଓ ଭାଜପା କର୍ମୀ ତୁରନ୍ତ ଭାଷଣ ବନ୍ଦ କରିବାକୁ କହିଥିଲେ। କିଛି ସମୟ ଧରି ହୋହଲ୍ଲା ପରିସ୍ଥିତି ସୃଷ୍ଟି ହେବାରୁ ପ୍ରଶାନ୍ତ ତାଙ୍କ ଭାଷଣ ବନ୍ଦ କରିଦେଇଥିଲେ। କିଛି ସମୟ ପରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ନିଜ ଅଭିଭାଷଣରେ ପୂର୍ବ ସରକାର ଓ ପ୍ରଶାନ୍ତଙ୍କ ବକ୍ତବ୍ୟକୁ କଟାକ୍ଷ କରି କହିଥିଲେ, ଏହା ରାଜନୈତିକ ମଞ୍ଚ ନୁହେଁ। ମଞ୍ଚରେ କେଉଁ ସରକାର କେଉଁ ସମୟରେ କ'ଣ କାମ କରିଥିଲା, ତାହା କହିବା ଉପଯୁକ୍ତ ସମୟ ନୁହେଁ। ଏହି ମଞ୍ଚ ଓଡ଼ିଆଙ୍କ ସ୍ୱାଭିମାନ, ଓଡ଼ିଆଙ୍କ ଭାବନାକୁ ପ୍ରଦର୍ଶନ କରିବାର ମଞ୍ଚ। ଓଡ଼ିଶା ଦିବସରେ ପ୍ରତ୍ୟେକ ଓଡ଼ିଆ ରାଜ୍ୟର ଉନ୍ନତି ପାଇଁ କାମ କରିବାର ଆବଶ୍ୟକତା ରହିଛି। ଏଥିପାଇଁ ସମସ୍ତେ ଏକଜୁଟ୍ ହେବା ଆବଶ୍ୟକ ବୋଲି ସେ କହିଥିଲେ।

ସୂଚନାଯୋଗ୍ୟ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମମାଟି କଟକ ଜିଲା ସତ୍ୟଭାମାପୁରରେ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ପାଳନ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଅନ୍ୟତମ ଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସଂସ୍କୃତି ଓ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକା ସୋଫିଆ ଫିର୍ଦ୍ଦୋସ, ବିଧାୟକ ପ୍ରଶାନ୍ତ ବେହେରା, ସୌଭିକ୍ ବିଶ୍ୱାଳ, ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ବିଜୟ କୁମାର ଦଳ ବେହେରା, ସାରଦା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।



# ଚିନ୍ତା କରୁଛନ୍ତି ମୃଣାଳ

ମୃଣାଳ ଠାକୁର ଏବେ ଦୋଛକିରେ ପଡ଼ିଛନ୍ତି। ଯେତେବେଳେ ଅଫରଟି ମିଳିଲା ସେ ହଁ ଭରିଥିଲେ। ଏପରିକି ଏଭଳି ରୋଲ୍ ପାଇଁ ପ୍ରସ୍ତୁତି ଆରମ୍ଭ ମଧ୍ୟ କରିଦେଇଥିଲେ। ହେଲେ କେତୋଟି ବିଷୟକୁ ନେଇ ପ୍ରଯୋଜନା ସଂସ୍ଥା ଏବଂ ତାଙ୍କ ଭିତରେ ତୁ ତୁ ମେଁ ମେଁ ଜାରି ରହିଛି। କଥା କ'ଣ କି ନିକଟରେ ମୃଣାଳଙ୍କୁ ଏକ ନୂଆ ସିନେମାରେ ଅଭିନୟ କରିବାକୁ ଅଫର ମିଳିଥିଲା। ହେଲେ ଏହାର କାହାଣୀକୁ ନେଇ ତାଙ୍କ ମନରେ କେତେକ ପ୍ରଶ୍ନ ସୃଷ୍ଟି ହୋଇଥିଲା। କେବଳ ସେତିକି ନୁହେଁ, ଏଥିରେ ନିଜ ଭୂମିକାଟି ଆହୁରି ଦମଦାର ହେଉ ବୋଲି ସେ ପ୍ରଯୋଜକଙ୍କୁ ପ୍ରସ୍ତାବ ଦେଇଥିଲେ। ଏ ନେଇ ଚିନ୍ତା କରାଯାଉଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ତାଙ୍କୁ ସୂଚନା ଦିଆଯାଇଛି। ଆଉ ତା'ପରେ ଏହି ଅଫରକୁ ନେଇ ଦୋଛକିରେ ପଡ଼ିଛନ୍ତି ମୃଣାଳ। ''ଯଦି ଦୁଇ ସପ୍ତାହ ଭିତରେ ମୋତେ କିଛି ଫାଇନାଲ ସୂଚନା ନ ମିଳେ ତେବେ ଏହି ଅଫରକୁ ମୁଁ ହାତଛଡ଼ା କରିପାରେ ବୋଲି କହନ୍ତି ମୃଣାଳ।'' ଏଭଳି ଅଫରକୁ ସେ ଗ୍ରହଣ କରୁଛନ୍ତି ନା ହାତଛଡ଼ା କରୁଛନ୍ତି ତାହା ଜାଣିବାକୁ ନିଶ୍ଚୟ ଅପେକ୍ଷା କରିବାକୁ ପଡ଼ିବ।

# 'ଅନାମ'ରୁ ଆରମ୍ଭ


ଗଣେଶ ଆଚାର୍ଯ୍ୟ

ବଲିଉଡ୍‌ର ଅନ୍ୟତମ ଆଗଧାଡ଼ିର କୋରିଓଗ୍ରାଫର ଭାବରେ ପରିଗଣିତ ହୁଅନ୍ତି ଗଣେଶ ଆଚାର୍ଯ୍ୟ। କୋରିଓଗ୍ରାଫର ଭାବରେ ନିଜକୁ ପରିଚିତ କରାଇବା ପୂର୍ବରୁ ତାଙ୍କୁ ଅନେକ ପରିଶ୍ରମ କରିବାକୁ ପଡ଼ିଥିଲା। ମାତ୍ର ୧୧ ବର୍ଷ ବୟସରେ ବାପାଙ୍କର ମୃତ୍ୟୁ ହେବା ପରେ ପରିବାର ଚଳାଇବାକୁ ତାଙ୍କୁ ଘର ଛାଡ଼ିବାକୁ ପଡ଼ିଥିଲା। ନିଜ ଉପରେ ଶତ ପ୍ରତିଶତ ଭରସା ରଖି ମାତ୍ର ୧୨ ବର୍ଷ ବୟସ୍କ ଗଣେଶ ସେତେବେଳେ ନିଜସ୍ୱ ଏକ ଡ୍ୟାନ୍ସ ଏକାଡେମୀ ପ୍ରତିଷ୍ଠା କରିଥିଲେ। ୧୯୯୨ରେ ନିର୍ମିତ 'ଅନାମ' ଫିଲ୍ମରେ ତାଙ୍କୁ କୋରିଓଗ୍ରାଫର ଭାବରେ ବ୍ରେକ୍ ମିଳିଥିଲା। ୨୦୧୨ରେ ନିର୍ମିତ 'ଅଗ୍ନିପଥ'ର 'ଚିକ୍‌ନି ଚମେଲି' ଗୀତ ତାଙ୍କ କୋରିଓଗ୍ରାଫି କ୍ୟାରିୟରକୁ ଏକ ନୂଆ ମୋଡ଼ ଦେଇଥିଲା। ଏହି ଗୀତଟି କ୍ୟାଟ୍ରିନା କୈଫଙ୍କୁ ନେଇ ଦୃଶ୍ୟାୟିତ ହୋଇଥିଲା। ଗଣେଶଙ୍କ କୋରିଓଗ୍ରାଫିରେ ନିର୍ମିତ ପ୍ରମୁଖ ସିନେମାଗୁଡ଼ିକ ମଧ୍ୟରେ ରହିଛି 'ସନମ ରେ', 'ବାଗୀ', 'ଟୟଲେଟ୍-ଏକ ପ୍ରେମ କଥା' (ଶ୍ରେଷ୍ଠ କୋରିଓଗ୍ରାଫର, ଜାତୀୟ ଚଳଚ୍ଚିତ୍ର ପୁରସ୍କାର), 'ଜୁଡ଼ଓ୍ୱା-୨', 'ବାଗୀ-୨', 'କେଜିଏଫ : ଚାପ୍ଟର-୧ (ହିନ୍ଦୀ ଭର୍ସନ), 'ସିମ୍ବା', 'କୁଲି ନଂ ୱାନ', 'ପୁଷ୍ପା: ଦ ରାଇଜ' ଏବଂ 'ବ୍ରହ୍ମାସ୍ତ୍ର'। ତାଙ୍କ ମନ ପସନ୍ଦର ଅଭିନେତା ହେଉଛନ୍ତି ଗୋବିନ୍ଦା ଏବଂ ଅଭିନେତ୍ରୀ ହେଉଛନ୍ତି ମାଧୁରୀ ଦୀକ୍ଷିତ। କେବଳ ଜଣେ କୋରିଓଗ୍ରାଫର ନୁହନ୍ତି ଗଣେଶ ମଧ୍ୟ କେତୋଟି ସିନେମାର ନିର୍ଦ୍ଦେଶନା ଦେବା ସହ ଅଭିନୟ ମଧ୍ୟ କରିଛନ୍ତି।

## ରିଲିଜ ଅପେକ୍ଷାରେ

# ଦେବାଶିଷ ଯାହା ଚାହୁଁଥିଲେ...

ବେଳେବେଳେ ମଣିଷ ଯାହା ଚାହୁଁଥାଏ ତାହା ହାତ ପାଆନ୍ତାରେ ମିଳିଯାଏ। ଦେଖୁନାହାନ୍ତି, ନିଜ ମନ ପସନ୍ଦର ଆଉ ଏକ ଭୂମିକା ପାଇବା ପରେ ଦେବାଶିଷ ପାତ୍ର କେମିତି ଖୁସିରେ ଉଛୁଳୁଛନ୍ତି। ରିଲିଜ ଅପେକ୍ଷାରେ ରହିଥିବା ନୂଆ ଓଡ଼ିଆ ସିନେମା 'ଗଣ୍ଡ ଭୈରବ'ରେ ସେ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି। ଆଉ ଏଭଳି ଏକ ଭିନ୍ନ ଧରଣର ଚରିତ୍ରଟିଏ ପାଇବା ପରେ ତାହାର ସଫଳତାକୁ ନେଇ ଢେର୍ ଆଶା ବାନ୍ଧିଛନ୍ତି ଏହି ଅଭିନେତା। ଆଗଧାଡ଼ିର ନାଟ୍ୟକାର ଶଙ୍କର ତ୍ରିପାଠୀ ଏହାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି। ଆର୍.ଆର୍. ଇଭେଣ୍ଟସ ଆଣ୍ଡ ସିନେ ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ଏହି ଫିଲ୍ମକୁ ପ୍ରଯୋଜନା କରିଛନ୍ତି ରମେଶ ବାରିକ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବିଶିଷ୍ଟ ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ। ଏ ସମ୍ପର୍କରେ ଦେବାଶିଷ କହନ୍ତି, ''ଏଭଳି ଏକ ଭୂମିକାଟିଏ ପାଇବା ପରେ ମୁଁ କେତେ ଖୁସି ହୋଇଥିଲି ତାହା ବର୍ଣ୍ଣନା କରିପାରିବି ନାହିଁ। ପୁଣି ସୁଧାଂଶୁ ସାର୍‌ଙ୍କ ପରି ନିର୍ଦ୍ଦେଶକଙ୍କ ସହ କାମ କରିବା ଭାଗ୍ୟରେ ଥିଲେ ମିଳେ। ଏହି ଚରିତ୍ରରେ କ'ଣ ରହିଛି ତାହା ଫିଲ୍ମଟିକୁ ଦେଖିଲେ ହିଁ ଜାଣିପାରିବେ।'' ଡା. ନିର୍ମଳ ନାୟକ, ଜେ.ପି. ଓ୍ୱାର୍ଡସ୍ମିଥ ଏବଂ ବାପୁ ଗୋସ୍ୱାମୀଙ୍କ ରଚିତ ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ଗୌରବ ଆନନ୍ଦ। ଏଥିରେ ଦେବାଶିଷଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରିଛନ୍ତି ଶିବାନୀ ସଙ୍ଗୀତା। ଏମାନଙ୍କ ବ୍ୟତୀତ ଅନନ୍ୟା ମିଶ୍ର, ଚୌଧୁରୀ ବିକାଶ ଦାସ, କେକେ, ପୃଥ୍ୱୀରାଜ, ସୋମା ଭୌମିକ ପ୍ରମୁଖ କଳାକାରଙ୍କୁ ମଧ୍ୟ ଦେଖିବାକୁ ମିଳିବ।


'ଗଣ୍ଡ ଭୈରବ' ଫିଲ୍ମରେ ଦେବାଶିଷ

# ରାକେଟ୍

ଅପରାଧୀଙ୍କ ପାଇଁ ଆଇନ କାନୁନ ଯେତିକି ଦୃଢ଼ ହେଉଛି ସେହି ଅନୁସାରେ ସେମାନେ ନିଜର କାୟା ବିସ୍ତାର କରୁଛନ୍ତି। ଦିନକୁ ଦିନ ସମାଜରେ ବିଭିନ୍ନ ପ୍ରକାର ଅପରାଧ ବଢ଼ିଚାଲିଛି କହିଲେ ଆଦୌ ଭୁଲ୍ ହେବ ନାହିଁ। ଏହା କେବଳ ରାଜ୍ୟ କିମ୍ବା ଦେଶ ଭିତରେ ସୀମିତ ନାହିଁ କେତେକ ଅପରାଧର ଚେର ବିଦେଶ ପର୍ଯ୍ୟନ୍ତ ଲମ୍ବିଥିବାର ଅନେକ ନଜୀର ରହିଛି। ଏବେ ବିଭିନ୍ନ ପ୍ରକାର ରାକେଟ୍ କାମ କରୁଛି। ଏଭଳି ଏକ ବଡ଼ ତଥା ଚାଞ୍ଚଲ୍ୟକର ରାକେଟକୁ ନେଇ ନିର୍ମିତ ହୋଇଛି ଏକ ଓଡ଼ିଆ ସିନେମା। ଏହାର ଟାଇଟଲ ରହିଛି 'ରାକେଟ୍'। ଚଳିତ ମାସ ୨୫ ତାରିଖରେ ଦର୍ଶକମାନେ ଏହି ଫିଲ୍ମଟିକୁ ବଡ଼ ପରଦାରେ ଦେଖିବାକୁ ପାଇବେ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରୀ ମୋସନ ପିକ୍ଚର୍ସ ବ୍ୟାନରରେ ପ୍ରସ୍ତୁତ ଉକ୍ତ ଚିତ୍ରର ପ୍ରଯୋଜନା କରିଛନ୍ତି ଶ୍ରୀଲେଖା ପଣ୍ଡା। ନିର୍ଦ୍ଦେଶନା ଦେଇଛନ୍ତି ଯୁବ ନିର୍ଦ୍ଦେଶକ ସଂଗ୍ରାମ ମହାନ୍ତି। କାହାଣୀ ରଚନା କରିଛନ୍ତି ହେମନ୍ତ ପାତ୍ର। ସଂଳାପ ରଚନା କରିଛନ୍ତି ବିଜୟ ମଲ୍ଲ। କ୍ୟାମେରାରେ ଦାୟିତ୍ୱ ତୁଲାଇଛନ୍ତି ଆର୍. ଭଗତ ସିଂ ଏବଂ ସମ୍ପାଦନାରେ ଅଛନ୍ତି ସୁକୁମାର ମଣି। ବିଜୟ ମଲ୍ଲ, ଅରୁଣ ମନ୍ତ୍ରୀ ଓ ବସନ୍ତରାଜ ସାମଲଙ୍କ ଗୀତକୁ ସଙ୍ଗୀତରେ ସଜେଇଛନ୍ତି ଆଗଧାଡ଼ିର ସ୍ୱର ସଂଯୋଜକ ପ୍ରେମ ଆନନ୍ଦ। କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଦୀପ୍ତିରେଖା ପାଢ଼ୀ, ଶିବାଶିଷ ମିଶ୍ର, ଶ୍ରୀଚରଣ, ଅନନ୍ୟା ଶ୍ରୀତମ ନନ୍ଦ, ପ୍ରଜ୍ଞା ଓ ନିଶାନ୍ତ ମିଶ୍ର। କୋରିଓଗ୍ରାଫିରେ ଅଛନ୍ତି ଏସ୍. କେ. ମୁରଲୀଧରନ୍। ଦୀର୍ଘଦିନର ବ୍ୟବଧାନ ପରେ ସେ ପୁଣି ଥରେ ଓଡ଼ିଆ ସିନେମାକୁ ଫେରୁଛନ୍ତି। ନମ୍ରତା ଥାପ୍ପା, ଦୁଷ୍ମନ୍ତ ପଣ୍ଡା, ପୃଥ୍ୱୀରାଜ ନାୟକ, ଅର୍ଲିନ ଅଙ୍କିତା, ହେମନ୍ତ ପାତ୍ର, ଡିସ୍କୋ ରେଡ୍ଡୀ ଏବଂ 'ନଟିଆ' ଫେମ୍ ସ୍ମୃତି ରଞ୍ଜନ ମହାନ୍ତି ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ।


'ରାକେଟ୍' ଫିଲ୍ମରେ ନମ୍ରତା ଥାପ୍ପା

# ବୁଦ୍ଧିମତୀ ତାପସୀ

ତାପସୀ ପାନ୍ନୁଙ୍କ ବୁଦ୍ଧିକୁ ନିଶ୍ଚୟ ମାନିବାକୁ ପଡ଼ିବ। କେତେବେଳେ କେଉଁ କଥାକୁ କିପରି ହ୍ୟାଣ୍ଡେଲ କରିବାକୁ ପଡ଼େ ତାହାର କାଇଦା ତାଙ୍କୁ ଭଲ ଭାବରେ ଜଣା। ନିଜର କ୍ୟାରିୟରକୁ ନେଇ ଆପଣ ଯେତେ ଅଙ୍କାବଙ୍କା ପ୍ରଶ୍ନ ପଚାରନ୍ତୁ ହେଲେ ସେ ବ୍ୟତିବ୍ୟସ୍ତ ହେଉନାହାନ୍ତି। ନିକଟରେ ଏକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ଅବସରରେ ତାଙ୍କର କେତେଜଣ ସାମ୍ବାଦିକଙ୍କ ସହ ସାମ୍ନାସାମ୍ନି ହୋଇଯାଇଥିଲା। ସେମାନେ ଯେଉଁ ପ୍ରଶ୍ନସବୁ ପଚାରିଲେ ସେଗୁଡ଼ିକର ଉତ୍ତର ତାପସୀ ବେଶ୍ ଥଣ୍ଡା ମିଜାଜରେ ଦେଇଥିଲେ। କେବଳ ସେତିକି ନୁହେଁ, କୁଲ୍ କୁଲ୍ ତାପସୀ ସେହି ସମୟରେ ଶାହରୁଖଙ୍କୁ ପ୍ରଶଂସାରେ ପୋତି ପକାଇଥିଲେ। ଏ ନେଇ ସେ କହନ୍ତି, 'ମୁଁ ଯେତେବେଳେ ସାମ୍ବାଦିକମାନଙ୍କୁ ସାମ୍ନା କରେ ସେତେବେଳେ ଆଦୌ ବିବ୍ରତ ନ ହୋଇ ସବୁ ପ୍ରଶ୍ନର ଉତ୍ତର ଦେଇଥାଏ। ଶାହରୁଖଙ୍କୁ ମୁଁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ। ତାଙ୍କ ଅଭିନୟରେ ଭିନ୍ନତା ରହିଛି।'' ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଛନ୍ତି ଏହି ଅଭିନେତ୍ରୀ। ୨୦୧୦ରେ ତେଲୁଗୁ ଫିଲ୍ମ 'ଝୁମାନ୍ଦି ନାଡମ'ରୁ ସେ ବଡ଼ ପରଦା କ୍ୟାରିୟର ଆରମ୍ଭ କରିଥିଲେ। ଠିକ୍ ଏହାର ପରବର୍ଷ ତାଙ୍କୁ ତାମିଲ ଫିଲ୍ମ (ଅଡ୍ଡୁକାଲାମ)ରେ ମଧ୍ୟ ବ୍ରେକ୍ ମିଳିଥିଲା। ତାପସୀଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା ଡେଭିଡ୍ ଧାଓ୍ୱନଙ୍କ 'ଚସ୍‌ମେ ବଦ୍ଦୁର'।


ତାପସୀ

# ସରକାରୀ କ୍ୱାଇଁ


ପୁପିନ୍ଦର

ଅନେକେ ସରକାରୀ କ୍ୱାଇଁଟିଏ ଚାହିଁଥାଆନ୍ତି। ଏହା ପଛରେ ତ ଅନେକ କାରଣ ରହିଛି। କିନ୍ତୁ ସରକାରୀ କ୍ୱାଇଁଟିଏ କରିବା ପରେ ଜଣେ କିଭଳି ପରିସ୍ଥିତିର ସାମ୍ନା କରୁଛି ତାହାକୁ ଉକ୍ତ ସିନେମାରେ ବେଶ୍ ସୁନ୍ଦର ଭାବରେ ଉପସ୍ଥାପନା କରାଯାଇଛି। ସିନେମାଟିର ଟାଇଟଲ ରହିଛି 'ସରକାରୀ କ୍ୱାଇଁ'। ଫିଲ୍ମଟିରେ ପ୍ରଯୋଜନା କରିଛନ୍ତି ଅଶୋକ କୁମାର ବେହେରା। କାହାଣୀ ରଚନା କରିଛନ୍ତି ଶିବାନୀ ବେହେରା। ଖାସ୍ କଥା ହେଲା ଏହାର ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିବା ସହ ନିର୍ଦ୍ଦେଶନା ପରି ଗୁରୁଦାୟିତ୍ୱ ତୁଲାଇଛନ୍ତି 'ଯୋଗୀ' ଫେମ୍ ନିରଞ୍ଜନ ବେହେରା। ଏ ସମ୍ପର୍କରେ ସେ କହନ୍ତି, ''ସରକାରୀ କ୍ୱାଇଁକୁ ନେଇ ଏହି ଫିଲ୍ମର କାହାଣୀ କି ମୋଡ ନେଉଛି ତାହା ଦର୍ଶକ ଦେଖିଲେ ହିଁ ଜାଣିପାରିବେ। ଏହାର କାହାଣୀକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଶୁଟିଂ ସମୟରେ ସମସ୍ତେ ଚେଷ୍ଟା କରିଛନ୍ତି। ଆଶା ରଖିଛି ଦର୍ଶକ ଆମର ପରିଶ୍ରମର ମୂଲ୍ୟ ନିଶ୍ଚୟ ବୁଝିବେ।'' ଏହାର ଟାଇଟଲ ଭୂମିକାରେ ଅଭିନୟ କରଛନ୍ତି ପୁପିନ୍ଦର। ସବୁଠାରୁ ଖାସ୍ କଥା ହେଲା, ଅପେରା ଜଗତର ବିଶିଷ୍ଟ ଅଭିନେତା ବାପି ପଣ୍ଡା ପ୍ରଥମ ଥର ପାଇଁ ଓଡ଼ିଆ ସିନେମାରେ ଅଭିନୟ କରିବାକୁ ଯାଉଛନ୍ତି। ଅଭିଷେକ ରଥ, ତନୁଶ୍ରୀ, ପ୍ରଦ୍ୟୁମ୍ନ ଲେଙ୍କା ଏବଂ ବୁଲୁ ପଣ୍ଡା ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଚିତ୍ରଟି ଖୁବ୍ ଶୀଘ୍ର ପରଦା ଉପରକୁ ଆସିବ ବୋଲି ସୂଚନା ଦେଇଛନ୍ତି ନିରଞ୍ଜନ।


ସାନ୍ୟା

# ଦଶ ହଜାରରୁ ଜଣେ...

'ଦଙ୍ଗଲ' ଚଳଚ୍ଚିତ୍ରର ବବିତା ପୋଘଟ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ସାନ୍ୟା ମାଲହୋତ୍ରା। ଏହି ଭୂମିକା ପାଇଁ ଗ୍ରୀନ୍ ସିଗନାଲ ପାଇବାକୁ ତାଙ୍କୁ ବେଶ୍ କଷ୍ଟ କରିବାକୁ ପଡିଥିଲା। ଉକ୍ତ ରୋଲ୍ ପାଇଁ ଅନୁଷ୍ଠିତ ଅଡିସନ୍‌ରେ ପ୍ରାୟ ୧୦,୦୦୦ ନବାଗତା ଅଂଶଗ୍ରହଣ କରିଥିଲେ। ହେଲେ ଶେଷରେ ସାନ୍ୟାଙ୍କୁ ପ୍ରଯୋଜନା ସଂସ୍ଥା ସିଲେକ୍ଟ କରିଥିଲା। ହେଲେ ଏହି ଭୂମିକା ତାଙ୍କୁ ରାତାରାତି ଚର୍ଚ୍ଚାର ପରିସରକୁ ଆଣିଥିଲା। ଏଥିଲାଗି ସେ ତ ପରିଶ୍ରମ କରିଥିଲେ ହେଲେ ଏହାପଛରେ ଆଉ ଜଣେ ବ୍ୟକ୍ତିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା ବୋଲି କହନ୍ତି ସେ। ''ଯେତେବେଳେ ମୋତେ ବବିତା ପୋଘଟ ଭୂମିକା ପାଇଁ ଚୟନ କରାଗଲା, ତା'ପରେ ମୋତେ ଏଥିଲାଗି ପ୍ରସ୍ତୁତ ହେବାକୁ ପଡିଥିଲା। ପ୍ରଥମେ ଫିଲ୍ମଟିର କାହାଣୀକୁ ମୁଁ ଭଲ ଭାବରେ ବୁଝି ନେଇଥିଲି। ଯେହେତୁ ଏହା ରେସଲିଂ ଉପରେ ଆଧାରିତ ତେଣୁ ଏଭଳି ଫାଇଟ୍ ପାଇଁ ମୋତେ ଟ୍ରେନିଂ ନେବାକୁ ପଡିଥିଲା। ଜାତୀୟ ରେସଲିଂ ପ୍ରଶିକ୍ଷକ କ୍ରିପା ଶଙ୍କର ବିଷ୍ଣୋଇଙ୍କ ନିକଟରୁ ଏ ନେଇ ଟ୍ରେନିଂ ନେବାକୁ ହୋଇଥିଲା। ତାଙ୍କର ଟିପ୍ସକୁ ମୁଁ ଅକ୍ଷରେ ଅକ୍ଷରେ ପାଳନ କରିଥିଲି। ସେହି ସମୟ ସତେ ଯେପରି ମୋ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଥିଲା। ଯାହାହେଉ ମୋ ପରିଶ୍ରମର ପ୍ରକୃତ ମୂଲ୍ୟ ମିଳିଛି। ଫିଲ୍ମଟି ହିଟ୍ ସାବ୍ୟସ୍ତ ହେବା ସହ ପରବର୍ତ୍ତୀ ସମୟରେ ମୋ କ୍ୟାରିୟର ପାଇଁ ଏହା ଶୁଭପ୍ରଦ ସାବ୍ୟସ୍ତ ହୋଇଥିଲା ବୋଲି କହନ୍ତି ସାନ୍ୟା।''

# ଗୁଜରାଟ ଟାଇଟନ୍ସର ଦ୍ୱିତୀୟ ବିଜୟ

## ମହମ୍ମଦ ସିରାଜଙ୍କ ପ୍ରଭାବୀ ବୋଲିଂ


ମହମ୍ମଦ ସିରାଜ

ବେଙ୍ଗାଲୁରୁ, ୨।୪

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ବୁଧବାର ଅନୁଷ୍ଠିତ ମ୍ୟାଚରେ ଗୁଜରାଟ ଟାଇଟନ୍ସ ୮ ଉଇକେଟରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)କୁ ପରାସ୍ତ କରିଛି। ଆରସିବି ୨୦ ଓଭରରେ ୮ ଉଇକେଟ ହରାଇ ୧୬୯ ରନ କରିଥିଲା। ୧୭୦ ରନର ବିଜୟ ଲକ୍ଷ୍ୟକୁ ଗୁଜରାଟ ଟାଇଟନ୍ସ ୧୭.୫ ଓଭରରେ ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ଜୋସ ବଟଲର ୭୩ (୩୯ ବଲ, ୫ ଚୌକା, ୬ ଛକା) ଓ ଶେର୍ଫାନ ରଦରଫୋର୍ଡ ୩୦ (୧୮ ବଲ, ୧ ଚୌକା, ୩ ଛକା) ରନରେ ଅପରାଜିତ ରହି ଦଳକୁ ସହଜ ବିଜୟ ଦେଇଥିଲେ। ଟପ୍ ଅର୍ଡରରେ ସାଇ ସୁଦର୍ଶନ ୪୯ ରନର ଉପଯୋଗୀ ଇନିଂସ ଖେଳିଥିଲେ। ୩ ମ୍ୟାଚରୁ ଗୁଜରାଟର ଏହା ଦ୍ୱିତୀୟ ବିଜୟ ହୋଇଥିବାବେଳେ ଆରସିବିର ପ୍ରଥମ ପରାଜୟ।

ପୂର୍ବ ୨ ମ୍ୟାଚରେ ଦମ୍‌ଦାର ପ୍ରଦର୍ଶନ ଦେଇ ଆସିଥିବା ଆରସିବି ଏଠାରେ କିନ୍ତୁ ତାହାର ପୁନରାବୃତ୍ତି କରିପାରି ନ ଥିଲା। କାଗିଶୋ ରାବାଡ଼ାଙ୍କ ସ୍ଥାନରେ ସାମିଲ ହୋଇଥିବା ଅର୍ଶଦ ଖାଁ ଓ ପୂର୍ବରୁ ଆରସିବି ପକ୍ଷରୁ ଖେଳିଥିବା ମହମ୍ମଦ ସିରାଜ ଟପ୍ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଦ୍ୱିତୀୟ ଓଭରରେ ଅର୍ଶଦ ମାତ୍ର ୭ ରନ କରିଥିବା ବିରାଟ କୋହଲିଙ୍କୁ ଆଉଟ କରି ଆରସିବିକୁ ଶକ୍ତ ଝଟ୍‌କା ଦେଇଥିଲେ। ଏହାପରେ ସିରାଜ ଯଥାକ୍ରମେ ଦେବଦତ୍ତ ପଡିକାଲ (୪) ଓ ଫିଲିପ ସଲ୍ଟ (୧୪)ଙ୍କୁ ପ୍ୟାଭିଲିୟନ ପଠାଇବାରୁ ଆରସିବି ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ଅଧିନାୟକ ରଜତ ପଟିଦାରଙ୍କୁ ଈଶାନ୍ତ ଶର୍ମା ପ୍ୟାଭିଲିୟନ ପଥ ଦେଖାଇବାରୁ ୬.୨ ଓଭର ବେଳକୁ ଆରସିବି ସ୍କୋର ୪୨/୪ ହୋଇ ଯାଇଥିଲା। ଲିଆମ ଲିଭିଂଷ୍ଟୋନ ଓ ଜୀତେଶ ଶର୍ମା ସତର୍କତାର ସହ ଖେଳି ଇନିଂସ ସଜାଡ଼ିବାକୁ ଉଦ୍ୟମ କରିଥିଲେ। ତେବେ ୫ମ ଉଇକେଟରେ ୫୨ ରନ ଯୋଗ ହେବାପରେ ଜୀତେଶ (୩୩)ଙ୍କୁ ଆଉଟ କରି ପାର୍ଟନରଶିପ୍ ଭାଙ୍ଗିଥିଲେ ରବିଶ୍ରୀନିବାସନ ସାଇ କିଶୋର। ଲିଭିଂଷ୍ଟୋନ ୪୦ ବଲ୍‌ରୁ ୫୪ (୧ ଚୌକା, ୫ ଛକା) ରନ କରିବାପରେ ସିରାଜଙ୍କ ତୃତୀୟ ଶିକାର ବନିଥିଲେ। ସିରାଜ ଚମତ୍କାର ବୋଲିଂ କରି ୪ ଓଭର ସ୍ପେଲ୍‌ରେ ମାତ୍ର ୧୯ ରନ ଦେଇ ୩ଟି ଉଇକେଟ ନେଇଥିଲେ। ଶେଷ ଭାଗରେ ଟିମ୍ ଡାଭିଡ ଦ୍ରୁତ ୩୨ (୧୮ ବଲ, ୩ ଚୌକା, ୨ ଛକା) ରନ କରିବାରୁ ଆରସିବି ସ୍କୋର ୧୬୯ରେ ପହଞ୍ଚି ପାରିଥିଲା।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୨୦ ଓଭରରେ ୧୬୯/୮ (ଲିଆମ ଲିଭିଂଷ୍ଟୋନ-୫୪, ଜୀତେଶ ଶର୍ମା-୩୩, ଟିମ୍ ଡାଭିଡ-୩୨, ମହମ୍ମଦ ସିରାଜ-୩/୧୯, ଆର. ସାଇକିଶୋର-୨/୨୨, ପ୍ରସିଦ୍ଧ କ୍ରିଷ୍ଣା-୧/୨୬, ଅର୍ଶଦ ଖାଁ-୧/୧୭, ଈଶାନ୍ତ ଶର୍ମା-୧/୨୭)। ଗୁଜରାଟ ଟାଇଟନ୍ସ ୧୭.୫ ଓଭରରେ ୧୭୦/୨ (ଜୋସ ବଟଲର-୭୩*, ସାଇ ସୁଦର୍ଶନ-୪୯, ଶେର୍ଫାନେ ରଦରଫୋର୍ଡ-୩୦*, ଭୁବନେଶ୍ୱର କୁମାର-୧/୨୩, ଜୋଶ ହାଜେଲଉଡ୍-୧/୪୩)।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ୍)

**କୋଲ୍‌କାତା ବନାମ ହାଇଦ୍ରାବାଦ**

ସ୍ଥାନ: କୋଲ୍‌କାତା

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ପଞ୍ଜାବ କିଙ୍ଗ୍ସ | ୨ | ୨ | ୦ | ୪ | +୧.୪୮୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୨ | ୨ | ୦ | ୪ | +୧.୩୨୦ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୩ | ୨ | ୧ | ୪ | +୧.୧୪୯ |
| ଗୁଜରାଟ ଟାଇଟନ୍ସ | ୩ | ୨ | ୧ | ୪ | +୦.୮୦୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୩ | ୧ | ୨ | ୨ | +୦.୩୦୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୩ | ୧ | ୨ | ୨ | -୦.୧୫୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୩ | ୧ | ୨ | ୨ | -୦.୭୭୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୩ | ୧ | ୨ | ୨ | -୦.୮୭୧ |
| ରାଜସ୍ଥାନ ରୟାଲ୍ସ | ୩ | ୧ | ୨ | ୨ | -୧.୧୧୨ |
| କୋଲକାତା ନାଇଟ ରାଇଡର୍ସ | ୩ | ୧ | ୨ | ୨ | -୧.୪୨୮ |

# ସାମ୍‌ସନ ରାଜସ୍ଥାନ ଦଳର ନେତୃତ୍ୱ ନେବେ

ବେଙ୍ଗାଲୁରୁ, ୨।୪(ପି.ଟି.)

ସଞ୍ଜୁ ସାମ୍‌ସନ ଚଳିତ ଆଇପିଏଲ୍‌ରେ ଉଇକେଟ୍ କିପିଂ କରିବା ସହ ରାଜସ୍ଥାନ ରୟାଲ୍ସ(ଆର୍‌ଆର୍) ଦଳର ନେତୃତ୍ୱ ସମ୍ଭାଳିଥିଲେ। ତାଙ୍କୁ ଏଥିଲାଗି ନ୍ୟାଶନାଲ କ୍ରିକେଟ ଏକାଡେମୀ(ଏନ୍‌ସିଏ)ଠାରୁ ଅନୁମତି ମିଳିଥିଲା। ଗତ ଫେବୃଆରୀରେ ଇଂଲଣ୍ଡ ବିପକ୍ଷ ଖେଳାଯାଇଥିବା ଏକ ଟି୨୦ ମ୍ୟାଚ୍‌ରେ ପେସର ଜୋଫ୍ରା ଆର୍ଚ୍ଚରଙ୍କ ଏକ ବାଉନ୍ସର ସାମ୍‌ସନଙ୍କ ଡାହାଣହାତ ବିସି ଆଙ୍ଗୁଠିରେ ବାଜିଥିଲା। ଏଥିଯୋଗୁ ତାଙ୍କୁ ସର୍ଜରିର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏହି କାରଣରୁ ସେ ଚଳିତ ଆଇପିଏଲ୍‌ରେ ପ୍ରଥମ ୩ ମ୍ୟାଚ୍‌ରେ ରାଜସ୍ଥାନ ଦଳର ନେତୃତ୍ୱ ନେଇପାରି ନ ଥିଲେ। କେବଳ ଜଣେ ବ୍ୟାଟର ଭାବେ ଖେଳିଥିଲେ। ଏନ୍‌ସିଏର ଅନୁମତି ଲାଗି ମେଡିକାଲ ଟିମ୍ ଦ୍ୱାରା ତାଙ୍କ ଫିଟ୍‌ନେସ୍‌ର ମୂଲ୍ୟାଙ୍କନ କରାଯାଇଥିଲା। ସେ ପଞ୍ଜାବ କିଙ୍ଗ୍ସ ବିପକ୍ଷ ପରବର୍ତ୍ତୀ ମ୍ୟାଚ୍‌ରେ ଦଳର ନେତୃତ୍ୱ ନେବେ। ରାଜସ୍ଥାନ ଏବେ ପଏଣ୍ଟ ଟେବୁଲର ନବମ ସ୍ଥାନରେ ଅଛି।

# ଗୋଆ ପାଇଁ ଖେଳିବେ ଜୟସ୍ୱାଲ


ଯଶସ୍ୱୀ ଜୟସ୍ୱାଲ

ମୁମ୍ବାଇ, ୨।୪(ପି.ଟି.)

ଭାରତୀୟ ଓପନର ଯଶସ୍ୱୀ ଜୟସ୍ୱାଲ ବ୍ୟକ୍ତିଗତ କାରଣରୁ ମୁମ୍ବାଇ ଛାଡ଼ି ଗୋଆ ପାଇଁ ଘରୋଇ କ୍ରିକେଟ୍ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ଜୟସ୍ୱାଲ ମଙ୍ଗଳବାର ମୁମ୍ବାଇ କ୍ରିକେଟ ଆସୋସିଏଶନ(ଏମ୍‌ସିଏ) ଆଗରେ ତାଙ୍କର ଇଚ୍ଛା ପ୍ରକାଶ କରିଥିଲେ। ଏମ୍‌ସିଏଠାରୁ ଅନୁମତି ମିଳିସାରିଥିବାରୁ ସେ ୨୦୨୫-୨୬ ସିଜନରେ ଗୋଆ ପାଇଁ ଖେଳିବେ।

ହଁ, ଏହା ନିଶ୍ଚିତ ଭାବେ ଚକିତ କଲାଭଳି ଘଟଣା। ସେ ଏଭଳି ନିଷ୍ପତ୍ତି ନେବା ପୂର୍ବରୁ କିଛି ନିଶ୍ଚିତ ଚିନ୍ତା କରିଥିବେ। ସେ ଆମକୁ ଛାଡ଼ିବା ପାଇଁ ଅନୁରୋଧ କରିଥିଲେ ଏବଂ ଆମେ ତାହାକୁ ଗ୍ରହଣ କରିଛୁ ବୋଲି ଏମ୍‌ସିଏର ଜଣେ ଅଧିକାରୀ ବୁଧବାର କହିଛନ୍ତି। ଜୟସ୍ୱାଲ ଅନ୍ତିମଥର ମୁମ୍ବାଇ ପାଇଁ ଗତ ଜାନୁଆରୀରେ ଜମ୍ମୁ-କଶ୍ମୀର ବିପକ୍ଷରେ ରଣଜୀ ଟ୍ରଫି ମ୍ୟାଚ ଖେଳିଥିଲେ। ଏହି ମ୍ୟାଚ୍‌ର ଉଭୟ ଇନିଂସରେ ସେ ଯଥାକ୍ରମେ ୪ ଓ ୨୬ ରନ୍ କରିଥିଲେ ଏବଂ ମୁମ୍ବାଇ ମ୍ୟାଚ୍‌ରେ ପରାଜିତ ହୋଇଥିଲା। ଗୋଆ କ୍ରିକେଟ ଆସୋସିଏଶନ(ଜିସିଏ) ସମ୍ପାଦକ ଶାମ୍ବା ଦେଶାଇ କହିଛନ୍ତି ଯେ, ସେ ଆମ ଦଳରେ ଖେଳିବାକୁ ଚାହୁଁଛନ୍ତି। ଆମେ ତାଙ୍କୁ ସ୍ୱାଗତ କରୁଛୁ। ସେ ଆମ ପାଇଁ ପରବର୍ତ୍ତୀ ସିଜନରେ ଖେଳିବେ। ସେ ଜାତୀୟ ଦଳ ଲାଗି ଡ୍ୟୁଟିରେ ନ ଥିବା ବେଳେ ଗୋଆ ଦଳର ଅଧିନାୟକ ହୋଇପାରିବେ। ସେ ଭାରତୀୟ ଦଳ ପାଇଁ ଖେଳନ୍ତି। ଏଣୁ ସେ ଅଧିନାୟକ ହୋଇପାରିବେ।

### ଘରୋଇ କ୍ରିକେଟ

ଆମେ ଏ ଦିଗରେ କାମ କରିବୁ। ଆମେ ତାଙ୍କ ଉପଲବ୍ଧତା ସମ୍ପର୍କରେ ଏପର୍ଯ୍ୟନ୍ତ କଥା ହୋଇନାହୁଁ। ଜୟସ୍ୱାଲ ତୃତୀୟ ମୁମ୍ବାଇ କ୍ରିକେଟର ଭାବେ ଗୋଆ ଦଳରେ ଯୋଗଦେଇଛନ୍ତି। ତାଙ୍କ ପୂର୍ବରୁ ସିଦ୍ଧେଶ ଲାଡ୍ ଓ ଅର୍ଜୁନ ତେନ୍ଦୁଲକର ଗୋଆ ଦଳରେ ଯୋଗଦେଇଥିଲେ। ୨୦୨୩ ଜୁଲାଇ ଟେଷ୍ଟରେ ପଦାର୍ପଣ କରିଥିବା ଜୟସ୍ୱାଲ ଏପର୍ଯ୍ୟନ୍ତ ୧୯ ମ୍ୟାଚ୍‌ରେ ୪ ଶତକ ଓ ୧୦ ଅର୍ଦ୍ଧଶତକ ସହ ୫୨ ଆଭରେଜ୍‌ରେ ରନ୍ କରିଛନ୍ତି।

# କଟକରେ ଭାରତ-ଦକ୍ଷିଣ ଆଫ୍ରିକା ମ୍ୟାଚ

## ଭାରତର ୨୦୨୫ ଘରୋଇ ସିଜନ କାର୍ଯ୍ୟସୂଚୀ ଘୋଷିତ

ନୂଆଦିଲ୍ଲୀ, ୨।୪(ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବୁଧବାର ଆନୁଷ୍ଠାନିକ ଭାବେ ଭାରତୀୟ ଦଳ ଲାଗି ଘରୋଇ ଅନ୍ତର୍ଜାତୀୟ ୨୦୨୫ ସିଜନର କାର୍ଯ୍ୟସୂଚୀ ଘୋଷଣା କରିଛି। ଏହି ସିଜନରେ ଓଡ଼ିଶାର କଟକସ୍ଥିତ ଐତିହାସିକ ବାରବାଟୀ ଷ୍ଟାଡିୟମରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି୨୦ ମ୍ୟାଚ ଖେଳାଯିବ।

ଅକ୍ଟୋବର ୨ ତାରିଖରୁ ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜରୁ ଟିମ ଇଣ୍ଡିଆର ଘରୋଇ ସିଜନ ଆରମ୍ଭ ହେବ। ସିରିଜର ପ୍ରଥମ ମ୍ୟାଚ ଅହମ୍ମଦାବାଦରେ ଖେଳାଯିବ। ଦ୍ୱିତୀୟ ମ୍ୟାଚ କୋଲକାତାରେ ଅକ୍ଟୋବର ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଭାରତୀୟ ଦଳର ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ ଲାଗି ଏହି ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଗୁରୁତ୍ୱପୂର୍ଣ୍ଣ ହେବ। ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ ପରେ ଦକ୍ଷିଣ ଆଫ୍ରିକା ଏକ ସମ୍ପୂର୍ଣ୍ଣ କ୍ରିକେଟ ସିରିଜ ପାଇଁ ଭାରତ ଗସ୍ତରେ ଆସିବ। ଗୁଆହାଟୀରେ ଦୁଇ ଦଳ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ ଖେଳାଯିବ। ପ୍ରଥମ ଥର ପାଇଁ ଗୁଆହାଟୀ କୌଣସି ଟେଷ୍ଟ ମ୍ୟାଚ ଆୟୋଜନ କରିବାକୁ ଯାଉଛି। ଏହି ସିରିଜର ପ୍ରଥମ ମ୍ୟାଚ ନଭେମ୍ବର ୧୪ ତାରିଖରେ ନୂଆଦିଲ୍ଲୀରେ ଖେଳାଯିବ। ୨୨ ତାରିଖରୁ ଗୁଆହାଟୀରେ ଦ୍ୱିତୀୟ ଟେଷ୍ଟ ଅନୁଷ୍ଠିତ ହେବ। ଏହାପରେ ଦୁଇ ଦଳ ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଖେଳାଯିବ। ନଭେମ୍ବର ୩୦ ତାରିଖରେ ରାଞ୍ଚିରେ ପ୍ରଥମ ମ୍ୟାଚ ଖେଳାଯିବ। ପରବର୍ତ୍ତୀ ଦୁଇଟି ମ୍ୟାଚ ରାଇପୁର (ଡିସେମ୍ବର ୩) ଓ ବିଶାଖାପାଟନମ (ଡିସେମ୍ବର ୬)ରେ ହେବ। ଦିନିକିଆ ପରେ ଦୁଇ ଦଳ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଅନୁଷ୍ଠିତ। ସିରିଜର ପ୍ରଥମ ମ୍ୟାଚ ଡିସେମ୍ବର ୯ ତାରିଖରେ କଟକରେ ଖେଳାଯିବ। ପରବର୍ତ୍ତୀ ୪ଟି ମ୍ୟାଚ ଯଥାକ୍ରମେ ନୂଆ ଚଣ୍ଡିଗଡ଼ (ଡିସେମ୍ବର ୧୧), ଧର୍ମଶାଳା (୧୪), ଲକ୍ଷ୍ନୌ (୧୭) ଓ ଅହମ୍ମଦବାଦ (୧୯)ରେ ଅନୁଷ୍ଠିତ ହେବ।

### ଆଇଏସ୍‌ଏଲ୍ ସେମିଫାଇନାଲ

## ପ୍ରଥମ ଚରଣରେ ବେଙ୍ଗାଲୁରୁ ବିଜୟୀ

ବେଙ୍ଗାଲୁରୁ, ୨।୪(ପି.ଟି.)

ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ରେ ବୁଧବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲର ପ୍ରଥମ ଚରଣରେ ଆୟୋଜକ ବେଙ୍ଗାଲୁରୁ ଏଫ୍‌ସି ୨-୦ ଗୋଲରେ ଏଫ୍‌ସି ଗୋଆକୁ ପରାସ୍ତ କରିଛି। ମ୍ୟାଚର ୪୨ତମ ମିନିଟରେ ସନ୍ଦେଶ ଝିଙ୍ଗାନଙ୍କ ଆତ୍ମଘାତୀ ଗୋଲ ଯୋଗୁ ପ୍ରଥମାର୍ଦ୍ଧ ସୁଦ୍ଧା ବେଙ୍ଗାଲୁରୁ ଏଫ୍‌ସି ୧-୦ ଗୋଲରେ ଆଗରେ ରହିଥିଲେ। ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଏଡଗାର ମେଣ୍ଡେଜ (୫୧ତମ ମିନିଟ) ଦଳ ପାଇଁ ଦ୍ୱିତୀୟ ଗୋଲ ଦେଇଥିଲେ। ଏହି ସେମିଫାଇନାଲ ମ୍ୟାଚର ଦ୍ୱିତୀୟ ଲେଗ୍ ମ୍ୟାଚ ଆସନ୍ତା ରବିବାର ଖେଳାଯିବ।

# କିଟ୍‌ରେ ଆନ୍ତଃ ଜୋନ୍ ମହିଳା ବିଶ୍ୱବିଦ୍ୟାଳୟ କ୍ରିକେଟ


ଅତିଥିଙ୍କ ଗହଣରେ କିଟ୍ ବିଶ୍ୱବିଦ୍ୟାଳୟ ମହିଳା କ୍ରିକେଟ ଦଳ।

ଭୁବନେଶ୍ୱର, ୨।୪ (ତପନ ସ୍ୱାଇଁ)

କିଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଜାତୀୟ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ ମହିଳା କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଆରମ୍ଭ ହୋଇଛି। ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ (ଏଆଇୟୁ) ଅନୁମୋଦନକ୍ରମେ ଏହି ପ୍ରତିଯୋଗିତା କିଟ୍ ଷ୍ଟାଡିୟମରେ ଅନୁଷ୍ଠିତ ହେଉଛି। ଦେଶର ୧୬ଟି ବିଶ୍ୱବିଦ୍ୟାଳୟ କ୍ରିକେଟ ଦଳ ଏଥିରେ ଅଂଶଗ୍ରହଣ କରିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ସରନଜିତ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। କିଟ୍ ରେଜିଷ୍ଟ୍ରାର ଜ୍ଞାନ ରଞ୍ଜନ ମହାନ୍ତି, କ୍ରୀଡ଼ା ନିର୍ଦ୍ଦେଶକ ଲଲାଟେନ୍ଦୁ ମିଶ୍ର ଓ ଅବସରପ୍ରାପ୍ତ ଏନ୍‌ଆଇଏସ୍ କ୍ରିକେଟ କୋଚ୍ ଅଜିତ କୁମାର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସବୁ ଦଳର ସଦସ୍ୟଙ୍କୁ ସ୍ୱାଗତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି।

# ଆସୋସିଏଟ୍ ଭେଟେରାନ୍ ଚାମ୍ପିୟନ


ଚାମ୍ପିୟନ ଆସୋସିଏଟ୍ ଭେଟେରାନ୍ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## ସେକେଣ୍ଡ ଇନିଂସ୍ କ୍ରିକେଟ କପ୍

ଭୁବନେଶ୍ୱର, ୨।୪(ତପନ ସ୍ୱାଇଁ)

ସେକେଣ୍ଡ ଇନିଂସ୍ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଏବଂ ସନ୍ଧ୍ୟା ସାଥୀ ସଂଘ ସହଯୋଗରେ ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟର ସିଜନ-୨ରେ ଆସୋସିଏଟ୍ ଭେଟେରାନ୍ସ(ଏଭି) ଦଳ ଚାମ୍ପିୟନ ହୋଇଛି। ଫାଇନାଲରେ ଏହି ଦଳ ଏବି ୟୁନିକନକୁ ହରାଇ ଦେଇଛି। ଚାମ୍ପିୟନ ଦଳର ରାଜେଶ କୁମାର ପାଇକରାୟ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ରନରଅପ୍ ଦଳର ଦେବାଶିଷ ଫାଇଟର ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଛନ୍ତି। ଚାମ୍ପିୟନ ଦଳର ସଞ୍ଜୟ କୁମାର ଶତପଥୀ ଶ୍ରେଷ୍ଠ ବୋଲର, ରାଜେଶ କୁମାର ପାଇକରାୟ ଶ୍ରେଷ୍ଠ ବ୍ୟାଟର ଏବଂ ଟିସିଏସ୍ ଦଳର କାନ୍ତ ଏ. ପଟ୍ଟନାୟକ ପ୍ଲେୟର ଅଫ ଦି ସିରିଜ ପୁରସ୍କାର ପାଇଛନ୍ତି। ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ସୋଆ ଗ୍ରାଉଣ୍ଡରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସନ୍ଧ୍ୟା ସାଥୀ ସଂଘ ସଭାପତି ନୀହାର ରଞ୍ଜନ ସ୍ୱାଇଁ, ସମ୍ପାଦକ ମାନସ ସାହୁ ଓ ମାନସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ଦୃଷ୍ଟିବାଧିତ ଚେସ୍ ଆରମ୍ଭ

ଭୁବନେଶ୍ୱର, ୨।୪(ତପନ ସ୍ୱାଇଁ)

ସର୍ବଭାରତୀୟ ଦୃଷ୍ଟିବାଧିତ ଚେସ୍ ସଂଘ(ଏଆଇସିଏଫ୍‌ବି) ଓ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଫର୍ ଭିଜୁଆଲି ଚ୍ୟାଲେଞ୍ଜଡ(ଓସିଏଭିସି)ର ମିଳିତ ଆନୁକୂଲ୍ୟରେ ୧୮ଶ ଜାତୀୟ ଦୃଷ୍ଟିବାଧିତ ଚେସ୍ ଚାମ୍ପିୟନଶିପ୍ ବୁଧବାର ସାଇ ଇଣ୍ଟରନ୍ୟାଶନାଲ ରେସିଡେନ୍ସିଆଲ ସ୍କୁଲ ପରିସରରେ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତା ଭାରତର ଶ୍ରେଷ୍ଠ ଦୃଷ୍ଟିହୀନ ଚେସ୍ ପ୍ରତିଭାଙ୍କ ମଧ୍ୟରେ ଗୌରବ ପାଇଁ ଲଢ଼େଇର ମଞ୍ଚ ପ୍ରସ୍ତୁତ କରିଛି। ଏହି ସମ୍ମାନ୍‌ଜନକ ପ୍ରତିଯୋଗିତା ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ସାଇ ଗ୍ରୁପ୍‌ର ଅଧ୍ୟକ୍ଷ ସିଲ୍ପି ସାହୁ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ପ୍ରଶାସନିକ ଅଧିକାରୀ ସନ୍ୟାସୀ ବେହେରା, ଏଆଇସିଏଫ୍‌ବି ଉପସଭାପତି କିଷାନ ଗାଙ୍ଗୁଲି, କୋଷାଧ୍ୟକ୍ଷ ସ୍ୱପ୍ନିଲ ଶାହା, ଓସିଏଭିସି ସମ୍ପାଦକ ସୌନ୍ଦର୍ଯ୍ୟ ପ୍ରଧାନ ଏବଂ ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞ ପ୍ରମୁଖ ଉପସ୍ଥିତ ଥିଲେ।

୧୫ ରାଜ୍ୟର ମୋଟ ୫୨ ଖେଳାଳି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟରେ ୩ ଅନ୍ତର୍ଜାତୀୟ ପଦକ ବିଜେତାଙ୍କ ସହ ଓଡ଼ିଶାର ୪ ପ୍ରତିଯୋଗୀ ସାମିଲ। ଚାମ୍ପିୟନଶିପ୍‌ର ଶ୍ରେଷ୍ଠ ୫ ଖେଳାଳି ଦୁଇଟି ପ୍ରମୁଖ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟ ବିବେଚିତ ହେବେ। ଏହି ୨ଟି ପ୍ରତିଯୋଗିତା ହେଲା ଆଇବିସିଏ ଚେସ୍ ଅଲିମ୍ପିଆଡ୍(ସର୍ବିଆ, ଜୁନ୍-୨୦୨୫) ଓ ଆଇବିସିଏ ୱାର୍ଲ୍ଡ ଚେସ୍ ଚାମ୍ପିୟନଶିପ୍ (ପୋଲାଣ୍ଡ, ଅଗଷ୍ଟ-୨୦୨୫)। କର୍ନାଟକର କିଷାନ ଗାଙ୍ଗୁଲି(୨୦୧୩ ରେଟିଂ) ପ୍ରତିଯୋଗିତାର ଟପ୍ ସିଡ୍‌ର ମାନ୍ୟତା ପାଇଛନ୍ତି। ମହାରାଷ୍ଟ୍ରର ଆର୍ଯ୍ୟନ ଯୋଶୀ(୧୯୫୨), ଗୁଜରାଟର ଦର୍ପନ ଇରାନୀ(୧୯୩୯), ଓଡ଼ିଶାର ସୌନ୍ଦର୍ଯ୍ୟ ପ୍ରଧାନ(୧୯୨୮) ଓ ଶୁଭେନ୍ଦୁ ପାତ୍ର(୧୮୭୪) ସହ ଅନ୍ୟ ୪ ସିଡେଡ୍ ଖେଳାଳି ରହିଛନ୍ତି। ଏହି ପ୍ରତିଯୋଗିତା ପ୍ରତି ରାଜ୍ୟ କ୍ରୀଡ଼ା ବିଭାଗର ସମର୍ଥନ ରହିଛି।



ଜାତୀୟ ଦୃଷ୍ଟିବାଧିତ ଚେସ୍ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି। ପ୍ରଥମ ଦିବସରେ ଅନୁଷ୍ଠିତ ମ୍ୟାଚ୍।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ